ପଦ୍ମିନୀ

ଅଷ୍ଟମ ସଂସ୍କରଣ - ୨୦୨୫



ବଣମଲ୍ଲୀ

ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନର ବାର୍ଷିକ ମୁଖପତ୍ର

ଆମ ପ୍ରୟାସ, ଆମ ପରିଚୟ



ତା - ୧୬/୦୬/୨୦୨୪ରେ ଅନୁଷ୍ଠାନର ଦଶମ ବାର୍ଷିକ ଉତ୍ସବ
'ବଣମଲ୍ଲୀ ମହୋତ୍ସବ -୨୦୨୪'ର ସଫଳ ଆୟୋଜନ ।



ଦଶମ ବାର୍ଷିକ ବଣମଲ୍ଲୀ ମହୋତ୍ସବ -୨୦୨୪ ଅବସରରେ ଅନୁଷ୍ଠାନର
ମୁଖପତ୍ର 'ମାହଙ୍ଗ' ଦ୍ୱିତୀୟ ସଂସ୍କରଣର ଶୁଭ ଉନ୍ମୋଚନ ।



ତା - ୦୧/୦୧/୨୦୨୫ ରିଖ ଦିନ ଅନୁଷ୍ଠାନ ପକ୍ଷରୁ ନବବର୍ଷ ପାଳନ
ଓ ବନ୍ଧୁମିଳନ ସମାରୋହର ସଫଳ ଆୟୋଜନ ।





ସାହିତ୍ୟ ଓ ସମାଜସେବା କ୍ଷେତ୍ରରୁ ଉଲ୍ଲେଖନୀୟ ଅବଦାନ ପାଇଁ ଗୋଦାବରୀଶ ସାହିତ୍ୟ ସମାଜ ,ଆରଖଣ୍ଡ
ଓ ଆମ ସେବା ପରିବାର ଟ୍ରଷ୍ଟ, ପଟିଆ, ଭୁବନେଶ୍ୱର ପକ୍ଷରୁ ଅନୁଷ୍ଠାନକୁ ପାଦର ସମ୍ବର୍ଦ୍ଧନା ।



ତା - ୦୯/୦୩/୨୦୨୫ରିଖ ଦିନ କେନ୍ଦ୍ରୀୟ ରେଡକ୍ରସ ରକ୍ତ ଇଣ୍ଡାଏ , ବଟକ ସହଯୋଗରେ
ଅନୁଷ୍ଠାନ ପକ୍ଷରୁ ତୃତୀୟ ବାର୍ଷିକ ରକ୍ତଦାନ ଉତ୍ସବ ଆୟୋଜନ ।



ତୃତୀୟ ବାର୍ଷିକ ରକ୍ତଦାନ ଉତ୍ସବର ସଫଳ ଆୟୋଜନ ଓ ବହୁମୂଲ୍ୟ ୬୩ ୟୁନିଟ ରକ୍ତସଂ



ତା - ୨୫/୦୮/୨୦୨୫ରେ ଅନୁଷ୍ଠାନ ପକ୍ଷରୁ 'ଜଦୁର୍ଣ୍ଣ ବାର୍ଷିକ ଚୌଷିକ ବିବାହ ବାର୍ଷୀତ୍ସବ'ର ସଫଳ ଆୟୋଜନ।
ଏହାରେ ଯୋଡପୁର ଡିଲ୍ଲାର ୫୮ ଟି ପରିବାରୀ ସୁଦ୍ଧରୁ ୧୩୫ଜଣ ଛାତ୍ରଛାତ୍ରୀଙ୍କର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ ।




ଏକ ଘରପୋଡ଼ି ବିପନ୍ନ ପରିବାରକୁ ଅନୁଷ୍ଠାନ ପକ୍ଷରୁ ଖାଦ୍ୟ, ବସ୍ତ୍ର ଓ ଅର୍ଥରାଶି ପ୍ରଦାନ



ବିଭିନ୍ନ ଅସହାୟ ପରିବାର ସମେତ ଦିବ୍ୟାଙ୍ଗ ପରିବାର ବର୍ଗଙ୍କୁ ଖାଦ୍ୟ ଓ ବସ୍ତ୍ର ବଣ୍ଟନ।



ତା - ୦୨/୧୦/୨୦୨୪ରେ ପୂଜ୍ୟ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ଅବସରରେ
ବିଭିନ୍ନ ସ୍ଥାନରେ ନିଶାମୁକ୍ତି ଓ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ।


ବଣମଲ୍ଲୀ
ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନର ବାର୍ଷିକ ମୁଖପତ୍ର
ମାଧୁରୀ
ଅଷ୍ଟମ ସଂସ୍କରଣ - ୨୦୨୫
ଉପଦେଷ୍ଟା ମଣ୍ଡଳୀ
କାହ୍ନୁ ଚରଣ ସାହୁ
ପ୍ରମୋଦ କୁମାର ଶତପଥୀ
ସରୋଜକାନ୍ତ ବେହେରା
ସମ୍ପାଦିକା
ମଧୁସ୍ମିତା ଖଟୁଆ
ସହ ସମ୍ପାଦନା ମଣ୍ଡଳୀ
ତୀର୍ଥବାସୀ ଦଳାଇ
ଦମୟନ୍ତୀ ପ୍ରଧାନ
ଅନିମେଷ ପଟ୍ଟନାୟକ
ଅନ୍ତର୍ଯ୍ୟାମୀ ବେହେରା
ରୁଦ୍ରନାରାୟଣ ଓଝା
ରାକେଶ କୁମାର ସାହୁ
ପ୍ରଚ୍ଛଦ
ଏ ମନୋଜ କୁମାର ପ୍ରଧାନ
-: ଯୋଗାଯୋଗ :-
ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ କାର୍ଯ୍ୟାଳୟ
ବୃନ୍ଦାଦେଈପୁର, ଜେନାପୁର, ଯାଜପୁର, ପଞ୍ଜିକରଣ ନଂ: ୩୪୫୭/୨୭-୨୦୧୮
Website: www.teambanamalli.org
Email: banamalliparivar@gmail.com



ସଂପାଦକୀୟ.....

ସେବା ଓ ଓଡ଼ିଆ ସାହିତ୍ୟର ସମୃଦ୍ଧି କ୍ଷେତ୍ରରେ 'ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ ଏକ ଦଶନ୍ଧି ଧରି ସମର୍ପିତ ହୋଇ କାର୍ଯ୍ୟ କରିଆସୁଛି । ଏହି ଅନୁଷ୍ଠାନର ମୁଖପତ୍ର "ମହକ" ପତ୍ରିକା କେବଳ ଏକ ନାମ ନୁହେଁ, ବରଂ ଏହା ଏକ ବିପ୍ଳବ । ଗ୍ରାମାଞ୍ଚଳରେ ତୃଣମୂଳ ସ୍ତରର ପ୍ରତିଭ ତଥା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଓଡ଼ିଆ ସାହିତ୍ୟ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଜନ୍ମାଇ ନବୀନ ଲେଖକ ଲେଖିକା ସୃଷ୍ଟିକରିବା ସର୍ବୋପରି ଏହି ବଣମଲ୍ଲୀମାନଙ୍କ ସାହିତ୍ୟ ପ୍ରତିଭାକୁ ପ୍ରସ୍ଫୁଟିତ କରିବ ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବା ଭଳି ମହନୀୟ ଉଦ୍ଦେଶ୍ୟ ନେଇ "ମହକ" ଜନ୍ମଲାଭ କରିଥିଲା । ସମୟକ୍ରମେ ଏହାର ଅଷ୍ଟମ ସଂସ୍କରଣ ଜନ୍ମନେବା ପାଇଁ ଯାଉଅଛି । ତେବେ ଏହି ମହକ ନଉକାର ଯାତ୍ରୀ ସାଜୁ ସାଜୁ ନାଉରୀ ହେବାର ସୌଭାଗ୍ୟ ମିଳିବା ବୋଧେ ମୋ ଭାଗ୍ୟର ସବୁଠୁ ବଡ଼ ଭାଗ । ଜିଛି ବର୍ଷ ତଳେ ଏ ସଂଗଠନର ଚାଷକୁ ନିରୁଖୁ ନିରୁଖୁ ମୋ କାନ୍ଧରେ ଏତେ ବଡ଼ ଦାୟିତ୍ୱର ଜୁଆଳି ପକାଇ ମୋତେ ଦାୟିତ୍ୱବାନ ସଜେଇ ଥିବା ପ୍ରତିଟି ସଦସ୍ୟଙ୍କ ପାଖରେ ମୁ ଚିରଋଣୀ ।

'ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ'ର ଉତ୍ତରଖାତା ସଜାଡୁ ସଜାଡୁ ପତ୍ରିକା ସମ୍ପାଦକୀୟର ଉତ୍ତରୀୟ କାନ୍ଧରେ ପକାଇବା ହି ମୋ ପାଇଁ ଶ୍ରେଷ୍ଠ ବରଦାନ । ୧୦ ବର୍ଷ ତଳେ ଗଢି ଉଠିଥିବା ବଣମଲ୍ଲୀ, ଆଜି ତା'ର ସମକାଳୀନ ଅନୁଷ୍ଠାନ ଠାରୁ ବେର ଆଗରେ । କାଲି ଗୁରୁଣ୍ଡି ଗୁରୁଣ୍ଡି ଚାଲି ଶିଖିଥିବା ଅନୁଷ୍ଠାନ ଆମ ବଣମଲ୍ଲୀ ଆଜି ଗଣ୍ଡା ଗଣ୍ଡା ଅନୁଷ୍ଠାନ ପାଇଁ ଅନନ୍ୟ ଉଦାହରଣ, ଏ ପିଢ଼ିର ପିଢ଼ା ପାଇଁ ପ୍ରେରଣା ଓ ଉତ୍ସାହର ଉତ୍ସ ପାଲଟି ସାରିଛି ।

ଆମେ କେବଳ ସମାଜସେବାରେ ସୀମିତ ନ ରହି ଚେତନା ପାଇଁ ସଚେତନତା ସୃଷ୍ଟି କରିବା ସହ ସାହିତ୍ୟର ସ୍ୟାହିକୁ ଗାଢ଼ କରିବାର ପଣକୁ ଆପ୍ରାଣ ଉଦ୍ୟମ କରି ସଫଳ କରୁଛୁ । ତେବେ ପତ୍ରିକା ସମ୍ପାଦିକା ହିସାବରେ ମୁଁ ଏତିକି କହିପାରେ କି 'ମହକ' ସାହିତ୍ୟର ସ୍ତମ୍ଭ ଓ ଦମ୍ଭ । ସମାଜସେବା, ସାହିତ୍ୟ ଓ ସଚେତନତାର ତ୍ରିକୋଣୀୟ ସଙ୍ଗମ ଆମ ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ ।

ଆମ ଭାଷା ହିଁ ଅସ୍ତିତ୍ୱ ଓ ଆମ ଭାଷା ହିଁ ଭବିଷ୍ୟତ । ଭାଷାର ଭାଷ୍ୟକାର ଭାବରେ ନିଜକୁ ସତର୍କତାର ସହିତ ଉପସ୍ଥାପନ କରିଛି ଆମ 'ମହକ' । ଏଥିରେ ଭରି ରହିଛି ଗ୍ରାମୀଣ ସାହିତ୍ୟର ସ୍ୱର । ଏଥିରେ ପ୍ରକାଶିତ ପ୍ରତିଟି ଲେଖା ଆପଣଙ୍କୁ ଶୀର୍ଷକରୁ ଶେଷ ଧାଡ଼ି ଯାଏ ବାନ୍ଧି ରଖିବାର ବନ୍ଧନ କଳା ଜାଣିଛି । ତେବେ ଏ ଶ୍ରେୟ କେବଳ ମୋର ନୁହେଁ ବରଂ ଆମ ଅନୁଷ୍ଠାନକୁ ଭଲ ପାଉଥିବା ପ୍ରତିଟି ଲେଖକଙ୍କର । ମୋତେ ପ୍ରୋତ୍ସାହନ ଦେଇଥିବା ଆମ ଉପଦେଷ୍ଟା କାହ୍ନୁ ଚରଣ ସାହୁ, ପ୍ରମୋଦ ଶତପଥି, ଅଜୟ କୁମାର ଦାସ, ପ୍ରଫୁଲ୍ଲ କୁମାର ଦାସ, ସରୋଜ କୁମାର ସାହୁ, ପଦ୍ମନାଭ ଶତପଥିଙ୍କର, ମୋ ଉପରେ ଭରସା ରଖିଥିବା ସଭାପତି ଡ. ଜୟଦେବ ଶତପଥୀ, ଉପସଭାପତି ନିର୍ମାଲ୍ୟ କୁମାର ପ୍ରଧାନ, କାର୍ଯ୍ୟକାରୀ ସଂପାଦକ ସରୋଜକାନ୍ତ ବେହେରା, ସଂପାଦକ ମାନସ ରଞ୍ଜନ ପ୍ରଧାନଙ୍କର, ମୋତେ ସୁଯୋଗ ଦେଇଥିବା ସୁଯୋଗ୍ୟ ସଦସ୍ୟଙ୍କର ।

ଆମ ପତ୍ରିକାକୁ ତ୍ରୁଟିଶୂନ୍ୟତାର ମଲାଟରେ ଆବଦ୍ଧ କରିଥିବା ସହ ସମ୍ପାଦନା ମଣ୍ଡଳୀର ପ୍ରତିଟି ପ୍ରତିବଦ୍ଧ ସଦସ୍ୟ ତୀର୍ଥବାସୀ ଦଳାଇ, ଦମୟନ୍ତୀ ପ୍ରଧାନ, ଅନିମେଷ ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ବେହେରା, ଗୁରୁନାଗାୟଣ ଓଝା ଓ ରାକେଶ କୁମାର ସାହୁଙ୍କ ନିକଟରେ ମୁଁ ଚିରଋଣୀ । ପ୍ରଚ୍ଛଦରେ ରହି ଆମ ପାଇଁ ପ୍ରଚ୍ଛଦ ଆଙ୍କିଥିବା ସ୍ୱର୍ଗତଃ ମନୋଜ କୁମାର ପ୍ରଧାନ ସାରଙ୍କ ପ୍ରତି ଅଶେଷ କୃତଜ୍ଞତା । ସେ ସେପାରିରେ ରହିଲେ ବି ତାଙ୍କ ମହକରେ ଆମ 'ମହକ' ମହକିବ । ସେ ଆଙ୍କିଥିବା ଚିତ୍ର 'ମହକ' ପତ୍ରିକା ପ୍ରତି ତାଙ୍କ ଶ୍ରଦ୍ଧାର ପତ୍ର । ପ୍ରତିଟି ସଦସ୍ୟଙ୍କ ସାହିତ୍ୟର ଶୋଷ ହିଁ ମୋ ପାଇଁ ପ୍ରେରଣାର ପୁଞ୍ଜି ।

ପ୍ରକାଶ ପାଇଥିବା ପ୍ରତିଟି ସ୍ରଷ୍ଟାଙ୍କୁ ମୋର ଶୁଭେଚ୍ଛା । ପ୍ରକାଶ ପାଇନଥିବା ଲେଖାର ଲେଖକଙ୍କ ନିକଟରେ ମୁଁ କ୍ଷମାପ୍ରାର୍ଥୀ । ଆଶା ରଖିବି, ଆପଣମାନେ ଆମକୁ ନିରାଶ କରିବେନି । ଅଭ୍ରାନ୍ତ ପଥ ପ୍ରଦର୍ଶକ ଭାବେ ଆମକୁ ମାର୍ଗଦର୍ଶନ ଦେବେ ।

ଏ ମହକ ଆମର ନୁହେଁ, ବରଂ ଆପଣମାନଙ୍କର । ମହକ ଆପଣମାନଙ୍କର ସ୍ୱର୍ଗରେ ତା'ର ନାଁ କୁ ସାର୍ଥକ କରୁ । ଆଶା ରଖିବି ମହକ ହିଁ ଆପଣମାନଙ୍କ ପ୍ରେମ ଓ ସଦିଚ୍ଛାର ଭାଷା ହୋଇ ଆମ ଅନୁଷ୍ଠାନର ସମିଧାନରେ ନୂଆଧାରା ଯୋଡ଼ିବ ।

ମଧୁସ୍ମିତା ଖଟୁଆ
ସଂପାଦିକା

ମହକ ମହକୁ ଥାଉ, ତା ବାସ୍ନା ଏମିତି ପହଞ୍ଚୁ ଥାଉ ।
- ନମସ୍କାର -

ଉପଦେଷ୍ଟା ମଣ୍ଡଳୀ



ପ୍ରମୋଦ କୁମାର ଶତପଥୀ



ଅଜୟ କୁମାର ଦାସ
ସମାଜସେବୀ



ଘରୋଇ କୁମାର ସାହୁ
ସମାଜସେବୀ



ପ୍ରହ୍ଲାଦ କୁମାର ଶତପଥୀ
ସମାଜସେବୀ



ପ୍ରଫୁଲ୍ଲ କୁମାର ଦାସ
ସମାଜସେବୀ



ପଦ୍ମନାଭ ଶତପଥୀ
ସମାଜସେବୀ



ବାହୁ ଚରଣ ସାହୁ
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ



ମନୋଜ କୁମାର ଧୀର
ଅଧ୍ୟାପକ ଓ ସମାଜସେବୀ



ପ୍ରମୋଦ କୁମାର ମଲ୍ଲିକ
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ



ଅଶୋକ ନାୟକ
ଚଳିତ୍ର ଅଭିନେତା , ଓଡ଼ିଶା ଟେଲିଭିଜ



ମାଧବ ଚନ୍ଦ୍ର ଶତପଥୀ
ପ୍ର. ପ୍ର. ଅଭିଭାବକ, ଯୋଗାଦପୁର ବରଡ



ରଘୁନାଥ ବେହେରା
ଅବସରପ୍ରାପ୍ତ ଶିକ୍ଷକ



ଡ଼ା. ନିହାର ରଞ୍ଜନ ନର
ଚିକିତ୍ସକ



ବାଇଧର ମାଝୀ
ବ୍ୟଙ୍ଗଚବି



ପ୍ରଦୀପ କୁମାର ଶତପଥୀ
ସମାଜସେବୀ



ଡ. ମନୋରଞ୍ଜନ ଶତପଥୀ
ଶିକ୍ଷାବିତ୍



ପ୍ରଭାତ କୁମାର ଶତପଥୀ
ସମାଜସେବୀ

ପରିଚାଳନା ମଣ୍ଡଳୀ



ଡ.ଜୟଦେବ ଶତପଥୀ
ସଭାପତି



ନିର୍ମାଲ୍ୟ କୁମାର ପ୍ରଧାନ
ଉପସଭାପତି



ମାନସ ରଞ୍ଜନ ପ୍ରଧାନ
ସମ୍ପାଦକ



ସରୋଜକାନ୍ତ ବେହେରା
କାର୍ଯ୍ୟକାରୀ ସମ୍ପାଦକ



ଦମୟନ୍ତୀ ପ୍ରଧାନ
ସହସମ୍ପାଦିକା



ରୁଦ୍ରନାରାୟଣ ଓଝା
କୋଷାଧ୍ୟକ୍ଷ

ସଦସ୍ୟାବୃନ୍ଦ



ପ୍ରତିମା ଶତପଥୀ
ଚିକିତ୍ସିକା



ପ୍ରଭାତୀ ପାଣିଗ୍ରାହୀ
ଶିକ୍ଷୟିତ୍ରୀ



ସୁଶ୍ରୀଲତା ଦାସ
ଗୃହିଣୀ



ଲକ୍ଷ୍ମୀପ୍ରିୟା ଭୁଟିଆ
ସମାଜସେବିକା



ସାଗରିକା ଶତପଥୀ
ସମାଜସେବିକା



ମଧୁସ୍ମିତା ଖଟୁଆ
ଶିକ୍ଷୟିତ୍ରୀ



ଦମୟନ୍ତୀ ମହାନ୍ତି
ଶିକ୍ଷୟିତ୍ରୀ



ଡ. ଜ୍ୟୋତିର୍ମୟୀ ସାହୁ
ଅଧ୍ୟାପିକା



ଡ. ପ୍ରିଶିଜା ଶତପଥି
ଗବେଷିକା



ଗଙ୍ଗିତା ଓଝା
ଗୃହିଣୀ



ଚିନ୍ମୟୀ ଦଳାଇ
ଶିକ୍ଷୟିତ୍ରୀ



ରାନୁ ଦଳାଇ
ସ୍ନାତକୋତ୍ତର ଛାତ୍ରୀ



ଉଶ୍ରିତା ବେହେରା
ସାମ୍ବାଦିକା



ଋତୁପର୍ଣ୍ଣା ମହାନ୍ତି
ସ୍ନାତକୋତ୍ତର ଛାତ୍ରୀ



ମାମାଲି ବାରିକ
ସ୍ନାତକୋତ୍ତର ଛାତ୍ରୀ



ପ୍ରଗତି ମିଶ୍ର
ଗୃହିଣୀ



ପ୍ରଣତୀ ପାତ୍ର
ଗୃହିଣୀ



ଉଶ୍ରିଉଗା ମଲ୍ଲିକ
ଅଧ୍ୟାପିକା



ପୂଜାରାଣୀ ବାରିକ
ଶିକ୍ଷାର୍ଥୀ



ଘୋଡାଲୀ ପ୍ରଧାନ
ଗୃହିଣୀ


ابدأ اللعب
اضغط هنا
ابدأ اللعب
اضغط هنا
ابدأ اللعب
اضغط هنا
ابدأ اللعب
اضغط هنا
ابدأ اللعب
اضغط هنا
ابدأ اللعب
اضغط هنا
ابدأ اللعب
اضغط هنا
ابدأ اللعب
اضغط هنا
ابدأ اللعب
اضغط هنا
ابدأ اللعب
اضغط هنا

ସଦସ୍ୟବୃନ୍ଦ



ଲାଲମୋହନ ଶତପଥୀ
ସମାଜସେବୀ



ଅମଲ କୁମାର ବାରିକ
ସମାଜସେବୀ



ସୁବ୍ରତ କୁମାର ସାହୁ
ଲୋକୋ ପାଇଲଟ, ରେଳ ବିଭାଗ



ଡ. ବିପ୍ରଚରଣ ଦଳାଇ
ଶିକ୍ଷକ



ପ୍ରକାଶ କୁମାର ସାହୁ
ସମାଜସେବୀ



ବିକୃୟ ରାଉତ
ସମାଜସେବୀ



ତୁଷାର ଦାସ
ସମାଜସେବୀ



ତୀର୍ଥଯାତ୍ରୀ ଦଳାଇ
ଶିକ୍ଷାର୍ଥୀ



ସୁବ୍ରତ କୁମାର ସାହୁ
ଶିକ୍ଷାର୍ଥୀ



ଡା. ଅତୁଳ କୁମାର ସାହୁ
ଚିକିତ୍ସକ



ରବିନ୍ ରାଜ ସାହୁ
ଶିକ୍ଷାର୍ଥୀ



ଅନିମେଷ ପଟ୍ଟନାୟକ
ଯନ୍ତ୍ରୀ, ବିଦ୍ୟୁତ୍ ବିଭାଗ



ଅନୁର୍ଯ୍ୟାମୀ ବେହେରା
ସଫ୍ଟୱେୟାର ଇଞ୍ଜିନିୟର



ରାକେଶ କୁମାର ସାହୁ
କ୍ରୀଡ଼ା ଶିକ୍ଷକ



ପ୍ରିତିଶ ଗତପଥୀ
ଯୁବ ଉଦ୍ୟୋଗୀ



ସୁନିଲ ନାଥ
ଯନ୍ତ୍ରୀ, ଟାଟା ଷ୍ଟିଲ, ଜୈଟପୁରପଡା



ଅଜିତ ଦଳାଇ
ଶିକ୍ଷାର୍ଥୀ



ଅଭିଷେକ ବରାଳ
ଶିକ୍ଷାର୍ଥୀ



ସୁଶାନ୍ତ ଆଏଚ
ଶିକ୍ଷାର୍ଥୀ



ଜନପ୍ରୀତ ମହାନ୍ତି
ଶିକ୍ଷାର୍ଥୀ

ସଦସ୍ୟବୃନ୍ଦ



ଶିମ୍ୟରଞ୍ଜନ ଖଣ୍ଟୁଆ
ଶିକ୍ଷକ



ତମ୍ବୁରୁ ଦଳାଇ
ଶିକ୍ଷାର୍ଥୀ



ପ୍ରମୋଦ ଦଳାଇ
ଶିକ୍ଷାର୍ଥୀ



ଗୌରାଙ୍ଗ ଚନ୍ଦ୍ର ରାଉତ
ଶିକ୍ଷାର୍ଥୀ



ଜିଙ୍ଗାଡ ଶତପଥୀ
ଶିକ୍ଷାର୍ଥୀ



ଭାଗିରଥି ପାତ୍ର
ଯୁବ କୃଷକ



ଶୁଭମ ବଳ
ଶିକ୍ଷାର୍ଥୀ



ବିପ୍ଳବ ବିଶ୍ୱାଳ
ସମାଜସେବୀ



ଦୀପସାଗର ପାତ୍ର
ଏମ ବି ବି ଏସ ଛାତ୍ର



ଶ୍ରୀଧର ତ୍ରିପାଠୀ
ସମାଜସେବୀ

ମହକ ପତ୍ରିକାର ପୂର୍ବ ସଂସ୍କରଣ ଗୁଡ଼ିକ



୨୦୧୭



୨୦୧୮



୨୦୧୯



୨୦୨୧



୨୦୨୨



୨୦୨୩



୨୦୨୪

ମହକ ପତ୍ରିକାର ପୂର୍ବ ସଂସ୍କରଣଗୁଡ଼ିକୁ
ପଢ଼ିବା ପାଇଁ ସ୍କାନ କରନ୍ତୁ।



ಬಾಲಕಿಯರ ಶೌಚಾಲಯ ಮತ್ತು ಕುಡಿಯುವ ನೀರಿನ ಘಟಕ



ಶಾಲಾ ಮಕ್ಕಳ ಪೌಷ್ಟಿಕತೆಗಾಗಿ ಬಿಸಿಯೂಟ ತಯಾರಿಸಲು ಅನುಕೂಲವಾಗುವಂತೆ ಅಡುಗೆ ಕೋಣೆ



ಶಾಲಾ ಮಕ್ಕಳ ಪೌಷ್ಟಿಕತೆಗಾಗಿ ಬಿಸಿಯೂಟ ತಯಾರಿಸಲು ಅನುಕೂಲವಾಗುವಂತೆ ಅಡುಗೆ ಕೋಣೆ ಹಾಗೂ ಅಡುಗೆ ಸಾಮಗ್ರಿಗಳನ್ನು ಇಡಲು ಕೋಣೆ ಇರುವ ಚಿತ್ರ



ಶಾಲಾ ಮಕ್ಕಳ ಪೌಷ್ಟಿಕತೆಗಾಗಿ ಬಿಸಿಯೂಟ ತಯಾರಿಸಲು ಅನುಕೂಲವಾಗುವಂತೆ ಅಡುಗೆ ಕೋಣೆ ಹಾಗೂ ಅಡುಗೆ ಸಾಮಗ್ರಿಗಳನ್ನು ಇಡಲು ಕೋಣೆ ಇರುವ ಚಿತ್ರ



ಶಿಕ್ಷಕರ ಕೊಠಡಿ (ಕಛೇರಿ ಸಹಿತವಾದ) ಬೋಧನೆಯ ಅವಶ್ಯಕತೆಯ ಚಿತ್ರ



ಶಾಲಾ ಮಕ್ಕಳ ಪೌಷ್ಟಿಕತೆಗಾಗಿ ಬಿಸಿಯೂಟ ತಯಾರಿಸಲು ಅನುಕೂಲವಾಗುವಂತೆ ಅಡುಗೆ ಕೋಣೆ ಹಾಗೂ ಅಡುಗೆ ಸಾಮಗ್ರಿಗಳನ್ನು ಇಡಲು ಕೋಣೆ ಇರುವ ಚಿತ್ರ



ಶಾಲಾ ಮಕ್ಕಳ ಪೌಷ್ಟಿಕತೆಗಾಗಿ ಬಿಸಿಯೂಟ ತಯಾರಿಸಲು ಅನುಕೂಲವಾಗುವಂತೆ ಅಡುಗೆ ಕೋಣೆ ಹಾಗೂ ಅಡುಗೆ ಸಾಮಗ್ರಿಗಳನ್ನು ಇಡಲು ಕೋಣೆ ಇರುವ ಚಿತ್ರ



ಶಾಲಾ ಮಕ್ಕಳ ಪೌಷ್ಟಿಕತೆಗಾಗಿ ಬಿಸಿಯೂಟ ತಯಾರಿಸಲು ಅನುಕೂಲವಾಗುವಂತೆ ಅಡುಗೆ ಕೋಣೆ ಹಾಗೂ ಅಡುಗೆ ಸಾಮಗ್ರಿಗಳನ್ನು ಇಡಲು ಕೋಣೆ ಇರುವ ಚಿತ್ರ



ಶಾಲಾ ಮಕ್ಕಳ ಪೌಷ್ಟಿಕತೆಗಾಗಿ ಬಿಸಿಯೂಟ ತಯಾರಿಸಲು ಅನುಕೂಲವಾಗುವಂತೆ ಅಡುಗೆ ಕೋಣೆ ಹಾಗೂ ಅಡುಗೆ ಸಾಮಗ್ರಿಗಳನ್ನು ಇಡಲು ಕೋಣೆ ಇರುವ ಚಿತ್ರ



ಶಾಲಾ ಮಕ್ಕಳ ಪೌಷ್ಟಿಕತೆಗಾಗಿ ಬಿಸಿಯೂಟ ತಯಾರಿಸಲು ಅನುಕೂಲವಾಗುವಂತೆ ಅಡುಗೆ ಕೋಣೆ ಹಾಗೂ ಅಡುಗೆ ಸಾಮಗ್ರಿಗಳನ್ನು ಇಡಲು ಕೋಣೆ ಇರುವ ಚಿತ್ರ



ಶಾಲಾ ಮಕ್ಕಳ ಪೌಷ್ಟಿಕತೆಗಾಗಿ ಬಿಸಿಯೂಟ ತಯಾರಿಸಲು ಅನುಕೂಲವಾಗುವಂತೆ ಅಡುಗೆ ಕೋಣೆ ಹಾಗೂ ಅಡುಗೆ ಸಾಮಗ್ರಿಗಳನ್ನು ಇಡಲು ಕೋಣೆ ಇರುವ ಚಿತ್ರ



ಶಾಲಾ ಮಕ್ಕಳ ಪೌಷ್ಟಿಕತೆಗಾಗಿ ಬಿಸಿಯೂಟ ತಯಾರಿಸಲು ಅನುಕೂಲವಾಗುವಂತೆ ಅಡುಗೆ ಕೋಣೆ ಹಾಗೂ ಅಡುಗೆ ಸಾಮಗ್ರಿಗಳನ್ನು ಇಡಲು ಕೋಣೆ ಇರುವ ಚಿತ್ರ

ಶಾಲಾ ಕಟ್ಟಡ ಕೊರತೆ ಇರುವ ಶಾಲೆಗಳ ಮಾಹಿತಿ

ସଭାପତିଙ୍କ କଲମରୁ...



ବଣମଲ୍ଲୀ, ପବିତ୍ର ଓଡ଼ିଶା ମାଟିର ଯାଜପୁର ଜିଲ୍ଲାର କିଛି ସାହିତ୍ୟ ଓ ମାନବ ପ୍ରେମୀ ମଣିଷଙ୍କ ମାନସ ସନ୍ତାନ। ମଇ ୨୫, ୨୦୧୫ ବ୍ରାହ୍ମଣୀ କୂଳରେ ବୃନ୍ଦାଦେଇପୁର ଗଡଜାତ ସ୍ମାରକୀ ପୀଠରେ ଏହାର ଜନ୍ମ। ସେଦିନ ସାୟଂକାଳୀନ ଆସରରେ ଓଡ଼ିଆ ଭାଷାର ଅବକ୍ଷୟ ଉପରେ ଚର୍ଚ୍ଚା କରୁ କରୁ ଗୋଟିଏ ସାହିତ୍ୟ ସଂସଦ ଗଠନର ଆବଶ୍ୟକତାକୁ ବୁଝିହେଲା। ସାହିତ୍ୟ ସହ ସମାଜସେବା ଉଭୟ କ୍ଷେତ୍ରରେ ରୁଚି ରଖୁଥିବା ଶ୍ରୀଯୁକ୍ତ ନିର୍ମାଲ୍ୟ କୁମାର ପ୍ରଧାନ, ସରୋଜକାନ୍ତ ବେହେରା, ଶ୍ରୀ ଲାଲମୋହନ ଶତପଥୀ, ଶ୍ରୀ ଅନିମେଷ ପଟ୍ଟନାୟକ, ଶ୍ରୀ ରବୀନ ରାଜ ସାହୁ ଓ ମୁଁ ମୌଖିକ ଭାବେ ଗଢ଼ିଦେଲୁ ଏକ ସାହିତ୍ୟ ସଂସଦ। ଉଦ୍ଦେଶ୍ୟ ରହିଲା ସମାଜରେ ବୁଡ଼ିଯାଉଥିବା ସାହିତ୍ୟ ପ୍ରୀତିକୁ ପୁଣି ଫେରାଇ ଆଣିବା ଓ ସମାଜକୁ ସାହିତ୍ୟ ମନସ୍କ କରାଇବା। ୨୦୧୫ ଜୁନ୍ ୧୬ ଅନ୍ତିମ ରଜ ଅର୍ଥାତ୍ ନବଜାତ ସଂଗଠନର ଏକୋଉଣିଆ ଅବସରରେ ଏକ କବିତା ଆସର ଅନୁଷ୍ଠିତ କରାଗଲା ଓ ନାମକରଣ କରାଗଲା 'ବଣମଲ୍ଲୀ ସାହିତ୍ୟ ସଂସଦ'। ଗ୍ରାମରେ ଫୁଟି ମଉଳି ଯାଉଥିବା ବଣମଲ୍ଲୀ ବଣରେ ଆଉ ମଉଳି ଯିବ ନାହିଁ, ଗ୍ରାମ ପ୍ରତିଭାକୁ ପୁରା ଦୁନିଆ ଦେଖିବ; ଏହିପରି ଏକ ପ୍ରାରମ୍ଭିକ ଉଦ୍ଦେଶ୍ୟ ନେଇ ନିଜର ଯାତ୍ରା ଆରମ୍ଭ କଲା ବଣମଲ୍ଲୀ। ପ୍ରତିବର୍ଷ ଜୁନ୍ - ୧୬ ରେ, ଅର୍ଥାତ୍ ଶେଷ ରଜରେ କବିତା ଆସର ପାଳିତ ହେବ ବୋଲି ନିଶ୍ଚୟ କରାଗଲା। ଯାହାର ଉଦ୍ଦେଶ୍ୟ କେବଳ ଗ୍ରାମ୍ୟ ପ୍ରତିଭାମାନଙ୍କୁ ସୁଯୋଗ ଦେବା।

୨୦୧୫-୧୬ ମଧ୍ୟରେ ଏହି ସଂଗଠନ ସାହିତ୍ୟ ସହିତ ଧୀରେ ଧୀରେ ସମାଜ ସେବାରେ ମନୋନିବେଶ କଲା। ଛୋଟ ଛୋଟ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କଲା। ଯେପରିକି ବୃକ୍ଷରୋପଣ, ରାଷ୍ଟ୍ରୀୟ ଦିବସ ପାଳନ ଇତ୍ୟାଦି। ୨୦୧୬ ଜୁନ୍ ୧୬, ପୂର୍ବ ନିର୍ଦ୍ଧାରିତ ଅନୁସାରେ ଦ୍ୱିତୀୟ ରଜ ମହୋତ୍ସବ ତଥା କବିତା ଆସର ଅନୁଷ୍ଠିତ ହେଲା। କବିତା ସହିତ ନୃତ୍ୟ, ସଂଗୀତ ଆଦିକୁ ଏଥିରେ ସାମିଲ କରାଗଲା ଏବଂ ଗ୍ରାମ୍ୟ ପ୍ରତିଭାମାନଙ୍କୁ ସେମାନଙ୍କର କଳା ପ୍ରଦର୍ଶନର ସୁଯୋଗ ସୃଷ୍ଟି କରାଗଲା। ୨୦୧୬ ବେଳକୁ ଇଂ ପ୍ରମୋଦ ଶତପଥୀ ଏହି ଅନୁଷ୍ଠାନରେ ଯୋଡି ହେଲେ ଏବଂ ବଣମଲ୍ଲୀ ସାହିତ୍ୟ ସଂସଦରେ ସମାଜ ସେବାକୁ ଯୋଡିବାକୁ ପ୍ରସ୍ତାବ ଦେଲେ ଓ ତା' ପରେ 'ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ' ନିଜର ସମ୍ପୂର୍ଣ୍ଣ ନାମ ପାଇ ଲୋକଲୋଚନକୁ ଆସିଲା। ୨୦୧୬-୧୭ ମଧ୍ୟରେ ବଣମଲ୍ଲୀ ସମ୍ପୂର୍ଣ୍ଣ ରୂପେ ସମାଜ ସେବା କ୍ଷେତ୍ରକୁ ମଧ୍ୟ ପ୍ରବେଶ କଲା। ଓଡ଼ିଆ ସାହିତ୍ୟର ପ୍ରଚାର ପ୍ରସାର, ନୂତନ ଲେଖକ ଲେଖିକା ସୃଷ୍ଟି ସମାଜକୁ ସାହିତ୍ୟ ମନସ୍କ କରାଇବା ସହିତ ନିଶାନିବାରଣ, ଶିଶୁସୁରକ୍ଷା, ଛାତ୍ର ଛାତ୍ରୀଙ୍କ ଶୈକ୍ଷିକ ବିକାଶ ପାଇଁ ବକ୍ତୃତା ପ୍ରତିଯୋଗିତା ଓ ବୌଦ୍ଧିକ ବିକାଶ କାର୍ଯ୍ୟକ୍ରମ, ମତଦାତା ସଚେତନତା କାର୍ଯ୍ୟକ୍ରମ, ନିଃସହାୟ ଲୋକଙ୍କ ମୃତ୍ୟୁ ପରେ ସଂସ୍କାର କାର୍ଯ୍ୟ କରିବା, ଆର୍ଥିକ ଅନଗ୍ରସର ବ୍ୟକ୍ତିଙ୍କ ପାଇଁ ଗୃହ ନିର୍ମାଣ ଆଦି ମହତ କାମରେ ନିଜକୁ ନିୟୋଜିତ କରି ସମାଜରେ ଏକ ଅନନ୍ୟ ପରିଚୟ ସୃଷ୍ଟି କଲା। ୨୦୧୭ ମସିହା ଇଂ ପ୍ରମୋଦ ଶତପଥୀ, ଇଂ ମନୋଜ ପ୍ରଧାନ ଓ ସରୋଜ ସାହୁଙ୍କ ମାର୍ଗଦର୍ଶନ ଓ ସହଯୋଗରେ ପ୍ରକାଶିତ ହେଲା ବଣମଲ୍ଲୀର ମୁଖପତ୍ରର ପ୍ରଥମ ସଂସ୍କରଣ; ନାମ ରଖାଗଲା ମହକ। ଗ୍ରାମାଞ୍ଚଳରେ ନୂତନ ଲେଖକ ଲେଖିକା ସୃଷ୍ଟି କରିବା ଏହାର ଏକମାତ୍ର ଉଦ୍ଦେଶ୍ୟ।

ମଦ୍ରକ

୨୦୧୮ ମସିହା, ବଣମଲ୍ଲୀ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବର୍ଷ । ଏହି ବର୍ଷ ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ ବିଧିବଦ୍ଧ ଭାବେ ସରକାରୀ ସ୍ତରରେ ପଂଜିକୃତ ହେଲା ଏବଂ ଏକ ସ୍ୱୀକୃତି ପ୍ରାପ୍ତ ସଂଗଠନ ରୂପେ ପରିଚୟ ପାଇଲା । ୨୦୧୫ ରୁ ଏଯାବତ ଏହି ସଂଗଠନ ନିଃସ୍ୱାର୍ଥ ଭାବେ ସାହିତ୍ୟ ଓ ସମାଜ ସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରି ଆସିଛି । ଯଦିଓ ଓଡ଼ିଆ ସାହିତ୍ୟକୁ ବଞ୍ଚାଇ ରଖିବା, ସମାଜକୁ ସାହିତ୍ୟ ମନସ୍କ କରାଇବା ଏହି ସଂଗଠନର ପ୍ରାରମ୍ଭିକ ଲକ୍ଷ୍ୟ ଥିଲା, ପରବର୍ତ୍ତୀ ସମୟରେ ଏହା ସମାଜସେବାକୁ ମଧ୍ୟ ସମପରିମାଣର ଗୁରୁତ୍ୱ ଦେଇ ସମାଜସେବା କ୍ଷେତ୍ରରେ ମଧ୍ୟ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଲା । ଏହି ସଂଗଠନର ପ୍ରତ୍ୟେକ ସଦସ୍ୟ ସମାଜସେବା ପ୍ରତି ନିଷ୍ଠା, ଉପଦେଷ୍ଟାମାନଙ୍କର ଦିଗ୍‌ଦର୍ଶନ ଅନୁଷ୍ଠାନର ପ୍ରୟାସକୁ ସଫଳତାର ସ୍ପର୍ଶ ଦେଇଛି । ଅନୁଷ୍ଠାନ ବର୍ତ୍ତମାନ ଜନ୍ମ, ମୃତ୍ୟୁ, ବିବାହର ଆଦି ପ୍ରତ୍ୟେକ ସାମାଜିକ ଅନୁଷ୍ଠାନରେ ଅସହାୟମାନଙ୍କୁ ପ୍ରତ୍ୟକ୍ଷ ସହଯୋଗ, ବୌଦ୍ଧିକ ବିକାଶ କାର୍ଯ୍ୟକ୍ରମ, ରକ୍ତଦାନ କାର୍ଯ୍ୟକ୍ରମ, ଆର୍ଥିକ ଅନଗ୍ରସର ତଥା ଗୃହହୀନଙ୍କ ପାଇଁ ବାସଗୃହ ନିର୍ମାଣ ଓ ବୃକ୍ଷରୋପଣ, ଶିକ୍ଷାନୁଷ୍ଠାନମାନଙ୍କରେ ବିବିଧ କାର୍ଯ୍ୟକ୍ରମ ଜରିଆରେ ଛାତ୍ରଛାତ୍ରୀମାନଙ୍କୁ ଓଡିଆ ସାହିତ୍ୟ ମନସ୍କ କରାଇବା, ବିଭିନ୍ନ ସମାଜ ଓ ପରିବେଶ ଧର୍ମୀ ସଚେତନତା କାର୍ଯ୍ୟକ୍ରମରେ ନିଜକୁ ବ୍ରତୀ କରିଛି । ସମସ୍ତ ଉପଦେଷ୍ଟା, ବୁଦ୍ଧିଜୀବି, କର୍ମକର୍ତ୍ତା, ଶୁଭେଚ୍ଛୁ ଓ ସହଯୋଗୀଙ୍କ ଆଶୀର୍ବାଦ ଓ ସହଯୋଗ ପାଇଁ ଏହା ସମ୍ଭବ ହୋଇପାରୁଛି । ଆପଣମାନେ ଜନବଳ, ଧନବଳ, ନିଜର ବହୁମୂଲ୍ୟ ସମୟ ଓ ମାର୍ଗଦର୍ଶନରେ ଏହି ଅନୁଷ୍ଠାନକୁ ବଞ୍ଚାଇ ରଖିଥିବାରୁ ଏହାର ଉନ୍ନତିରେ ଆପଣମାନଙ୍କର ବହୁମୂଲ୍ୟ ଅବଦାନ ପାଇଁ ଆମେ ଆପଣମାନଙ୍କ ପାଖରେ ଚିରକୃତଜ୍ଞ ।

ନମସ୍କାର !

—o—

ଜୟଦେବ ଶତପଥୀ

ଡ. ଜୟଦେବ ଶତପଥୀ

ସଭାପତି, ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ

ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡୀ,ଭା.ପ୍ର.ସେ.
MS. P. ANVESHA REDDY, IAS
Collector & District Magistrate, Jajpur,
Odisha

Tel : 06728-222001
Fax : 06728-222087
email : dm-jajpur@nic.in

ବାର୍ତ୍ତା

ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବୃନ୍ଦାଦେଇପୁର ଅଂଚଳରେ ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ ଏକ ସେବା ଅନୁଷ୍ଠାନ । ଏହା ତାହାର ବାର୍ଷିକ ଉତ୍ସବ ଚଳିତ ମାସ ୧୬, ଜୁନ୍ ୨୦୨୫ ତାରିଖରେ ଆୟୋଜନ କରିବା ଓ ଏହି ଅବସରରେ ଏକ ସ୍ମରଣିକା 'ମହକ' ପ୍ରକାଶନ କରୁଥିବା ଜାଣି ମୁଁ ଅତ୍ୟନ୍ତ ଖୁସି ବ୍ୟକ୍ତ କରୁଛି । ସାହିତ୍ୟ ସମାଜର ହିତ ସାଧନରେ ବ୍ରତୀ ହେବା ସହିତ ସମାଜକୁ ଦିଗ୍‌ଦର୍ଶନ ଦେବାରେ ସଂଶ୍ଳିଷ୍ଟ ବିଧେୟ ।

ଯାଜପୁର ଜିଲ୍ଲାର ଏହି ସେବା ସଂଗଠନ ବିଗତ ୧୦ବର୍ଷ ଧରି ଶିକ୍ଷା, ସ୍ୱାସ୍ଥ୍ୟ, ରକ୍ତଦାନ, ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନେବା ସହିତ ସାହିତ୍ୟର ପ୍ରଚାର ପ୍ରସାର ଏବଂ ସାମାଜିକ ସମସ୍ୟା ସହିତ ଜଡ଼ିତ ରହି ଏହା ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଚଳିତ ବର୍ଷ ପାଇଁ ଏହି ସ୍ମରଣିକା 'ମହକ' ଅଷ୍ଟମ ସଂସ୍କରଣ ଅଟେ ।

ଏହି ଅନୁଷ୍ଠାନର ପ୍ରୟାସ ସଫଳ ହେଉ ଏହାହିଁ କାମନା । ଉତ୍ସବଟିର ସଫଳତା କାମନା କରିବା ସହ ସ୍ମରଣିକା ସହ ଜଡିତ ପ୍ରତ୍ୟେକଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

(ପି. ଅନ୍ୱେଷା ରେଡ୍ଡୀ)

SAMBAD GROUP | Odisha's No.1 media house

ସମ୍ବାଦ

ବାର୍ତ୍ତା

ବଣମଲ୍ଲୀ ପାହିତ୍ୟ ଓ ସେବା ସଂଗଠନ ବିଗତ ଏକ ଦଶନ୍ଧି ହେବ ଶିକ୍ଷା, ସ୍ୱାସ୍ଥ୍ୟ, ରକ୍ତଦାନ, ବୃକ୍ଷରୋପଣ ଓ ଓଡ଼ିଆ ସାହିତ୍ୟର ପ୍ରଚାର ପ୍ରସାରରେ ସକ୍ରିୟ ଥିବା ଜାଣି ଆନନ୍ଦିତ ହେଲି। ଯାଜପୁର ଜିଲ୍ଲାରେ କାର୍ଯ୍ୟରତ ଏହି ଅନୁଷ୍ଠାନ ପ୍ରତିବର୍ଷ ଗ୍ରାମାଞ୍ଚଳରେ ସାହିତ୍ୟର ପ୍ରସାର ଲାଗି 'ମହକ' ଶୀର୍ଷକ ସ୍ମରଣିକା ପ୍ରକାଶ କରିଆସୁଛି। ଚଳିତ ବର୍ଷ ଏହାର ଅଷ୍ଟମ ସଂଖ୍ୟା ଆତ୍ମପ୍ରକାଶ କରୁଥିବାରୁ ମୁଁ ପତ୍ରିକାର ସଂପାଦକ ଏବଂ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଉଛି।

ଆମେ ଜାଣିଛେ, ସାହିତ୍ୟର ଲକ୍ଷ୍ୟ ହେଉଛି ସମାଜର ହିତ ସାଧନ କରିବା। ତେଣୁ ଅଧିକ ସଂଖ୍ୟାରେ ପତ୍ରପତ୍ରିକା ଓ ସ୍ମରଣିକା ପ୍ରକାଶ ପାଇବା ଦ୍ୱାରା ଜନସାଧାରଣଙ୍କ ନିକଟରେ ସକାରାତ୍ମକ ବାର୍ତ୍ତା ଓ ଚିନ୍ତାଧାରା ପହଞ୍ଚିଥାଏ। ଭଲ ଚିନ୍ତାଧାରା ହିଁ ଭଲ କର୍ମ କରିବାକୁ ପ୍ରେରଣା ଯୋଗାଏ। ଏହି ଧାରା ସାମଗ୍ରିକ ଭାବେ ସାମାଜିକ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିଥାଏ। ମୁଁ ଆଶା କରୁଛି, 'ମହକ'ରେ ସନ୍ନିବେଶିତ ପ୍ରତିଷ୍ଠିତ ଓ ଉଦୀୟମାନ ଲେଖକ ଲେଖିକାଙ୍କ ରଚନାବଳୀ ନିଶ୍ଚିତ ଭାବେ ଏହି ଲକ୍ଷ୍ୟକୁ ପୂରଣ କରିବ।

ଜୁନ୍ ୧୬ ତାରିଖରେ ଅନୁଷ୍ଠାନର ବାର୍ଷିକ ଉତ୍ସବ ପାଳନ ହେଉଥିବାରୁ ଏହାର ସଫଳତା କାମନା କରୁଛି ଏବଂ ଏଥିରହ ଜଡ଼ିତ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି।

ଜୟନ୍ତୀ ପଟ୍ଟନାୟକ

ଜୟନ୍ତୀ ପଟ୍ଟନାୟକ
ସଂପାଦକ, 'ସମ୍ବାଦ' ଓ 'ଜନତା ନ୍ୟୁଜ୍'

Corporate Office : EASTERN MEDIA LIMITED, SAMBAD BHAWAN, B-27, Industrial Estate, Rasulgarh, Bhubaneswar, Odisha - 751010. Phone : 0674-2548902/ 2548903/ 2548904 Fax : 0674-254 8905
Regional Office : Kataka : Link Road, Kataka-753012, Ph: 0671-2335147/5148, Fax: 0671-2313762. Jajpur: Plot No. 156, Kanheipur, Near Kali Padia (Durga Temple), Jajpur Road, Pin-755019 Ph: 06726-224123 , 224124, 224125, 224126, Fax : 222333. Angul : TS-3/2, Industrial Estate, Angul-759143, Ph : 06764-236868/237072. Fax : 06764-237024. Brahmapur : Mamita Garden, Near Santi Kunja Ashram, Gill Road, Brahmapur 760005, Ph : 0680-2224950/2221244/2221703, Fax : 0680-2221011. Rourkela : B/26, Industrial Estate, Rourkela-769004, Ph : 0661-2400435. Balasore : D-2/3, Industrial Estate, Balasore-756001, Ph : 06782-264611/004/005, Fax : 06782-264002. Jeypore : NH-26, Jeypore-674001, Ph: 06854-231536, 232938, Fax: 06854-230538. Sambalpur : Sakhipada, Sambalpur-768001, Ph: 0663-2548068/8067, Fax: 0663-2548058.
CIN-U22121OR1984PLC001338 www.sambad.in, www.sambadepaper.com, news@sambad.in, advt@sambad.in



ସଂଘମିତ୍ରା ବେହେରା
ସଂଯୋଜକ
ଓଡ଼ିଆ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ବାର୍ତ୍ତା

ଯାଜପୁର ସେ କାଳର ଯାଜ୍ଞନଗର। ଆଈଠାରୁ ଶୁଣୁଶୁଣୁ ହଜିଯିବା ପରେ ଆଜି ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନର ପଦିଏ ବାର୍ତ୍ତା ପାଇଁ ପତ୍ରଟିଏ ହାତରେ ଲାଗିଲା। ବଣମଲ୍ଲୀ ବଣରେ ଫୁଟୁଥାଉ ହେଲେ ମହକ ଚତୁର୍ଦ୍ଦିଗକୁ ଚହଟାଉ। ସମାଜ ସହିତ ସାହିତ୍ୟର ସଂପର୍କ ନିବିଡ଼।ଏହାର ପ୍ରାଧାନ୍ୟକୁ ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ ଅଙ୍ଗେଅଙ୍ଗେ ବୁଝିଛି। ବିବିଧ ମାନବବାଦୀ ଓ ସାମାଜିକ କାର୍ଯ୍ୟକ୍ରମ ସହିତ ବର୍ଷରେ ଥରେ 'ମହକ' ପତ୍ରିକା ମାଧ୍ୟମରେ ଗ୍ରାମ ଓ ଏହାର ନାଗରିକଙ୍କୁ ଭାଷାସାହିତ୍ୟ ସଂପର୍କରେ ଜାଗରଣ କରିବା ଏକ ଅଭିନବ ପ୍ରୟାସ।

ଯାହାହେଉ ଗାଆଁରେ ଏଭଳି ଏକ ଅନୁଷ୍ଠାନ ୧୦ ବର୍ଷ ହେଲା ସକ୍ରିୟ ଜାଣି ଆନନ୍ଦ ଲାଗୁଛି। ପୁନଶ୍ଚ ଚଳିତ ବର୍ଷ 'ମହକ' ପତ୍ରିକାର ଅଷ୍ଟମ ଜନ୍ମବାର୍ଷିକୀ ଜାଣି ଅଧିକ ଖୁସି ଲାଗୁଛି। ଏହି ପରିପ୍ରେକ୍ଷୀରେ ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନର ଏପରି ସାଧୁ ଉଦ୍ୟମ ପାଇଁ ସମସ୍ତଙ୍କୁ ଧନ୍ୟବାଦ। ଏହା ଆହୁରି ଦୀର୍ଘାୟୁ ହେବାର କାମନା କରୁଛି।

ସଂଘମିତ୍ରା ବେହେରା

ସଂଘମିତ୍ରା ବେହେରା
ସଂଯୋଜକ
ଓଡ଼ିଆ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ମନୋରଂଜନ ମହାନ୍ତି
ଅବସରପ୍ରାପ୍ତ, ଇଂରାଜୀ ପ୍ରାଧ୍ୟାପକ
ବଡ଼ମଂଗଳପୁର, ଧର୍ମଶାଳା, ଯାଜପୁର



ଶୁଭେଚ୍ଛା ବାର୍ତ୍ତା

ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ ବାର୍ଷିକୋତ୍ସବ ପାଳନ ଉପଲକ୍ଷେ ସଂପୃକ୍ତ ସମସ୍ତଙ୍କୁ ହୃଦୟର ସହିତ ଅଭିନନ୍ଦନ ଜଣାଉଛି । ଏହି ପରିପ୍ରେକ୍ଷୀରେ ସାହିତ୍ୟ ପତ୍ରିକାର ପ୍ରକାଶନ ଆହୁରି ଅଧିକ ଗୁରୁତ୍ୱ ବହନ କରୁଛି । ନବୀନ ପ୍ରତିଭାଧାରୀମାନଙ୍କୁ ଲେଖାଲେଖି ପାଇଁ ବିଶେଷ ଉତ୍ସାହ ପ୍ରଦାନ କରିବା ଏ ସାହିତ୍ୟ ଓ ସେବା ସଂଗଠନ ସାହିତ୍ୟ ପତ୍ରିକାର ମୌଳିକ ଆଭିମୁଖ୍ୟ । ଏହା ଅତ୍ୟନ୍ତ ଆନନ୍ଦ ସଂଚାର କରୁଛି ସମସ୍ତଙ୍କ ମନରେ । ସାହିତ୍ୟ ଆମ ସମସ୍ତଙ୍କୁ ସକାରାତ୍ମକ ଚିନ୍ତନ ପାଇଁ ଅନୁପ୍ରେରିତ କରୁ, ତ୍ୟାଗ ଓ ସଂଯମର ମହତ ଉଚ୍ଚାରଣରେ ଉଦ୍‌ବୁଦ୍ଧ କରୁ, ଏତିକି ଆଶା । ସମସ୍ତଙ୍କୁ ସାରସ୍ୱତ ଶ୍ରଦ୍ଧା ଓ ସମ୍ମାନ ।

ମନୋରଂଜନ ମହାନ୍ତି
ଅବସରପ୍ରାପ୍ତ, ଇଂରାଜୀ ପ୍ରାଧ୍ୟାପକ
ବଡ଼ମଂଗଳପୁର, ଧର୍ମଶାଳା, ଯାଜପୁର

ଜିଲ୍ଲା କାର୍ଯ୍ୟାଳୟ, ଯାଜପୁର
ଦୂ.ଭା: ୦୬୭୨୮ – ୨୨୦୨୨୫ (କ)
E-Mail: dcojajpur@gmail.com
(ସଂସ୍କୃତି ବିଭାଗ)

ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ, ବୃନ୍ଦାଦେଇପୁର ତରଫରୁ ଚଳିତ ବର୍ଷ ଜୁନ୍ ୧୬ ତାରିଖ ଦିନ ଏହି ଅନୁଷ୍ଠାନର ବାର୍ଷିକ ଉତ୍ସବ ଏବଂ ଏ ଅବସରରେ "ମହକ" ପତ୍ରିକା ର ଅଷ୍ଟମ ସଂସ୍କରଣ ପ୍ରକାଶ ପାଉଥିବା ଜାଣି ମୁଁ ବିଶେଷ ଆନନ୍ଦିତ।

ପ୍ରାଚୀନ ଉତ୍କଳର କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ଅତ୍ୟନ୍ତ ମହାନ୍। ଗ୍ରାମାଞ୍ଚଳରେ ଓଡିଆ ଭାଷା ଓ ସାହିତ୍ୟ ପ୍ରଚାର ପ୍ରସାର, ସାମାଜିକ ସଚେତନତା, ନିଶା ନିବାରଣ, ବୃକ୍ଷରୋପଣ ଇତ୍ୟାଦି କାର୍ଯ୍ୟରେ ଯାଜପୁର ଜିଲ୍ଲାର ଏକ ଅଗ୍ରଣୀ ଅନୁଷ୍ଠାନ ଭାବେ "ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ" ଉଦୀୟମାନ ହୋଇଅଛି। ସଂଗଠନର ବାର୍ଷିକ ଉତ୍ସବ ଅବସରରେ ପ୍ରକାଶ ପାଉଥିବା 'ମହକ' ପତ୍ରିକାଟି ସ୍ଥାନୀୟ ଅଞ୍ଚଳର ସମସ୍ତ ତରୁଣ ଓ ଯୁବପ୍ରତିଭା ମାନଙ୍କୁ ସମାଜରେ ପ୍ରତିଷ୍ଠିତ କରାଇବା ସଙ୍ଗେ ସଙ୍ଗେ ଅଞ୍ଚଳରେ ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ କ୍ଷେତ୍ରରେ ବିଶେଷ ପରିବର୍ତ୍ତନ ଆଣିବ ବୋଲି ମୋର ଦୃଢ ଆଶା ଓ ବିଶ୍ୱାସ।

(ସୋନାଲୀ ବେହେରା)
ଜିଲ୍ଲା ସଂସ୍କୃତି ଅଧିକାରୀ, ଯାଜପୁର



ଶ୍ରୀଯୁକ୍ତ ସତ୍ୟାନାଶ
ବ୍ୟଙ୍ଗକାର, ଭୁବନେଶ୍ୱର
ମୋ: ୯୪୩୭୧୩୧୨୦୧

ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନରୁ ମୁଖପତ୍ର ତଥା ପତ୍ରିକା 'ମହକ'ର ପରବର୍ତ୍ତୀ ସଂଖ୍ୟା ପ୍ରକାଶିତ ହେବ; ଅନୁଷ୍ଠାନର ସଭାପତି ଶ୍ରୀ ଜୟଦେବ ଶତପଥୀ ଓ ସଂପାଦିକା ମଧୁସ୍ମିତା ଖଟୁଆଙ୍କ ପ୍ରେରିତ ପତ୍ର ତଥା ଅନୁଷ୍ଠାନର ଅନ୍ୟତମ ସକ୍ରିୟ ସଦସ୍ୟ ନିର୍ମାଲ୍ୟ ପ୍ରଧାନଙ୍କ ଭ୍ରାମ୍ୟଭାଷ କଥୋପକଥନରୁ ଅବଗତ ହେଲି । ସମସ୍ତଙ୍କୁ ମୁଁ ଆନ୍ତରିକ ଧନ୍ୟବାଦ ଜଣାଉଛି ।

କିଛିବର୍ଷ ତଳେ ବୃନ୍ଦାଦେଇପୁର, ଜେନାପୁରଠାରେ ଆୟୋଜିତ ଏହି ଅନୁଷ୍ଠାନର ଉତ୍ସବରେ ଅତିଥିଭାବେ ଯୋଗଦେବା ଅବସରରେ ମହକ ଉନ୍ମୋଚିତ ହୋଇଥିଲା ଯାହାର ଏକକିଟା ମଧ୍ୟ ମୋତେ ପ୍ରାପ୍ତ ହୋଇଥିଲା । ମହକର ସୁନ୍ଦର ପ୍ରଚ୍ଛଦ, ସାଜସଜ୍ଜା ପରିପାଟୀ ତଥା ସେଥିରେ ପ୍ରକାଶିତ ବରିଷ୍ଠ ସହିତ ନବଲେଖକଲେଖିକାଙ୍କ ଲେଖା ବେଶ୍ ଆକୃଷ୍ଟ କରିଥିଲା ମୋତେ । ତଦ୍ଧ୍ୱରେ ଲେଖନୀଚାଳନା କରିଥିବା ଅନେକ ନବଲେଖକ ଅଧୁନା ବଳିଷ୍ଠ ତଥା ଲୋକପ୍ରିୟ ରଚନା କରୁଥିବେ; ଏ ବିଶ୍ୱାସ ରହିଛି । ନିର୍ମାଲ୍ୟ ପ୍ରଧାନଙ୍କ ସହିତ ଅନେକ ଲେଖକଙ୍କର ହାସ୍ୟବ୍ୟଙ୍ଗ ରଚନାରେ ବ୍ୟଙ୍ଗ ସାହିତ୍ୟର ଭବିଷ୍ୟତକୁ ଅନୁମାନ ଓ ଆଶା ରଖିଛି ଏ ବ୍ୟଙ୍ଗକାର ଶ୍ରୀଯୁକ୍ତ ସତ୍ୟାନାଶ ।

ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନର ସମସ୍ତ କର୍ମକର୍ତ୍ତା ତଥା 'ମହକ'ର ସଂପାଦନା ମଣ୍ଡଳୀକୁ ସାଧୁବାଦ ଜଣାଇ ଉତ୍ତରୋତ୍ତର ପ୍ରଗତି କାମନା କରୁଛି।



ଶ୍ରୀଯୁକ୍ତ ସତ୍ୟାନା
ବ୍ୟଙ୍ଗକାର, ଭୁବନେଶ୍ୱ
ମୋ-୯୪୩୭୧୩୧୨୦



ବାର୍ତ୍ତା

ଆମ କେନାପୁର ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଏବଂ ଓଡ଼ିଆ ଭାଷାର ଉନ୍ନତିର ମଙ୍ଗ ଧରିଥିବା "ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନର"ର ବାର୍ଷିକ ଉତ୍ସବ ପାଳନ ଅବସରରେ, ମୁଖପତ୍ର "ମହକ"ର ଅଷ୍ଟମ ସଂସ୍କରଣ ପ୍ରକାଶ କରିବା ପାଇଁ ଚେଷ୍ଟିତ ।

ମୁଁ ଏହି ଅବସରରେ ସଂଗଠନର ସମସ୍ତ କର୍ମକର୍ତ୍ତା ତଥା ସଦସ୍ୟ ଓ ସଦସ୍ୟାମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସହିତ ସଂଗଠନର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

ପ୍ରଫୁଲ୍ଲ କୁମାର ଦାସ.

(ପ୍ରଫୁଲ୍ଲ କୁମାର ଦାସ)

୧୨.୦୫.୨୦୨୫



ଅଜୟ କୁମାର ଦାସ
ବରିଷ୍ଠ ସମାଜସେବୀ

ଶୁଭେଚ୍ଛା ବାର୍ତ୍ତା

ମୁଁ ଜାଣି ଅତ୍ୟନ୍ତ ଖୁସି ହେଲି ଯେ, ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ ତାର ଅଷ୍ଟମ ସଂସ୍କରଣ ନିମନ୍ତେ 'ମହକ' ନାମରେ ଏକ ପତ୍ରିକା ପ୍ରକାଶ କରିବାକୁ ଯାଉଛି ।

ଏହି ସଂଗଠନ ସାହିତ୍ୟକୁ ପ୍ରାଧାନ୍ୟ ଦେଇ ଅନେକ ଛାତ୍ରଛାତ୍ରୀଙ୍କର ଲେଖା ପତ୍ରୀକାରେ ସ୍ଥାନ ଦେଇଛନ୍ତି । ବୌଦ୍ଧିକ ବିକାଶ, ରକ୍ତଦାନ, ଶିବିର, ଅସହାୟଙ୍କୁ ସାହାଯ୍ୟ ଓ ସମାଜ ସଂସ୍କାର ଭଳି ଅନେକ କାର୍ଯ୍ୟକ୍ରମ କରି ବଣମଲ୍ଲୀ ସମସ୍ତଙ୍କର ପ୍ରୀୟଭାଜନ ହୋଇପାରିଛନ୍ତି ।

ମୁଁ ଏହି ଅବସରରେ ସମସ୍ତ କର୍ମକର୍ତ୍ତାଙ୍କୁ ସେମାନଙ୍କର ଏହି ମହତ କାର୍ଯ୍ୟ ପାଇଁ ଶଭେଚ୍ଛା ଜଣାଉଛି ଓ ସେମାନଙ୍କର ମଙ୍ଗଳ ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ଜଣାଉଛି ।

ଅଜୟ କୁମାର ଦାସ

ଅଜୟ କୁମାର ଦାସ

କବିତା ବିଭାଗ

ଜୀବନ ପାହାଚେ	ଜ୍ୟୋସ୍ନାରାଣୀ ମଳିକ	୧
ସ୍ମୃତିରେ ସ୍ୱପ୍ନ	ଦିପ୍ତୀରେଖା ମଲ୍ଲିକ	୨
ଚାଖଟିଏ ଆଜି ତୁମ ହୋଇଛି	ପ୍ରଗତୀ ମିଶ୍ର	୨
ସରଗପୁର	ସୁଜିତ କୁମାର ପଣ୍ଡା	୩
ଆମ ପରିବେଶ	ସତ୍ୟଜିତ୍ ମଲ୍ଲିକ	୩
ପୁନଃ ସ୍ୱର୍ଗ	ଶୁଭାଶିଷ ଧୀର	୪
ସମର୍ପଣ - ଏକ ସମର୍ପଣର	ସରୋଜ ଜେନା	୪
ମାଆର ମମତା	ସ୍ୱର୍ଣ୍ଣପ୍ରଭା ପାଣିଗ୍ରାହୀ	୫
ଅଧାରେ ଆଧାର	ପ୍ରଫୁଲ୍ଲ କୁମାର ଦାଶ	୬
ସ୍ୱୟଂସହା	ସୁଚିତ୍ରା ସାମଲ	୬
ଓଡ଼ିଶାର ସଂସ୍କୃତି	ଭାଗ୍ୟଶ୍ରୀ ପଲେଇ	୭
ମୋ ଓଡ଼ିଶା	ପ୍ରିୟଙ୍କା ପ୍ରିୟଦର୍ଶିନୀ ଶତପଥୀ	୮
ଆସ ପିଲା ଆମେ ବିଦ୍ୟାଳୟ ଯିବା	ପ୍ରିୟଦର୍ଶିନୀ ପାତ୍ର	୮
କିଏ ତୁମେ... ?	ସ୍ମିତିପ୍ରଜ୍ଞା ସାହୁ	୯
ମା	ଲୋପାମୁଦ୍ରା ଶତପଥୀ	୧୦
ବଡ଼ ବିଚିତ୍ର ହେ ତୁମେ ଜଗନ୍ନାଥ	ସୁତିଶ୍ରୀ ଶତପଥୀ	୧୦
ହାତ ଠାରି ଡାକେ ମୋ ଗାଁ	ମଧୁସ୍ମିତା କବି	୧୧
ପିତା ମାତା ଏ ଆମରି ଠାକୁର	ମଧୁସ୍ମିତା ପଲାଇ	୧୧
ତଥାପି ମୋ ଗାଁ ହସୁଛି	ଗାୟତ୍ରୀ ବେହେରା	୧୨
ସମୟ	ଲିପ୍ସା ସାମଲ	୧୩
ଆମ ବିଦ୍ୟାଳୟ	ରୁଦ୍ର ନାରାୟଣ ନାୟକ	୧୩
ଘର ଆମ ସରଗପୁର	ରୁପାଲି ବେହେରା	୧୪
ମୋ ଭାଷା	ଶ୍ରଦ୍ଧାଞ୍ଜଳୀ ମହାଳିକ	୧୪
ହେ ମୋର କଲମ	ଶ୍ରୀୟା ସାଧନା ଦଳାଇ	୧୪
ମୋ ଗୁରୁ	ସଙ୍ଗୀତା ସେଠୀ	୧୫
ଜୟ ଜଗନ୍ନାଥ	ମଧୁସ୍ମିତା ଖଟୁଆ	୧୫
ଗୁରୁକୁଳ ଅଟେ ଆମ ବିଦ୍ୟାଳୟ	ଜ୍ୟୋତି ଦାସ	୧୬
ତୁମେ ନିଶ୍ଚେ ଦିନେ ଖବର ପାଇବ	ନିରଞ୍ଜନ ସାହୁ	୧୬
'ଓଡ଼ିଆ ଅସ୍ମିତା'	ପଦ୍ମଲୋଚନ ଜେନା	୧୭

ମଦକ

ବିଦାୟୀ ସୈନିକର ଦୁଃଖ	ନନ୍ଦିନୀ ଗାଉତ ୧୮
ସୁନ୍ଦର ମୋ ପ୍ରିୟତମା	ମାନସ ସାହୁ ୧୯
ଦୂର- ନିକଟ	ଦମୟନ୍ତୀ ପ୍ରଧାନ ୧୯
ପୁଣ୍ୟ ମାଟି ଭାରତ	ଜଗତ୍ମିକା ପେଠି ୨୦
ସୁପ୍ତ ଉତ୍କଳ	ଗୌତମ ସାମଲ ୨୧
ସଂଘର୍ଷର ଅକ୍ଷର	ଅନିଲ କୁମାର ଓଝା ୨୨
ଶ୍ରୀ ପୟର	ମୃଣୟୀ ବେହେରା ୨୨
ଅଷ୍ଟମ ଋତୁ	ପବିତ୍ର ସାହୁ ୨୩
ହେ ଅନ୍ଧାର	ରାଜେନ୍ଦ୍ର ମହାପାତ୍ର ୨୪
କବି ଓ ପାଠକ	ପ୍ରିତମ ତ୍ରିପାଠୀ ୨୪
ତମେ ଆସନ୍ତ ନି ....?	ପ୍ରଗତି ମହାପାତ୍ର ୨୫
ଦିଗ୍‌ବିଜୟ	ସୁପ୍ରିୟା ମିଶ୍ର ୨୫
ନିରବତା	ଡକ୍ଟର ସ୍ୱର୍ଣ୍ଣପ୍ରଭା ଖଟୁଆ ୨୬
'ଆଶା'ର ଦୀପ	ସୁନିଲ କୁମାର ନାଥ ୨୬
ଇତିହାସ	ଦିପୁନ୍ ପୁହାଣ ୨୭
ବିଞ୍ଚଣା ମୋହରି ନାଁ	ଧୀରେନ୍ଦ୍ର ମଲ୍ଲିକ ୨୮
ପ୍ରେମ ପକ୍ଷୀ..	ଧର୍ମେନ୍ଦ୍ର ଚୁହାନ ୨୮
ଧରମା ଫେରିବ	ଦେବେନ୍ଦ୍ର ପ୍ରସାଦ ବଳ ୨୯
ବୁଢ଼ା	ଅର୍ଚ୍ଚନା ଦେଓ ୩୦
ଶ୍ରୀଚରଣ ସେବା	ଅନିଲ କୁମାର ନାଥ ୩୦
ନାରୀ ଜୀବନର ବାସ୍ତବତା	ତପସ୍ୱିନୀ ବେହେରା ୩୧
ପ୍ରିୟତମା ଜହ୍ନ	ଜହ୍ନନା ନାୟକ ୩୧
ଅଲିରା ସଳୀତା	ପଦ୍ମିନୀ ନାୟକ ୩୨
ଭାଇ	ଅଶ୍ରୀପ୍ସା ଶତପଥୀ ୩୨
ହୋଲି	ରଞ୍ଜନ କୁମାର ବେହେରା ୩୩
ଜଗନ୍ନାଥ ନୁହଁ ତୁ ଦୁଃଖି ସଙ୍ଗାତ	ଦେବକୀରାଣୀ ସାହୁ ୩୩
ସାକ୍ଷାତରେ ସବୁ	କବିତାରାଣୀ ପଣ୍ଡା ୩୪
ଆଧୁନିକ ଯୁଗ	ସୋନାଲି ପ୍ରଧାନ ୩୫
ତୁମ ଅପେକ୍ଷା ରେ!!	ଅନିମେଷ ପଟ୍ଟନାୟକ ୩୫
ବାହାମୁକୁଟ	ନିର୍ମାଲ୍ୟ କୁମାର ପ୍ରଧାନ ୩୬
ଶୂନ୍ୟତା	ତପସ୍ୱିନୀ ଖୁଣ୍ଟିଆ ୩୭
ମାଆ	ପ୍ରୀତି ନାୟକ ୩୭

କିଏ ଦେଖିଛ ଜି ବାପାଙ୍କ ମୁହଁ ?	ରାଜଲକ୍ଷ୍ମୀ ରାଉତ	୩୮
ରାଇର ସ୍ନେହ	ବିନୁୟୀ ବେହେରା	୩୮
ଗୁରୁବିନା	ଅଂଶୁମାନ ପଣ୍ଡା	୩୯
ଅନ୍ୟ ଏକ ସଜାଳ	ପ୍ରିୟଙ୍କା ବାର୍ତ୍ତେ	୩୯
ବୁଦ୍ଧିଜୀବୀ	ଶ୍ରୀକୃଷ୍ଣ ଚନ୍ଦ୍ର ଖଟୁଆ	୪୦
କବିତା	ବର୍ଷାରାଣୀ ବେହେରା	୪୨
ମାଟିର ମଣିଷ	ରୋଶ୍ନାପ୍ରିୟା ବେହେରା	୪୨
ମୋ ଲେଖା	ବର୍ଷାରାଣୀ ସ୍ୱାଇଁ	୪୩
ଭକ୍ତି ଓ ଭଗବାନ	ନିଲିପ୍ସା ଦାସ	୪୩
ନାରୀ ସ୍ୱାଧୀନତା	ଆଦ୍ୟାଶା ମିଶ୍ର	୪୩
ଝିଅଟିଏ	ସିପ୍ରାସୋନି ଦାସ	୪୪
ମା	ବନ୍ଦିତା ଦାସ	୪୪
ସୁଖ ଜୀବନ	ଧୀରେନ୍ଦ୍ର କୁମାର ଶତପଥୀ	୪୫
ଗୁରୁ ଗୁରୁଜନ କଥା ମାନିବା	ପ୍ରିତୀପ୍ରିୟଦର୍ଶିନୀ ସାମଲ	୪୫
ମୋ ଗାଆଁ	ନିବେଦିତା ଖିଲାର	୪୬
ସବୁଜ ବନ୍ଧୁ	ଅମ୍ଳାନ ମଲ୍ଲିକ	୪୬
ଆସୁଛି ଆଧୁନିକ ରଙ୍ଗ	ମାନସ ରଞ୍ଜନ ପ୍ରଧାନ	୪୭
ମୋ ଶୂନ୍ୟ ଆକାଶେ	ଶ୍ରୀମତୀ ପ୍ରମିଳା ଭଞ୍ଜ	୪୭
ବୋଝେ କୋହର ବାସ୍ତବତା	ସୌରଭ ଶୁଭମ କର	୪୮
ପ୍ରିୟତମା	ସୌମ୍ୟରଂଜନ ପାଣି	୪୯
ଜୀବନ	ସୋନମ୍ ପ୍ରିୟଦର୍ଶିନୀ	୪୯
ନିଷ୍ଠୁର ବାସ୍ତବତା	ସୁରଣିକା ବିଶ୍ୱାଳ	୫୦
ବନ୍ଧୁ ମୋର ସେ ପ୍ରେମ ସିନ୍ଧୁ	ପୂଜା ମଲ୍ଲିକ	୫୦
ହାତେ ହାତରଖି କଥା ଦିଅ	ପ୍ରଣତୀ ପାଣିଗ୍ରାହୀ	୫୧
ଆମ ମାତୃଭାଷା	ପାଉକି ଦାଶ	୫୧
ବାପା ଅଟନ୍ତି ନାଁ ଡାକର	କପିଳେଶ୍ୱର ସାହୁ	୫୨
ଜୀବନଟା ଗୋଟେ ଗପବହି	ସନାତନ ବାରିକ	୫୨
ଅଧାଗଡ଼ା ଜଗନ୍ନାଥ	ଆର୍ଭତ୍ରାଣ ଶତପଥୀ	୫୩

ପ୍ରବନ୍ଧ ବିଭାଗ

ବୋଉ ପାଇଁ ଚିଠି	ପୂର୍ଣ୍ଣାନନ୍ଦ ସେଠୀ	୫୪
ମୋ ଛାତିର ଜନକ ମୋ ଜଗନ୍ନାଥ	ରଞ୍ଜତ୍ ପ୍ରଭା ସାହୁ	୫୮
ଆଧୁନିକତା ନା ଏକ ଭିନ୍ନ ପ୍ରକାରର ଅସଭ୍ୟତା ?	ଜୟଦେବ ଶତପଥୀ	୫୯
ଆଜିର ସମାଜରେ ନାରୀର ସ୍ଥିତି	ଶୁଭଶ୍ରୀ ସାହୁ	୬୦
ବାପା	ମାମାଲି ବାରିକ	୬୧
ସମ୍ପର୍କ	ରତୁପର୍ଣ୍ଣା ମହାନ୍ତି	୬୨
ଓଡ଼ିଶାର ଐତିହ୍ୟ ସଂସ୍କୃତି ଓ ପରମ୍ପରା	ମହାମାୟା ସିଂ	୬୩
ସାହିତ୍ୟ ଓ ସେବାର ପ୍ରତୀକ	ଅରୁଣ କୁମାର ଦାସ	୬୪
ପ୍ରକୃତିର ସ୍ୱର	ପ୍ରଣୀତା ପଣ୍ଡା	୬୫

ଗଳ୍ପ ବିଭାଗ

ବନ୍ଧୁ ହେବ ଏମିତି	ପୂର୍ଣ୍ଣିମା କବି	୬୬
ଅନାବିଳ ବନ୍ଧୁତ୍ୱ	ସୁସ୍ମିତା ପାତ୍ର	୬୬
ମୋ ମାଆ	ବର୍ଷାପ୍ରିୟଦର୍ଶିନୀ ଦାସ	୬୭
ବୃକ୍ଷ ଆମର ବନ୍ଧୁ	ଶୁରାଙ୍ଗିନୀ ଖିଲାର	୬୭
କର୍ମର ଫଳ	ଲିଜାରାଣୀ ବେହେରା	୬୮
ଯେ ପାଣ୍ଠେ ପରଗମନ୍ଦ	ବି.ଏସ୍.ଦିବ୍ୟାଂଶୀ ନାୟକ	୬୯
କୁସଂସ୍କାର	ଗାୟତ୍ରୀ ପଣ୍ଡା	୭୧
ପ୍ରାୟଶ୍ଚିତ	ଅଚ୍ୟୁତାନନ୍ଦ ପାତ୍ର	୭୨
ନାମକରଣ	ପ୍ରଭଞ୍ଜନ ପ୍ରଧାନ	୭୫
ପ୍ରକୃତ ବିଦ୍ୟାର ବ୍ୟବହାର	ସ୍ୱାଧୀନ ବାରିକ	୭୫
ଏକ ରାତ୍ରିର ଘଟଣା	ଭଗବତୀ ସେଠୀ	୭୬
ଜଳାଶୟୀ ନାରାୟଣ ଗୋସାଇଁ	ଶୁଭଲକ୍ଷ୍ମୀ ପାତ୍ର	୭୭
ଅଶୋକ ଦାସ ଗାଁକୁ ଫେରିଛି	ପ୍ରହଲ୍ଲାଦ ପଣ୍ଡା	୭୯
ପତ୍ନୀଙ୍କ ଛୋଟା ଚୋରି	ବାଇଧର ମାଝୀ	୮୩
ଜୀବନର ଦୋଛକିରେ..	କୁମାର ସୁବ୍ରତ ଦାଶ	୮୫
ବୋଉର ଖଡାରାଇ	ଖାରବେଳ ମହାନ୍ତି	୮୬
ଏଇ ସହରରେ	ଅଙ୍କିତ ସାହୁ	୮୭
ଗୋଟେ ଅଲିଖିତ ଇତିହାସ କଥା	ବିଶ୍ୱନାଥ ସାହୁ	୯୦
ଆଖି ଖୋଜେ ପ୍ରମାଣ	ପଦ୍ମନାଭ ଶତପଥି	୯୩
ମୂର୍ଖ ଓ ଯୋଗୀ	ଜ୍ଞ୍ୟୋତିଷ୍ମାନ ଶତପଥି	୯୫
ପିଆଜ କାଟିଲେ ଲୋକ କାନ୍ଦନ୍ତି କାହିଁକି ?	ନିତେଶ୍ ମହାଳିଜ	୯୫
ରାଣୀ ପୁଅ ଅନନ୍ତ	ରାଂଜନ କୁମାର ବାରିକ	୯୬

କବିତା ବିଭାଗ

ଜୀବନ ପାହାଚେ

କ୍ୟୋହ୍ନାରାଣୀ ମଲିକ

ଜୀବନ ପାହାଚେ ଉଠିବାକୁ ପ୍ରଭୁ
ଦିଅ ଏ ପାଦରେ ବଳ
ଯେତେ ଉଚ୍ଚେ ଗଲେ ସେତେ ପ୍ରତିଯୋଗୀ
ପାଦ ହୁଏ ଟମମଳ ।
ମନେ ଅସୁମାରୀ ଆଶା ଭରିଅଛି
ମନର ପିଞ୍ଜୁରା ତଳେ
ଆଖି ଭରିଅଛି ସ୍ୱପ୍ନର ସାଗରେ
ମୁଁ ସେହି ସାଗର କୂଳେ ।
ଏଇ ମୋ ଶରୀରେ ଦିଅ ହେ ଶକତି
ନଯାଏ ମୁଁ କେବେ ଥକି
ଥକି ଗଲେ ମୁହିଁ ଜାନେ ଦେବ କହି
ଲମ୍ବା ରାସ୍ତା ଅଛି ବାକି ।
ପଥ ପଛେ ହେଉ ଯେତେ କଣ୍ଟାଭରା
ପାଦେ ଦଳିଦେବି ତାକୁ
କଣ୍ଟା ପରେ ଫୁଲ ଅପେକ୍ଷା କରିଛି
ପଥେ ବାସ ଭରିବାକୁ ।
ବିନା କଷ୍ଟେ ପରା କୃଷ୍ଣ ମିଳେ ନାହିଁ
କଥାରେ ତ ରହିଅଛି
ବିନା ପରିଶ୍ରମେ ସଚକି ହୋଇବ
ଯେତେ ସ୍ୱପ୍ନ ଭରିଅଛି ।
ଘାତ ପ୍ରତିଘାତ ସବୁ ସହିଯିବି
ପଡିବାର ନାହିଁ ଡର
ଥରେ ପଡ଼ି ଥରେ ଉଠିବା ପାଇଁକି
ଆଶା ବାଡି ତୁମେ ମୋର ।
ତୁମକୁ ଆଶରି କର୍ମ କରୁଅଛି
ଫଳ ପାଇଁ ଚିନ୍ତା ନାହିଁ
କର୍ମ ଅନୁସାରେ ଫଳ ଦିଅ ତୁମେ
ତୁମେ ପରା ଭାବଗ୍ରାହୀ ।
ଏଇ ମୋ ଗୁହାରି କରୁଣା ସାଗର
ହେଉଥିବ ତୁମେ ସାହା
ତୁମରି ଆଶିଷେ ଚାଲୁଅଛି ମୁହିଁ
ଖୋଜି ମୋର ନୂଆ ରାହା ।

- o -

+୩, ଦ୍ୱିତୀୟ ବର୍ଷ କଳା
ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ଧର୍ମଶାଳା, ଡିଗ୍ରୀ ମହାବିଦ୍ୟାଳୟ

ସ୍ମୃତିରେ ସ୍ୱପ୍ନ

ଦିପ୍ତୀରେଖା ମଲ୍ଲିକ

କିଛି ସ୍ୱପ୍ନ ଅପସରି ଯାଏ ପଲକ ଖୋଲିଲେ,
କିଛି ସ୍ୱପ୍ନ ଅସମ୍ଭବ ଲାଗେ ଖୋଲା ପଲକରେ ।
ଉବୁଟୁବୁ ପ୍ରାଣେ ମୋର ଜୀବନର ସୁର,
ଜୁଡୁବୁଡୁ ମନ ମୋତେ କହେ ବାରମ୍ବାର,
ଖୋଜିଗଲେ ସେହି ମୋର ପୁରୁଣା ଦିନକୁ,
ମିଠା ସପନର ସ୍ୱାଦ ଛାଡି ନାହିଁ ତାକୁ ।
କେବେ ସେ ତ ଅବାସ୍ତବ କେବେ ପୁଣି ସତ,
କେମିତି ଚାଲିବି ବାଟ ଧରି ତାର ହାତ ।
ଫେରିବାକୁ ଆଉ ମନ ବୋଲେ ନାହିଁ ତାକୁ,
ଜୀବନ ଜାଇବି ପୁଣି ହରାଇ ସ୍ୱପ୍ନକୁ ।
ସବୁ ଚାଲିଗଲେ ପ୍ରେମ ବୁଜୁଲାକୁ ଧରି,
ଗଦାଏ ସ୍ମୃତିକୁ ଦେଲେ ଆଜୁଳାରେ ଭରି ।
ସେ ସ୍ୱପ୍ନର ଲହରି ସବୁ ଆତତାୟୀ ସାଜି,
ସମୟର ସାଥେ ସାଥେ ସ୍ୱପ୍ନ ଗଲା ହଜି ।
ନା ଥିଲା ପ୍ରତାରଣା ନା ମନେ ଛଳନା,
ସ୍ୱପ୍ନ ଦେଖିବାକୁ ଏଠି କାହାକୁ ବା ମନା ।
ସବୁବେଳେ ସ୍ୱପ୍ନ ତ ହୁଏ ନାହିଁ ସତ,
ନୀରବ ଓଠରେ କେବେ ଫୁଟେନା ତ ହସ ।

- o -

+୩ ୩ୟ ବର୍ଷ ଉଭିଦ ବିଜ୍ଞାନ
ମୁକୁନ୍ଦପାଡ଼ ଡିଗ୍ରୀ ମହାବିଦ୍ୟାଳୟ

ଚାରାଟିଏ ଆଜି ଦୁମ ହୋଇଛି

ପ୍ରଗତୀ ମିଶ୍ର

କୋଉଠୁ କେଜାଣି ଦିନେ ଲାଲୁ ଫୁଲୁ ବଣମଲ୍ଲୀ ଚାରା ପାଇଲେ
ସାଙ୍ଗସାଥୀ ଡାକି ଚାରାକୁ ରୋପିବେ ବୋଲି ମନେ ମନେ ଭାବିଲେ ।
ଜୟଦେବ ଆସି ଗାତ ଖୋଳିଦେଲା ଅର୍ନ୍ତଯ୍ୟାମୀ ଦେଲା ରୋଇ
ରୁଦ୍ର ଆଉ ରାନୁ ପାଣିଆଣି ଚାରା ମୂଳେ ଢାଳି ଦେଲେ ଯାଇ ।
ଖୁସି ହୋଇ ପଦ୍ମନାଭ ସେ ଚାରାର ଚାରିପଟେ ବାଡ ଦେଲେ
ଘଡ଼ ଜଅଁଳନ୍ତେ ପ୍ରମୋଦେ ପ୍ରମୋଦ ବୈଜ୍ଞାନିକ ସାର ଦେଲେ ।
ଅନିମେଶ, ବାଟି, ଗବୁପର୍ଣ୍ଣା, ରଶ୍ମିତା, ମାମାଲି, ପୂଜା
ସରୋଜ ବାବୁଙ୍କ ପ୍ରଚାର ପ୍ରସାର ମଧୁସ୍ମିତା ଧରେ ଧ୍ୱଜା ।
ସ୍ୱାସ୍ଥ୍ୟ ସଚେତନ କରାନ୍ତି ନିହାର, ପ୍ରଦୀପ ଆଲୋକ ଦିଏ
ପ୍ରଭାତ, ଅଜୟ, ମନୋରଞ୍ଜନଙ୍କ ହାତ ମଥାପରେ ଥାଏ ।
ଆଭା, ଗୁଡିଙ୍କର ସୁନାମରେ ପୁଣି ବାସ ଭରେ ବଣମଲ୍ଲୀ
ପ୍ରତିଭା, ତାହାର ଦିନୁ ଦିନ ବ୍ୟାପେ ମହକଇ ପୁରପଲ୍ଲୀ
ବଣମଲ୍ଲୀ ବାସ ଘରେ ଘରେ ପ୍ରତି ହୃଦେ ବସାଇବା ପାଇଁ
ସରୋଜ, ସୁନିଲ, ଦମୟନ୍ତି ଆଉ ତନ ଫ୍ରିଡ୍ ଏକ ହୋଇ ।
ସୁବ୍ରତ, ଅନିଲ,ସୁଶାନ୍ତ, ଅତୁଳ, ଇନ୍ଦ୍ରାପ୍ରିୟା ଆଉ କାହ୍ନୁ
ସହଯୋଗ ଭରା ହାତ ବଢ଼ାଇଲେ ବଢ଼େ ବଣମଲ୍ଲୀ ତନୁ ।
ହାପୁ,ବୁନା ପରି ଉଚ୍ଚ ଶିକ୍ଷିତଙ୍କ ଆଦର୍ଶକୁ ଧେୟ କରି
ପୁଣି ବଣମଲ୍ଲୀ କହେ ହଲି ହଲି ଯାଆନାରେ କେହି ଡରି ।
ରଜପରବର ଶେଷଦିନେ ପୁଣି ଜନମ ଦିନଟି ତାର
ବଣମଲ୍ଲୀ ବାସେ ମହକି ଉଠଇ ଆମ ବୃନ୍ଦାବେଇପୁର ।
ବାବୁନି, ସୁଧୀର, ପ୍ରଫୁଲ୍ଲ, ସିଦ୍ଧାନ୍ତ, ସଭିଙ୍କର ଯୋଗଦାନ
ପ୍ରଭୁଙ୍କ ପଦରେ ପ୍ରଣତି କରୁଛି ସହିଥାଉ ସବୁଦିନ ।
ପ୍ରଗତି ପଥରେ ଆମ ବଣମଲ୍ଲୀ ଚାରାରୁ ଦୁମ ହୁଅଇ
ହାତଧରି ସର୍ବେ ଆଗେଇ ଚାଲିବା ହାତ କେ ଛାଡିବା ନାହିଁ ।

- o -

ବୃନ୍ଦାବେଇପୁର ଶାସନ

ସରଗପୁର

ସୁଜିତ କୁମାର ପଣ୍ଡା

ଛୋଟ ଅଗଣାରେ ଘରଟି ମୋର
ଘର ନୁହେଁ ସେତ ସରଗପୁର ।
ଘରର ମୁରବି ମୋ ଜେଜେବାପା
ସାହ୍ୟଯ୍ୟ କରନ୍ତି ମୋ ବୋଉ ବାପା ।
ରାତି ଚାରିଟାରୁ ବୁଢ଼ୀ ମା ଉଠେ
ନିତ୍ୟ କର୍ମ ସାରି କରେ ପୂଜାଟେ ।
ଭାଇ ଭଉଣୀଏ ଆମେ ଦିଓଟି
ସକାଳୁ ଉଠୁଛୁ ଭାରି ଝଟଟି ।
ପାଠପଢ଼ି ସାରି ଖେଳୁଛୁ ଆମେ
ସଞ୍ଜ ହେଲେ ଯାଉ ମନ୍ଦିର ଧାମେ ।
ପାଠପଢ଼ି ବଡ଼ ମଣିଷ ହେବୁ
ଘରର ମହତ ଟେକ ରଖିବୁ ।
ଏମିତି ହୋଇଲେ ସଭିଁଙ୍କ ଘର
ଘର ପାଲଟିବ ସରଗପୁର ।

- o -

ଦଶମଶ୍ରେଣୀ
ସ୍ୱପ୍ନେଶ୍ୱର ଉଚ୍ଚ ବିଦ୍ୟାଳୟ, ଓଡିଶୋ, ଯାଜପୁର

ଆମ ପରିବେଶ

ସତ୍ୟଜିତ୍ ମଲ୍ଲିକ

ଆମ ପରିବେଶ ଆମ ହାତରେ
ସବୁଜ ଶ୍ୟାମଳା କରିବା ତାହାକୁ
ପୃଥିବୀ ଦେଖିବା ନୂଆ ରୂପରେ
କଳକାରଖାନା ସବୁ ଗଢ଼ିବା
ନିୟମ ସବୁକୁ ମାନିବା
ଗାଁ ଗାଁ ବୁଲି କହିବା ଆମେରେ
ଆମ ପରିବେଶ ଆମ ହାତରେ
ପାଣିକୁ ଛାଣି ଆମେ ପିଇବା
ଶୁଦ୍ଧ ବାୟୁଟିକେ ପାଇବା
ଗାଁ ଗାଁ ବୁଲି କହିବା ଆମେରେ
ଆମ ପରିବେଶ ଆମ ହାତରେ
ଆମ ଏ ପୃଥିବୀ ଏକ ପରିବାର
ସୁଖରେ କାଟିବା ଦିନରେ
ଆମ ପରିବେଶ ଆମ ହାତରେ ।

- o -

ଦଶମ ଶ୍ରେଣୀ
ସ୍ୱପ୍ନେଶ୍ୱର ଉଚ୍ଚ ବିଦ୍ୟାଳୟ, ଓଡିଶୋ, ଯାଜପୁର

ପ୍ରକୃତ ସ୍ୱର୍ଗ

ଶୁଭାଶିଷ ଧୀର

ସ୍ୱର୍ଗରେ ଅଛନ୍ତ ଇନ୍ଦ୍ର ହୋଇ କୁଳପତି,
ମର୍ତ୍ୟରେ ଅଛନ୍ତି ଗାଳା ହୋଇଣ ନୃପତି ।
ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ତ୍ରିଦେବ ସ୍ୱର୍ଗରେ,
ଗୁରୁ ଆମ ତିନି ଦେବ ବସୁଧା ଧାମରେ ।
ପାରିଜାତ ସ୍ୱର୍ଗେ ଇନ୍ଦ୍ର ବାଟିକେ ଫୁଟିଛି,
ମର୍ତ୍ୟରେ ନନ୍ଦିନୀ ଧରା ଶୋଭା ବଢ଼ାଉଛି ।
ପିତାମାତା ଯୋଗାଅନ୍ତି ପ୍ରେରଣା ଆମକୁ,
ଫଳ ପୁଷ୍ପ ସୁରଭିରେ ସଜାଏ ଧରାକୁ ।
ପ୍ରଜାପତି ପୁଷ୍ପ ଚାରିପାଖରେ ବୁଲଇ,
ଜୋଜିଳ ଅଛଇ ମର୍ତ୍ତେ ବାଗେଶ୍ୱରୀ ହୋଇ ।
ବ୍ରହ୍ମପ୍ରିୟ ହଂସିନୀ ମାନସ ସରୋବରେ,
ସ୍ୱର୍ଗ ସମ ମନେହୁଏ ଧରା ବୈକୁଣ୍ଠରେ ।
ଗାତ ଗାଏ ବିହଙ୍ଗମ ନାଚଇ ମୟୁରୀ,
ଯେତେ ଆସେ ନଭ ନୀଳ ବାଦଲକୁ ଧରି ।
ବନ୍ଧୁଥାଏ ଯିଏ ନୂଆ ଜୀବନ ବଚାଏ,
ଜୀବନର ସୁଖେ ଦୁଃଖେ ପାଖେ ପାଖେ ଥାଏ ।
ଗାଆଁର ଗହଳୀ ପୁଣି ତାହାରି ସେନେହ
ଦୁଃଖ ପଡିଥିଲେ ଯିଏ ପୋଛିଦିଏ ଲୁହ ।
ସୁରଲୋକ ଠାରୁ ଏହି ବସୁଧା ସୁନ୍ଦର,
ମୋହ ପାଇଁ ଅଟେ ଏହା ସ୍ୱର୍ଗର ମନ୍ଦିର ।
ଧରା ଅଟେ ସ୍ୱର୍ଗ ଆମ ପୃଥ୍ୱୀବାସୀ ପାଇଁ
ମଲେ ମିଶିଯିବି ମର୍ତ୍ତ୍ୟେ ଚିର ନିଦ୍ରେ ଶୋଇ ।

- o -

ବଳରାମପୁର ଗଡ଼, ଯାଜପୁର

ସମ୍ପର୍କ - ଏକ ସମର୍ପଣର

ସରୋଜ ଜେନା

ସମ୍ପର୍କ...
ସମ୍ପର୍କ ସେତ ଏକ ସୁନେଲି ସୂତା ଖଣ୍ଡର
କେବେ ଯୋଡିଯିବ ପୁଣି କେବେ ଛିଡିଯିବ,
ହେଲେ ଆମର ଏମିତି ଏକ ଅମ୍ଳାନ ସମ୍ପର୍କର ବନ୍ଧନ
ଯାହା ସୃଷ୍ଟି ଅନ୍ତ ଯାଏ ରହିଥିବ ।
ଦିନେ ସମ୍ପର୍କର ହାତଟେ ବଢ଼ାଇଥିଲି ତୁମ ଆଡ଼େ
ସବୁ ମୋର ସୃଜନ ଅନୁଭୂତିକୁ ବାଣ୍ଟିବାକୁ
ତୁମ ହାତ ଧରି ବାଟ ଚାଲୁଥିବି ଏହି ଭାବନାରେ,
ପ୍ରତିଟି ପରିକଳ୍ପନାକୁ ହୃଦୟଙ୍ଗମ କରିବାକୁ ।
ହୃଦୟର ଭେରଁ ଏକ ଗଭୀରତମ ପ୍ରଦେଶରୁ
ତୁମକୁ ଆପଣେଇ ନେବା ପାଇଁ ବନ୍ଧୁ,
ନିଜର ଅବ୍ୟକ୍ତ ପରିଭାଷାକୁ ବଖାଣିବାକୁ,
ଆଉ ତା' ସହ ଜଡିତ ସମସ୍ତ ଚିନ୍ତା ଚେତନା ପରିବ୍ୟାପ୍ତ ପାଇଁ ।
ପରିଶେଷେ କରେ ଅଭିଳାଷ ମୁହିଁ ପ୍ରଭୁ
ତୁମ ଶ୍ରୀଚରଣେ ଜାଣିଚାଏ ସ୍ଥାନଦେବା ନିମନ୍ତେ,
ଆଉ ସେଥିପାଇଁ ନିଜକୁ ମୁଁ କରିସାରିଛି ପୂର୍ଣ୍ଣ ସମର୍ପଣ,
ବିଲୀନ ହେବାକୁ ତୁମ ଠାରେ ମୋର ସକଳ ଅସ୍ତିତ୍ୱ ।

- o -

ସହକାରୀ ଶିକ୍ଷକ
ସରକାରୀ ମା' ସିନ୍ଦୁରାଇ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ପାଖର

ମାଆର ମମତା

ସ୍ୱର୍ଣ୍ଣପ୍ରଭା ପାଣିଗ୍ରାହୀ

ମାଆର ମମତା ସରଗଠୁ ବଡ଼
ଜୀବନର ବଡ଼ ସୁଖ
ଯାହା ଭାଗ୍ୟେ ନାହିଁ ମାଆର ମମତା
ମୂଲ୍ୟହୀନ ଲକ୍ଷେ ସୁଖ ।
ମାଆର ଡାକରେ କି କୁହୁକ ଅଛି
କେବେ ବୁଝି ନ ପାରିଲି
ଦିନେ ନ ଧରିଲେ ତୁଣ୍ଡେ ମାଆ ନାମ
ଦିନ ସାରା ଲାଗେ ଖାଲି ।
ସ୍ନେହ ମମତାର ଅସରନ୍ତି ଖଣି
ହୃଦେ ଦୟା କ୍ଷମା ଭରା
କଥା ସବୁ ଲାଗେ ଭାରି ମନ ଲୋଭା
ହସ ତା ମୁକୁତା ଝରା ।
ପାଇବାର ଆଶା ରଖେ ନାହିଁ କେବେ
ସଦା ବାଣ୍ଟି ଚାଲିଥାଏ
ଅତି ଆପଣାର ମା'ଟି ଆମର
ତା ପରି ହେବରେ କିଏ ।
ବାପାଙ୍କ ମାଡରୁ ବଞ୍ଚାଇବା ପାଇଁ
ବାହୁରେ ନିଏ କୋଳେଇ
ଶହେ ଦୋଷ ଥିଲେ ସନ୍ତାନ ଦୋଷକୁ
ପଣତେ ଦିଏ ଘୋଡାଇ ।
ଜନମ ପରେ ସେ ଦୁନିଆ ଦେଖେଇ
ପ୍ରଥମ ଗୁରୁ ହୋଇଲା
ହାତ ଧରି ସିଏ ଚାଲିବା ଶିଖେଇ
ପଥ ମୋର ଆରମ୍ଭିଲା ।

ଅମୃତଭରା ତା ସ୍ନେହ ମମତାକୁ
ପ୍ରତିକ୍ଷଣ ବାଣ୍ଟି ଦେଇ
ନିଃସ୍ୱାର୍ଥପରତା ଭଲ ପାଇବାରେ
ଜୀବନ ଦିଏ ବିତାଇ ।
ମାଆର ଡାକରେ କି କୁହୁକ ଅଛି
କେବେ ବୁଝି ନ ପାରିଲି
ଦିନେ ନ ଧରିଲେ ତୁଣ୍ଡେ ମାଆ ନାମ
ଦିନ ସାରା ଲାଗେ ଖାଲି ।
ଅନ୍ତର ବେଦନା କେବେ ସେ କହେନା
ବାଣ୍ଟି ଚାଲେ ସଦା ଖୁସି
ମଥା ପାତି ସବୁ ଦୁଃଖ ସେ ସହଇ
କେବେ ତ ଯାଏନା ରୁଷି ।
ସଭିଙ୍କର ନିନ୍ଦା ଅପବାଦ ସହି
ନିଜ ଦାୟିତ୍ୱକୁ ବହେ
ଯେତେ ବାଧା ବିଘ୍ନ ଆସିଲେ ଜୀବନେ
ପ୍ରାଣ ଦେଇ ଯତ୍ନ ନିଏ ।
ଶ୍ରୀ ଜଗନ୍ନାଥଙ୍କ ଚରଣେ ଗୁହାରି
ଏତିକି ଦୟା କରିବେ
ମାଆ ମମତାରୁ ଊଣା କରିବେନି
କେଉଁ ସନ୍ତାନକୁ କେବେ ।

- ୦ -

+୩ ଦ୍ୱିତୀୟ ବର୍ଷ (କଳା)
(ରାଜନୀତି ବିଜ୍ଞାନ ବିଭାଗ)

ଅଧାରେ ଆଧାର

ପ୍ରଫୁଲ୍ଲ କୁମାର ଦାଶ

ସକାଳଟାରୁ ଶରଧା ଅପା ଅଠା ଫଳରେ ଜରିଛି ସପା
ସମ୍ବଲପୁରୀ ଶାଢ଼ୀ ଯେମିତି ସାତ ସାଇତା ଟ୍ରଙ୍କ ରଖା ।
ସଅଳ ଯିବ ଧାଡି ବାନ୍ଧିବ ଆଧାର କାମ ହୋଇଛି ଅଧା
ପାଞ୍ଚରେ ଦେଲେ ଚାରୋଟି ଶୂନ ପାଞ୍ଚ ବରଷେ ମିଳିବ ପିଧା ।
ସୁଜା ସୁବୁଦ୍ଧି ଗେରସ୍ତ ଚାର, ଶଙ୍ଖ ଫୁଙ୍କିବା ବେଉସା ଯାର
ଧୂଆ ପତର ଫିକାକୁ ଧରି ଅଣ୍ଡେ ଟାଣର ଅରକୁ ଥର ।
ଖପା ହୋଇଲା ଅପା କହିଲା ଧିକ ମରଦ ପଣିଆ ଚୋର
ଶଙ୍ଖକୁ ବାନ୍ଧି ସାଲୁକନାରେ ସଂଘାରେ ରଖି ବଂଶୀଧର ।
ସୁଭଦ୍ରା ଟଙ୍କା କିସ୍ତି ମିଳିଲେ ନ ଜରି ସଂଖ୍ୟା ହାଟକୁ ଯିବା
ବଂଶୀକିଣିବା ପଦୁଅଁ ଫୁଲେ ପୂଜା କରିବା ପଞ୍ଚମୁଖୀ ହନୁମନ୍ଦିରେ ।
ପଞ୍ଚଭାଇନା ପଞ୍ଚ ଉପଚାରେ ସିନ୍ଦୂର ମାରି କରିବ ପୂଜା ଶୁଦ୍ଧ ମନରେ
ଫୁଙ୍କିବା ଶିଖ ବଂଶୀପରଖ ଗେଡ଼ାକୁ ଛାଡି ଲମ୍ବାକୁ ଧର
ଗନ୍ଧମର୍ଦ୍ଦନୁ ମର୍ଦ୍ଦଳ ବାଜେ ତାଳେ ନାଚିବା ସବୁର କର
ଓଡ଼ିଶା ସାରା ସିନ୍ଦୂର ମରା ହେଲାଣି ପରା ପଦୁଅଁ ଚାଖ
ହାତକୁ ଟେକି ଭକୁଆ ଭଳି ସରିବ ସବୁ ଯିବୁରେ ନାଶ ।
ପଲଟୁ ରାମ ଯେଉଁଠି ମାଲ ସେଇଟା ଧାମ ଦିନେ ବସନ୍ତ
ରାତ୍ର ବାସନ୍ତି ମନେ ପାଆନ୍ତି ବଡ ଅଭାଗା ବଡ଼ ଅଶାନ୍ତ
ସୁଲୁସୁଲିଆ ପବନ ସେବା କୁଆଡ଼େ ଗଲା ମାଉଁସଖିଆ ।
ଜ୍ୟୋତିଷ ଚଷା ବ୍ରାହ୍ମଣୁ ପୋଷା କି ଲୋକ ହସ ମୁହଁରେ ନିଆଁ ।
ଦକ୍ଷିଣୀ ହାୱା କରିଲା ମାୟା ଭଳ ଲୋକଟା ହୋଇଲା ବାୟା ।
ମାରି ଖାଇଲେ ଅଠା ବୋଳିଲେ ଦୂଷିତ କଲେ ପବିତ୍ର କାୟା
ହାତମିଳାରେ କି ସୁଖିଥିଲା - ହେଲିକାପ୍ଟର ଜଳିଙ୍ଗ ବୁଲା
ବସିଥା ଘରେ ଫୁଙ୍କୁଥା ଶଙ୍ଖ ଚାରୁ ପମ୍ବର ବିକି ମସଲା
କାଳିଆ ଗଲା ଭଦ୍ରା ଆସିଲା ଅପେକ୍ଷା କର ହଳଧରକୁ
ସୁଦରଶନ କଲାଣି ମନ ମାରି ସାରିବ ଦୁରୁ ମୁହାଁକୁ
ପିଆଳ ନନା ଘର ପୋଡିଗଲା ପଛକୁ ଅନା ଦେଖୁଛି ସବୁ ଜଗା ଭାଇନା
ଅବାଟ ଭୁଲ, ବାଟରେ ଚାଲ ସବୁ ଓଡିଆ ପୁଜିବେ ପିନା ।

- o -

ସ୍ୱୟଂସହା

ସୁଚିତ୍ରା ସାମଲ

ମିଳିଥିଲା ଦିନେ ସଭିଙ୍କୁ ସ୍ୱାଧୀନତା
ହେଲେ ହୋଇ ପାରିଲେନି ଆମେ ସ୍ୱାଧୀନ
ଘର ରାସ୍ତାଘାଟ ଅବା ସବୁ ପରିବେଶ
ଆମକୁ ଚାହେଁ ଫେଡି ନୟନ ।
ପ୍ରାଚୀନ ଜାଳରୁ ନବୀନ ହେଲା
ନାରୀଟିଏ ଖାଲି ଆୟରେ ରହିଲା
ଗାଡ଼ ନାଲି ଆଖି ତା' ଉପରେ ପଡିଲା
ପୁଣି ଜେ ଲୋଲୁପ ଦୃଷ୍ଟି ପକାଇଲା ।
ଭୋଗ ବିଳାସର ଥିଲା ନିର୍ଜୀବ ବସ୍ତୁ
ଏବେ ଆପେ ସନ୍ତୁଳନ କରିବା
ନାରୀର ଉଚିତ ହକ୍ ପାଇଁ
ସବୁ ନାରୀ ମିଶି ସଂଘର୍ଷ କରିବା ।
ସମୟ, ଆସିଛି ଲଢ଼ିବା ଆମେ
ପଛଘୁଞ୍ଚା ନଦେଇ ଆଗେଇ ଯିବା
ସାମ୍ନାରେ ଆସିଲେ ଦୁଷ୍ଟ ଦୁରାଚାରୀ
ନିର୍ଭୟରେ ସଂହାର କରିବା ।
ଆମେ ସାଜିଥିଲେ ଲକ୍ଷ୍ମୀ ପାର୍ବତୀ
ଏବେ ଦ୍ରୌପଦୀ ସାଜି ସଂକଳ୍ପ ନେବା
ସାଜି ମହିଷାମର୍ଦ୍ଦିନୀ ଆଉ ମହାକାଳୀ
ଦୁଷ୍ଟ ବିନାଶନ ଆମେ କରିବା ।
ଆମେ ନୁହଁନ୍ତି ଦୁର୍ବଳା ଅବଳା
ଆମେ ସଭିଏଁ ଶକ୍ତି ମୂରୁତିଣୀ
ନୋହୁଁ ଜେବେ କୂପ ମଣ୍ଡୁକ ପରି
ଅଟୁ ଆମେ ମହା ଅସ୍ତ୍ର ଧାରିଣୀ ।
ସେ ପର୍ଯ୍ୟନ୍ତ କରିବୁ ଆମେ ସଂଘର୍ଷ
ଯେ ଯାଏଁ ହକ୍ ଛଡାଇ ନ ଆଣିବୁ
ନାରୀ ବୋଲି ନାର୍ଯ୍ୟ ଭିକ୍ଷା ନ କରି
ସ୍ୱବଳେ ସ୍ୱାଧୀନ ଆମେ ଯେ ହେବୁ ।

- o -

ଘାସିବର, ଜେନାପୁର, ଯାଜପୁର

ଓଡ଼ିଶାର ସଂସ୍କୃତି

ଭାଗ୍ୟଶ୍ରୀ ପଲେଇ

ମଧୁର ଯାହାର ପାଣି ପବନ
ମଧୁର ଯାହାର ଭାଷା
ନାମ ଯା ମଧୁର ଧାମ ବି ମଧୁର
କେତେ ମଧୁର ଓଡ଼ିଶା ।
ଯା ମାଟି ପବିତ୍ର ଧରି ଜଗନ୍ନାଥ
ଚଉଦ ଗୁଚନ ପଟି
କୋଣାର୍କ ଯାହାର ଆଜିବି ଗାଉଛି
ଜଜ୍ଜ୍ୱଲ୍ୟ କଳାକୀର୍ତ୍ତି ।
ନାହିଁ ଯେଉଁଠି ଜାତି ଅଜାତି
ସବୁ ଗୋଟିଏ ଧର୍ମ
ଭାଇ ଭାଇର ସମ୍ପର୍କ ରକ୍ଷି
କରି ଯାଉଛନ୍ତି କର୍ମ ।
ହିଂସା, ଈର୍ଷାର ଚ ନାହିଁ ଏଠି ସ୍ଥାନ
ନାହିଁ ପୁଣି ଗର୍ବର,
ଖୁସି, ସ୍ନେହ, ଶ୍ରଦ୍ଧା ବାଣ୍ଟି ଦେର ସର୍ବେ
ପଭିଙ୍କୁ କରେ ନିଜର ।
ମଧୁର ଯାର ଜଳା ଗୌରବ
ପବନ ଗାଏ ଯା ଗୀତି,
ଛନ୍ଦ, ଓଡିଶାରେ ମନ ନାଚିଯାଏ
ଧନ୍ୟ ଓଡିଶା ସଂସ୍କୃତି ।
ପଦ୍ମର କେଶର ପରି ଏ ଉତ୍କଳ
ରାଉତରେ ଅଛି ରହି,
ଓଡ଼ିଶା ସଂସ୍କୃତି, ଓଡ଼ିଆ ଭାଷାର
ତୁଳନୀୟ ନୁହେଁ କେହି ।
ଆହାଜି ସୁନ୍ଦର ଓଡ଼ିଆ ପଖାଳ
ପୋତପିଠା, ରସଗୋଲା
ଅବଢ଼ା ପାଙ୍ଗକୁ ଟଙ୍କ ତୋରାଣୀକୁ
ଭୁଲି କେ ପାରିଛି ଭଲା ।

ଦୋଳ, ରଥଯାତ୍ରା, ହୋଲି, ଦଶହରା
ବାରମାସେ ତେର ଜାତ
ନାନା ପରମ୍ପରା ଓଡ଼ିଶା ସଂସ୍କୃତି
ସାରା ବିଶ୍ୱରେ ବିଖ୍ୟାତ ।
ଓଡ଼ିଶାର ଭାଷା, ଓଡ଼ିଆ ଜିଞ୍ଜାପା
ଉଚ୍ଚତର ଉଚ୍ଚଗୁଣ,
କଳାର ନିଖୁଣ, ଜ୍ଞାନର ଭଣ୍ଡାର
ବିବେକରେ ସର୍ବୋତ୍ତମ ।
ସାରଳା ବାପଙ୍କ ଚଣ୍ଡୀ ପୁରାଣ,
ପୁଣି ବିଜଳା ରାମାୟଣ,
ମହାଭାରତ ସେ ଓଡ଼ିଆରେ ଲେଖି
ଭାଷାକୁ ଦେଲେ ସମ୍ମାନ ।
ଓଡିଆ ଗଛ, ଓଡିଆ କାବ୍ୟ
ଆଉ କବିତା ଚିତାମୃତ,
ଲେଖିଯାଇଛନ୍ତି ଗୋପବନ୍ଧୁଙ୍କ ପରି
କେତେ ଓଡିଆର ସୁତ ।
ବାଳି ରାଉତରୁ ଲକ୍ଷ୍ମଣ ନାୟକ
ଇଂରେଜଙ୍କୁ ନକରି ଭୟ
ଜାତି ପାଇଁ ସେତ ପ୍ରାଣବଳି ଦେଇ
ଦେଲେ ଓଡିଆର ପରିଚୟ ।
ଧନ୍ୟ ତୁ ଓଡିଶା, ଧନ୍ୟ ତୋ ଗୌରବ
ଧନ୍ୟ ତୋ କଳାକୃତି
ଚରଣେ ତୋର କୋଟି ପ୍ରଣାମ
ଧନ୍ୟ ଓଡିଶା ସଂସ୍କୃତି ।

– o –

ଅଷ୍ଟମଶ୍ରେଣୀ
କେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ

ମୋ ଓଡ଼ିଶା

ପ୍ରିୟଙ୍କା ପ୍ରିୟଦର୍ଶିନୀ ଶତପଥୀ

ଯା ଚରଣ ଧୁଏ ମହୋଦଧି ନୀର
ଯା ମୁକୁଟ ଦେଓମାଳି ।
ସ୍ୱପ୍ନ ପ୍ରସୂତ ଓଡିଶା ଦେଓମାଳି
ସନ୍ତାନ ମୁଁ ଭାଗ୍ୟଶାଳୀ,
ସନ୍ତାନ ମୁଁ ଭାଗ୍ୟଶାଳୀ ।
ଯା ମାଟି ପବିତ୍ର ଧରି ଜଗନ୍ନାଥ
ଚଉଦ ଭୁବନ ପତି ।
କୋଣାର୍କ ଯାଇ ଆଜିବି ଗାଉଛି
ଉତ୍କଳୀୟ କଳା କୀର୍ତ୍ତି
ଉତ୍କଳୀୟ କଳା କୀର୍ତ୍ତି ।
ସବୁଜ ବନାନୀ ଧରି ମୋ ଜନନୀ
ଅପରୂପା ଶୋଭାମୟୀ
କେତେ ନଦ ନଦୀ ପାହାଡ଼ ଝରଣା
ନେଉଛନ୍ତି ମନ ମୋହି
ନେଉଛନ୍ତି ମନ ମୋହି ।
ସମ୍ବଲପୁରର ପାଟ ମନୋଲୋଭା ।
ମନୋଲୋଭା ରଙ୍ଗବତୀ
ମନୋଲୋଭା ରଙ୍ଗବତୀ ।
ଜୟ ଓଡିଶାରେ ମନ ନାଚି ଯାଏ
ଭରି ଯାଏ ଭାବପ୍ରୀତି
ଭରି ଯାଏ ଭାବପ୍ରୀତି ।
ଓଡିଆ ପଖାଳ ଓଡିଆ ତାଲମା
ତା'ର ଛେନାପୋଡ ରସଗୋଲା
ତା' ଅଭଡା ଅନ୍ନ ଥରେ ଯେ ଚାଖିଛି
ଭୁଲି ପାରିଛି କି ଭଲା
ଭୁଲି ପାରିଛି କି ଭଲା ।
ଭାଷା ତା' ମଧୁର ସ୍ନେହ ତା ମଧୁର
ମଧୁର ତା' ପାଣି ପବନ
ମଧୁର ତା ନାମ ମଧୁର ତା' ଧାମ
ତା' ପାଦେ କୋଟି ପ୍ରଣାମ
ତା' ପାଦେ କୋଟି ପ୍ରଣାମ ।

- o -

ନବମ ଶ୍ରେଣୀ
ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ

ଆସ ପିଲା ଆମେ ବିଦ୍ୟାଳୟ ଯିବା

ପ୍ରିୟଦର୍ଶିନୀ ପାତ୍ର

ଆସ ପିଲା ଆମେ ବିଦ୍ୟାଳୟ ଯିବା,
ପାଠ ପଢ଼ି ଭଲ ମଣିଷଟେ ହେବା ।
ପାଠ ପଢ଼ି ଆମେ ଶିକ୍ଷିତ ହୋଇଲେ,
ଭଲ ମଣିଷରେ ଆମେ ଗଣା ହେବା ।
ଆସ ପିଲା ଆମେ .....।୦।
ଶିକ୍ଷକମାନଙ୍କ ସ୍ନେହ ଆଦରରେ
ଆଗ୍ରହ ବଢ଼ାଇବା ପାଠ ପଢ଼ାରେ ।
ଖେଳକୁଦ ଭୁଲି ଆଗକୁ ବଢ଼ିବା,
ଚାଲ ସବୁପିଲା ଆମ ଭବିଷ୍ୟତ ଗଢ଼ିବା ।
ଆସ ପିଲା ଆମେ .....।୧।
ମନ ଧ୍ୟାନ ଦେଇ ଏବେ ଚାଲ ଆମେ ପଢ଼ିବା
ନିଜ ଦେଶକୁ ନିଜ ହାତରେ ଗଢ଼ିବା ।
ଶିକ୍ଷକମାନଙ୍କ ଆର୍ଶିବାଦ କାମନା କରିବା,
ଆମ ଦେଶ ଓ ଜାତିର ଆମେ ଟେକ ରଖିବା ।
ଆସ ପିଲା ଆମେ ବିଦ୍ୟାଳୟ ଯିବା
ପାଠ ପଢ଼ି ଭଲ ମଣିଷଟେ ହେବ ।୨।

- o -

ଅଷ୍ଟମ ଶ୍ରେଣୀ, ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ

କିଏ ତୁମେ... ?

ସ୍ମିତିପ୍ରଜ୍ଞା ସାହୁ

ଭାଙ୍ଗିବା ଆଉ ଯୋଡିହେବା ତ
ଦୁନିଆଁର ରୀତିମତ ନାଟକ ମଣିଷର
ଏମିତି କିଏ ଅଛି ଯିଏ କେବେ ଭାଙ୍ଗିନାହିଁ
ନା ଏମିତି କିଏ ଅଛି ଯିଏ ଭାଙ୍ଗିବା ପରେ
ନିଜକୁ ଗୋଟି ଗୋଟି କରି, ଆଉ ଥରେ ଯୋଡି ନାହିଁ
ଆଉ ପୁଣି ଯୋଡିହେବା ପରେ ପୁନଶ୍ଚ ଭାଙ୍ଗିନାହିଁ।
ଏମିତି କିଏ ଅଛି ଯିଏ ଲୁହରେ କେବେ ଓଠ ଓଦା କରିନାହିଁ
ନା ଏମିତି କିଏ ଅଛି ବହିଯାଉଥିବା ଲୁହକୁ
ନିଜେ ନିଜ ହାତରେ ପୋଛି ନାହିଁ!!
ତେବେ ମୋ ଭାଙ୍ଗିବା ଯୋଡ଼ିହେବାରେ
ପୁଣି ଲୁହ ପୋଛି, ହସି, ସବୁ ସହିବାରେ
ଅସ୍ପଷ୍ଟ ରହିଲା କେଉଁଠି ଯେ, ତୁମେ ପଚାରୁଛ ଆଜି
କିଏ ତୁମେ ?
ମଣିଷ ନା ଦେବୀ!!
ଏମିତି କିଏ ଅଛି ଯିଏ କେବେ
ଜହ୍ନ ଆଉ ତାରା ଆଖିରେ, ଆଖି ମିଶେଇ ସ୍ୱପ୍ନ ଦେଖିନାହିଁ
ନା ଏମିତି କିଏ ଅଛି ଯାହାର ସ୍ୱପ୍ନ କେବେ ଭାଙ୍ଗିନାହିଁ
ସ୍ୱପ୍ନ ଗଢ଼ି ସ୍ୱପ୍ନ ଭାଙ୍ଗିଯିବା ତ ଅତି ସାଧାରଣ
ସବୁ ସ୍ୱପ୍ନ ସତ ବି ତ ହୁଏନା,
ସବୁ ଅଧା ସ୍ୱପ୍ନ ଆଉ ଥରେ ବି ତ ଦେଖି ହୁଏନା
ଭାଙ୍ଗିଯାଏ ବୋଲି ସ୍ୱପ୍ନ ଦେଖିବା ବି ତ କେହି ଛାଡେନା।
ଏବେ ମୋ ସ୍ୱପ୍ନ ଭାଙ୍ଗିଯିବା ପରେ,
ମୁଁ ଆଉ ଥରେ ସ୍ୱପ୍ନ ଦେଖିବାରେ
ଏତେ ଅଲୌକିକ କଣ ଯେ
ତୁମେ ପଚାରୁଛ ଆଜି
କିଏ ତୁମେ ?
ସାହସୀ ନା ନିର୍ଭୀକ !
ଏମିତି କିଏ ଅଛି ଯିଏ କେବେ ନିଜ ଭିତରେ ଟିକେ ସରିନାହିଁ
ଏମିତି କିଏ ଅଛି ଯିଏ ସରିଯିବା ପରେ
ଆଉଥରେ ଭରିହୋଇ ପାରିନାହିଁ
ଶରତ ସରିଗଲେ କାଶତଣ୍ଡି ହସେନି ଆଉ
ରାତିଟିଏ ପାହିଗଲେ ଗଙ୍ଗଶିଉଳି ବାସେନି
ପୁଣି ସେଇ ସରିବା ଆଉ ଗୋଟିଏ ଆସିବାର ଅପେକ୍ଷା
ଭାଙ୍ଗେ, ଗଢ଼େ, ଯୋଡେ, ବିଗାଡ଼େ
ସହେ, ଅସହ୍ୟ ହୁଏ,ତରେ ପୁଣି ନିର୍ଭୟରେ ଜିଏଁ
ନିଜର ଅନ୍ତରାତ୍ମାରୁ ଝଡ଼ରେ କେହି କୁହେ,
ମୁଁ ନାରୀ... ମୁଁ ନାରୀ... ମୁଁ ନାରୀ... ।

- o -

ଉତ୍କଳ

ମା

ଲୋପାମୁଦ୍ରା ଶତପଥୀ

ଯାହା ବିନା ସୃଷ୍ଟି ନାହିଁ, ଜୀବନର ଅର୍ଥ ନାହିଁ,
ଏଭୂତିଶାଳେ ବୁକୁ ଚିରି ତାର ଜନମ ଦିଏ,
ବିବାହ ବେଦୀରେ ପୁଣି ଅନ୍ୟକୁ ସମର୍ପି ଦିଏ,
ମା ପରାସିଏ,
ଭୋକକୁ ମାରି ସେ ଆମକୁ ଖୁଆଏ,
ସବୁ ଅଳି ଆମ ପୂରଣ କରି ମନକୁ ନିଜର ବୁଝାଏ,
ଗାଳି କରେ ସିନା ସେ ଅଝଟ ହେଲେ,
ଆଉଁସି ଦିଏ ଆଗ ଝୁଣ୍ଟି ପଡିଲେ ।
ସହିଯାଏ କେତେ ଦୁଃଖ, ଯାତନା, ଅପମାନ,
ମିଳୁ ବୋଲି ଆମକୁ ଉଚ୍ଚ ସମ୍ମାନ ।
ଆଶିଷ ଥିଲେ ତାର ମୋ ମଥା ଉପରେ
ଜିତିଯିବି ସବୁ ବାଜି ବିପଦ ଯେତେ ବି ଆସିଲେ ।
କନ୍ୟା ରୂପେ ଗର୍ଭ ତା'ର ମତେ କରିଛି ସେ ଜାତ,
ମଲା ଯାଏ ଗାଇବି ମୁଁ ତା'ର ମହତ,
ଜଗନ୍ନାଥଙ୍କ ପାଖେ ପ୍ରାର୍ଥନା କରିବି,
ସବୁ ଜନ୍ମେ ତା'ର ଝିଅ ହୋଇ ଜନ୍ମ ନେବି ।

- o -

ଅଷ୍ଟମ ଶ୍ରେଣୀ
ନାରାୟଣ ଶୋଭନୀୟ ଶିକ୍ଷାଶ୍ରମ

ବଡ଼ ବିଚିତ୍ର ହୋ ତୁମେ ଜଗନ୍ନାଥ

ସୁତିଶ୍ରୀ ଶତପଥୀ

ବଡ଼ ବିଚିତ୍ର ହୋ ତୁମେ,
ଚଳା ଚକା ଆଖି ଅଧା ଓଠ ପଲକ ନାହିଁ ।
କାନ ନାହିଁ ଅଧା ହାତ କିନ୍ତୁ ବିଶାଳ ଭୁଜ,
ଲୋକେ ତୁମ ପାଇଁ ପାଗଳ ।
ତୁମର ଗୋଟିଏ ଝଲକ ପାଇବାକୁ ସମସ୍ତେ ଆତୁର ।
ଆହା ତୁମେ ତୁମକୁ ଗଢ଼ିଛ ।
ନା କାହା ହାତରେ ଗଢ଼ାଇ ଦେଇଛ,
ତୁମ ତୋଗା ନ ଲାଗିଲେ ତୁମକୁ କେହି ଛୋଟି ପାରିବେନି ।
ତୁମକୁ ମାଗିଲେ ତୁମେ ଦିଅନି ଗାଲେଇ କି ରହିଯାଅ
ଆଉ ନ ମାଗିଲେ ତୁମେ ଥାଳ ଭରିଦିଅ ।
କେଡ଼େ ବିଚିତ୍ର ହୋ ତୁମେ
କୁଆଡେ ତମକୁ ଚାହିଁଲେ କେହି ରଚି ପାରିବେନି ।
କିନ୍ତୁ ତୁମେ ନିଜେ ଚାହିଁଲେ ନିଜେ ନିଜେ ରଚି ହୋଇଯାଅ,
ନା କେବଳ ନାମକୁ ମାତ୍ର ଦୁଃଖହାରୀ ବୋଲି
ତୁମକୁ କଣ ବୁଝି ହୁଏ ସମସ୍ତେ ସବୁ କରନ୍ତି ବୋଲି ଭାବନ୍ତି ।
ହେଲେ ତୁମ ଅଦୃଶ ହାତଟା ପରା ସବୁ କରାଏ
ଜଗନ୍ନାଥ ତମେ ସଂପୂର୍ଣ୍ଣ ବ୍ରହ୍ମାଣ୍ଡର ମାଲିକ ।
ସେଥିପାଇଁ ତ ତମ ନାଆଁ ଜଗନ୍ନାଥ, ଜଗତର ନାଥ ଜଗନ୍ନାଥ,
ତମେ ତ ସବୁକିଛି ତୁମେ ହିଁ ଦାରୁ, ତୁମେ ହିଁ ପରମ ବ୍ରହ୍ମ
କେଡେ ବିଚିତ୍ର କଥା ହୋ ତୁମର,
ମୁଁ ପାରିବିନି ମୁଁ ତୁମକୁ ବୁଝିପାରିବିନି ।
ତୁମକୁ କେହି ବୁଝି ପାରିବେନି,
ତୁମେ ବଡ ବିଚିତ୍ର ।

- o -

ନବମ ଶ୍ରେଣୀ
କେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ

ହାତ ଠାରି ଡାକେ ମୋ ଗାଁ

ମଧୁସ୍ମିତା କବି

ମନ ଛାତି ଗଲା ସହତ ଟୁ ମୋର
ଗାଁ କଥା ମୋର ମନେ ପଡେ
ସକାଳ ହୋଇଲେ ଅମାନିଆ ମନ
ମୋ ଗାଁ ଆକାଶରେ ଉଡେ ।
ରୋଜଗାର ନିଶା ଘାରିଥିଲା ଦିନେ
ଗାଁକୁ କରିଲିପର
ପିଲାଛୁଆ ଧରି ସହରକୁ ଗଲି
ଭୁଲିଲି ମାର କୋଳ ।୨।
ମାଟି ମା ମୋହ ଆଜି ଡାକେ ମତେ
ଫେରିଆ ଫେରିଆ କହି
ବୟସ ସରିଲା ଆୟୁଷ କମିଲା
ଆଉ ଧନ ଲୋଭ ନାହିଁ ।୩।
ଗାଁ ନଈକୂଳ ବରଗଛ ମୂଳ
ମୋ ଗାଁ ମଶାଣି ଭୂଇଁ
ଆଜି ମନେ ପଡେ ହୃଦୟ ବିଦାରେ
ଲୁହ ଧାର ଯାଏ ବହି ।୪।
ମାଟିର ମମତା ଦିଏ ଆଜି ବ୍ୟଥା
କାହା ଆଗେ ପାରୁନି କହି
ସହର ଚଳନି ମନ ମୋ ବୁଝୁନି.
ଅନ୍ତର ଆତ୍ମା କାନ୍ଦୁଥାଇ ।
ଗାଁ ଚାଳଘର ବାଡି କୂଅମୂଳ
କାକି ଗାଈ ମିଠାକ୍ଷୀର
କୁଟା ଜଳା ଚୁଲି ବିଶି ମୁଗ ଡାଲି
ଶିଳବଟା ପିଠା ସର ।
ପଖାଳ ଶୁଖୁଆ ପାଖେ ଖଟାଖୁଆ
ବଡ଼ି ବାଇଗଣା ଚୁରା
ମଣ୍ଡା ଗଇଁଠାରେ ଆଳୁ ପାରୁ ଉର୍ଦ୍ଦା
ନଥାଏ ତୁଣ ଲୋଡ଼ା ।
ମୁକ୍ତ ଜଳ ବାୟୁ ମିଳେ ମାଗଣାରେ
ସହରେ ପବନ କିଣା ।
ଗାଁ ମାଟି ମୋର ହାତଠାରି ଡାକେ
ସେହି ମୋ ଶେଷ ଠିକଣା ।

- o -

ଜେନାପୁର

ପିତା ମାତା ଏ ଆମରି ଠାକୁର

ମଧୁସ୍ମିତା ପଲାଇ

ଆମ ପାଇଁ ସ୍ୱର୍ଗ ଆମ ମାତା ପିତା
ତାଙ୍କ ପଦେ ଆମେ ଚିରୋପକୃତ
ପିତା ମାତା ଲାଗି ଦୁନିଆ ଦେଖିଛୁ
ସେହି ଦୁନିଆ ବୁକୁରେ ସ୍ନେହମୟୀ ଦାତା ।
ଦଶ ମାସ ଦଶଦିନ ଗର୍ଭେ କଷ୍ଟ କରି ବହୁତ
ଦେଖେଇଛନ୍ତି ଆମକୁ ଦୁନିଆଁ
ତାଙ୍କ ସ୍ନେହଭରା କରୁଣା ବଳରେ
ସବୁ କ୍ଷେତ୍ରରେ ଆମେ ଆଗୁଆ ।
ପିତା ମାତା ପରି ସ୍ନେହ କରୁଣା
କେଁ ନାହିଁ ଏ ଦୁନିଆରେ
ହାତ ଧରି ଆମକୁ ବାଟ ଚଲାଇଛନ୍ତି
ଝୁଣ୍ଟି ଗଲେ ପଡିଗଲେ କୋଳେଇଛନ୍ତି ।
ଦୁନିଆରେ ଖାଲି ମାତା ପିତା ଥିଲେ
ଆମ ପାଇଁ ଆଉ କିଛି ଲୋଡ଼ା ନାହିଁ ।
ପିତା ମାତା ଏ ଆମରି ଠାକୁର ।

- o -

ଅଷ୍ଟମ ଶ୍ରେଣୀ
ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ

ତଥାପି ମୋ ଗାଁ ହସୁଛି

ଗାୟତ୍ରୀ ବେହେରା

ଲଙ୍ଗଳ ନାହିଁ କି ହଳିଆ ନାହିଁ
ଅମଳ ପାଇଁ କି ଖଳାଟେ ନାହିଁ
ରଖିବା ପାଇଁ କି ଅମାର ନାହିଁ
ସବୁଚ ବଦଳି ଯାଇଛି
ତଥାପି ମୋ ଗାଁ ହସୁଛି ।
ସକାଳ ହୋଇଲେ ରାବୁନି କାଉ
ପିଢ଼ା ନାହିଁ ଆଉ ମାଡିବ ଲାଗି
ଚାଷ ହେଉ ନାହିଁ ଉଜାରେ ଆଉ
ଖାଆନ୍ତିନି କେହି ମାଣ୍ଡିଆ ଜାଉ
ସେସବୁ ପୁରୁଣା ହୋଇଛି
ତଥାପି ମୋ ଗାଁ ହସୁଛି ।
ନଥାଉ ପଛକେ ଗୋଠରେ ଗାଈ
କଅଁଳା ଚାହୁରୀ ନଥାଉ ତେଣ୍ଡଁ
ପୋଖରୀରେ ପଛେ ନଫୁଟୁ କଇଁ
ଶୋତା ସିନା ହଜିଯାଇଛି
ତଥାପି ମୋ ଗାଁ ହସୁଛି ।
ଗାଆଁ ପୁଅ ପଛେ ସହର ଯାଉ
ପାଠ ପଢ଼ି ପଛେ ବେକାର ହଉ
ବିଷଖାଇ ପଛେ ଚାଷୀଟା ଶୋଉ
ଚାଷ ବାସ ପଛେ ଉଜୁଡି ଯାଉ
ଶାଢ଼ୀ ଛାଡି ପଛେ ଜିନ୍ସ ନାଉ
କାହାର କଣ ଯାଉଛି
ତଥାପି ମୋ ଗାଁ ହସୁଛି ।

ରଙ୍ଗରେ ଆଜ ଲାଗୁନି ଦୋଳି
ଚାଡି ନାହିଁ ଆଉ ହୋଇବ କୋଳି
ପିଠା ପଣା ନାହିଁ ଉଳିକି ଭଜି
ବଗିଚା ନାହିଁ କାହିଁ ଆସିବ ମାଳି
ସବୁସିନା ସ୍ମୃତି ହେଇଛି
ଜମିବାଡି ପଛେ ପଡୁ ପଡିଆ
ତଥାପି ମୋ ଗାଁ ହସୁଛି ।
ପ୍ଲାଷ୍ଟିକ ଜରିରେ ଭରୁ ଗାଡିଆ
ହେଲେ ହେଉ ପଛେ ଯେତେ ଅଳିଆ
ଲାଗି ରହିଥାଏ ଗଣ୍ଡଗୋଳିଆ
ଗାଆଁ ପଛେ ଯେତେ ନିନ୍ଦା ପାଉ
ତଥାପି ମୋ ଗାଁ ହସୁଛି ।
ନାହିଁ ହାଣ୍ଡିଶାଳ ନାହିଁ ବେଢ଼ା ପିଣ୍ଡି
ମୁଣ୍ଡ ନାହିଁ ଖାଲି ପଡିଛି ଗଣ୍ଡି
ତଥାପି ପ୍ରେମରେ ରଖିଚି ବାନ୍ଧି
କର୍ପୂର ଭଳି କନା ପଡିଛି
ତଥାପି ମୋ ଗାଁ ହସୁଛି ।

- o -

(ନବମ ଶ୍ରେଣୀ)
ଦୁର୍ଗାଶଙ୍କର ବିଦ୍ୟାପୀଠ, କୃଷ୍ଣପଡ଼ା

ସମୟ

ଲିପ୍‌ସା ସାମଲ

ଆଦିମ କାଳର ତୋର ଆଦେଶ
ସୂର୍ଯ୍ୟ ହୁଏ ସିନା ଅସ୍ତ
ଦେବତା ହେଲେ ବି ହୋଇ ସେ ମାନବ
ସବୁ ତୋ ପାଖେ ଦାସ ।
ସମୟ ସାଥେ ବଦଳି ଯାଏ
ଦିନ ମାସ ବର୍ଷ .
ଆସି ଚାଲି ଯାଏ ସେ
ଋତୁକୁ କରିସେ ହର୍ଷ ।
ସମୟ ସରି ସରି ଯାଉଛି
ତା ଦାଟରେ
ଜୀବନର ସବୁ ମୁହୂର୍ତ ସରିଯାଉଛି
ତା ସାଥିରେ ।
ସମୟ ଏମିତି ଯେ
କାହାକୁ ଅପେକ୍ଷା କରେ
ଖରା, ବର୍ଷା, ଶୀତ
କାହାକୁ ମାନେନି ।
ଟିକିଟିକି ହୋଇ ବାଜୁଥାଇ ସଜା
କାହାକୁ ନ କରି ଭୟ
ନିୟତି ନୁହେଁ ତୋର ଅପେକ୍ଷା
ସବୁଠୁ ବଡ ତୁ ସମୟ ।

- o -

ଦଶମ ଶ୍ରେଣୀ ଛାତ୍ରୀ
ଗୁରୁକୁଳ ପରକାରୀ ଇଚ୍ଚ ବିଦ୍ୟାଳୟ, ସିଂହାପୁର

ଆମ ବିଦ୍ୟାଳୟ

ରୁଦ୍ର ନାରାୟଣ ନାୟକ

ଗୁରୁଜୀ ଗୁରୁମା ଦେବ ଦେବୀପରା
ବିଦ୍ୟାଳୟ ମୋ ମନ୍ଦିର
ତାଙ୍କ ଉପଦେଶ ଜାରି ଉପକାରୀ
କରେ ଚରିତ୍ର ସୁଧାର ।
କୁହନ୍ତି ଆମକୁ ଭଲ କାମ କର
ଦେଖାନ୍ତି ସେ ସତ ପଥ
ବିଦ୍ୟାଦାତା ସେତ ଶିଖାନ୍ତି ଆମକୁ
ନିତି କେତେ ନୂଆଁ ପାଠ ।
ଆମେ ସବୁ ତାଙ୍କ ହିତ ଉପଦେଶ
ମାନି ରହିବା ସର୍ବଦା
ଦେବତାଙ୍କୁ ଉପଯୁକ୍ତ ସନମାନ
- ଜଗତେ ନାମ ରଖିବା ।
ବାପା, ମାଆ, ଗୁରୁ ଗୁରୁଜନଙ୍କ କଥା ମାନି ରହୁଥିବ
ସତ୍ୟପଥେ ସର୍ବଦା ଆମେ ଚାଲିଥିବା କେବେ ମିଛ ନ କହିବ ।
ଦୁନିଆରେ କିଛି ଭଲ କାମ କରି
ଜିତିବା ସବୁରି ମାନ ।
ପର ଉପକାର ସେବା ମନ ଭାବ କରିବା ବିଶ୍ୱ କଲ୍ୟାଣ
ବିଦ୍ୟାଳୟ ଆମ ସରଗ ସମାନ ରଖିବା ତାରି ମାନ ।
ମନ ଦେଇ ପାଠ ପଢ଼ିବା ସହିତ
ଜଗତେ ହେବା ମହାନ ।

- o -

ନବମ ଶ୍ରେଣୀ

ଘର ଆମ ସରଗପୁର

ରୁପାଲି ବେହେରା

ଝାଟିମାଟି ଘର ଚାଳଛପର
ଖରା ବରଖାକୁ ନାନ୍ଦିଁ ତା' ଡର ।
କେତେ ସହିଲାଣି ଝଡ଼ି ବରଖା
ତଥାପି ଦଉଛି ଆଶ୍ରା ଭରଷା ।
ମୋ' ଘରେ ଅଛନ୍ତି ମୋ ବାପା ମା'
ବିପଦେ ଆପଦେ ଆମରି ସାହା
ହାତ ଧରି ମୋତେ ଶିଖାନ୍ତି ଚାଲି
ତାଙ୍କ ସାଥେ ଯାଏ ବାହାର ବୁଲି ।
ବୁଢ଼ୀମା' ପାଖରେ ନିତି ବସେ
ଗପକଥା କହି ମନ ହରଷେ ।
ଖାଇବା ଦରବ ମା' ପରଷେ
ଖାଉ ତାକୁ ଆମେ ଅତି ସରସେ ।
ଅଗଣାରେ ଗଛ ଲାଗିଛି ଜେତେ
ଫୁଲ ଫୁଟିଅଛି କି ରଂଗେ ସତେ ।
ଘର ଅଗଣାଟି କେତେ ସୁନ୍ଦର
ସତେ ଘର ଆମ ସରଗପୁର ।

- o -

ନବମ ଶ୍ରେଣୀ
ଗୁରୁକୁଳ ସରକାରୀ ଉଚ୍ଚ ବିଦ୍ୟାଳୟ

ମୋ ଭାଷା

ଶ୍ରଦ୍ଧାଞ୍ଜଳୀ ମହାଲିଙ୍ଗ

ଓଡିଆ ଲେଖିବା ଓଡିଆ ପଢ଼ିବା
ଓଡିଆ ମୋ ମାତୃଭାଷା
ମା' ପରି ମୋର ଅତି ଆଦରର
ତା'ର କୋଳେ ମୋର ଭରସା
କେତେ ଯେ ମଧୁର ତା ଶବ୍ଦ ସମ୍ଭାର
ମନକୁ ଆନନ୍ଦ ଦିଏ ।
ହରପେ ଓଡିଆ ଆବୃତ୍ତି କରିଲେ
ଓଠକ ଶୋଷ ଭୁଲି ଯାଏ
ମଧୁବାଗିଷ୍ଟର ଡାକରେ ଓଡିଆ
ଲଙ୍ଘି ଗଲେ ସପ୍ତ ସିନ୍ଧୁ
ଜନ୍ମମାଟି ତୋର ବିଜୟେ କାନ୍ଦୁଛି
ଉଠରେ ଓଡିଆ ବନ୍ଧୁ ।

- o -

ଦଶମ ଶ୍ରେଣୀ
ଗୁରୁକୁଳ ସରକାରୀ ଉଚ୍ଚ ବିଦ୍ୟାଳୟ, ସିଂହାପୁର

ହେ ମୋର କଲମ

ଶ୍ରୀୟା ସାଧନା ଦଳାଇ

ହେ ମୋର କଲମ ! ଚିର ବିପ୍ଳବୀ, ହେ ଚିର ମୌନୀ କହ ।
ସାଥି ଥିଲ ଅବା ଜୀବନେ ଜୀବନେ ଯୁଗେ ଯୁଗେ ଅହରହ ।
ମୂଲ୍ୟ ତୁମର କେତୋଟି ପରସା, ତନୁ ତବ ଦୁବ ଦୁର୍ବଳ ।
ଥରାଇଟ କେତେ ହୃଦ - ମନ୍ଦିର, ବନ୍ଧୁର ଧରାତଳ ।
ଆଜି ଏତେବେଳେ ବନ୍ଦୀ କି ତୁମେ ପ୍ରାକ୍ତନ ଉତ୍ତନେ ?
ଜାଗ୍ରତ କର, ଉଦ୍ୟତ କର ଏ ମଡା ଜାତିକି ଥରେ
ଅତି ଆପଣାର ବନ୍ଧୁ ହେ ମମ, ଅତି ବିଶ୍ୱାସୀ ସଖା,
ତୁମର ତୀକ୍ଷ୍ଣ ମୁନରେ ଫୁଟିଛି, କେତେ ମୋର ମନଲେଖା ।
କରି ମୁଖରିତ କେତେ ପୁରତନ, ବରିତ ଆମର ଯଶ
ଧରିତ ଅଳାଜ ଧରଣୀ ବୁକୁରେ କେତେ ସୁଧା, କେତେ ବିଷ
ଆଜି ଏତେବେଳେ ହେ କଲମ ! ବାରେ ଚର୍ ଚର୍ ଚର୍ ଚାଲ
ଜାଗ୍ରତ କର, ଉଦ୍ୟତ କର, ମୁକ୍ତି ଦୁଆର ଖୋଲ ।

- o -

ନବମ ଶ୍ରେଣୀ
ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ

ମୋ ଗୁରୁ

ସଙ୍ଗୀତା ସେଠୀ

ହେ ବିଶ୍ୱବିଧାତା ତୁମେ ପ୍ରାଣ କର୍ତ୍ତା
ତୁମେ ପରା ମହାମେରୁ
ସାଧିବ ବିକାଶ ବିଚାର ବିମର୍ଶ
ପାଇଁ ଗଢ଼ି ଦେଲେ ଗୁରୁ ।
ଗୁରୁଜୀ ଗୁରୁମା ଦେବା ଦେବୀ ପରି
ବିଦ୍ୟାଳୟ ମୋ ମନ୍ଦିର
ତାଙ୍କ ଉପଦେଶ ଭାରି ଉପକାରୀ
କରେ ଚରିତ୍ର ସୁଧାର ।
ମାଆ ଅଟେ ମୋର ପ୍ରଥମ ଗୁରୁ ଯେ
ଶିଖେଇଛି ପରାଚାଲି ।
ଶିକ୍ଷା ନଭିବାକୁ ବିଦ୍ୟାଳୟ ଗଲି
ପାଇଲି ଅନେକ ଗୁରୁ
ଅଧ୍ୟୟନ ସାଥେ ଚେତନା ବିକାଶେ
ଆଗନିଲା ସେଇଠାରୁ ।
ଯାହାବି ପାଇଛି ଯାହାବି ଶିଖିଛି
ସବୁ ଗୁରୁଙ୍କର ଦାନ
ତାଙ୍କ ପାଦ ତଳେ ନତ ମସ୍ତକ ଯେ
ରଖିବି ତାଙ୍କର ନାମ ।

- o -

ନବମଶ୍ରେଣୀ
ଗୁରୁକୁଳ ସରକାରୀ ଉଚ୍ଚ ବିଦ୍ୟାଳୟ
ସିଂହାପୁର

ଜୟ ଜଗନ୍ନାଥ

ମଧୁସ୍ମିତା ଖଟୁଆ

ଜଗନ୍ନାଥ ତୁମେ ପରବ୍ରହ୍ମ
ଧନ୍ୟ ତୁମ ପାଇଁ ପୁରୀ ଧାମ
ଜଗନ୍ନାଥ ତୁମେ ବାସୁଦେବ
ତୁମେ ତ ଭକ୍ତ ବାନ୍ଧବ
ତୁମେ ହିଁ ତ ପ୍ରଭୁ ହୃଷିକେଶ
ଭକ୍ତ ଜନଙ୍କ ବିଶ୍ୱାସ
ତୁମେ ହିଁ ପ୍ରଭୁ ବିଶ୍ୱରୂପୀ
ସକଳ ହୃଦୟେ ଅଛ ବ୍ୟାପୀ
ଧନ୍ୟ ତୁମ ପାଇଁ ବଡଦାଣ୍ଡ
ବାର ମାସେ ତୁମ ତେର ଯାତ
ପତାକା ତୁମର ପୁଣି ପତିତ ପାବନ
ପତିତ ଉଦ୍ଧାର କର ହେ ଚକାନୟନ
ବିଶ୍ୱସ୍ରଷ୍ଟା ତୁମେ ଅଟ ଆହେ ବିଶ୍ୱନାଥ
ତୁମ ଆଜ୍ଞାରେ ସୃଷ୍ଟି ଏ ସାରା ଜଗତ
ଅପୂର୍ବ ଲୀଳା ତୁମର ପ୍ରଭୁ ଜଗନ୍ନାଥ
ଫରଫର ଉଡୁଥାଉ ସଦା ତୁମ କେତ ।

- o -

ସପ୍ତମ

ଗୁରୁକୁଳ ଅଟେ ଆମ ବିଦ୍ୟାଳୟ

ଜ୍ୟୋତି ଦାସ

ଓଡିଶା ରାଇଜେ ଜିଲ୍ଲା ଯାଜପୁରେ
ଅଛି ଆମ ବିଦ୍ୟାଳୟ ।
ଶିକ୍ଷାର ସେ ଏକ ଅଟଇ ମନ୍ଦିର
ବିଦ୍ୟାରତ୍ନର ଆଳୟ ।
ପ୍ରଥମ ଶ୍ରେଣୀରୁ ଦଶମ ଯାଏଁ
ଏଠାରେ ପିଲାଙ୍କୁ ପାଠ ପଢ଼ାଯାଏ ।
ଦିଗ୍‌ଦର୍ଶନୀୟ ଭାବେ ଏହା ତୁଳନୀୟ
ଗୁରୁକୁଳ ଅଟେ ଆମ ବିଦ୍ୟାଳୟ ।
ପିତାମାତା ପରି ଏଠି ଗୁରୁଜୀ ଗୁରୁମା
ପାଠ ପଢ଼ାରେ କରନ୍ତି ନାହିଁ ପରଆପଣା
ଦୁଷ୍ଟ ହେଲେ ସେ ଶାସନ କରନ୍ତି ।
ଅବାଟକୁ ଗଲେ ସେ ବାଟ ଯେ ଦେଖାନ୍ତି
କେତେ ପ୍ରତିଯୋଗିତା ହୁଏ ମହାଆନନ୍ଦରେ
ଛାତ୍ରଛାତ୍ରୀ ଯୋଗ ଦିଅନ୍ତି ସେଥିରେ
ପରିବେଶ ତା'ର ଅତି ଶୋଭନୀୟ
ଗୁରୁକୁଳ ଅଟେ ଆମ ବିଦ୍ୟାଳୟ ।
ଜାତୀୟ ଦିବସ କେତେ ହୁଏ ଯେ ପାଳନ
ଛାତ୍ରଛାତ୍ରୀ ତ୍ରିରଙ୍ଗାକୁ ଦିଅନ୍ତି ସମ୍ମାନ
ଏଠାକାର ପରିବେଶ ଅଟେ ଶୋଭନୀୟ
ଗୁରୁକୁଳ ଅଟେ ଆମ ବିଦ୍ୟାଳୟ ।

- o -

ଗୁରୁକୁଳ ସରକାରୀ ଉଚ୍ଚ ବିଦ୍ୟାଳୟ
ସିଂହାପୁର

ତୁମେ ନିଶ୍ଚେ ଦିନେ ଖବର ପାଇବ

ନିରାଞ୍ଜନ ସାହୁ

ତୁମେ ଦିନେ ନିଶ୍ଚେ ଖବର ପାଇବ
ମୁହିଁ ଯାଇଅଛି ମରି
ସେଦିନ ନିଶ୍ଚୟ ଲୁଚେଇ କାନ୍ଦିବ
ଲୁହଧାର ଯିବ ଝରି ।
ଯେତେ ରାଗଗୁଷା , ଅଭିମାନ ଥିବ
ସହଜେ ମିଳାର ଯିବ
ରାଗିଲେ, ରୁଷିଲେ କଅଣ ହୋଇବ
କେଉଁ କଥା ବାକି ଥିବ
ମୁହିଁ ତ ନଥିବି ଏହା କୁଝିବାକୁ
ଯାଇଥିବି ପର କରି ।
ମୁଣ୍ଡ ଧୋଇ ଟିକେ ଗାଧୋଇ ପଡ଼ିବ
ଯେଦିନ ଦଶାହ କର୍ମ
କେହି କଣେ ଆପଣାର ଚାଲିଗଲା
ମୋ କହିବା କଥା ମର୍ମ
ସତ୍ୟଟାକୁ କିନ୍ତୁ ଗୋପନ ରଖିବ
ସମାଜ ଆଖିକୁ ଡରି ।
ଡରିଡନି କେବେ ଡରାଇବି ନାହିଁ
ଭୂତ ମୁହିଁ ହୋଇଗଲେ
ରାତିରେ ଏକାକୀ ଜମା ଶୋଇବନି
ଯେତେ ବି ସାହସ କଲେ
କାଳେ ଯଦି ମୋତେ ସପନେ ଦେଖିବ
ଭୟରେ ଉଠିବ ଥରି ।
ଭାବିନେବ ନିଜ ମନକୁ ବୁଝାଇ
ମୋ ରାସ୍ତାରୁ କଣ୍ଟା ଗଲା
ସବୁଠାରୁ ଭଲ ଏତେଦିନେ ହେଲା
ଡେରିରେ ଅତଶ୍ୟ ମଲା
ନିଷ୍ପଳଙ୍କ ହୋଇ ମନକୁ ବୁଝାଇ
ଚଞ୍ଚିବ ସତୀଙ୍କ ପରି ।

- o -

'ଓଡ଼ିଆ ଅସ୍ମିତା'

ପଦ୍ମଲୋଚନ ଜେନା

ମୋ ଓଡ଼ିଆ ଅସ୍ମିତା ହଜିଛି
କର୍ପୁର ନାହିଁ କନା ଖଣ୍ଡେ ପାଇଁ ବୃଥା ରାଜନୀତି ଚାଲିଛି
ମୋ ଓଡ଼ିଆ ଅସ୍ମିତା ହଜିଛି ।
ଚୁଲି ମୁଣ୍ଡେ ଆଉ ବୋଉ ରାନ୍ଧୁ ନାଇଁ
ଗ୍ୟାସରେ ରୋଷେଇ ଚାଲିଚି
ମୁଢି ମୁଆ ସବୁ ଚୁଲିକି ଗଲାଣି
ଆଈ ଖଇ ହାଣ୍ଡି ଭାଙ୍ଗିଛି
ମୋ ଓଡ଼ିଆ ଅସ୍ମିତା ହଜିଛି
କର୍ପୁର ନାଇଁ କନା ଖଣ୍ଡେ ପାଇଁ ବୃଥା ରାଜନୀତି ଚାଲିଛି
ମୋ ଓଡ଼ିଆ ଅସ୍ମିତା ହଜିଛି...
ବର୍ଣ୍ଣବୋଧଟିରୁ ବିଲେଇ ହଜିଲା
ହେଲେ ହରିଣବି ଧରା ଦେଇଛି
ଭାଷାଜ୍ଞାନ ଆଉ କି ହେବହେ। ବାବୁ ପୁଅ ଇଂରାଜୀ ରେ ୮୦
ଆଣୁଛି
ମୋ ଓଡ଼ିଆ ଅସ୍ମିତା ହଜିଛି କର୍ପୁର ନାହିଁ
କନା ଖଣ୍ଡେ ପାଇଁ ବୃଥା ରାଜନୀତି ଚାଲିଛି
ମୋ ଓଡ଼ିଆ ଅସ୍ମିତା.....

ମାଗୁଣି ଶଗଡ଼ ଉଇ ଖାଇଲାଣି
ଡୋଲୀ ଉଦର କେ ବୁଣୁଛି
ହଳ ପାଳ ସବୁ ଟ୍ରାକ୍ଟର ଜଗୁଚି
ବଳଦ କଂସେଇ ଖାଉଛି
ଶାଗୁଆଡି ଭାଗ ପତରେ ଆସୁନି
ପୁଅ ମଟନ ବଜାରୁ ଆଣୁଛି

ମୋ ଓଡ଼ିଆ ଅସ୍ମିତା ହଜିଛି
କର୍ପୁର ନାହିଁ.....।
ଗାଁ ଗହୀଗରେ ବିଲଡର ପଶିଲା
କଂକ୍ରିଟ ଜଙ୍ଗଲ ବଢୁଛି
ଭାଇଚାର ନାହିଁ ପାହି ପଡିଶାରେ
ନାତି ଆମ୍ବୁଲାନ୍ସରେ ଶବ ବୋହୁଛି
ଦଶ ଟୁଠେ ସବୁ ମଦରେ ବୁଡ଼ିଲେ
ପୁଅ ଲଣ୍ଡା ହେବା ନାହିଁ କହୁଛି
ମୋ ଓଡ଼ିଆ ଅସ୍ମିତା ହଜିଛି.....

ଜହ୍ନ ମାମୁଁଗପ ବୁଢୀମା କହୁନି
ନାତୁଣୀ ରାଲସ ରେ ଏବେ ମାତିଛି
ଘର କରଣା କି ଶିଖେଇବି ତାକୁ
ସେ ୟୁଟ୍ୟୁବ ରେସିପି ଦେଖୁଚି
ଗୀତ ରାମାୟଣ କି ଲୋଡ଼ା ଯେ ମୋର
ମୁଁ motivational ଭିଡ଼ିଓ ଦେଖୁଚି
ମୋଟିଭେସନାଲ୍
ଗୁରୁ ଗୁରୁଜନ କଥା କିଏ ଶୁଣେ
ମଡର୍ନ ଜମାନା ଚାଲିଛି
ମୋ ଓଡ଼ିଆ ଅସ୍ମିତା ହଜିଛି
କର୍ପୁର ନାହିଁ କନା ଖଣ୍ଡେ ପାଇଁ ବୃଥା ରାଜନୀତି ଚାଲିଛି ମୋ
ଓଡ଼ିଆ ଅସ୍ମିତା ହଜିଛି... ।

– ୦ –

ଫୁଲନଖରା, କଟକ

ବିଦାୟୀ ସୈନିକର ଦୁଃଖ

ନନ୍ଦିନୀ ରାଉତ

ଦେଶମାତୃକାର ସେବା କରିକରି
ପାଉଥିଲି କେତେ ଖୁସି
ଅବସର ବେଳା ଉପସ୍ଥିତ ହୋଇ
ଦୁଃଖ ଦେଉଅଛି ଲେସି ।

ଯୁଦ୍ଧର ଦୁନ୍ଦୁଭି ବାଜି ଉଠୁଥିଲେ
ଚାତି ଉଠୁଥିଲା ରକ୍ତ
ଶତ୍ରୁର ସଂହାର କରିବା ପାଇଁ ମୁଁ
ହୋଇଥିଲି ଦେଶଭକ୍ତ ।

ଭାରତ ମାତାର ସେବାର ସୁଯୋଗ
ହାତଛଡାହୁଏ ଆଜି
ଫରଚି ମନଟା କାହିଁକି କେଜାଣି
ଦୁଃଖରେ ଯାଉଛି ଭାଜି ।

ଘରେ ପିତାମାତା ପ୍ରିୟପରିଜନ
ଖୁସିରେ ଅଧିର ହୋଇ
ବାଟ ଚାହିଁଛନ୍ତି କେବେ ପହଞ୍ଚିବି
ପତ୍ନୀ ଅଛି ବାଟଚାହିଁ ।

କୁନିପୁଅ ଝିଅ ଅତି ସରାଗରେ
ଗହିଛନ୍ତି ବାଟଚାହିଁ
କେତେ ସାଙ୍ଗସାଥି ଛାତି ଚାଲିଯିବି
ଲୁହଧାର ଯାଏ ବହି ।


ଭାରତ ମାତାର ସେବାର ସୁଯୋଗ
ଆଉ ମୁଁ ପାଇବି ନାହିଁ
ସବୁଠାରୁ ପ୍ରିୟ ମାତୃଭୂମି ମୋର
ତା ଦୁଃଖ ପାରେନା କହି ।

ମଥାରେ ଲଗାଇ ବାଲିରେଣୁ ତାର
ପବିତ୍ର ମୁଁ ହେଉଥିବି
ଯେତେଦିନ ଥିବି ଏ ଧରାଧାମରେ
ଗୁଣମୁଁ ତାର ଗାଇବି ।

ଜୟ ଭାରତର ବନ୍ଦନା ଗାଇବି
ପ୍ରତି ପ୍ରଭାତରେ ମୁହିଁ
ତାର ଯଶଗାନ କରୁଥିବି ସଦା
ପବିତ୍ର ମାଟିରେ ରହି ।

- o -

ଅନୁଗୁଳ



ସୁନ୍ଦର ମୋ ପ୍ରିୟତମା

ମାନସ ସାହୁ

ଜାଦମିନୀ ତୁମ ରୂପର ମହକ
ବିମୋହିତ କରେ ଆଖିର ପଲକ
ଛମ୍ ଛମ୍ ତୁମ ପାଉଁଜିର ସ୍ୱର
ତରଙ୍ଗ ଖେଳାଏ ହୃଦୟ ରେ ମୋର
ତୁମକୁ ଦେଖିବାକୁ ମନ କାହିଁ ହୁଏ ବ୍ୟାକୁଳ ?
ଥିଲି ଏକାକାର ନୀରବ ନିଶ୍ଚଳ
ମୁରୁକି ହସିକି କରିଲ ବିଚଳ... ।୧ ।
ଥିଲି ମରୁଭୂମି ସଦା ପର୍ବତା
କଣେଇ ଚାହିଁକି କରିଦେଲ ଓଦା
ଅଷ୍ଟରଙ୍ଗୀ ତୁମ ଅଙ୍ଗାର ଲଚକ
ମନ କସ୍ତୁରୀ କୁ କରିଛି କୁହୁକ
ତୁମ କଥା ଭାବିଭାବି ହୋଇଯିବି କି ପାଗଳ ?
ଥିଲି ଏକାକାର ନୀରବ ନିଶ୍ଚଳ
ମୁରୁକି ହସିକି କରିଲ ବିଚଳ ।୨ ।
ଖୋସି ଦିଅ ଯେବେ କର୍ଣ୍ଣ କୋଣେ କେଶ
ବିନା ମଦିରାରେ ହୁଏ ମୁଁ ବେହୋସ
ଚାହିଁ ଦିଅ ଯେବେ ଓଢଣା ଆଡେଇ
ହୃଦୟ ଅଳିନ୍ଦକୁ ଦିଅ ଦୋହଲାଇ
ତୁମ ସହ ଯୋଡ଼ି ହେବ କି ମୋ ଭୂଗୋଳ ?
ଥିଲି ଏକାକାର ନୀରବ ନିଶ୍ଚଳ
ମୁରୁକି ହସିକି କରିଲ ବିଚଳ ।୩ ।

- o -

ଯନ୍ତ୍ରୀ, ଟାଟା ଷ୍ଟିଲ, କଳିଙ୍ଗନଗର

ଦୂର- ନିକଟ

ଦମୟନ୍ତୀ ପ୍ରଧାନ

କିଏ କହେ ତମେ ପଥର ତ ପୁଣି
କିଏ କହେ ତମେ ପାଣି,
ମୁଁ କହେ ଥରେ ପାଖରୁ ଦେଖିଯା
ତେବେ ତ ପାରିବ ଜାଣି ।
ଦୂର ପାହାଡ଼ ତ ଲାଗଇ ସୁନ୍ଦର
ମଣିଷର କଥା ଭିନ୍ନ,
ପାଖରୁ ଦେଖିଲେ ତା'କୁ ଜାଣିହୁଏ
ଛାଡ଼ିଯାଏ ମନେ ଚିହ୍ନ ।
ପ୍ରକୃତିରାଣୀ ସୁନ୍ଦର ଲାଗଇ
ଦୂରରୁ ତା'କୁ ଦେଖିଲେ ,
ଲୋକାରଣ୍ୟ ମଧ୍ୟେ ଅଛି କେ ଅନନ୍ୟ
ଜାଣିବ ନିକଟୁ ତା'କୁ ପଡ଼ିଲେ ।
ଜାଣିନି ଆଜି ମୁଁ କେଉଁଠି ଯେ ତୁମେ
ଦୂରେ ବା ଅଛ ନିକଟେ,
ତୁମ କଥା ବେଶୀ ମନେ ପଡ଼େ ଆଜି
ଛବି ଆଙ୍କେ ସ୍ମୃତି ପଟେ ।
ପୁଣି ତୁମ କଥା ଭାବେ ଅବିରତ
ଯେବେ ମୁଁ ରହେ ଏକାକୀ,
କଥା ହେଲେ ପଦେ ତୁମ ସହ ଥରେ
ନାନା କଥା ଯାଏ ଶିଖି ।
ଜୀବନ ରଙ୍ଗମଞ୍ଚେ ତୁମେ ଯେ ସୁନ୍ଦର
ପାଖରୁ ଅବା ଦୂରରୁ ,
କରୁଣାର ବର୍ଷା ଝରୁଥାଉ ସଦା
ତୁମ ହସ୍ତ ପଦାରବିନ୍ଦରୁ ।

- o -

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ,
ରେଭେନ୍ସା ବିଶ୍ୱବିଦ୍ୟାଳୟ

ପୁଣ୍ୟ ମାଟି ଭାରତ

କରସ୍ମିକା ସେଠି

ପୁଣ୍ୟ ମାଟି ମୋର ଜନମ ଭୂଇଁ ଯେ
ନାମ ତାର ଅଟେ ଭାରତ,
ନିଜ ବକ୍ଷେ ତାକୁ କୋଳେଇ ନେଇ ଯେ
ଧନ୍ୟ ହୋଇଛି ଏ ମରତ । (୧)

କେତେ ଯେ ସନ୍ତାନ ମାଆ ଅଟେ ଏକ
ନାହିଁ ଭେଦ ଜାତି ଧରମ, ବିଶ୍ୱେ ପରିଚିତ ଧର୍ମ ନିରପେକ୍ଷ
ଶ୍ରଦ୍ଧାରେ ନାହିଁ ତା ବିରାମ ! (୨)

ଅଟଇ ଭାରତ ଉଦାରତା ବୀର
କୋଳେଇ ନିଏ ଯେ ସଭିଙ୍କୁ,
ଭାତୃତ୍ୱର ସେହି ମୂଳମନ୍ତଟିକୁ
ଶିଖାଇ ଦିଏ ସେ ଆମକୁ । (୩)

ଭାରତର ମୂଳ ସଂସ୍କାର ଅଟଇ
ଅତିଥି ଦେବୋ ଭବ,
ଏହି ମନ୍ତଟିକୁ ବଜାୟ ରଖିଛି
ଏହାର ଅତୀତ ବୈଭବ । (୪)

ବରାବର ଦେଖି ଏ ପୁଣ୍ୟ ମାଟିର
ବିଦେଶୀ ଯେ ଆକର୍ଷିତ,
ଆସିଥିଲେ ସେ ଯେ ଏ ପୁଣ୍ୟ ମାଟିକୁ
କରିବାକୁ କଳଙ୍କିତ । (୫)

ପଣ କଲେ ବିଏ ପାରେନା କଳଙ୍କି
ଭାରତ ଯେ ପୁଣ୍ୟ ଭୂଇଁ,
ଭାରତର ଟେକ ବଜାୟ ରଖିବା
ଆମେ ସବୁ ଏକ ହୋଇ । (୬)

ସ୍ୱଚ୍ଛତା ପଥରେ ଚାଲିଛି ଭାରତ
ନିଷ୍ପଳକ ହେବା ପାଇଁ,
ଚାଲିଛୁ ଚାଲିବୁ ଏହି ପଥେ ଆମେ
ଥକିବୁ ଯେ କେବେ ନାହିଁ । (୭)

ପୁଣ୍ୟ ଭାରତରେ ଜନମ ହୋଇଛୁ
ଜୀବନ ଆମର ଧନ୍ୟ, ଭାରତର ନାଁ ସାର୍ଥକ କରିବୁ
କଳଙ୍କକୁ କରି ଶୂନ୍ୟ । (୮)

- ୦ -

ସ୍ଥାନ - ବ୍ରହ୍ମପୁର
ମୋ- ୭୦୬୪୦୭୭୬୫

ସୁପ୍ତ ଉତ୍କଳ

ଗୌତମ ସାମଲ

ଉଠରେ ଉଠରେ ଉତ୍କଳ ସନ୍ତାନ
ଲଠିବୁ ତୁ ଆଉ କେବେ
ହଜି ଯାଉଛି ତୋ ଉତ୍କଳଗୌରବ
ତାକୁ ଖୋଜିବୁ ତୁ କେବେ ?(୧)

ତୋ ପୂର୍ବ ପୁରୁଷ ଗଢିଥିଲେ ପରା
ବିରାଟ ଉତ୍କଳ ଖଣ୍ଡ
ଆଜି କିଆଇବୁ ଏତେ ପଛୁଆରେ
ଖୋଜୁଅଛୁ ମାନ ଦଣ୍ଡ ।(୨)

ଦିନେ ତୋ ରାଇଜ ଜୟକରିଥିଲା
କାବେରୀରୁ ଗଙ୍ଗା ଯାଏଁ
ଆଜି ଏଇଟିଆ କାହୁଛୁ କିମ୍ପାଇ
ତେଲେଙ୍ଗା ଧମକ ତରେ ।(୩)

ଗୌମରାଜା ତୋର ଦେଇଥିଲେ ବଳ
ରାଣା ଥିଲେ ଅଧିକାରୀ
ଆଜି କିଆଁ ତୋର ସଡ଼କ ଉପରେ
ବୁନୁଛନ୍ତି ବଳାତ୍କାରୀ ।(୪)

ଗୌମ ଚାଲିଗଲେ କେଶରୀ ଲିଭିଲେ
ଗଙ୍ଗ ଦେଲେ କୀର୍ତ୍ତି ରାଜି
ସୂର୍ଯ୍ୟ ବଂଶର ଏ କାବ୍ୟ କୋଣାର୍କରେ
ବଞ୍ଚିଛି ଓଡ଼ିଆ ଜାତି (୫)

ତୋର ଗଜପତି ଉପାଧିରେ ପରା
ରହିଛି ତୋ ବଳ ବୀର୍ଯ୍ୟ
ତୋର କୋଣାରକେ ଦେଖି ଆରେ ଥରେ
ତୋ ଜାତିର କୀର୍ତ୍ତି ସୂର୍ଯ୍ୟ ।(୬)

ତୋହର ଗୁମ୍ଫାରେ ଦେଖିଆରେ ଥରେ
ଐରଖାରବେଳ କୀର୍ତ୍ତି
ଲେଖାଅଛି ପରା ଓଡ଼ିଆ ବୀରର
ସଂଗ୍ରାମ ଜାତିର ଶକ୍ତି ।(୭)

କପିଳେନ୍ଦ୍ରର ରାଜା ଶାସନ ଦେଖିଛି ଭାରତ ଉତ୍କଳ ଜ୍ଞାନ
ଐରଖାରବେଳର ବୀରତ୍ୱ ଦେଖି
ଗ୍ରୀକ ସମ୍ରାଟର କାନ୍ଦିଛି ଆଖି ।(୮)

ଆଜି ଏ କିରତି ପାଉନି କି ଜାତି
ଶୋଇଅଛି ଭାରି ଗର୍ବେ
ଉଠରେ ଜଜାଳ ବୁଡିଲାଣି ବେଳ
ହଜିଗଲ କି ଏ ମାଟିର ଗରତ୍ତେ ।(୧୦)

- ୦ -

ଯାଜପୁର

ସଂଘର୍ଷର ଅକ୍ଷର

ଅନିଲ କୁମାର ଓଝା

ଆଖି ଆଗରେ ପୁଅ ଏକାଟିଆ,
ହାତରେ ଚାକିରି, ମନରେ ଶିକ୍ଷାର ଆଶା ।
ଘରର ଚୁଲି ଜଳିବ କି ପାଠ ଖୋଲିବ ?
ଏର ପ୍ରଶ୍ନରେ କଟୁଥିଲା ସକାଳ ଓ ସନ୍ଧ୍ୟା ।

ପଢିବାକୁ ଚାହୁଁଥିଲା, ଗୁପ୍ତ ଆଶା ମଧ୍ୟ ଥିଲା,
ପାଖର ଦୋକାନରେ କାମ କରି
ସ୍ନାନ କରି ଯାଉଥିଲା ଶିକ୍ଷାଳୟ,
ହାତରେ ଖାଲି କାପି, ପଟି ପୁରୁଣା ଛାତି ତଳେ ।

ମା' ଦେଖିଥିଲି ଅନ୍ନ ନ ଥିଲେ ମଧ୍ୟ
ଲୁହ ଛୁପାଇ ଦେଉଥିଲେ ହସି,
ସେହି ହସରେ ଥିଲା ପୁଅର ଶକ୍ତି,
ଘର ଓ ଆଗାମୀ ଉଭୟର ହସ୍ତାକ୍ଷର ।

ସମୟ ଆସିଲା ଚୟନ ପାଇଁ
ପାଠ ପୁସ୍ତକ, କି ଘରର ଭଡ଼ା ?
ସେ ଚୟନ କଲା ଦୁହିଁଟି,
ନିଜ ଶ୍ରମରେ ନିଜ ଆଗାମୀ ଲେଖିଲା ।

ପିଲାଟି ଏବେ ଚୁପ୍‌ଚାପ୍,
କିନ୍ତୁ ମନରେ ଏକ ଅମୋଚ୍ୟ ହାଙ୍କାର
"ମୁଁ ପଢିବି, ମୁଁ ବଦଳାଇବି ଘରର ଦୁନିଆ,
ମୋ ସଂଘର୍ଷ ହେବ ଆଗାମୀ ଦିନର ଅଭିନନ୍ଦନ !"

- o -

ଶ୍ରୀ ପୟର

ମୃଣୟୀ ବେହେରା

ଭବ୍ୟ ଭାବନାରେ ଚିତ୍ରଣ କରିଛି
ଭାବଗ୍ରାହୀ ରୂପରେଖ,
ମନରେ ପାଗରେ ଲହରୀ ଭାଙ୍ଗର
ଭକ୍ତିରସର ଆବେଗ ।।୧।।
ଚଞ୍ଚଳ ମନର ଅଞ୍ଚଳ ମୁଁ ଧରି
ଚଳିବି ଶ୍ରୀକ୍ଷେତ୍ର ପୁରୀ,
ବେନି ନୟନରେ ଦର୍ଶନ କରିବି
ଭାବ ବିନୋଦିଆ ଶିରୀ ।।୨।।
ଭୃତ୍ୟ ମନର ସେବା ଭାବନେଇ
କରିବି ମୁଁ ନିବେଦନ,
ପଥ ହରା ମୁଁ ନୀରବ ପଥିକ
କରିବିନି ଅଭିମାନ ।।୩।।
ବାଙ୍କଚୂଡ଼ା ବେଶେ ବସି ରହିଛନ୍ତି
ବଙ୍କ ଚାହାଣୀରେ ଚାହିଁ,
ହସ୍ତ ପ୍ରସାରିଣ ଅପଲକ ନେତ୍ରେ
ଭକ୍ତ ପ୍ରେମେ ହୋଇ ବାଇ ।।୪।।
ଅସୁମାରୀ ଆଶା ଉଙ୍କିମାରେ ମନେ
ଦର୍ଶନ ର ଅଭିକାଙ୍କ୍ଷେ,
ଶ୍ରୀଅଙ୍ଗରେ ଲାଗି ଛଡ଼ା ତୁଳସୀଟେ
ପ୍ରାପ୍ତି ହେବକି ପ୍ରୟାସେ ।।୫।।
ଶରୀରକୁ ମୋର ଆଚ୍ଛାଦିତ କରେ
ପ୍ରୀତି ମେଘର ମଲ୍ଲାର,
ରାଧା, ମୀରା ନୁହେଁ ଦେବଦାସୀ ସାଜି
ନୃତ୍ୟ କରେ ବାରମ୍ବାର ।।୬।।

- o -

ଅଷ୍ଟମ ଋତୁ

ପବିତ୍ର ସାହୁ

ଭିନ୍ନ ଏକ ପକାଳର
ତୁମେ ନୂତନ ସୂର୍ଯ୍ୟୋଦୟ
ସକଳ ଶକ୍ତିର ଆଧାର
ପୁଣି ସର୍ବ ବିଦ୍ୟମାନ ।

ତୁମେ ରମାକାନ୍ତ ହୁଅ
କି ଶ୍ରୀରାଧା, ଶ୍ରୀପଳାତକ,
ସପ୍ତମ ଋତୁର ଜନକ
ତୁମେ କିନ୍ତୁ ନିଜେ ଜଣେ କବିତା
ଯେତେ ସବୁ କବିତା ଅଛନ୍ତି
ସବୁ କବିତାର କବିତା ।

ତୁମେ ଆଉ କେତେଦିନର
ଏକଥା ଭାବିଲା ବେଳକୁ
ସଚିତ୍ର ଅନ୍ଧକାର ମାଡି ଆସେ
ଅନେକ କୋଠରୀରେ ଆମେ ସବୁ
ହଜି ଯାଉ ଥିବା ବେଳେ
ତୁମେ ନେଇ ଆସିଥାଅ
ମିଡ଼ିଅମ ଧୋତି ଆଉ
ଇସ୍ପାକରା ଅଧା କମିଜର ଲଣ୍ଠନ
ଚନ୍ଦ୍ରମାର ଚୁଡ଼ିର ରୁଣୁଝୁଣୁ ଶବ୍ଦକୁ ଖୋଜବା ପାଇଁ ।

ସୀମାନ୍ତ ବାସରେ ତୁମକୁ ଫେରି ଚାହିଁଲେ
ତୁମେ ସବୁଦିନେ ସେପାଖେ ରହିଯାଅ
ପୁଣି ନ ଯା ନ ଯା କହୁକହୁ
ତୁମେ ପାଇଟି ଯାଅ ସରଳ ହୃଦୟ ଗଣିତ ।

ତୁମେ ନୀଳକଇଁ ରଙ୍ଗର ଛୁରୀ
ପୁଣି ଆହାଃ କୁରୁକୁରୁ ହସି ହସି ତୁମେ
ଅଗଣିତ ରମାକାନ୍ତ ପ୍ରେମୀଙ୍କର
ହୃଦୟ ଭିତରେ ଦିଶ ।

ତୁମେ କେବେ ନିରଡୀ ଯିବନି
ତୁମ ଜାଳଜୟୀ କବିତାର ଭାବ ଆଉ ଭାବନାରେ
ତୁମେ ପରିକଳ୍ପିତ ସପ୍ତମ ଋତୁରେ ।
ଆମେ କିନ୍ତୁ ଭାରି ବିଶ୍ୱାସୀ
ତୁମ ଅଚରାଚର ବ୍ୟକ୍ତିତ୍ୱ ଓ ଅସ୍ତିତ୍ୱକୁ ନେଇ
ତୁମେ ଆଉ ଥରେ ଜନ୍ମ ନେବ ଏଇ ଧରା ପୃଷ୍ଠରେ
ସାତ ଋତୁ ଡେଇଁ ଅଷ୍ଟମ ଋତୁରେ ।

- o -

ଅଧ୍ୟାପକ
କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା

ହେ ଅନ୍ଧାର

ରାଜେନ୍ଦ୍ର ମହାପାତ୍ର

ତୁମ ନିର୍ମଳତା ସତରେ କେତେ ଭିନ୍ନ
ତୁମ ଭାବନା, ଚିତ୍ର ଆଉ ଚରିତ୍ର
ସତରେ ତୁମକୁ ବୁଝିବା ଏତେ ସହଜ ନୁହେଁ ,
ତୁମେ ଦୁଃଖୀର ସାଥି ପୁଣି
ଅନେକ ଆଗନ୍ତୁକର
ଶବ୍ଦହୀନ ସାଥି.....
ହେ ଅନ୍ଧାର
ତୁମେ ସିନା ନିର୍ଜନତାର କୋଳରେ ଆଚ୍ଛାଦିତ
ହେଲେ ତୁମ ଭିତରେ ପ୍ରସ୍ଫୁଟିତ ହୁଏ ସାଗର ବକ୍ଷରେ ନଦୀର
ସେ ମିଳନର ପୂର୍ଣ୍ଣତା...
ହେ ଅନ୍ଧାର
ତୁମର ଆଖିନାଇଁ କିନ୍ତୁ ତୁମେ ଅନେକ ପଥହରା ପଥିକର
ଆଲୋକର ଶିଖା,
ଠିକ ଯେମିତି ପଦ୍ମ ଅପେକ୍ଷାରତ ସେ ପୂର୍ଣ୍ଣମାର କିରଣ ପାଇଁ
ଅପେକ୍ଷାରତ.....
ହେ ଅନ୍ଧାର
ତୁମେ ଅନୁଭବି ନୁହେଁ କିନ୍ତୁ ଅନେକ ଅବିବେକୀ ମଣିଷଟିକୁ
ବିଚାର ବିମର୍ଷ କରି
ସୃଷ୍ଟିକର ଜୀବନର ସାର୍ଥକତା....
ହେ ଅନ୍ଧାର
ଏ ଚିକି ମିକି ଆଲୋକିତ ଦୁନିଆରେ ତୁମକୁ ସମସ୍ତେ ସ୍ୱାର୍ଥପର
କହିପାରନ୍ତି
କିନ୍ତୁ ମୋ ପାଇଁ ତୁମେ ସତେଜ ଜୀବନ ପରି
ଆଉ ଏ ଅସତ୍ୟତା ଅବାସ୍ତବତା ଭିତରେ ବାସ୍ତବତାର
ସୁନ୍ଦର ସୃଷ୍ଟି,
ଯେଉଁଠି ଅନ୍ତ ହୁଏ ସବୁ ବିଷମତା
ହେ ଅନ୍ଧାର ସତରେ
ତୁମେ ଖୁବ ମହାନ.....

- o -

କପାଳେଶ୍ୱର, କେନ୍ଦ୍ରାପଡ଼ା

କବି ଓ ପାଠକ

ପ୍ରିତମ ତ୍ରିପାଠୀ

କବିଟିଏ ଶବ୍ଦ ମାନଙ୍କ ସହ ହସେ, କାନ୍ଦେ ଆଉ ଖେଳେ
ବର୍ଣ୍ଣମାଳା କୁ ନେଇ ଲେଖି ବସେ ଯେତେ ସବୁ ଅକୁହା କଥା
ନିଜ ଜୀବନର ତମାମ ଦୁଃଖ ଓ ଯନ୍ତ୍ରଣା କୁ
କାଗଜ ପର୍ଦ୍ଦା ରେ ସଜାଇ ଦେଇ ପାରେ
ନିଜର ହସ, ଖୁସିକୁ ବ୍ୟକ୍ତ କରେ
ପ୍ୟାହିର ପ୍ରତିଟି ବୁନ୍ଦା ରେ
ନିଜ ଜୀବନର ଚିର ଇପ୍ସିତ ଇଚ୍ଛା ସବୁ ଆପେ ଆପେ ଉତୁରି ଆସି
କବି ଲେଖନୀରୁ
ଅଜଣା ଭୟ ସବୁ ବେଶି ବେଶି ଡରେଇ ଦିଅନ୍ତି କବି କଲିଜାକୁ
ତଥାପି କବି ଲେଖିଚାଲେ
ଦେଖିଚାଲେ ଆଉ ଭୋଗିଚାଲେ
ଅସଂଖ୍ୟ କବିତାର ସ୍ୱର
ପାଠକ ମହାଶୟ ବି କିଛି କମ୍ ନୁହଁ ମ
ପଢ଼ି ପଢ଼ି ଖାଲି ଯାହା ଅନୁଭବ କରନ୍ତି ନିରୋଳା ବାସ୍ତବତା
ଆଉ ମୋଣ୍ଡା ମୋଣ୍ଡା କୋହସବୁ
ହସ ମିଶା କବିତା ପଢ଼ି ହସି ଦିଅନ୍ତି ତେନାଏ
ବାଃ !! ସେତିକି ବୋଧେ କବି ଜୀବନର ପାର୍ଥକତା ବୋଲି ମୁଁ
ଭାବେ !!

- o -

କେନ୍ଦ୍ରାପଡ଼ା

ତମେ ଆସନ୍ତ ନି ....?

ପ୍ରଗତି ମହାପାତ୍ର

'ଆଦ୍ୟ ଆଷାଢ଼ର ବର୍ଷା ବିନ୍ଦୁଟିଏ ହୋଇ, ଅଥବା.....
ପୂର୍ଣ୍ଣିମା ରାତିର ଜ୍ୟୋତ୍ସ୍ନାଭରା ଜହ୍ନଟିଏ ହେଇ.....
ସେଇ ଜ୍ୟୋତ୍ସ୍ନା ରେ ମୋତେ ଦିଅନ୍ତ ଭିଜେଇ...
'ତମେ ଆସନ୍ତ ନି..... ?
'ମୋ ଛାଇ ନିଦରେ ସ୍ୱପ୍ନ ଟିଏ ହେଇ, ଅଥବା... ।
ମୋ ବିଚଳିତ ମନରେ ଶାନ୍ତି ଭାବନା ଟିଏ ହେଇ...
ସବୁ ଚପଳତା ମୋର ସତେ ଯାଆନ୍ତା ଉଭେଇ.... ।
ତମେ ଆସନ୍ତ ନି..... ?
'ମୋ ହାତ ପାପୁଲି ରେ ସୂକ୍ଷ୍ମରେଖା ଟିଏ ହୋଇ ..... ।'
ତମେ ଆସନ୍ତ ନି..... ?
'ଏ ଏକାକୀ ପଥୁକ ର ସାଥୀ ଟିଏ ହେଇ, ଅଥବା.. ସାହାରା
ଟିଏ ହେଇ... ।
'ତମେ ଆସନ୍ତ ନି... ?'
ମହକିତ ବାସ୍ନାଭରା ମଲ୍ଲୀଫୁଲ ଟିଏ ହେଇ, ଅଥବା.. ଫଗୁଣ
ମାଘର ଫଗୁ ଟିକିଏ ହେଇ.. ସେଇ ଫଗୁର ସ୍ପର୍ଶ ପାଇ ମୁଁ ନିଜକୁ
ଦିଅନ୍ତି ହଜେଇ.....
ତମେ ଆସନ୍ତ ନି.... ।

- o -

ପଞ୍ଚାୟତ ଡ଼ିଗ୍ରୀ କଲେଜ ବାରିକପୁର, ଭଦ୍ରକ

ଦିଗ୍‌ବିଜୟ

ସୁପ୍ରିୟା ମିଶ୍ର

ଶାମୁକା ଭିତରେ ଥିବା ମୋତିର ସୌନ୍ଦର୍ଯ୍ୟ
ସତରେ ତ ତାହା ଅଭିନୁ ଏକ ଐଶ୍ୱର୍ଯ୍ୟ,
ଟିକିଟିକି ଭାବନା ଯେ ମନେ ଅନ୍ତର୍ହିତ
ସେ ଭାବନାର ସ୍ୱପ୍ନ ସତେ ଅପୂର୍ବ ଶାଶ୍ୱତ,
ଆବେଗପୂର୍ଣ୍ଣ ବାର୍ତ୍ତାରେ ମୁଁ ଅବୁଝା ସନ୍ତାନ
ମନରେ ମୋ କେତେ ପ୍ରଶ୍ନ ଅଲିଭା ନ ଜାଣ,
ଦିଗବିଜୟ ହେବା ପାଇଁ ଗୋଟିଏ ଯେ ବାଟ
ସବୁ କିଛି ଭୁଲିଯାଇ ଅର୍ଜୁଥାଅ ପାଠ,
ତୁଳନାର ପରୀକ୍ଷାରେ ଦୁନିଆ ବନ୍ଧା ଯେ ହୋଇଛି
କର୍ତ୍ତବ୍ୟକୁ ଆଡ଼େଇ ସେ ଶାନ୍ତିରେ ଶୋଇଛି,
ପ୍ରତିବିମ୍ବକୁ ଚାହିଁ ଥରେ ପଚାର ନିଜକୁ
କେମିତି ତୋଳିବ ଭବିଷ୍ୟତ କୋଣାର୍କକୁ ? ?
ସ୍ୱପ୍ନ ଦେଖି ନିଜକୁ ଭାବୁଥିଛ କି ଶ୍ରେଷ୍ଠ
ସ୍ୱପ୍ନଠାରୁ ବାସ୍ତବତା ବହୁଗୁଣେ କଷ୍ଟ,
ସଂଘର୍ଷ ର ତୁଳୀ ଧରି ଆଙ୍କ ନିଜ ଚିତ୍ର
କର୍ମକୁ ହିଁ କରିନିଅ ଜୀବନର ମିତ୍ର,
ଆକାଶରେ ଭାଷାମାନ ନୀଳନୀଳ ବୁକୁ
ତା ମଧ୍ୟରେ ଭସା ମେଘ ଖୋଜୁଥାଏ କାହାକୁ, ? ?
ଜୀବନର ବନ୍ଧନକୁ ଭାଙ୍ଗିଦିଅ ଆଜି
ଲଘିଯାଅ ତୁମେ ଜଣେ ଦିଗବିଜୟ ପାଇଁ ।।

- o -

ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ଦେଉଳିପାଳ, ଧର୍ମଶାଳା, ଯାଜପୁର
ଦଶମ ଶ୍ରେଣୀ

ନିରବତା

ଡକ୍ଟର ସ୍ୱର୍ଣ୍ଣପ୍ରଭା ଖଟୁଆ

ସମୟର ରାସ୍ତାରେ
ଧାଡି ବାନ୍ଧି ଚାଲିବା ଠାରୁ ଭଲ
ଧଡା ପାଲଟି ଯିବା ।
ତା ଲୁହକୁ ଦେଖି
ମୁରୁକି ହସୁଥିବା
ଲୋକଟି ଆଖିରେ ଆଜି ଲୁହ
କିନ୍ତୁ
କଣ ଗୋଟେ ପଡିଯିବାର ।
କେହି ଭୁଲିଗଲେ
ଭଲ ଲାଗିବା ପରିବର୍ତ୍ତେ
ଭୁଲ ହୋଇଗଲା ବୋଲି
ମନ କାହିଁକି ବାରବାର ଭାବେଯେ //
ତା କଲ ବାରବାର ଆସିଲେ
ମନ ତାକୁ ଶସ୍ତା ବନେଇ ଦିଏ
ଆଭୋଏଡ କରିବାକୁ ଆରମ୍ଭ କରେ
କିନ୍ତୁ ଯେବେ ତା କଲ ଆସିବା ବନ୍ଦ ହୋଇଥାଏ
ମନ ନିଜକୁ ବୁଝାଇପାରେ
ନାଁ ନିଜକୁ କ୍ଷମା କରିପାରେ
କିନ୍ତୁ ନିଜକୁ ଦୋଷୀ ସଜାଇବା
କଣ ସମ୍ଭବ ହୁଏ ।
ଅନ୍ୟକୁ ଆଖିଠାରି
ହାତ ହଲାଇ ଡାକିପାରୁଥିବା
ସରଳ ମଣିଷଟି
ନିଜକୁ କିବା ନିଜର ପାଖ ଲୋକକୁ
କେବେ ଥରେ ବୁଝିଥିଲା
ତାର କଣ ମନେ ଅଛି ।
ସାରା ଦୁନିଆକୁ ଘୂରି ଘୂରି ଦେଖିସାରିଥିବା
ମଣିଷଟି
ମିରର ସାମ୍ନାରେ
ନିଜକୁ କେବେ ଥରେ ଭେଟିଥିଲା
ତା କଣ ମନେ ରଖିଛି ।
ଭୁଲ ଠିକ୍
ସଂପର୍କର ମାନଦଣ୍ଡ ତୁଳନାରେ ଖୁବ୍ ନ୍ୟୁନ
ଏହା ଶୁଣିବା ଅବା କହିବାରେ
ଆନନ୍ଦ ମିଳେ
କିନ୍ତୁ //



- o -

ପାହାସପୁର, ତୁରଙ୍ଗ, ବାଟିଯୋଡା, ଯାଜପୁର

'ଆଶା'ର ଦୀପ

ସୁନିଲ କୁମାର ନାଥ

ଆଜି ମଧ୍ୟ ଜାଗି ଆଖି ଖୋଲି
ମନ ରେ ନେଲି ଏକ ଶ୍ୱାସ..
କାହିଁକି ଏମିତି ହୁଏ ପ୍ରଶ୍ନ,
ଜଲପାଇଲେ ମିଳେ ଅବଶେଷ ?

ଦୀପ ଜାଳି ଆଶା ରେ ବସି
ହାତଯୋଡି କଲି ଉପାସ...
ମୁଁ ଦେଖିଲି ଆଶା ହାରିଗଲା,
ନିଜ ଭିତରେ ହୋଇ ପ୍ରବାସ... ।

ଚାହିଁଥିଲି ମୋର ଶ୍ରଦ୍ଧା ରେ ତୁମେ
ଏକ ଛୋଟ ଅଞ୍ଚଳ ଦିଅ..
ହୃଦୟ ର ଯନ୍ତ୍ରଣା ମଧ୍ୟ ହସି
"ମୁଁ ରହିଛି" ବୋଲି କୁହ... ।

ପ୍ରତି ଦିନ ମୁଁ ଚୁପ ରହି
ମନ ର ଅନ୍ତର୍ନାଦ ଶୁଣେ..
ଅଦୃଶ୍ୟ ଆଶା ମଧ୍ୟ ଆଜି
ଦୁଃଖ ରେ ତରଳି ଯାଏ ଗୁଣେ... ।

ପ୍ରଭୁ ଯଦି ଆଖି ତୁମ ଖୋଲିଛ,
ମୋ ମୁହଁ ଟିକେ ଦେଖିଦିଅ...
ଆଖି ଲୁହେ ନ ଭିଜୁ ଏ ମାଟି
ମନ ର ଦୁଃଖକୁ ଭିଜାଏ ନିତି ।

ପୁଣି ଏ ଜାଗର ରାତି ଆସିବ
ମୁଁ ଆସିବି ତୁମ ପାଖେ...
ଆଶା ଓ ନିରାଶା ଦୁଇଁଟି ମିଶି
ଏକ ନୂଆ ଦୀପ ଜାଳିବି ବସି ।

- ୦ -

ଇତିହାସ

ଦିପୁନ୍ ପୁହାଣ

ନଥାଏ କିଛି
ଅଥଚ ସବୁ ଥିବାପରି ଲାଗେ ।
ସବୁ ଥିବା ପରି ଲାଗେ
ଅଥଚ ନଥାଏ କିଛି ବି
ଇତିହାସର ବୁଢ଼ା ମାଷ୍ଟର ପଶି ଆସିଲେ କ୍ଲାସକୁ
ସତ ମିଛର କିମିଆଁ ଲଗେଜ ଖୋଲିଯାଏ
ରହସ୍ୟ ଭର୍ତ୍ତି ସିନ୍ଦୁକଟିଏ,
କୌତୁହଳତାର ଅସଂଖ୍ୟ ଆଖିର ହାଟ ମଝିରେ...
ଅତି ଯତ୍ନରେ ମାଠି ମୁଠି ଗଢିଥିବା
ଅତୀତର କଙ୍କେଇ ଟିଏ
ବଢ଼େଇ ଦେଇ ହାତକୁ ଆମର
ଇତିହାସ ବାପୁଡ଼ା କୁହେ - ନିଏରେ ପିଲେ, ନିଅ
ଯାକୁ ଦେଖ
ପାରୁଛ ଯଦି ଯାଠୁ କିଛି ଶିଖ
ଅତୀତର କଙ୍କେଇଟି ଶିଖେଇ ଚାଲିଥାଏ ଆମକୁ
କିଏ ତିଆରି ଥିଲା ଚାଇନା ପ୍ରାଚୀର
କିଏ ବଜାଉଥିଲା ବଂଶୀ ଜଳିଗଲା ବେଳେ ପ୍ରଜାଙ୍କ ଉଦର
କିଏ ଧର୍ମର ଖଣ୍ଡା ମୁନରେ ସାଜିଥିଲା ଏକ ଚକ୍ରବର୍ତ୍ତୀ
କିଏ ଗାଉଥିଲା ଆନନ୍ଦର ଗୀତ ମଣିଷର ମୁଣ୍ଡ କାଟୁ କାଟୁ
କିଏ କାହା ପଛରୁ ଭୁସିଲା ଛୁରୀ
କିଏ ଉଚ୍ଚାରୀ ଥିଲା ''ବ୍ରୁଟସ୍ ୟୁ ଟୁ...''
କିଛି ବି ଶିଖି ପାରୁନା ଆମେ
କିଛି ବି ମନେ ରହେନା ଆମର ।
ଇତିହାସ ବାପୁଡ଼ା ହସି ଦିଏ ରହସ୍ୟର ହସ
ଭୁଲିଯିବା ଯେମିତି ଏ ମଣିଷର ଆଦିମ ଅଭ୍ୟାସ ... ।

- ୦ -

ଅମ୍ବୋର, କଳିଙ୍ଗନଗର, ଯାଜପୁର

ଶ୍ୟାମସୁନ୍ଦରପୁର

ବିଞ୍ଚଣା ମୋହରି ନାଁ

ଧୀରେନ୍ଦ୍ର ମଲ୍ଲିକ

ବିଞ୍ଚଣା ଅଟଇ ନାଆଁଟି ମୋର ,
ଅଳପ ଦାଆମ ଓଜନ ଜଅମ
ରହିଥାଏ ପରା ପଲିକ ଘର ।
ତାଳ ପତରରେ ଗଢ଼ା ମୋ ଶରୀର
ଖର୍ଚ୍ଚ ବେଶୀ କିଛି ଲାଗର ନାହିଁ ,
ମେଳା ଯାତରା ରେ ବିକିରି ହୁଅଇ
ମୋ' ପରିକା ଆଉ କେ' ଅଛି କାହିଁ ।
ବିଦ୍ୟୁତ ଖୋଜେନି ଖରାପ ହୁଏନି
ହାତବଳ ଟିକେ ଲୋଡ଼େ ମୁଁ ଯାହା ,
ଗରୀବ ଲୋକକୁ ଗରମ ଦିନରେ
ହୋଇଥାଏ ଦିଅଁ ପରିକା ସାହା ।
ତାଳ କି ବିଚାର ଜମା ନାହିଁ ମୋର
ମଣିଷଙ୍କ ସାଙ୍ଗେ ସବୁଠି ଯାଏ ,
ଝାଳ ଶୁଖାଇକି ଦେହରୁ ତାଙ୍କର
ଅଶେଷ ଅଶେଷ ଆନନ୍ଦ ପାଏ ।
ପିଲା ଠାରୁ ବୁଢା ସଭିଏଁ ବୁଲାନ୍ତି
ହରଷ ମନରେ ହାତରେ ଧରି ,
କଷଣ ହୁଏନି ଅଧିକା ଜମାରୁ
ଖୁସି ତାଙ୍କ ଓଠେ ଦିଏ ମୁଁ ଭରି ।
ସେଥିପାଇଁ ମୋତେ ଗରବ ଲାଗଇ
ମନ ମୋର ଦୁଃଖ ହୁଏନି କେବେ ,
ଦେହ ଥିବା ଯାଏ ସେବା କରୁଥିବି
ଡରିବିନି ମୃତ୍ୟୁ ଆସିବ ଯେବେ।

- o -

ପ୍ରେମ ପକ୍ଷୀ....

ଧର୍ମେନ୍ଦ୍ର ଚୁହାନ

ପ୍ରେମ କରୁଥିବା ପକ୍ଷୀ ମାନେ ଦେଖନ୍ତିନି
ଜାଗ ଜାଗ ଭୂଇଁ,
ଖଣ୍ଡ ଖଣ୍ଡ ମଣିଷ ଆଉ ସେମାନଙ୍କର
ରଙ୍ଗ ବେରଙ୍ଗର ରକ୍ତକୁ ।
ଜାଣିଛୁ ମୋତେ ଭାରି ଡର ଏ ପୃଥିବୀକୁ
ଯେଉଁଠି ମଣିଷ ବୋଲି ଜାତି ନାହିଁ
ତା' ଭିତରେ ଅନେକ ଭୂଖଣ୍ଡର ଗୋପନୀୟ ତଥ୍ୟ ।
ମୋର ପରିଚୟ ବଦଳି ଯାଇଛି,
ତୁ ଆଗରୁ ଯାହା ଥିଲୁ ଏବେ ତାହା କଦାପି ନୋହୁଁ।
ତୁ ବଦଳେଇ ପାରୁନା ତୋର ଜାତି,ଧର୍ମ,ଗୋତ୍ର
ମୁଁ ବଦଳେଇ ପାରେନି ମୋର୍ ଭାଗ୍ୟ... !
ଆମେ ଦେଖୁ ସମାଜ ଆହୁରି ଅନେକ ସଂପର୍କ
ଯାହା ଆମର କେବେ ନୁହଁନ୍ତି
କି ଆମେ ତାଙ୍କର କେବେ ନଥିଲୁ
ତଥାପି ଆମ ଭିତରେ କେତେ ଦ୍ୱନ୍ଦ.... ।
ଚାଲ୍ ଆମେ ଫେରିଯିବା ଗୋଟେ ଅଦମ୍ୟ ଅତୀତକୁ
ଯେଉଁଠି ପୃଥିବୀ ନୂଆଁ ହେଇ ପିକ ଦଉଥିବ....
ନୂତନ ସର୍ଜନା ପାଇଁ କୋଡ଼ାଥିବ
ନାରୀ ଆଉ ଗୋଟେ ପୁରୁଷ ..!
ହେଇପାରୁ ତୁ ସେ ନାରୀ ମୁଁ ବି ସେ ଆଦିମ ମଣିଷ
କେହି କାହାକୁ ବୁଝି ପାରୁନଥିବା
ଅଥଚ ଛାଡ଼ି ବି ପାରୁନଥିବା
ପ୍ରେମ ଥିବ, ଆକର୍ଷଣ ଥିବ, ଦେହ ଥିବ, ଭୋକ ଥିବ
ଆଉ ଆମେ ଦେଖୁଥିବା ନୂଆଁ ଏକ ପୃଥିବୀର ସ୍ୱପ୍ନ ।
ଆମେ ହିଁ ସୃଷ୍ଟିର ମୂଳଉତ୍ସ
ଯେକି ପ୍ରେମରେ ଗଢ଼ିପାରେ
ନୂତନ ସାମ୍ରାଜ୍ୟ ।
ଆଉ ସେଇଠି ନଥିବେ ଭାଗ ଭାଗ ମଣିଷ,
ଦେବତା କି ରାକ୍ଷସ
ଥିବ ତ କେବଳ
ପ୍ରେମର ଗୋଟେ ସୁନ୍ଦର ପୃଥିବୀ ।।।

- o -

ସମ୍ପାଦକ: ଝୁମୁରୀ ପାରା ଶିଶୁ ସାହିତ୍ୟ ସଂସଦ ଓ ଆଦର୍ଶ ପାଠାଗାର
ନୀଳକଣ୍ଠପୁର, ମଙ୍ଗଳପୁର, ଯାଜପୁର

ଅଧ୍ୟାପକ- ସୂରଜମଲ୍ କଲେଜ, ରଂପେଲା, ସମ୍ବଲପୁର

ଧରମା ଫେରିବ

ଦେବେନ୍ଦ୍ର ପ୍ରସାଦ ବଳ

ମୋତେ ଧରମା ରୁ ଧର୍ମପଦ ପଜେଇ
କଣ ପାଇଲ ତୁମେ
କାହିଁକି ଦେଇଥିଲ
ସାରା ରାତି,
ମୋ ବାପା ଙ୍କୁ
ବାର ଶହ ବଢ଼େଇର ଦାୟ...
କେଉଁ ଭୟ, କେଉଁ ଲଜ୍ୟା ରେ ଥିଲ କି ଅତ୍ୟନ୍ତ ଜର୍ଜରିତ...
ତୁମ ର ସେ ମିଛ ପାରିବାର ପଣ, ମିଛ ପ୍ରଭୁତ୍ୱ ବେଶ୍ ବୁଝା ପଡେ ଆଜି
ସେଦିନ ସେ ତିଦଗ୍ଧ ରାତି ର ଅମା ଅନ୍ଧାର ରେ ହଜାଇ ଦେଇ ମୋତେ,
ଲୋକ ଲୋଚନ ରେ କହି ବୁଲିଲ,
ଧର୍ମପଦ ସମୁଦ୍ର ରେ ଲୀନ ହେଲା ବୋଲି,
ହେ ମିଛ ମଣିଷ,
ହେଇ ଦେଖୁଛ ସେ କୋଣାର୍କର ମୁଣ୍ଡି କେମିତି ଧ୍ୱସ୍ତ, ବିଧ୍ୱସ୍ତ...
ସେ ମନ୍ଦିର, ମୋତେ ହରାଇବାର ଦୁଃଖ ରେ କେମିତି ମର୍ମାହତ ।
ଶୁଣି ରଖ,
ମୁଁ ଫେରିବି ପୁଣି
ଧର୍ମପଦ ହୋଇ ନୁହେଁ,
ମୋ ବାପା ମା ଙ୍କର ଅଲିଅଳ ଧରମା ହୋଇ,
ଦେବାକୁ ନ୍ୟାୟ ବାର ଶହ ବଢେଇ ଙ୍କୁ,
ଫୁଟାଇ ବା କୁ ହସ ମୋ ନିଃସହାୟ ବାପା ଙ୍କ ଓଠରେ,
ତୋଳିବାକୁ ବାଡ଼ି ଘର କୋଳି ମୋ ମା ର ପଣତ କାନିରେ,
ଟିକେ ସତର୍କ ରହିବ,
ହୁଏ ତ ପ୍ରକାଶ କରିପାରେ
ତୁମର ସେ ମିଛ ପାରିବାର ପଣ କୁ,ତୁମର ସେ କପଟ ଠାଣି କୁ..
ସେ କାଳ ଅନ୍ଧାର ରେ ଘଟିଥିବା,ସେ ଅକୁହା କାହାଣୀ କୁ ...
ଖୋଜି ରଖିଥିବ ହେ ରାଜା ବାବୁ ମାନେ,
ମୋ ନିରୀହ ମନରେ ଉଙ୍କି ମାରୁଥିବା ଅପରନ୍ତି ପ୍ରଶ୍ନ ର ଉତ୍ତର ସବୁ କୁ ।

- ୦ -

ଓଡ଼ିଶା ପ୍ରଶାସନିକ ସେବା

ବୁଢ଼ା

ଅର୍ଚ୍ଚନା ଦେଓ

ତୁ ଯେବେ ଆସିଥିଲୁ ବାବା
ମୁଁ ତୋତେ ଅତି ଆପଣାର ଭାବି ନେଇ
ଘରେ ସାଇତି ରଖିଥିଲି
ତୋର ପ୍ରତ୍ୟେକଟି ଅଳି ଅର୍ଦ୍ଦଳିକୁ
ଶୁଣି, ଧୋରେ ବାଇଆ ଧୋ କହି
ମାଆ ପରି ଶୋଇ ଦେଉଥିଲି
ଭାବିଥିଲି ତୁ ଚିରନ୍ତନ ସାଥି ହୋଇ
ମୋ ହାତକୁ ଜାବୁଡ଼ି ଧରିବୁ ତୋ ହାତ ମୁଠାରେ
ତୋ ଆଖିରେ ସ୍ୱପ୍ନମାନଙ୍କୁ ଦେଖି
ଖୋଜିଯିବି ତାରାଙ୍କ ଗହଣରେ
ହେଲେ ତୋ ନିରୀହ ମୁହଁରେ ଏତେ ବିଷ ଥିବା
ମୋର କଳ୍ପନା ବାହାରେ, ତଥାପି ତୋ ହାତ ଧରି
ଲୋକେ ଜାଇଁ ଚାଲନ୍ତି ତୋ ପଛେ ପଛେ ।

ତୁ ଯେବେ ଆସିଥିଲୁ ଛଳନାର ମୁଖା ପିନ୍ଧି
ତୋ ମୁଖର ଆଭାରେ ଚମକୁ ଥିଲା ମୋ ଆଖପାଖ,
ମୁଗ୍ଧ ହୋଇ ଥିଲା ଏ ସଂସାର
ହେଲେ ତୋ ଛଳନାର ମୁଖା ଯେବେ ଖୋଲିଲା
ସବୁ ଭସ୍ମୀଭୂତ ହୋଇଗଲା
ଜୀବନ ଜୀଇଁବାର ଶେଷ ଆଶାଟି
ଶୋଇ ପଡ଼ିଲା ନିଘୋଡ଼ ନିଦ୍ରାରେ ।

ହେଉ ପଛେ ମୋ ଶେଷ ଆଶା ବିଫଳ
ବୟସରେ ଲାଗି ଯାଉପଛେ ବଙ୍କୁଳା ବାଡ଼ିର ଗୋଡ଼
ତଥାପି ମୋ ଆତ୍ମା ରହିବ ପ୍ରସନ୍ନ
ତୋ ପରି ରୂପବାନ ପୁଅ ପାଇ
ମୋ ମନ ହୋଇଯାଉ ପ୍ରଫୁଲ୍ଲ !

- o -

ଯାଜପୁର, ବାରଗଡ଼ିଆ

ଶ୍ରୀଚରଣ ସେବା

ଅନିଲ କୁମାର ନାଥ

ଶ୍ରୀଚରଣ ସେବା ହେ ନିତ୍ୟ ଧ୍ୟାନାନ୍ଦ ପରାୟଣ
ଚିରପଟ୍ୟ ଚିନ୍ମୟ ଶ୍ରୀହରି, ରଚନ ଜ୍ଞାନ ଅଭିମାନ ।
ଶୁଭ ଶୋଭା ଶିର ଉପରେ, ଦିବ୍ୟ ମୁକୁଟ ଶୋଭେ ଯାହା,
ପଦସ୍ପର୍ଶେ ଧରା ପବିତ୍ର, ଜଗତ ହୁଏ ଦିନୋଦିନ ଶୁଭା ।

କୋଟି କୋଟି ଲୋଚନ ଧାରଣୀ, ଦେଖୁନଥିଲେ ଯେଉଁ
ଦୟାମୟ,
ତୁମ ଭିତରେ ଦେଖିଲି ମୁଁ ସମସ୍ତ ଜୀବ ମଧ୍ୟରେ ଏକ ପ୍ରଭା ।
ନିଷ୍କାମ ଜୀବନ ଦିଆ ଆଶ୍ରୟ, ଅନନ୍ୟ ତୁମ ପ୍ରେମ ଭଣି,
ବେଦ ତାନ ହୁଏ ମୃଦୁ ସ୍ପନ୍ଦନ, ଶବ୍ଦ ହୁଏ ତୁମର ନାମ ରଣି ।

ଧ୍ୟାନ ଲଗି ଚିତ୍ତ ଅଚଳ ରହେ, ହୃଦୟ ଭରି ପ୍ରେମ ଝରି ।
ଦୂର ଅନ୍ଧକାର ହୁଏ ଦୂର, ଯେବେ ତୁମ ଦିନକର ଉଦୟ
ହୋଇ ।
ମୋ ନିବେଦନ ଏଇ ମନମୁକୁରରେ, ଲେଖିଛି ତୁମର
ଗୁଣଗାଥା,
ଜଣେ ଭକ୍ତ ହିସାବେ ମୁଁ ଲୁଚିଲି ଶ୍ରୀଚରଣ ତଳରେ ଧୂଳି ପାଖ ।

- o -

ଶ୍ୟାମସୁନ୍ଦରପୁର



ନାରୀ ଜୀବନର ବାସ୍ତବତା

ତପସ୍ୱିନୀ ବେହେରା

ନାରୀଟିଏ ଜନ୍ମ ହେଲେ ଲୋକେ କୁହନ୍ତି
ଜାଳେ ସେ ବୋଝଟିଏ
ଜେତେ ଘାତ ପ୍ରତିଘାତ ଦେଇ ସେ ସମାଜରେ ନିଜର
ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଚେଷ୍ଟା କରେ...

ଯୌବନରେ ପଦାର୍ପଣ କରୁ କରୁ
ପ୍ରେମର ପହିଲି ସ୍ପର୍ଶ ଆସି
ଧକ୍କା ଦେଇ ଚାଲିଯାଏ...
ପୁଣି ପଡ଼ି ଉଠି ନିଜକୁ ସମ୍ଭାଳିବାକୁ ଲାଗେ...
ନିଜକୁ ସମ୍ଭାଳି ଯେତେବେଳେ ସେ ଧିରେ ଧିରେ
ସଫଳତାରେ ପହଞ୍ଚିବାକୁ ଗୋଟିଏ ପରେ ଗୋଟିଏ
ପାହାଚ ଅତିକ୍ରମ କରେ ସେତେବେଳେ
ପୂର୍ଣ୍ଣଚ୍ଛେଦ ପଡ଼ିଯାଏ ତାର ସେ ସ୍ୱପ୍ନ ଉପରେ...

ଆସି ପହଞ୍ଚିଯାଏ ଝିଅରୁ ବୋହୂ ହେବାର ଦାୟିତ୍ୱ
କାହାର ପତ୍ନୀ ହେବାର ପ୍ରତିବନ୍ଧକ
ଚାହିଁକି ବି ଏଡାଇ ପାରେନି ସେ
କାରଣ ସମାଜ କୁହେ
ଝିଅ କାଳେ ବୋଝଟିଏ.. ।

- o -

ପ୍ରିୟତମା ଜହ୍ନ

କଳ୍ପନା ନାୟକ

ଏ ଦେହ ଏ ଯଉବନ ଏ ରଙ୍ଗ ଏ ଢଙ୍ଗ
ସବୁ ଯିବ ସରି
ହେଲେ ଏ ତିମିର ଅନ୍ଧକାର ଭିତରେ ତୋ ଯଉବନ
ପଡୁଛି ଉଛୁଳି .... ଆଜି ପଡୁଛି ଉଛୁଳି
କୋଟି ଲାବଣ୍ୟର ସୌନ୍ଦର୍ଯ୍ୟ ରୂପ କାନ୍ତି
ଭରିଛୁ ତୋ ଠାରେ ସତେ ଅବା
କେଉଁ ସ୍ରଷ୍ଟା ତତେ ଗଢ଼ିଛି ଅତି ସରାଗରେ
ଗଢ଼ିଚି ଅତି ସରାଗରେ ।
ତୋ ଜ୍ୟୋତ୍ସ୍ନା ବର୍ଷାରେ ମୃଦୁ ମଳୟ ବହଇ
ତୋ ରୂପେଲି ଜ୍ୟୋତ୍ସ୍ନାରେ ମୋତି ମୁକୁତା ଝରଇ
ବନ ଉପବନ ମହୀ ସବୁ ଯେ ହସଇ
ଜ୍ୟୋତ୍ସ୍ନା ଆଲୋକ ବିଛୁରଣ ପାଇଁ ସତିଏଁ ନାଚଇ
କେବେ ତୁ ଅମାବାସ୍ୟା ପୁଣି କେବେ ତୁ ପୂର୍ଣ୍ଣିମା
କେବେ ପୁଣା ନାୟିକା ଚନ୍ଦ୍ରିକା ସାଜି ହେଇ ଯାଅ
ମୋ ପ୍ରିୟତମା
ଯୁଗ ପରେ ଯୁଗ ଯାଏ କେତେ ରାତି ବିତିଯାଏ
ହେଲେ ବି ତୋ ଜ୍ୟୋତ୍ସ୍ନାରେ ମଳିନତା
ନଥାଏ ମଳିନତା
ତୋ ପ୍ରେମ ବର୍ଷାରେ ଆଜି ଯାଉଛି ମୁଁ ଭିଜି
କେଉଁ ପୁଣ୍ୟ ବଳେ ତତେ ପାଇବି ମୁଁ ଆଜି
ଖୋଜି ପାଇବି ମୁଁ ଆଜି
ମହୋଦଧି ଲଘି ଯିବି ଏ ଅମର ଭେଦି ଯିବି
ବନେ ଉପବନ ଯାଇ ତପସ୍ୟାରେ ବସିଯିବ
କେଉଁ ମନ୍ତ୍ର ଯୋଗ ବଳେ ପାଇବି ମୁଁ ତତେ
ସବୁ ଜପ ତପ ସରି ଚାହିଁ ରହିଥିବି ତତେ
ଚାହିଁ ରହିଥିବି ତତେ ।

- o -

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ରୀ
କଟକ

ଅଲିଭା ସଳୀତା

ପଦ୍ମିନୀ ନାୟକ

ଦୁହିତା ଦୁଇ କୂଳକୁ ହିତା
ତ କେବେ ସେ ଦୁଇ କୂଳକୁ ପିତା ।
ଝିଅ ଜୀବନ ନୁହେଁ ଯେ ସହଜ
ହସି ଖେଳି ବିତିଯିବ
ଜୀବନେ ତାହାର ବଞ୍ଚିବା ପାଇ
ସଂଘର୍ଷ ଯେ ଚାଲିଥିବ,
ନିଜର ଇଚ୍ଛାକୁ ମନରେ ଲୁଚାଇ
ଅନ୍ୟର ହାତରେ ନାଚୁଥାଏ
ହେଇ ସେ ସଖୀ କଣେଇ ।
ଯେବେ ନିଜ ଇଚ୍ଛାକୁ ଜରେ ପ୍ରକାଶ
ସେବେ ସେ କରିଦିଏ ଦୋଷ ।
ଅନ୍ୟର କଥାକୁ ମାନି
ଜୀବନକୁ ଉତ୍ସର୍ଗକରିଦିଏ ପୁଣି
କେବେ ସେ ଜନନୀ, କେବେ ସେ ଭଗିନୀ
କେବେ ସେ ହୋଇ ଅର୍ଦ୍ଧାଙ୍ଗିନୀ
ଅନ୍ୟର ଆଦେଶକୁ ଗ୍ରହଣ କରେ ନିଜ ଭାଗ୍ୟ ରେଖା ମାନି ।
ଯେବେ ସେ କରିଛି ଅନ୍ୟାୟର ବିରୋଧ
ସେବେ ସେ ହୋଇଛି କେତେ ଅପମାନିତ ।
ଦୁନିଆ ଆଗକୁ ବଢୁଆଗେଇଛି ସତ
କିନ୍ତୁ ଆଜି ବି ନାରୀ ହୁଏ ଅବହେଳିତ ।

- o -

ଭାଇ

ଅଭୀପ୍ସା ଶତପଥୀ

ସମ୍ପର୍କ ଏବେ ଅଙ୍କିତ ପୁଣି ଏବେ ନାହିଁ,
ସମ୍ପର୍କ କେବେ ଖରା ତ ପୁଣି କେବେ ଛାଇ,
ଏ ସମ୍ପର୍କକୁ ସମ୍ଭାଳିଛୁ ତୁ କୃଷ୍ଣ ହୋଇ,
ପୁଣି, ଲକ୍ଷ୍ମଣ ପାଳି ସବୁ ଯାଇଛୁ ସହି ।୧।
ଗୋଟିଏ ଗର୍ଭରୁ ଆମେ ଜନମ ହୋଇଛେ,
ଗୋଟିଏ କାନ୍ଧରେ ଆମେ ଦୁନିଆ ଦେଖିଲେ,
ଗୋଟିଏ ସଂସ୍କାରେ ଆମେ ବଢ଼ିଲେ, ଶିଖିଲେ,
ଭାବ - ବନ୍ଧର ମର୍ଯ୍ୟାଦାକୁ ଆମେ ରଖିଛେ ।୨।
କେମିତି କେଜାଣି ବୁଝିଯାଉ ମନ କଥା,
ଫେଡି ନେଇଯାଉ ମୋର ଯେତେ ସବୁ ବ୍ୟଥା,
ପୁଣି ବାଣ୍ଟିଥାଉ ସଦା ଖୁସିର ବାରତା
ଏ ଜୀବ - ଜାଳେ, ତୋ ସଂଗତ, ଲେଖିଛି ମଥା ।୩।
ତୁ ଥିଲେ ମୋର ଡର କାହାକୁ ତୁ ଅଭୟ
ତୋ ସାଥେ ମୁଁ ଲଘେ ଅଭେଦ୍ୟକୁ ତୁ ମୋ ଲୟ,
ନିଷ୍କପଟ, ନିର୍ମଳ ତୋ ମନ ନିରାମୟ,
ରହିବୁ ପାଖେ ହେଲା ବେଳକୁ ମୋ ବିଲୟ ।୪।
ଜୀବନ ଯାତ୍ରାରେ କେତେ ଆସି କେତେ ଯିବେ,
ଉକ୍ତି, ପ୍ରେମ, ବିଶ୍ୱାସର ଦାପ ଜକେ ଲିଭେ,
ନିଃସ୍ୱାର୍ଥ ସମ୍ପର୍କ ଏଠି କ୍ୱଚିତ୍ ବାନ୍ଧିବେ,
କିନ୍ତୁ, ଆମ ବନ୍ଧନ କଥା ଲୋକେ କହିବେ ।୫।
ଅସମୟ ସମୟେ ସଦା ସାଥିରେ ରହି
ମୋ ସୁଖର ଖୁସିକୁ ଦ୍ୱିଗୁଣିତ କରଛ,
ମୋ ଧୈର୍ଯ୍ୟର ସ୍ତମ୍ଭ, ମୋ ଜୀବନରେଖା ବହି
ଭାଇ .... ତୋତେ ଛାଡି ଏଠି ମୋ ଦୁନିଆ ନାହିଁ ।୬।

- o -

+୩ ତୃତୀୟ ବର୍ଷ ଛାତ୍ର।
ସଂସ୍କୃତ ସମ୍ମାନ
ଧରଣୀଧର ବିଶ୍ୱବିଦ୍ୟାଳୟ
ଶୋରିଶିଆ, କେନ୍ଦ୍ରାପଡ଼ା

ହୋଲି

ରଞ୍ଜନ କୁମାର ବେହେରା

ପାରା ଦେହେ
ସାତ ରଂଗର ଅବିର ବୋଳି
ସଂପର୍କସେତୁ ଆରପାରିରେ
ଜେଚକ ସ୍ମିତ ହାସ୍ୟ ଶୁଷ୍କ ଅଭିନନ୍ଦନ
ମିଛ ବାହାନା ପାଚେରୀ ଡେଇଁ
ଭାଇଚାରା ଶବ୍ଦ ପ୍ରତିଧ୍ୱନିତ
ରଂଗର ପର୍ବ
ମେଲଣର ପର୍ବ
ବସନ୍ତ ଅଭ୍ୟର୍ଥନା ପର୍ବ
ସଂସ୍କୃତିର ଅପୂର୍ବ ଦର୍ଶନ
ପେନ୍ଥା ପେନ୍ଥା ପଳାଶ ଫୁଲ
ଝରା କୃଷ୍ଣଚୂଡା ପ୍ରେମରେ
ଆମ୍ବ ବଉଳର ମହ ମହ ବାସ୍ନାରେ
ନିଜକୁ ହଜେଇ ଦିଏ ଭିଜେଇ ଦିଏ
ଆଞ୍ଜୁଳା ଆଞ୍ଜୁଳା ରଂଗିନ୍ ହୋଲିରେ
କୋଇଲିର କୁହୁ କୁହୁ ସ୍ୱର
ଖୋଲା ମଳୟର ଗୁହା ଗୁହା ମଧୁର ସ୍ପର୍ଶ
ହଜେଇ ଦିଏ ତନ - ମନ
ବିକ୍ଷିପ୍ତ ପ୍ରାଣର ସ୍ପନ୍ଦନେ
ସାତ ରଂଗେ ସାତ ସ୍ୱରେ
ଦିଗରୁ ଦିଗବଳୟ
ବାଜି ଉଠେ ନିରୋଳା ଜୀବନ ସଂଗୀତ
ଢାଳି ଦିଅ ଆପାଦ ମସ୍ତକେ
ଦୁନିଆର ପରିବର୍ତ୍ତନ
ଜଠୋର ନିଷ୍ଠୁର ଅବିବେକୀ ମଣିଷ
ହୃଦୟ ତନ୍ତାରେ ଝଙ୍କୃତ ହେଉ
କୋଟି ପ୍ରାଣର ଏକତାର ମନ୍ତ୍ର
ମାନ-ଅପମାନ ଭେଦଭାବ ଅତୀତ ଭୁଲି
ଯୁଦ୍ଧ-ଭୟ-ବିଭୀଷିକା
ଧ୍ୱଂସ ସ୍ତୂପରୁ ଗୁଞ୍ଜରିତ ହେଉ
ନୂତନ ଜୀବନ ଅୟମାରମ୍ଭ ସାତ ସ୍ୱର
ସର୍ବେ ଭବନ୍ତୁ ସୁଖିନଃ
ବିଶ୍ୱକଲ୍ୟାଣର ମହାମନ୍ତ୍ର ।

- o -

ଅଶୋକ ନଗର, କୋରାପୁଟ

ଜଗନ୍ନାଥ ନୁହଁ ତୁ ଦୁଃଖୀ ସଙ୍ଗୀତ

ଦେବକୀରାଣୀ ସାହୁ

ଆହେ ଜଗନ୍ନାଥ ଜଗତର ନାଥ
ନୁହଁ ତୁ ଦୁଃଖୀ ସଙ୍ଗୀତ ।
ପାଷାଣ ଦେଉଳେ ରହିଛୁ ବାଉଳେ
ଭଣ୍ଡାଉଛୁ ଏ ଜଗତ ।
କରୁଣା ସାଗର ନାମ ଯେ ତୋହର
କେବଳ ଧନୀଙ୍କ ପାଇଁ ।
ନିଜ ଲୋକ ପାଇଁ ତୋ ଦୁଆର ସାଇଁ
ଖୋଲି ଦେଉ ଭୋଳା ହୋଇ ।
ଦୁଃଖୀ ଦୁଃଖୀ ହାରି ନାମଟି ତୋହର
କେବଳ ମିଛ ନାଟକ
ବଡଲୋକ ପାଇଁ ହାତ ଖୋଲି ଦେଇ
ଦେଉ ତୁ ଅନେକ ଭିକ ।
ଚକା ଚକା ଆଖି ନପାରୁ ତୁ ଦେଖି
ପଲକ ତୋ ପତୁ ନାହିଁ ।
ନାହିଁ ଗୋଡ଼ ହାତ କେମିତି ଯିବୁ ତ
ନିଲାଚଳେ ଅଛୁ ରହି ।
ଗରିବ ତୋହର ନୁହଁନ୍ତି ନିଜର
ଦେଉ ତାଙ୍କୁ ଯେତେ ଦୁଃଖ
ଅଭାବ କଷଣ ସହି ସହି ଜାଣ
ନ ଦେଖନ୍ତି ଟିକେ ସୁଖ ।
ପୂରୁବ ଜନମ କରମ ଓ ଧର୍ମ
ଭାଗ୍ୟଫଳ ଆଶ୍ରା କରି
ଆଖି ଲୁହ ଧାର ପିଇବାର ବାର
ବାହେ ଜୀବନର ତରି ।
ତଥାପି ସୁଦୟା ନାହିଁ ଚଉବାହା
ଦେଇଛ କାଙ୍ଗାଳ କରି
ଏ ଦୀନ କାଙ୍ଗାଳୀ ଦେବକୀର ଅଳି
ଢାଳି ଦିଅ କୃପାବାରି ।

- o -

କବାଟବନ୍ଧ, ଯାଜପୁର

ସାକ୍ଷାତରେ ସବୁ

କବିତାରାଣୀ ପଣ୍ଡା

ପଚାରିଲେ ବାନ୍ଧବୀ ମୋ
କେମିତି ଅଛ ଗୋ ଲଳିତେ,
ହୁଏତ ସେ ଭାବିଥିଲେ
କହିଥାନ୍ତି ଭଲ,
ଉଁହୁ ନା
ସେମିତି ମୁଁ ପାରିଲିନି
ପାରିଲିନି ଏତେ ମିଛ କହି ।
ଭଲ କହି କଥାଟାକୁ
ସହଜରେ ଦେବାକୁ ଛିଣ୍ଡାଇ
ପାଟି ତ ଖୋଲିଲାନି
ମଥାରେ ମୋ ଭାବନା
କାହିଁକି ଛାଡ଼ିଲି ସହଜ ବାଟ
ସତ କହିବା କି ଏତେ ସହଜ
ସେ ସତ ପୁଣି ଅଠେଇଶ ବର୍ଷର
ଗୋଟାଏ ଦୀର୍ଘ କାଳଖଣ୍ଡ ।
ସେ ଦୀର୍ଘ କାଳଖଣ୍ଡ...
ଯାହା ଉପରେ ବହି ଯାଇଛି
ଅଠାନବେର ଅଂଶୁଘାତ
ଅନେଶତର ଅଣଚାଶ ବାୟୁ
ଆଉ ଏମିତି କେତେ ଉତ୍ଥାନ ପତନ
ଘଟଣା ଦୁର୍ଘଟଣା
ଆଉ ଗତି ପ୍ରଗତିର
ଖତର ଛାପିଛି ତା ଦେହରେ ।
ଏ ଭିତରେ ସୂର୍ଯ୍ୟ ପରିକ୍ରମା କରିଛି
ପୃଥିବୀ ପୂରା ଅଠେଇଶ ଥର
ଗତୁଚକ୍ର ଘୂରି ଘୂରି
ପରିଧିରୁ ନେଇ
କେନ୍ଦ୍ରରେ କରିଛି
କେନ୍ଦ୍ରିତ ଆମକୁ
ଆମ ପାଇଁ ସଂସାରର ସଂରଚନା କରି ।
ଚିଠିରୁ ସ୍ମାର୍ଟଫୋନ୍ ବାଟେ
ଜୀବନ ଓ ଜୀବିକାର
କେତେ ଯେ ବିବର୍ତ୍ତନ
ଅପ୍ରତ୍ୟାବର୍ତ୍ତୀ ପରିବର୍ତ୍ତନ
କେମିତି ବର୍ଣ୍ଣିବି ।
କେମିତି କହିବି କେଉଁ ଗପ
କାହାକୁ କହିବି ଅଧା
କାହାକୁ କହିବି ଚୁମ୍ବକେ ଚୁମ୍ବକେ ।
ଏଣୁ ମୁଁ ଭାଷିଲି ଭାଷା,
ଏମିତି କହି ହୁଏନି
ଏତେ ଦୀର୍ଘ କାହାଣୀ
ଆସ ସଖୀ, ଆସ ଗୋ ରାଧିକେ,
ସାକ୍ଷାତରେ ସବୁ ।
ହଁ ମୋର ପ୍ରିୟ ବାନ୍ଧବୀ,
ଆସିବ ସେ ସାକ୍ଷାତର ଲଗ୍ନ
ସାରିଦେବା କଣ୍ଠତଟେ ଅଟକି ଥିବା
ଯେତେସବୁ ତିକ୍ତ ମଧୁର ଅଭୁଲା କାହାଣୀ ।

- o -

ବରୀ, ଯାଜପୁର

ଆଧୁନିକ ଯୁଗ

ସୋନାଲି ପ୍ରଧାନ

ସେ କାଳ ପଖାଳ ଗଲାଣି
ଆଧୁନିକ ଯୁଗ ଏ ହେଲାଣି,
ନମସ୍କାର ଆଉ ମୁଣ୍ଡିଆ ବଦଳେ
ହାଏ ହ୍ୟାଲୋ ପ୍ରଥା ଚାଲିଲାଣି ।
ଲେମ୍ବୁ ପରବତ ଯୁଗ ଗଲାଣି
ପିଲାଏ ବାଇଆ ହେଲେଣି,
ବି ଫର ବିୟର ସି ଫର କୋଲଡ୍ରିଙ୍କ୍
ଅଜାକୁ ବୁଝାଏ ନାତୁଣୀ ।
ଭାଗବତ ଗୁଞ୍ଚି ଗଲାଣି
ସେଠି କ୍ଲବ ଘର ଠିଆ ହେଲାଣି,
ହରି ନାମ ଏଠି ମର୍ଯ୍ୟାଦା ହରାଏ
ନିଶାରେ ହେଉଛି ଉସାଣି ।
ଫଟା ଜିନ୍ ପିନ୍ଧି ପିଲାଏ ମନ୍ଦିର ଗଲେଣି,
ଶହ ଶହ ନନା ମନ୍ଦିର ନାଁରେ
ପଇସାକୁ ସବୁ ଖାଇଲେଣି ।
ଚିଠି ପତ୍ର ଯୁଗ ଗଲାଣି
ଚାଟିଂ ଆରମ୍ଭ ହେଲାଣି,
ଡାକ ଘର ଆଉ ଖୋଜିବେନି ଲୋକ
ଫୋନ୍ କଲ୍ ଯୁଗ ହେଲାଣି ।
ଆଧୁନିକ ଯୁଗ ହେଲାଣି ।

- o -

ବୃନ୍ଦାଦେଇପୁର ଶାସନ, ଜେନାପୁର

ତୁମ ଅପେକ୍ଷା ରେ !!

ଅନିମେଷ ପଟ୍ଟନାୟକ

ସମୟର ଚେତାବନୀ ଓ ହୃଦୟର ଧମକ
ଡରି ଯିବା ନିଷ୍ପ୍ରୟୋଜନ
ତଥାପି ଡର ଲାଗେ
କାହିଁକି ଏତେ ବିଳମ୍ବ ?
ମିଳନର ଆକାଂକ୍ଷାରେ ବ୍ୟାକୁଳିତ ମନ ।
ସମୟକୁ ଟାଣି ରଖିବାର, ସ୍ପନ୍ଦନକୁ ରୋକି ଦେବାର
ସାମର୍ଥ୍ୟ ତ ନାହିଁ ମୋର,
ଭାବିଥିଲି ଲୁଚୁଥିବି
ତୁମ ପ୍ରେମ ଆକୁଆଳରେ ବାରମ୍ବାର ।
ସମୟ ଆଖିରେ ଧୂଳି ଦେଇ
ତୁମ ଭାବନାରେ ବଞ୍ଚିଯିବି ଆଉ କିଛି ଦିନ ।
ଅନ୍ଧାର ରାତିରେ ତୁମ କଳ୍ପନାକୁ ରୂପଦେବି
ଆଉ ସିଞ୍ଚିଦେବି ପ୍ରାଣ ।
ଏ ଗ୍ରହ ନକ୍ଷତ୍ରକୁ ତୀବ୍ରକରାଇବି
ଆମ ମିଳନର ପରେ ପରେ
ପୁଣି ରୋକିଦେବି ସେମାନଙ୍କର ଗତିକୁ
ରୋକି ଦେବି ଗାଡିର ଟିକ୍ ଟିକ୍ ଓ ହୃଦସ୍ପନ୍ଦନକୁ
କିଛି କ୍ଷଣ ପାଇଁ ବରଂ କିଛି ଯୁଗ ପାଇଁ
ଆଉ ଭୋଗିବି ତୁମର ସାନ୍ନିଧ୍ୟ ଚିରଦିନ ପାଇଁ ।
କୁହତ ଥରେ ଏ ଯନ୍ତ୍ରଣା ଆଉ କେତେ ଦିନ ?
ମୋ ଅପେକ୍ଷାର ଆୟୁଷ ଆଉ କେତେ ଦିନ ?
ଥରୁଟିଏ ଆସିବାକୁ ମୋ ପାଖେ ବସିବାକୁ
ସତ କୁହ କେବେ ଜଣ କରି ନାହଁ ମନ ?
କେବେ ଆସିବ ତୁମେ ମୋ କଳ୍ପନାର ବାସ୍ତବ ରୂପନେଇ ?
କେବେ ଆସିବ କୁହ ଏ ଅପେକ୍ଷାର ଅବଧିକୁ ଡେଇଁ ?
ଯଦି ଆସିବାର ତୁମେ କରିନ ଯୋଜନା,
ସମୟକୁ ରୋକିବାକୁ କରି ଦିଅ ମନା
ବିତିଯାଉ ସମୟ, ଥମି ଯାଉ ହୃଦୟ ।
ଏ ଅପେକ୍ଷାର ଅନ୍ତ ଯଦି ନାହିଁ
ଜୀବନର ସନ୍ଧ୍ୟା ଯାଉ ପଛେ ନଇଁ
ପର ଜନ୍ମରେ ମୁଁ ପୁଣି ଆସିବି
ଦଇବ ଠୁ କପାଳରେ ତୁମ ନାମ ଲେଖାଇବି,
ପର ଜନ୍ମ ପାଇଁ,
ଓ ତା' ପରର ସବୁ ଜନ୍ମ ପାଇଁ ।

- o -

ସଦସ୍ୟ, ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ

ବାହାମୁକୁଟ

ନିର୍ମାଲ୍ୟ କୁମାର ପ୍ରଧାନ

ଯେବେ ମୁଁ ପିନ୍ଧିଲି ବାହା ମୁକୁଟ
ସେଦିନୁ ସାଜିଲି ନୀଳକଣ୍ଠ
ସେବେଠୁ ଶିଖିଲି ଛଦ କପଟ
ଯେବେ ମୁଁ ପିନ୍ଧିଲି ବାହା ମୁକୁଟ
ଯୁଆଡେ ଯାଉଛି ଦେବାକୁ ହେଉଛି ଦରଖାସ୍ତ
ଗଲେବି ତେରିରେ ଆସୁଛି ଝଅଟ
ଯେବେ ମୁଁ ପିନ୍ଧିଲି ବାହାମୁକୁଟ
ଭୁରି ଗଣିଣି ସର ସଙ୍ଗାତ
ଆଉ ଯାଉନି ଯାତରା ନାଟ
ଯେବେ ମୁଁ ପିନ୍ଧିଲି ବାହା ମୁକୁଟ
ମୁଁ ଖାଲି ପେଟରେ ରହିଲେ ଚଳିବ
ଖାଲି ନଉହୁ ମୋ ଭାରିଜା ପେଟ
ଯେବେ ମୁଁ ପିନ୍ଧିଲି ବାହା ମୁକୁଟ
ସକାଳେ ଆଉ ସଞ୍ଜରେ ତାକୁ ମୁଁ ଯୋଡୁଛି ହାତ
କାଳେ ଦେଖେଇଦେବ ମତେ କୋଟ
ଯେବେ ମୁଁ ପିନ୍ଧିଲି ବାହା ମୁକୁଟ
ଏ କବିତାଟି ଶୁଣି ଶାଳୀ ମତେ ମାରିଲା ନାତ
କହିଲା ତୁମ ପିଠିରେ ଖୋଳିବି ଗାତ

ମୋ ଅପା ନୁହେଁ ଏମନ୍ତ
କହିଲି ମୁଁ ତରି ତରି
ନାଆଲୋ ସୁନ୍ଦରୀ
ଏହା ଥିଲା କାଳ୍ପନିକ ନୁହଁଇ ସତ
ଏ କବିତା ଶୁଣି
ସାଙ୍ଗ ମୋ ଅବିବାହିତ
ହେଲା ବିସ୍ମିତ
କହିଲା ମୁଁ ଆଉ ପିନ୍ଧିବିନି ବାହାମୁକୁଟ
ମୁଁ କହିଲି ହେ ମୋର ମନର ମିତ
ତୁ ମତେ ପିନ୍ଧାଇଛୁ
ମୁଁ ତତେ ପିନ୍ଧାଇବି ଜବରଦସ୍ତ
ମୁଁ ହେଉଛି ନିର୍ଯାତିତ
ଏଥିରେ ନାହିଁ ଦୁଇମତ
ଏ ସମାଜରେ ଯେତେ ଅଛ ଅବିବାହିତ
ହୁଅ ନାହିଁ ଭୟଭୀତ
ପିନ୍ଧ ତୁମେ ବାହାମୁକୁଟ
ନହେଲେ ସମାଜରେ ହେବ ନିନ୍ଦିତ ।

- o -

ଉପସଭାପତି
ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ
ବୃନ୍ଦାଦେଈପୁର, ଜେନାପୁର



ଶୂନ୍ୟତା

ତପସ୍ୱିନୀ ଖୁଣ୍ଟିଆ

ଶୂନ୍ୟତା....
ହଁ ପେ ଶୂନ୍ୟତାର
ନିଃସଙ୍ଗ ମୁହୂର୍ତ୍ତେ
ଟାଣି ନିଏ କାଇଁ କେତେ ଅତୀତକୁ
ଚିହ୍ନି ଜଣ୍ଟି ଜିଣ୍ଟି ଆନନ୍ଦ ଭିତରକୁ
କେଉଁ ଏକ କୋଣରେ ପଡିଥିବା
ସେ ବାସି ଫୁଲଟି
ଯିଏ କିଛି ସମୟ
ତା ବାସ୍ନାରେ ବିମୋହିତ କରି
ବୁଣିଦିଏ କାଇଁ କେତେ
ରଙ୍ଗୀନ ସ୍ୱପ୍ନର ଘର...
ପୁଣି ହଠାତ୍ ହଜକାଏ ପବନ
ରୂପ ନିଏ କାଳବୈଶାଖୀର
ଯିଏ ସବୁକିଛିକୁ ପୁଣି ଥରେ
ବିଷମତାରେ ଭରିଦିଏ...
ଏ କଣ ସେଇ ଶୂନ୍ୟତାର
ଶେଷ ସୀମା କହିବ କି ତୁମେ ।

କଣ ତୁମେ ସେଇ କି
ଯେଉଁଠି ଅନ୍ତଃ ହୁଏ
ମୋର ସମସ୍ତ ପ୍ରଶ୍ନ ଗୁଚ୍ଛ
ଯେଉଁଠି ପୂର୍ଣ୍ଣଚ୍ଛେଦ ପଡେ
ମୋର ଅନେକ ଅକୁଆ ବ୍ୟଥା,
କଥା ଆଉ ଉଙ୍କିମାରେ
ଜୀବନର ନୂଆ ଉଦ୍ଦୀପନା
ଠିକ୍ ଯେମିତି ବୃହତ
ସମୁଦ୍ରର ନଦୀ ସହ ମିଳନ
ମାଟି ସହ ଆକାଶର ମିଳନ
ଆମ୍ବିଭୋର ମୁଁ ସେ ଅପୂର୍ବତାରେ
କଣ ତୁମେ କି !
ସେଇ ଶେଷ ସୀମା
ଯିଏ ଶୂନ୍ୟରୁ ଆରମ୍ଭ ହୋଇ
ପୁଣି ମିଳେଇଯାଏ ଆଉ ଏକ
ଶୂନ୍ୟତାର ମହାପୁଣ୍ୟରେ ।

- o -

ଯୋଡିଆ, କେନ୍ଦ୍ରାପଡ଼ା

ମାଆ

ପ୍ରୀତି ନାୟକ

ଆମରି ହସରେ ହସୁଛି ଯିଏ
ଆମରି ଦୁଃଖରେ କାନ୍ଦୁଛି
ଦଶମାସ ଧରି ଜନମ ଦେଇଛି
ସେଥିପାଇଁ ତାକୁ ବାଧୁଛି
ସୃଷ୍ଟିର ଏଇ ଦୁନିଆର ଆଗରେ
ଧରିତ୍ରୀର ଏଇ ଶୂନ୍ୟ ପଥରେ
ଦଶମାସ ଯିଏ ଗର୍ଭରେ ଧରିଛି
ଏବେ ସେ କୁହ ଗଡାଉଛି



ଦୁନିଆ ଦୁଃଖକୁ ଆପଣାଇ ଯିଏ
ନିଜର ପଣତେ ଘୋଡାଇ ଦିଏ
ମା' ହିଁ ତ ବୁଝେ ପିଲାର ବେଦନା
ମା ମନେ ନାହିଁ ଟିକେ କି ଛଳନା
ମା ଶବ୍ଦ ପୁଣି ସବୁଠାରୁ ମିଠା
ଯାହାର କୋଳଟି ସବୁଠାରୁ ମିଠା ।

- o -

ଦଶମ ଶ୍ରେଣୀ ଛାତ୍ରୀ
ଗୁରୁକୁଳ ସରକାରୀ ଉଚ୍ଚ ବିଦ୍ୟାଳୟ, ସିଂହାପୁର

କିଏ ଦେଖିଛ କି ବାପାଙ୍କ ଲୁହ ?

ରାଜଲକ୍ଷ୍ମୀ ରାଉତ

ମାଆର ଲୁହକୁ ଦେଖିପାରୁ ଆମେ
ବାପାଙ୍କ ଲୁହ କିଏ ଦେଖିଛ କୁହ
ବାପା ବି କାନ୍ଦନ୍ତି ଲୁହ ଜୋହ ଚାପି
ଆଖିରୁ ଝରେ ତାଙ୍କ ତତଲା ଲୁହ ।

ହଜାର ଜଞ୍ଜାଳ ମୁଣ୍ଡରେ ମୁଣ୍ଡେଇ
କରୁଥାନ୍ତି ସେ ବହୁତ ଶ୍ରମ
ମୁଣ୍ଡର ଝାଳକୁ ତୁଣ୍ଡରେ ମାରିଦେଇ
ଦିବାନିଶି ସେ ଜରନ୍ତି କାମ ।

କର୍ତ୍ତବ୍ୟକୁ ପାଳି ଦାୟିତ୍ୱ ନେଇ ବାପା
ଶାସନ କରି ସେ ପଢ଼ାନ୍ତି ପାଠ
କେହି ଜାଣନ୍ତିନି କେହି ଦେଖନ୍ତିନି
ବାପାଙ୍କର ସେହି ଯନ୍ତ୍ରଣା କଷ୍ଟ ।

ପେଟର ଭୋକକୁ ପାଣିରେ ବୁଝାନ୍ତି
ସନ୍ତାନ ଆଖିରେ ଦେଖନ୍ତି ସ୍ୱପ୍ନ
ପୁଅଝିଅଙ୍କର ହେଲାକି ଅବହେଳା
ନିଜକୁ ନିଜେ ସେ କରନ୍ତି ପ୍ରଶ୍ନ ।

ଅଲୋଡ଼ା ହୁଅନ୍ତି ସେହି ବାପା ମାଆ
ଆସେ ଯେବେ ତାଙ୍କ ବୃଦ୍ଧାବୟସ
ସେହି ପୁଅ ବତ ହୋଇଗଲେ କହେ
ତୁମେ ଆମ ପାଇଁ କରିଛ କିସ ।

- o -

ଦଶମ ଶ୍ରେଣୀ ଛାତ୍ରୀ
ଗୁରୁକୁଳ ସରକାରୀ ଉଚ୍ଚ ବିଦ୍ୟାଳୟ, ସିଂହାପୁର

ଭାଇର ସ୍ନେହ

ଚିନ୍ମୟୀ ବେହେରା

ଭାରଟିଏ କେବେ ଜହିପାରେ ନାହିଁ
ଭଉଣୀକୁ କେତେ ଯେ ଭଲପାଏ
ହେଲେ ଚାର ପ୍ରତି ବିପଦରେ
ସେ ସାମ୍ନାରେ ରହିଥାଏ ।

ତା ଖୁସିର ବାଟରେ
ବାଧାବିଘ୍ନକୁ ଦୂର କରେ
ତା' ଦୁଃଖର ଅନ୍ତରେ
ପ୍ରୀତି ଆଲୋକ ବୁଣେ ।

କେତେ ମିଠା ଏ ସମ୍ପର୍କ
ଯାହାର ଅନ୍ତ କେବେ ନାହିଁ
କେତେ ନିବିଡ଼ ଏ ସମ୍ପର୍କ
ଯାହାର କଳ୍ପନାର ସୀମା ନାହିଁ ।

ସମ୍ପର୍କର ଏ ଅତୁଟ ବନ୍ଧନ
ଦେଖାଇ ହୁଏନି ଏତ
ହେଲେ ରକ୍ତର ଏ ବନ୍ଧନ ।

- o -

ଦଶମ ଶ୍ରେଣୀ ଛାତ୍ରୀ
ଗୁରୁକୁଳ ସରକାରୀ ଉଚ୍ଚବିଦ୍ୟାଳୟ, ସିଂହାପୁର



ଗୁରୁବିନା

ଅଂଶୁମାନ ପଣ୍ଡା

ଗୁରୁବିନା ଶିଷ୍ୟ ହୁଏ ଲକ୍ଷ୍ୟହୀନ
ହଗାଇ ସେ ବସେ ସବୁଥିରୁ ଧାନ,
ଜାଣେ ନାହିଁ ହୀରା ଜାତର ପ୍ରଭେଦ
ଚିହ୍ନିପାରେ ନାହିଁ ଆପଦ ବିପଦ ।
ହାତରୁ ଖସଇ ମୂଲ୍ୟବାନ ଜୀବନ,
ଗୁରୁବିନା ଶିଷ୍ୟ ହୁଏ ଲକ୍ଷ୍ୟହୀନ,
ହଗାଇ ସେ ବସେ ସବୁଥିରୁ ଧାନ ।
ଶିଷ୍ୟ ତଙ୍କା ହେଲେ ଗୁରୁ ତା ନାଉରୀ
ଗୁରୁ ବିନା ଶିଷ୍ୟ ହୁଏ ନାହିଁ ପାରି,
ଗୁରୁ ଦେଇଥିବା ପ୍ରତି ମୂଲ୍ୟ ବୋଧ,
ଗ୍ରହଣ କରିଛି ହୋଇ ମୁଁ ଅବୋଧ ।
ଆଜି ଏ ଜୀବନ ହୋଇଯାଏ ଧନ୍ୟ
ଗୁରୁ ବିନା ଶିଷ୍ୟ ହୁଏ ଲକ୍ଷ୍ୟହୀନ
ହଗାଇ ସେ ବସେ ସବୁଥିରୁ ଧାନ ।
ତୁମେ ଅନ୍ଧାରରେ ଆଲୋକର ଜ୍ୟୋତି
ଅଶାନ୍ତି ଭିତରେ ତୁମେ ଚିର ଶାନ୍ତି,
ଗୁରୁ ତୁମେ ମାତା, ଗୁରୁତୁମେ ପିତା,
ତୁମ ଆଶିଷେ ହେବି ମୁଁ ଜଗତଜିତା ।
ହୃଦୟରେ ଗଢ଼ା ତୁମ ପ୍ରତିମୂର୍ତ୍ତି
ତୁମେ ଅନ୍ଧାରରେ ଆଲୋକର ଜ୍ୟୋତି,
ଅଶାନ୍ତି ଭିତରେ ତୁମେ ଚିର ଶାନ୍ତି ।
ତୁମଠୁ ପାଇଛି ମୁଁ ଅମୂଲ୍ୟ ଜ୍ଞାନ
ତୁମ ଶିଷ୍ୟ ହୋଇ ଧନ୍ୟ ଏ ଜୀବନ,
ରହିଥାଉ ତୁମର ମୋ ଉପରେ ଶୁଭ ଆଶୀର୍ବାଦ
ସାମନା କରିବି ମୁଁ ସବୁ ବିପଦ ।
ଗୁରୁ ତୁମେ ଆମ ମାତା, ପିତା ଶିକ୍ଷା ଦାତା
କହେ ଶାସ୍ତ୍ର କହେ ଭଗବତ ଗୀତା ।

- o -

ପଞ୍ଚମ ଶ୍ରେଣୀ, ଜେନାପୁର

ଅନ୍ୟ ଏକ ସକାଳ

ପ୍ରିୟଙ୍କା ବାର୍ଗେ

ଆଜିର ଏ ସକାଳ କେତେ ସୁନ୍ଦର
ନାହିଁ ତାର ପଟାନ୍ତର ।
ଯାହାର ଦର୍ଶନରେ ମଣିଷ ମନରେ ସୃଷ୍ଟି ହୁଏ
ନବ ଆଶା, ଆକାଂକ୍ଷାର ଚିତ୍ର ।
ଆଜିର ସକାଳେ ପୂର୍ବ ନଭରେ
ଜାତ ହୁଅନ୍ତି ସେହି ଆଦିତ୍ୟ ।
ଯାହାର ଜନ୍ମରେ ଧରଣୀ ମାଆ
ପୁଅଟିଏ ପାଇ ହୁଏ ଉଲ୍ଲସିତ ।
ପକ୍ଷୀର ଗୁଣୁଗୁଣୁ ଶବ୍ଦ, ଝରଣାର କୁଳୁକୁଳୁ ଧ୍ୱନି,
ମନ୍ଦିରର ଶଙ୍ଖନାଦରେ କରେ ତାର ସ୍ୱାଗତ ।
ଧରଣୀରେ ସଙ୍ଗୀ ହେବା ପାଇଁ ତା ସହ
ପ୍ରସ୍ଫୁଟିତ ହୁଏ ନବ ଘାସଗୁଚ୍ଛ - ଫୁଲଫଳ ।
ସମସ୍ତେ ମିଶି ପ୍ରକୃତି ରାଣୀକୁ
କରିଥାନ୍ତି ରଙ୍ଗ ବିରଙ୍ଗରେ ଚିତ୍ରିତ ।
ତୁମେ ତାଙ୍କ ନିକଟରେ ବଞ୍ଚାୟମାନ ହୁଏ
ଶତ୍ରୁ ରୂପି ସମୟ...
ଛଡାଇ ନିଏ ପୁତ୍ରକୁ ତାହାର
ମାତୃ ହୃଦୟରେ ଖେଳି ଯାଏ ଅନ୍ଧକାର ।
ସଖାର ବିଦାୟ ଅଟେ କଷ୍ଟ ଦାୟକ
ତେଣୁ ହୋଇଯାଏ ଶ୍ରୀହୀନ ସାଥୀ ତାହାର ।
ଲୁଚିଯାଏ ତାର ସୁନ୍ଦରତା ହୋଇ ମଳିନ,
ତୁମେ ତୁମେ ପଶ୍ଚିମ ନଭରେ ବିବାକର ।
ସଖା, ସାଥୀ ଠାରୁ ନିଅନ୍ତି ବିଦାୟ ।
ମାତୃ ହୃଦୟକୁ ପ୍ରବୋଧ ଦେବା ପାଇଁ
ବସାକୁ ପ୍ରତ୍ୟାବର୍ତ୍ତନ କରନ୍ତି ଜୀବ ।
ଈଶ୍ୱରଙ୍କ ମହିମା ଅଟେ ଅପାର
ତେଣୁ ସେ ସୃଷ୍ଟି କରନ୍ତି ନୂତନ
ଅନ୍ୟ ଏକ ସକାଳ... ଅନ୍ୟ ଏକ ସକାଳ ।

- o -

ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସାଧୁଆପାଟଣା, ଯାଜପୁର

ବୁଦ୍ଧିଜୀବୀ

ଶ୍ରୀକୃଷ୍ଣ ଚନ୍ଦ୍ର ଖଟୁଆ

ସାଧାରଣ ଭାବେ ଶିକ୍ଷକମାନଙ୍କୁ
କୁହାଯାଏ ବୁଦ୍ଧିଜୀବୀ
ବୁଦ୍ଧିଦ୍ୱାରା ସଦା ଜୀବିକା ନିର୍ବାହ
କରିବା ଯାହାର ହବି ।୧।
ବୁଦ୍ଧିଦ୍ୱାରା ଚୋଗ ଜୀବିକା ଅର୍ଜନ
କରିଲେ ବି ନୁହେଁ ସିଦ୍ଧି
ଜଥୋପନିଷଦେ ଶରୀର ରଥ
ସାରଥି ହେଉଛି ବୁଦ୍ଧି ।୨।
ମଣିଷକୁ ଠିକ୍ ଭାବେ ଏହି ପଦ
କରଇ ପରିଚାଳିତ
ବିବେଗ ଆବେଗ ଦ୍ୱାରା ସେ ପ୍ରେରିତ
ହୋଇ କରେ ବୁଦ୍ଧିମନ୍ତ ।୩।
ଏପରି ବ୍ୟକ୍ତି ଯେ ସମାଜରେ ସୃଷ୍ଟି
କରେ ବହୁ ବୁଦ୍ଧିମାନ
ଶିକ୍ଷକ ବା ଗୁରୁ ଯାହାକୁ ସମ୍ମଦ
ଭାବେ କରଇ ସମ୍ମାନ ।୪।
ସୀମାରେଖା ଟାଣେ ବୁଦ୍ଧି ଯେ ସକଳେ
ସଦ୍ ବୁଦ୍ଧି ଦିଏ ଲିଭାଇ
ଜ୍ଞାନ ମଣ୍ଡଳରେ ସଦ୍‌ବୁଦ୍ଧି ସୁସ୍ଥ
ବିବେକ ସୃଷ୍ଟି କରଇ ।୫।
ଅସୁସ୍ଥ ବିବେକ ମର୍ତ୍ତେ ମଣିଷକୁ
ବିପଥଗାମୀ କରଇ
ଏହି ଦୁନିଆରେ କୁଶଳତାର ନାଁ
ବୁଦ୍ଧି, ସଦ୍‌ବୁଦ୍ଧି ଦୁଇ ।୬।
ବୁଦ୍ଧି ସଦ୍‌ବୁଦ୍ଧି ମଣିଷମାନଙ୍କୁ
ମଣିଷ ପରି ଗଢ଼ଇ
ଏଦୁଇ ଗୁଣରେ ହୁଏ ସମ୍ମାନିତ
ମଣିଷ ପଣିଆ ପାଇଁ ।୭।
ହାବାର୍ଡ ବିଶ୍ୱବିଦ୍ୟାଳୟରେ ଜଣେ
ପ୍ରସିଦ୍ଧ ମନୋବିଜ୍ଞାନୀ
ପାଚଟି ଭାଗରେ ବୁଦ୍ଧିକୁ ବିଭକ୍ତ
କରନ୍ତି ସେ ମହାମୁନି ।୮।
ସ୍ଥାନଗତ ବୁଦ୍ଧି, ସାଙ୍କେତିକ ବୁଦ୍ଧି
ଅନ୍ତଃ ବ୍ୟକ୍ତିଗତ ବୁଦ୍ଧି
ଶରୀର ଗତି ସହିତ ସେ ସଂପୃକ୍ତି
ବାଚିକ, ତାର୍କିକ ବୁଦ୍ଧି ।୯।
ନିଜକୁ ନିଜେ ବୁଝିବାରେ ବୁଦ୍ଧିଟି
ସବୁଠାରୁ ଶ୍ରେଷ୍ଠ ବୁଦ୍ଧି
ବ୍ୟକ୍ତିଗତ ଅବା ସାମାଜିକ ଦିଗେ
ସଫଳ ଆଣେ ଏହି ବୁଦ୍ଧି ।୧୦।
ଇଉରୋପର ଦାର୍ଶନିକ 'ଗ୍ରାମସି'
ପ୍ରିଜିନ ନୋଟବୁକ୍‌ରେ
ବୁଦ୍ଧିଜୀବୀମାନଙ୍କର ସମ୍ପର୍କରେ
ଲେଖାଟି ଭିନ୍ନ ଅର୍ଥରେ ।୧୧।
ପ୍ରତିଟି ମଣିଷ ରାଷ୍ଟ୍ରେ ନାଗରିକ
ବୁଦ୍ଧିଜୀବୀ ଜଣେ ଜଣେ
ଏ ସମାଜ ପାଇଁ ଜୀବିକା ନିର୍ବାହ
କରନ୍ତି ନାହିଁ ସେମାନେ ।୧୨।
ଦୁର୍ନୀତିଗ୍ରସ୍ତ ଲୋକମାନଙ୍କ ପାଇଁ

ଚଳକୁ ଯାଏନି ଦେଶ
ବିଦ୍ୱାନ ବ୍ୟକ୍ତିଙ୍କ ନିଗବରା ବେଶ
ପାଇଁ ଘଟୁଛି ଅବଶ୍ୟ ।୧୩।
ଜଣେ ଅଫିସର ଭୁଲି ସଦାଚାର
ଯଦି ନିଏ ମୋଟା ଲାଞ୍ଚ
ଜାଣି ବି ବିଦ୍ୱାନ ତା'ର ସପକ୍ଷରେ
ଭାଷେ କିଛି ମିଛ, ଖଚ ।୧୪।
ଜିରାଣୀ ଠକିଲେ ହାକିମ ସକଳେ
ଦେଇଥାଏ ଆଖିବୁଜି,
ମୋଟା ଅଙ୍କ ପଣେ ଠକି ଦିଏ ଶୋଷି
ବିରାଡ଼ି ବୈଷ୍ଣବ ସାଜି ।୧୫।
ହଜାର, ହଜାର ସବୁ ଅଫିସର
ଫାଙ୍କିଥାନ୍ତି ଆୟକର
ଶିଳ୍ପର ମାଲିକ ଅଛନ୍ତି ଅନେକ
ବିନା କରେ ଚଢ଼େ କାର ।୧୬।
ସମାଜେ ଶିକ୍ଷକ ସହ ଅଧ୍ୟାପକ
ଦଦା ଆୟକର ଫାସେ
ସରକାରୀ ସ୍ତରେ ଯେତେ କର୍ମଚାରୀ
ଠକି ନ ପାରନ୍ତି ଦେଶେ ।୧୭।
ଆମ ଦେଶର କେତେ ମହାପୁରୁଷ
ଦେଇଛନ୍ତି ମତଦାନ
ବୁଦ୍ଧିଜୀବୀଙ୍କର ନିରବତା ପାଇଁ
ଦୁର୍ନୀତିଗ୍ରସ୍ତ ଦେଶ ଆମ ।୧୮।
ଇଂରେଜୀ ଶବଦ ଏଜୁକେଟେଡ୍‌ର
ଓଡିଆ ଅର୍ଥ ଶିକ୍ଷିତ
ସେହିପରି ଇର୍ଣ୍ଡର ଅର୍ଥ ହୁଏ
ପାଠୁଆ ବା ବିଦ୍ୟାବନ୍ତ ।୧୯
ପାଠପଢ଼ି ଦେଶେ ହେଲେ ବି ଶିକ୍ଷିତ
ବିଦ୍ୟାବନ୍ତ ହୁଏ ନାହିଁ
ଯେପରି ସମାଜେ ଶିକ୍ଷା ଆଉ ବିଦ୍ୟା
ଭିନ୍ନ ଭିନ୍ନ ପଦ ଦୁଇ ।୨୦।
ବୁଦ୍ଧିମାନ ବ୍ୟକ୍ତି ପ୍ରତ୍ୟେକ ସ୍ଥଳରେ
ଶିକ୍ଷିତ ସେ ହୋଇପାରେ
କିନ୍ତୁ ଯେ ଶିକ୍ଷିତ ବ୍ୟକ୍ତି ବୁଦ୍ଧିମାନ
ସବୁଠି ନ ହୋଇ ପାରେ
କେବେ କେଉଁ ସ୍ଥଳେ ହାରେ ।୨୧।
ବିଦ୍ୟାବନ୍ତ ବ୍ୟକ୍ତି ହୁଅଇ ବିବେକୀ
ଆମ ଏହି ସମାଜରେ
ଇଞ୍ଜିନିୟର, ଡାକ୍ତରୀଛାତ୍ର, ଚୋରି
କରିଥାନ୍ତି କଲେଜରେ ।୨୨।
ଲୁଟ, ଡକାୟତି ଓ ନାରୀ ଧର୍ଷଣ
ନିଶାଗ୍ରସ୍ତ ଅପରାଧ
ବିବେକ ହରାଇ ଅପରାଧି ହୋଇ
ଆଇନରେ ହୁଏ ଅନ୍ଧ ।୨୩।
ତେଣୁ ବିଦ୍ୟାସହ ବିବେକର ଜ୍ଞାନ
ଶିକ୍ଷାଦେବା ଆବଶ୍ୟକ
ଏ ଦିଗରେ ଗୁରୁକୁଳ ସାଧନରେ
କର ପନ୍ଥା ନିର୍ଦ୍ଧାରଣ ।୨୪।

- o -

ତଇଲାସାହି, କଟାଟବନ୍ଧ

କବିତା

ବର୍ଷାରାଣୀ ବେହେରା

କି ସୁନ୍ଦର ମୁଖ, କି ସୁନ୍ଦର ହସ
କି ସୁନ୍ଦର ତା'ର କଥା ।
ଦୁଃଖ ହରିଯାଏ ସୁଖ ଭରିଦିଏ,
ମନେ ଆସେ ଅମୃତ ଚିନ୍ତା ।
ତା' ଟିକି ହସରେ ଦେଖେଇ ଦିଏ ସେ,
ଖୁସିରେ ରହିବା ବାଟ
ତା' ମଧୁର କଥା ଶିଖେଇ ଦିଏ ସେ
ନିଜର କରିବା ପାଠ ।
ଲୋଭ ନାହିଁ ତାକୁ ସଂସାର ଜଞ୍ଜାଳ
ନାହିଁ ତା ପାଖରେ ହିଂସା, ଅପରାଧ
ଲୋଭ ତାକୁ ଖାଲି ସ୍ନେହ ମମତା
ମନ କିଣି ନିଏ ଦୁଇ ପଦ କଥା ।

- o -

ଦଶମଶ୍ରେଣୀ
ଗୁରୁକୁଳ ସରକାରୀ ଉଚ୍ଚ ବିଦ୍ୟାଳୟ, ସିଂହାପୁର



ମାଟିର ମଣିଷ

ରୋଶ୍ମୀପ୍ରିୟା ବେହେରା

ଯନ୍ତ୍ର ତତେ କି ମନ୍ତ୍ର ଦେଉଛି ମାଟିର ମଣିଷ ଆରେ,
ମୁଗଧ ତୋହର ଚିତ୍ତ ଗହନେ ଚିହ୍ନି ପାରୁନୁ ବାରେ ?
ମଥା ତୋଳି ସେଇ ଯନ୍ତ୍ର ଯେ ସଦା ରୁଦ୍ର ଦାନବ ପରି
ଛିଡା ହୋଇଅଛି ଚାରିପାଶେ ତାର ଲୁହାର ଫଉଜ ଧରି ।
ଗର୍ଜି ଉଠୁଛି ଅରେ ଅରେ ପୁଣି ଭୀମ ଭୈରବ ରବେ
ନିଃଶ୍ୱାସ - ଧୂମ - ଉଲ୍ଲାସ ତା'ର ଛାଡର ମୌନ ନଭେ ।
ଦେଖି ପାରୁନୁ କି ତୁରେ,
ଚିହ୍ନିପାରୁନୁ ବହ୍ନିଶିଖା ଯେ ଜଳୁଛି ତାହାର ମୂଳେ ?
ମଣିନା ଏ ମାଟି ତୋହରି ମା'ଟି ଜୀବନ ଧାତ୍ରୀ ତୋର
ଉତ୍ତାନେ ପଡିରହିଛି ଦିବସ ରଜନୀ ସଂଜ ଭୋର ।
ବିପୁଳ ଏହାରି ସ୍ତନ୍ୟ ଦାନେରେ ବିପୁଳ ଏହାର ସ୍ନେହ
ପୁଷ୍ଟ ହୋଇଚି ଅଙ୍ଗ ତୋହର ବର୍ଣ୍ଣ ଫୁଟିଚି ଦେହେ ।
ଏ ତୋହ ମାଆର ବକ୍ଷ - ଉଲ୍ଲୁଳା ଗଭୀର ସେନେହ ଭରି
କେଉଁ ପରି ଆଜି ଉଗରା କରିଛୁ ଯନ୍ତ୍ରଚିତାର ବୁଲି ?
ଅନା ଅନା ଫେରି ଥରେ,
ଅନା ଅନା ତୋର ଦୃଷ୍ଟି ଫେରାଇ ମଳିନ ଏ ମାଟି ପରେ ।

- o -

ନବମ ଶ୍ରେଣୀ
ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ

ମୋ ଲେଖା

ବର୍ଷାରାଣୀ ସ୍ୱାଇଁ

ନୁହେଁ ମୁଁ ଲେଖକ
ନୁହେଁ ମୁଁ କବି
ଯାହା ମୁଁ ଲେଖୁଛି
ମନରୁ ଭାବି
ଲେଖାରେ ଯଦି ରହିଥିବ ତ୍ରୁଟି
କ୍ଷମା କରିଦେବ ସାଥୀଟିଏ ଭାବି ।
କିଛି ମାଗିବିନି କିଛି କହିବିନି
ମାଗିବି ଟିକେ ସ୍ନେହର ପ୍ରୀତି ।

- o -

ଛାତ୍ରୀ
ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ

ଭକ୍ତି ଓ ଭଗବାନ

ନିଲିପ୍ସା ଦାସ

ଅଦ୍ଭୁତ ସଂଯୋଗ ଆମ ଦୁହିଁଙ୍କର
ଆହେ ମୋର ମହାପ୍ରଭୁ
ନା ମୁଁ କେବେ ଦେଖିଛି ତୁମକୁ
ନା ତୁମେ ହୋଇଛ କଥା ।
ତଥାପି ତୁମକୁ ଜଣାଏ କାହିଁକି
ମୋ ମନର ସବୁ ବ୍ୟଥା
ଅନୁଭବ କରି ଜାଣିପାରୁଛି ମୁଁ
ଅଛ ତୁମେ ମୋର ସାଥେ ।
ଆଖି ଦେଖୁଥାଉ ତୁମ ରୂପ ଆଉ
କାନ ଶୁଣୁ ତୁମ ନାମ
ତୁମରି ଆଶିଷ ଥାଉ ମୋ ଉପରେ
ସାର୍ଥକ ହେଉ ମୋ କାମ ।
ଲୁଚକାଳି କାହିଁ ଖେଳୁଛ ମୋ ସାଥେ
ଦିଅ ଥରେ ଦରଶନ
ଧନ୍ୟ ହେବି ମୁହିଁ ପାଇ ତୁମ କୃପା
ତୁମେ ତ ମୋହର ପ୍ରେମ ।

- o -

ଅଷ୍ଟମ ଶ୍ରେଣୀ
ଜେନାପୁର ସରକାରୀ ଉଚ୍ଚବିଦ୍ୟାଳୟ

ନାରୀ ସ୍ୱାଧୀନତା

ଆଦ୍ୟାଶା ମିଶ୍ର

ସ୍ୱାଧୀନ ଦେଶର ସନ୍ତାନ ବୋଲି,
ଆମେ ସିନା କରୁ ଗର୍ବ ।
କୁହ କେଉଁଠି ପାଇଛି ନାରୀ ସ୍ୱାଧୀନତା,
ଥରେ ଖାଲି ତୁମେ ଭାବ ।
ଆଜି ବି ନାରୀ ଦୁନିଆ ଦାଣ୍ଡରେ
ଏକା ଚାଲି ପାରେ ନାହିଁ ।
ସୁରକ୍ଷିତ ଭାବି ରହିବାକୁ ଟିକେ,
ସାହାରା ଖୋଜି ବୁଲଇ ।
ମାନବ ଭିତରେ ଦାନବ ସ୍ୱଭାବ,
କରେ ତାକୁ ଆତଙ୍କିତ ।
କୁହୁଳି କୁହୁଳି ବଣ୍ଡେ ଦୁନିଆରେ
ତା ସପନ କରିବାକୁ ସତ ।
ନାରୀ ପାଇଁ ଯଦି ସମ୍ମାନ ରହିବ
ପୁରୁଷ ମନ ତଳେ ।
ପ୍ରଗତି ପଥରେ ସଭ୍ୟତା ଆମ
ଆଗେଇବ ମହାତଳେ ।
ନାରୀ ନୁହଁ ଗୋଟେ ଭୋଗ୍ୟ ବସ୍ତୁଟେ
ବିଳାସ ସାମଗ୍ରୀଟିଏ
ସେହି ହୋଇଥାଏ ବିଶ୍ୱ ବିଜୟୀ
ଯେ ନାରୀକୁ ସମ୍ମାନ ଦିଏ ।
ସେହି ନାରୀ ପରା ଜନନୀ ଭଗିନୀ
କେବେ ସାଜେ ପୁଣି ନନ୍ଦିନୀ
ମମତା ରଜ୍ଜୁରେ ସଂସାର ବାନ୍ଧିଛି
ସାଜିପୁଣି ସହ ଧର୍ମିଣୀ ।

- o -

ଶ୍ରେଣୀ - ନବମ
ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ

ଝିଅଟିଏ

ସିପ୍ରାସୋନି ବାସ

ଝିଅଟିଏ ମୁଁ ଝିଅଟିଏ
ମୋ ପରି ଅଛର ଆଉ କିଏ
ସଭିଙ୍କର ମନ ମୋହିନିଏଁ ମୁହିଁ
ସ୍ନେହ ଶରଧାର ସୂତା ଖିଏ ।
ଝିଅଟିଏ ମୁଁ ଝିଅଟିଏ
ଦୁଃଖକୁ ଦୂରେଇ ସୁଖ ଦିଏଁ
ବାପା ମାଆଙ୍କର ଅଟେ ମୁଁ ଗେହ୍ଲୁଇ
ନୁହେଁ ମୁଁ ତାଙ୍କର ବୋଝଟିଏ ।
ଝିଅଟିଏ ମୁଁ ଝିଅଟିଏ
ଭାବି ଦେଖ ଭାଇ ଥରୁ ଟିଏ
ଝିଅ ପୁଅ ଆଜି ଫରକ ତ ନାହିଁ
ଝିଅ ପରା ସୁନା ମୁଣ୍ଡାଟିଏ
ଝିଅଟିଏ ମୁଁ ଝିଅଟିଏ
ସୁନା ରାଇଜର ପରିଟିଏ
ଦେଶ ଜାତି ଲାଗି କାମ କରିଥାଏ
ମୋ ସଂଗେ ସମାନ ଆଉ କିଏ ?
ଝିଅଟିଏ ମୁଁ ଝିଅଟିଏ ।

- o -

ଅଷ୍ଟମ ଶ୍ରେଣୀ
ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟ

ମା

ବନ୍ଦିତା ବାସ୍

ମୋ ମା ଆଜି କାନ୍ଦୁଛି
ଲୁଚି ଲୁଚି କାନ୍ଦୁଛି
ସନ୍ତାନ ତାର ଯନ୍ତ୍ରଣା ଦେଉଛି ବୋଲି
ମୋ ମା ଆଜି ଲୁଚି ଲୁଚି କାନ୍ଦୁଛି
ନ ସହିପାରି ଲୁଚି ଲୁଚି କାନ୍ଦୁଛି
କୋଳଟି ତାର ପ୍ଲାଷ୍ଟିକ୍ ପଲିଥିନ୍‌ରେ ଭରିଛି ।
ଏସବୁ ସନ୍ତାନ ତାର ଉପହାର ଦେଇଛି
ଶସ୍ୟ ଶ୍ୟାମଳା ମୋ ମା ଆଜି ଶ୍ରୀହୀନ ହୋଇଯାଇଛି
ଗିରିବନାନି ତାର ମୂକ ପାଲଟିଛି
ନାହିଁ ତାର କୋକେ ଆଜି ସୁନାର ଫସଲ
ନାହିଁ ତାପାଖେ ଆଉ ରୂପାର ହସ
ଶୂନ୍ୟ ହସ୍ତ ବୋଲି ତା ସନ୍ତାନ ଆଜି
ବାରଦାଣ୍ଡ ଶୁଣ୍ଡି ପିଣ୍ଡା ହୋଇଛି ।
ତଥାପି ଦୁଃଖ ନାହିଁ ତା ସନ୍ତାନ ମନେ
ବେସାହାରା କରି ଗୋଇଠା ମାରୁଛି
ଭାତରୁଟି ଛାଡି ଫାଷ୍ଟଫୁଡ୍‌ରେ ମନ ଦେଉଛି
ନିଜ ଶରୀରକୁ ନିଜେ ବିଷାକ୍ତ କରୁଛି
ଏ ଭାରତ ମାତାର ବୀରପୁରୁଷ ସୁହାରୀ ଶୁଣ
ମା କୋଳରେ ରହି ଶୁଝ ମା'ର ଋଣ
ମୋ ମା ଆଜି ଲୁଚି ଲୁଚି କାନ୍ଦୁଛି ।

- o -

ସୁଖ ଜୀବନ

ଧୀରେନ୍ଦ୍ର କୁମାର ଶତପଥୀ

ସଅଳ ଶୁଅ ସଅଳ ଉଠ
ନ ଚର କେବେ ମଠ
କାଲିର କାମ ଜଗରେ ଆଜି
ଆଜିର କାମ ବର୍ତ୍ତମାନରେ ବାଜି
ପ୍ରାତଃ ଭ୍ରମଣ ସକାଳୁ ଉଠି
ପ୍ରାତଃ ସୂର୍ଯ୍ୟସ୍ନାନ କର ସବୁଠି
ମୁକ୍ତବାୟୁ କର ସେବନ
ଦୀର୍ଘ କର ନିଜ ଜୀବନ
ଛଣାଇକ ସଦା କରରେ ପାନ
ଟଙ୍କା ଗଣା ବେଳେ ଦିଅରେ ମନ
ବେଳକୁ ଜାଣି କର ଭୋଜନ
ନିର୍ମଳରଖ ମନ ଚୈତନ୍ୟ
ପରର କେବେ ନ ପାଅ ମନ୍ଦ
ମନରେ ଡର ନ ରହୁ ଦ୍ୱନ୍ଦ୍ୱ
ସଦା ଆଳସ୍ୟ ଭାବକୁ ଛାଡ
କର୍ତ୍ତବ୍ୟ ପାଇଁ ଆଗକୁ ମାଡ ।
ଈଶ୍ୱରଚିନ୍ତା ମନରେ ରଖି
ଜୀବନେ କେବେ ନ ହୁଅ ଦୁଃଖି ।

- o -

ଗଣିତ ବିଜ୍ଞାନ ଶିକ୍ଷକ
ଦୁର୍ଗାଶଙ୍କର ବିଦ୍ୟାପୀଠ, କୃଷ୍ଣପଡ଼ା, ଯାଜପୁର

ଗୁରୁ ଗୁରୁଜନ କଥା ମାନିବା

ପ୍ରିତୀପ୍ରିୟଦର୍ଶିନୀ ସାମଲ

ଗୁରୁ ଗୁରୁଜନ କଥା ମାନବା
ତାଙ୍କ କଥାକୁ ଆନ ନ କରିବା ।୧।
କେହି ତାଜିଦେଲେ ଆଜ୍ଞା କହିବା
ତୁଣ୍ଡେ ତୁ କାର କେବେ ନ ଧରିବା ।୨।
ସାରା ସଂସାରେ ସଭିଏଁ ଆମର
କେବେ କାହାକୁ ନ ଭାବିବା ପର ।୩।
ଗୁରୁଜନଙ୍କୁ କରି ନମସ୍କାର
ଲଘୁଜନ ସଦା ସ୍ନେହ ଆଦର ।୪।
ଭକ୍ତିଭାବ ରଖିଥିବା ସାଇତି
ମନ ତୋଷିବା ଆସିଲେ ଅତିଥି ।୫।
ପାଦ ଧୋଇଦେବା ତାଙ୍କ ଆଦରେ
ଆସନଟି ବିଛାଇବା ସଧାରେ ।୬।
ଗୁରୁ ଯାହା ପାଇବା
ଗୁରୁଙ୍କ ପାଶେ ନେଇ ଥୋଇବା ।୭।
କାହା ମନେ କେବେ ଦୁଃଖ ନ ଦେବା
ପରଉପକାରେ ସଦା ରହିବା ।୮।
ଯେବେ ଏଇ କଥା ମନେ ରଖିବା
ନିଶ୍ଚେ ଆମେ ଦିନେ ବଡ଼ ହୋଇବା ।୯।

- o -

ଦଶମ ଶ୍ରେଣୀ ଛାତ୍ରୀ
ଗୁରୁକୁଳ ସରକାରୀ ଉଚ୍ଚ ବିଦ୍ୟାଳୟ, ସିଂହାପୁର

ମୋ ଗାଆଁ

ନିବେଦିତା ଖିଲାର

ଏଇ ମୋ ଜନମ ମାଟି
ଏଇ ମୋର ଗାଆଁ
ଭୂଗୋଳ ପୋଥି ପତରେ
ନ ଥାଉ ତା ନାଆଁ ।
ଏ ମାଟିରେ ପାଦ ଦେଇ
ଶିଖିଲି ମୁଁ ଚାଲି
ଖେଳ ବେଳେ ବୋଳି ହେଲି
ଏହା ଧୂଳି ବାଲି ।
ଗାଆଁ ମୁଣ୍ଡ ବରଗଛେ
ଖେଳେ ମୁହିଁ ଦୋଳି
ବଣବୁଦା ବୁଲି ବୁଲି
ଖାଏ କେତେ କୋଳି ।
ମାଆ କୋଳୁ ମୁହିଁ ଆଗେ
ଏଇଠି ପଡିଲି
କୁଆଁ କୁଆଁ ଡାକ ଛାଡି
ମାଆକୁ ଖୋଜିଲି ।
ଛପି ଛପି ଯାଇ ମୁହିଁ
ଧରେ ପ୍ରଜାପତି
ଗୀତ ଗାଇ ଗାଇ ଫୁଲ
ତୋଳେ ନାନା ଜାତି ।
ଗାଆଁ ପାଣି ପବନରେ
ବଢୁଅଛି ମୁହିଁ
ଖାଇବାକୁ କେତେ ଫଳ
ଦିଏମୋତେ ସେହି ।
ସପୁରି, ପଣସ, ଆମ୍ବ
ନଡିଆ, କଦଳୀ
ତାଳିମ୍ବ, ଅମୃତଭଣ୍ଡା
କାକୁଡି, ପିଜୁଳି ।
ସରଗଠୁ ସୁନ୍ଦର ଅଟେ
ଏଇ ମୋର ଗାଆଁ
ଭୁଲି ନାହିଁ ଭୁଲିବନି
ମୁହିଁ ତାର ନାଆଁ ।

-o-

ଦଶମଶ୍ରେଣୀ
ସରକାରୀ ମା' ସିନ୍ଦୁରାଇ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ପାଖର

ସବୁଜ ବନ୍ଧୁ

ଅମ୍ଲାନ ମଲ୍ଲିକ

ବୃକ୍ଷ ଅଟେ ଆମ ପରାଣଧନ
ଯୋଗାଏ ଆମକୁ ପାଣିପବନ
ପ୍ରକୃତି ମା'ର ସେ ସବୁଠୁ ବନ୍ଧୁ
ସରି ହେବନି ତା' ଗୋଟିଏ ବିନ୍ଦୁ ।୧।
ବୃକ୍ଷ ଅଟେ ପୁଣି ଆମ ଜୀବନ
ଯୋଗାଏ ଆମକୁ ଅମ୍ଳଜାନ
ବୃକ୍ଷ ଥିଲେ ବଞ୍ଚେ ଜନ ଜୀବନ
ଦିଏ କେତେ ଛାଇ ଆଉ ଅଣ୍ଟାପବନ ।୨।
କାହା ପାଇଁ ପୁଣି ସାଜେ ସଂଜୀବନୀ
କାହାକୁଦିଏ ଖାଦ୍ୟ ଜାଲେଣି
କାହାକୁ ଯୋଗାଏ ବାସଗୃହ ପୁଣି
କାହା ପାଇଁ ସାଜେ ବରଷାରାଣୀ ।୩।
ବୃକ୍ଷ ପାଇଁ ଆଜି ହସଇ ପ୍ରକୃତି
କୋଳେ ଧରି ନାନା ଫୁଲ ଫଳ
ସବୁଜ ଲାଗଇ ଧରାପୃଷ୍ଠ ପୁଣି
ସୃଷ୍ଟି ହୁଏ ଶସ୍ୟ ଶ୍ୟାମଳ ।

- o -

ସପ୍ତମ ଶ୍ରେଣୀ
ନାରାୟଣ ଶୋଭନୀୟ ଶିକ୍ଷାଶ୍ରମ
ବୃନ୍ଦାଦେଇପୁର



ଆସୁଛି ଆଧୁନିକ ରଜ

ମାନସ ରଞ୍ଜନ ପ୍ରଧାନ

ଯାଖେଇ ଆସୁଛି ଆଧୁନିକ ରଜ
ହୋଇ କେତେ ସଜବାଜ
ଶୁଭୁ ନାହିଁ ଆଉ ରଜର ଆବାଜ
ଦିଶୁ ନାହିଁ ସେ ମଉଜ ।୧।
ଓଡ଼ିଆ ସଭ୍ୟତା ସଂସ୍କୃତିକୁ ଭୁଲି
ସମାଜ ପାଳୁଛି ଆଧୁନିକ ରଜ
ବଢ଼ି ପକାଇଛି ପୁରୁଣା ରଜକୁ
କରି ଆଧୁନିକ ସଜବାଜ ।୨।
ରଜ ପରଜରେ ଗାଁ ଭୂଇଁ ଛାଡି
କରନ୍ତି ବିଦେଶ ଭ୍ରମଣ
ହୋଟେଲ ପାର୍କ କେତେ ଯେ ବୁଲନ୍ତି
ମଉଜ କରନ୍ତି ରାତି ଦିନ ।୩।
ବିଲୁପ୍ତ ହେଲାଣି ରଜଦୋଳି ଆଉ
ପୋଡପିଠା, ମିଠା ପୁଣି ରଜପାନ
ପାଲା, ଦାସ କାଠିଆ, କବାଡ଼ି ସାଙ୍ଗକୁ
ବାଡି ଖେଳ ନାମ ସଂକୀର୍ତ୍ତନ ।୪।
ପିଠାମିଠା ଭୁଲି ସମାଜ ଏବେ
ଆମିଷେ କଲାଣି ଅଭିଳାଷ
ପାନ, ବିଡି, ମଦ, ଗଞ୍ଜେଇକୁ ଧରି
କରୁଛି ଆମର ସମାଜ ନାଶ ।୫।
ପୁଚି ବୋହୂଚୋରୀ କବାଡି ଲୁଡୁ
ଭୁନି ଉଇ ପୁଣି ତାସର ଖେଳ
ଆଧୁନିକ ଖେଳେ ମାତିଛି ସମାଜ
ଧରି ପବ୍ଜି ଫ୍ରିଫାୟାର ଓ କ୍ୟାଣ୍ଡି ଖେଳ ।୬।
ଚାଷ କାର୍ଯ୍ୟ ପାଇଁ ଅନୁକୂଳ କରି
ବରଷା ଆଶାରେ ଅନାଏ ଚାଷୀ
ବିଳମ୍ବନା ହୁଏ ବର୍ଷା ଆଗମନ
ଫଟା ମାଟି ଦେଖିଯାଏ ହତାଶି ।୭।
ଆଧୁନିକ ହେବା ଖରାପ କି ନୁହେଁ
ଭୁଟି ରହିଛି ଏଠି ଉନ୍ନତି
ଯେତେ ଆଧୁନିକ ହେଲେ ମଧ୍ୟ ଆମେ
ଭୁଲିବାନି କେବେ ଓଡିଆ ଜାତି ଓ ସଂସ୍କୃତି ।୮।

- o -

ସଂପାଦକ, ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ

ମୋ ଶୂନ୍ୟ ଆକାଶେ

ଶ୍ରୀମତୀ ପ୍ରମିଳା ଭଞ୍ଜ

ମୋ ଶୂନ୍ୟ ଆକାଶେ ତୁ ପୁନେଇ ଚାନ୍ଦ
ଆସିଲୁ ଜୀବନେ ମୋର
ସାରା ଜୀବନ ତୁ ହସୁଥାରେ ଧନ
ସାହା ତୋତେ କଲା ଠାକୁର ।
ଅନ୍ତର ଲଉଡି ମୋର ଗଳାମାଳି
ମୋ ଜୀବ ଜୀବନ ତୁହି
ତୋ ଜୀବନ ହେଉ ସୁଖମୟ ଧନ
ଚାହୁଁଛ ଏତିକି ମୁହିଁ
ଦିବ୍ୟଜ୍ୟୋତି ତୁହି ଦିବ୍ୟ ଆଲୋକରେ
ଭରିଲୁ ସଂସାର ମୋର
ଦିବ୍ୟ ଚେତନା ଦେବୁ ଏ ଜଗତେ
ଏତିକି କାମନା ମୋର ।

- o -

ଚଉଷଠିପଡ଼ା ଗଡ଼



ବୋଝେ କୋହର ବାସ୍ତବତା

ସୌରଭ ଶୁଭମ ବର୍ମ୍ମ

ମୁଁ ପଚରେ କାହୁଥିଲି ।
ଶୁଭୁ ତ ନଥିଲା କିଛି କାଉଁ
ଛାତି ତଳୁ ଉଠା କୋହର
ଦୁନିଆ ଯାକର ପ୍ରକାର
ଯେମିତି କି ଭେଁ ଭେଁ, ଭୋଗୋ, କଉଁ କଉଁ,
ସେଁ ସେଁ କୁଆଡେ ଯେ ଗଲେ ଏମାନେ ?
ଭୂରଁ ଗିନ୍ଧିଦେଲା ନା ଆକାଶ ଚାବି ଦେଲା
ଅବା ପବନରେ ଯେ ମିଶିଗଲେ ପବନ ହିଁ ହୋଇ !
ନା, ନା,
ଶୁଣିନ ତୁମେ, ଶୁଭିଥିଲା;
ଶୁଭିଥିଲା ସବା ଶେଷରେ ।
ନିସ୍ତବ୍ଧ ଆତ୍ମା ଗୋଟାକର
ସମସ୍ତ ଶକ୍ତି ବିନିମୟେ ଏକ ବିଶାଳ ଚିତ୍କାର
ଦୁନିଆ ଯାକର ବୋଝେଇଦା ଛାତିଟା ଭିତରୁ
କୋହତକର ମୁକୁଳିବାର ଶେଷ ପ୍ରୟାସ
ଗୋଟେ ଦୀର୍ଘ ନିଃଶ୍ୱାସ ।
ହେସ୍, ଏ ଦୀର୍ଘ ନିଃଶ୍ୱାସ ପବନ ଗୋଟାକ
କେତେ ଅବା ଦୀର୍ଘ ଯେ
କାହା ମନ ଯାଏଁ ପହଞ୍ଚିପାରିବ
ନା ଏ ପବନ ପୁଳାକର କିବା ଓଜନ ଯେ
କାହା ଦେହକୁ ଲାଗିବ !
ଯେବେ ଛୁଆ ନରଡିଲେ
ଛୁଆ ପେଟ କଥା ମା ବି ବୁଝେନା
ଏ ମଧ୍ୟରାତ୍ର ପରିକା ଶୂନଶାନ ଗୋପନ କାନ୍ଦର
କଳା ଅନ୍ଧାରରେ ମିଳେଇ ଯିବା ଛଡା
ଆଉ କଣ ବା ଭାଗ୍ୟ କୁହନା !
ଆଚ୍ଛା, ଠିକ୍ ଅଛି
ତେବେ ମୁଁ
ଏ କୋହ ପୁଳାକଙ୍କୁ ଅନ୍ଧାର ଗହ୍ୱରରୁ ବଞ୍ଚେଇବି
ଭାଗ୍ୟତାର ସକାଳ ପରିକା ଉଜ୍ଜ୍ୱଳ ହେବ
ସକାଳ ତାକୁ ଯେ ଦୁନିଆ ସାମ୍ନାକୁ ଆଣିବ
ତାକୁ ରାତି ରାତି ସ୍ୱପ୍ନ ଦେଖେଇ
ନେଚ୍ଛା ନେଚ୍ଛା ଅବ୍ୟକ୍ତ ଭାବ - କୋହର ଗଙ୍ଗଶିଉଳି ସଜାଇବି ।
ହେଲେ,
ହେଲେ ପହିଲି କିରଣ ପତୁ ପତୁ
ଆ ତା ପାଦ ମକଚା
ଫୁଟପାଥ କତ
ପରିତ୍ୟକ୍ତ ଅଳିଆ ସାଜିବା ଛଡା
ଆଉ କଣ ଅବା ଏ ଗଙ୍ଗଶିଉଳି ଗୁଡାକର ତାରା ଥାଏ ?
ପୁଣି ଅନାଥ, କୁଟୁମ୍ବହୀନ
ଫୁଟପାଥରେ ମଳିମଳିଛିଆ ଛୁଆ ଗୋଟାକର
ଓପାସ ପେଟର ପ୍ରକାଶ
ଭେଁ ରଡ଼ି କାନ୍ଦ ଯେତେ ଗୁଞ୍ଜିଲେ ବି
ଛାଡ଼ .... ମା' ତ ନଥାଏ,
ବାଜି ଆଉ କାହାର କିବା ଛାତି ତରଳୁ ଥାଏ;
ଆଉ ହଁ, ସେ ପରିତ୍ୟକ୍ତ ଗଙ୍ଗଶିଉଳି ପାଖେ ବି
ଏ ଭେଁ ରଡ଼ିର କଣ ବା ମୂଲ୍ୟ ଥାଏ ?

- o -

ଶଙ୍କରାକୂଳ, ବରୀ, ଯାଜପୁର

ପ୍ରିୟତମା

ସୌମ୍ୟରଂଜନ ପାଣି

ରଜନୀଗନ୍ଧାର ମହକୁଥିବା ସୁଗନ୍ଧ ତୁମେ
ପାହାନ୍ତି ରାତିରେ ଚମକୁଥିବା ଗଗନ ତାରା ତୁମେ
ଏକଥା ବୋଧେ ତୁମେ ଜାଣିନା ପ୍ରିୟତମା ।
ଧୈର୍ଯ୍ୟହରା କଇଁର ଦୂରାକାଶ ଚନ୍ଦ୍ରମା ତୁମେ,
ପଙ୍କତଳୁ ଉଙ୍କିଥିବା ପଂକଜର ଭାସ୍କର ତୁମେ
ଏକଥା ବୋଧେ ତୁମେ ଜାଣିନା ପ୍ରିୟତମା ।
ସ୍ୱପ୍ନ ସହରର ସ୍ୱପ୍ନିଳ ନାୟିକାଟିଏ ତୁମେ
ରଙ୍ଗ ଦୁନିଆର କାଳ୍ପନିକ ଭାବ ତୁମେ
ଏକଥା ବୋଧେ ତୁମେ ଜାଣିନା ପ୍ରିୟତମା ।
ମହୁମାଛିର ପୁଷ୍ପିତ ପ୍ରିୟ ପୁଷ୍ପ ତୁମେ
ଗହନ ବନର ସୁବର୍ଣ୍ଣ ମୃଗୁଣୀ ତୁମେ
ଏକଥା ବେଧେ ତୁମେ ଜାଣିନା ପ୍ରିୟତମା ।
ରୂପ ରାଇଜର ରୂପଉରା ଅପ୍ସରା ତୁମେ
ପ୍ରତି ନାୟକର ମନୋନୀତ ନାୟିକା ତୁମେ
ଏକଥା ବୋଧେ ତୁମେ ଜାଣିନା ପ୍ରିୟତମା ।
ଶ୍ରୁତି ମଧୁର ବଂଶୀର ସୁମଧୁର ସ୍ୱର ତୁମେ
ମନ ଉହନର ରୁଣୁଝୁଣୁ ଶବ୍ଦ ତୁମେ
ଏକଥା ବୋଧେ ତୁମେ ଜାଣିନା ପ୍ରିୟତମା ।
ପ୍ରତି ଅପେକ୍ଷାର ଇତିଶ୍ରୀ ଛବିରାଣୀ ତୁମେ
ନୀତି ସକାଳର ନୂତନ ଉନ୍ମାଦନା ତୁମେ
ଏକଥା ବୋଧେ ତୁମେ ଜାଣିନା ପ୍ରିୟତମା ।
କୁମ୍ଭାର ହାତର କଳା ଚମତ୍କାରୀ ପରି
ଭାବି ନ ପାରିଥିବା କଳ୍ପନାର କଳ୍ପନା ତୁମେ
ଏକଥା ବୋଧେ ତୁମେ ଜାଣିନା ପ୍ରିୟତମା ।
ସଞ୍ଜବାସୀ ଇକ୍ଷାରେ ଖସିପଡୁଥିବା ଗଙ୍ଗଶିଉଳି ତୁମେ
ସୁଗନ୍ଧରେ ମୋହୁଥିବା ସ୍ୱଳ୍ପକ୍ଷଣା ଦାସୀ ତୁମେ
ଏକଥା ବୋଧେ ତୁମେ ଜାଣିନା ପ୍ରିୟତମା ।
ମୋ ପ୍ରତିପଦର ପ୍ରଥମ ପାଦ ତୁମେ
ମୋ ନୀତି ଚିନ୍ତାର ସୁନବ ଭାବନା ତୁମେ
ଏକଥା ବୋଧେ ତୁମେ ଜାଣିନା ପ୍ରିୟତମା ।

- ୦ -

ଏକାଦଶ ଶ୍ରେଣୀ
ପି.ଏମ୍. ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟ
ଯାଜପୁର, ଓଡ଼ିଶା

ଜୀବନ

ସୋନମ୍ ପ୍ରିୟଦର୍ଶିନୀ

ଜୀବନ ତ ଏକ ଅସ୍ଥାୟୀ ସୋପାନ
କେବେ ସୁନାର ଗନ୍ତାଘର କେବେ କଣ୍ଟକିତ ପଥ
ଜୀବନ ତ ଏକ ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ
ଖୋଜି ଖୋଜି ମିଳେ ନାହିଁ ଜୀବନ ନାମକ ଗ୍ରନ୍ଥ ।
ଜୀବନ ତ ଏକ ବୃହତ୍ ପରିଭାଷା
ଅର୍ଥ ଯାହାର ଅନେକ ପରନ୍ତୁ ଜଣା ନାହିଁ ନିର୍ଦ୍ଦିଷ୍ଟତା
ଜୀବନ ତ ଏକ କ୍ଷୁଦ୍ର ବାଲିଘର
ଆନନ୍ଦରେ ହେଲେ ପରିପୂର୍ଣ୍ଣ ଝଲସିଉଠେ ତାର ସୁନ୍ଦରତା ।
ଜୀବନ ତ ଏକ ଜଳପୂର୍ଣ୍ଣ ମାଠିଆ
ସ୍ୱପ୍ନ ସବୁକୁ ସଜାଡ଼ି ରଖିବାରେ ହୋଇଥାଏ ସକ୍ଷମ
ଜୀବନ ତ ଏକ ସୁଖ ସାଗର
ଦୁଃଖ ସବୁକୁ ହସି ହସି ଭୁଲିବାରେ ହୋଇଥାଏ ସକ୍ଷମ ।

- ୦ -

ଯଖପୁରା, ଯାଜପୁର



ନିଷ୍ଠୁର ବାସ୍ତବତା

ସ୍ମରଣିକା ବିଶ୍ୱାଳ

ଆଖିରେ ଆଖିଏ ସ୍ୱପ୍ନର ସମ୍ଭାର ନେଇ
ମୁଁ ଅପେକ୍ଷା କରିଛି ସେ ଦିନକୁ
କେବେ ସେ ସୌଭାଗ୍ୟ ହେବ ମୋର
ମନ ଭରି ଦେଖିବି ମୁଁ ତୁମକୁ
ସୁଗନ୍ଧିତ ସୁମନ ପରି ଲୋଟିଯିବି
ତୁମ କୋଳରେ ।
ଛନ୍ଦାୟିତ ଝରଣା ପରି
ଝରିଯିବି ତୁମ ପଣତ ତଳେ
ଦରୋଟି ଓଠରେ - ମୋ ଫୁଟିଯିବ ହସ
କୁନି କୁନି ପାଦ ମୋର,
ଚାଲି ଶିଖିବ ଧରି ତୁମ ହାତ
ହେଲେ ଜାଣିନି ମୁଁ କେବେ
ସତ ହେବ ଏ ସ୍ୱପ୍ନ ମୋର
ଆଶା ସବୁ ମଉଳି ଗଲାଣି
ଭରସା ବି ଗଲାଣି ତୁଟି ।
ଏ ଥରକୁ ନେଇ ପରା ଦଶ ଥର ହେଲାଣି
ଜନ୍ମ ହେବା-ଆଗରୁ
ଜନ୍ମଦାତ୍ରୀ ଦିଏ ମତେ ମେଲାଣୀ
ଠେଲି ଦିଏ ମୃତ୍ୟୁର ସେ ଅନ୍ଧାରୀ କୋଳକୁ
ବିନା ଦୋଷରେ ମୁଁ
ଏତେ ଦଣ୍ଡ ପାଉଛି କାହିଁକି
ଭୁକ୍ ମୋର ଏଇଆ ନା
ମୁଁ ଝିଅ ହୋଇ ଜନ୍ମ ହେବାକୁ ଚାହୁଁଛି ।

- o -

ସଂସ୍କୃତ ଶିକ୍ଷୟିତ୍ରୀ
ଓଡିଆ ଆଦର୍ଶ ବିଦ୍ୟାଳୟ, ରଘୁଇପୁର

ବନ୍ଧୁ ମୋର ସେ ପ୍ରେମ ସିନ୍ଧୁ

ପୂଜା ମଲ୍ଲିକ

ବନ୍ଧୁ ହେ ମୋର ଜଗତ ସିନ୍ଧୁ,
ଭାବ ବନ୍ଧନର କାରାଗାରେ,
ତୁମ ପାଇଁ ଆଜି ଜଳୁଅଛି ମୁହିଁ
ସଳିତା ହୋଇ ଦୀପାଳିରେ ।
ତୁମ ମନବଗିଚାରେ ସତେ ଫୁଲଟେ ହୋଇବି,
ଅଗଣା ସାରା ତୁମରି ସୁବାସ ବିତରୁ ଥିବି,
ଫଗୁଣର ଜ୍ୟୋତ୍ସ୍ନା ହୋଇ ଝରିବି ତୁମ ସ୍ୱର୍ଶରେ ।
ତୁମେ ମୋର ପ୍ରିୟତମ ଅତି ଆପଣାର
ତୁମ ବିନା ଦୁନିଆରେ ନୁହେଁ କେ ନିଜର
ହୃଦୟ ଦେଇ ତୁମକୁ ଚାହେଁ ପ୍ରିୟ ବନ୍ଧୁ ।
ବନ୍ଧୁ ମହାନ୍ତି ମୁଁ ନୁହେଁ ବନ୍ଧୁ ବୋଲି ଭାବିବ
ସୁଦାମା ନୁହେଁ ମୁଁ ମୋର ଖୁଦ ଭଜା ଖାଇବ ।
ସବୁ ଜାଣ ତୁମେ ମୋର ପ୍ରାଣ ପ୍ରେମ ସିନ୍ଧୁ
ତୁମ ବିନା କେହି ନାହିଁ ଆହେ କୃପାସିନ୍ଧୁ ।
ଆସ ହେ ବନ୍ଧୁ ପାଖକୁ ରଖିବି ସାଂଗରେ
ଦେଖିବି ସଦା ତୁମକୁ ବେନି ନୟନରେ ।
ବନ୍ଧୁ ହେ ମୋର ଜଗତ ସିନ୍ଧୁ
ଭାବ ବନ୍ଧନର କାରାଗାରେ
ତୁମ ପାଇଁ ଆଜି ଜଳୁଅଛି ମୁହିଁ
ସଳିତା ହୋଇ ଦାପାଳିରେ ।

- o -

ଦୁର୍ଗାପୁର, ସୋରାଉ

ହାତେ ହାତରଖି କଥା ଦିଅ

ପ୍ରଣତୀ ପାଣିଗ୍ରାହୀ

ବଡ ଦେଉଳିଆ କାଳିଆ ଧନରେ
ସାଗରକୂଳିଆ ବିଅଁ
ମୋ ଦୁଇ ନୟନ ସାଗର ସମାନ
ସୁଖେନାହିଁ ଛମା ଲୁହ ।
ସେ ସାଗର କୂଳେ ବସିବୁ ନିଶ୍ଚଳେ
ଏ ସାଗର ପାଶେ ଆ
ବଇଁଶୀ ବଜେଇ ନାଚି ଥେଇ ଥେଇ
ଦରଶନ ଦେଇ ଯା'
ଥରେ ଦରଶନ ଦିଅ
ତୁଳସୀ ଦୟଣା ଚନ୍ଦନ କସ୍ତୁରୀ
ନପାରିବି ସିନା ଦେଇ
ମୋ ବଗିଚା ଫୁଲେ ଗୁନ୍ଥି ଦେବିମାଳ
ଗଳାରେ ଦେବି ଲମ୍ବାଇ
ତୁମେ ଆସିବକି ନାହିଁ କୁହ
ଖାଠିଏ ପଇଟି ନପାରିଲେ ଦେଇ
ପରିଷ୍ପିବି ବାଡି ଫଳ
କୋଳରେ କୋଳେଇ ଦୋଳିରେ ଝୁଲେଇ
କରିଦେବି ଟିବେ ଗେଲ
ଆସି ଥରେ ଦେଖାଦିଅ ।
ଲୁହ ଶୁଖିଯିବ ଅନ୍ଧାର ହଟିବ
ଆଲୋକ ଯିବ ଚହଟି
ଘର ମୋର ହେବ ସରଗ ସମାନ
ଦୁଃଖ ଯିବ ଦୂରେ ହଟି ।
ହାତେ ହାତରଖି କଥା ଦିଅ ।

- o -

ଶିକ୍ଷୟିତ୍ରୀ, ବଡକଇଥି
ପ୍ରାଥମିକ ବିଦ୍ୟାଳୟ

ଆମ ମାତୃଭାଷା

ପାଇକି ଦାଶ

ଭାବନାର ଉଦ୍ରେକ ମନର ଅକୁହା ଭାଷା
ମୋ ପ୍ରିୟ ଓଡିଆ ଭାଷା ମୋ ମାତୃଭାଷା
ଠକୁଠକୁ ଚାଲିରେ ମାଆ ଶିକ୍ଷା କରେଇଲା ମାତୃଭାଷା
ଗୀତା, ଭାଗବତ ପଢ଼ିବାରେ ରହିଗଲା ଆଶା ।୧।
ମୋ ପ୍ରିୟ ବଡ଼ ଠାକୁର ଜଗନ୍ନାଥ
ମୋ ବିନା ଚାଉଳ ପଖାଳ ଭାତ
ରଜ ରଥଯାତ୍ରା ମେଲଣ ଦୋଳଯାତ
ଚମ୍ପୁ, ଛନ୍ଦ, ପାଲା ମୋହିଲା ମୋ ଗାତ ।୨।
ପଢ଼ ଓଡିଆ ଲେଖ ଓଡିଆ କହ ଓଡିଆ ଭାଇ
ଆ କା ମା ବୈ ପାନ ଗୁଆ ଖୋଇ
ବଡବଡୁଆ ବାଇଶି ପାହାଚେ ଗଡଗଡ ହୋଇ
ଜଗତେ ଥାଉ ଓଡିଆ ଭାଷା ମନଲୋଭା ହୋଇ ।୩।
ଜନ୍ମିଲେ ଓଡିଆ କେତେ ଭାଷା ବୀର
ଗୋପବନ୍ଧୁ ଦାସ ମଧୁବାବିଷ୍ଟର
ଉତ୍କଳ ଆଧାର କୋମଳ ମଧୁର
ଉଚ୍ଚ କଲେ ଭାଷା ଛାଡି ପରିବାର ।୪।
ପାଶ୍ଚାତ୍ୟ ସଂସ୍କୃତି ଆପଣେଇ ନେଇ
କି ଯଶ ଅର୍ଜିଲ ନିନ୍ଦା ଅପବାଦ ପାଇ
ନବଜାରଣ, ନୂଆ ଆଶା ନେଇ
ଜାଗ୍ରତ ହୁଅ ହେ ଓଡିଆ ଭାଷା ପାଇଁ ।୫।
କିଛି ସ୍ମୃତି କିଛି ଅନୁଭୂତି
କବିତାଏ ହୋଇ ବଞ୍ଚିବା ମୋ ଆଶା
ଏହି କବିତା ମୋ ହୃଦୟର ଭାଷା
ଜନ ଜାଗୃତି ଓଡିଶାର ଭାଷା ।୬।

- o -

ଅଷ୍ଟମ ଶ୍ରେଣୀ

ବାପା ଅଟଇ ନାଁ ତାଙ୍କର

କପିଳେଶ୍ୱର ସାହୁ

ଖରା, ବରଷାକୁ ନଥାଏ ଡର
ବାପା ଅଟନ୍ତି ନାଁ ତାଙ୍କର
ହୃଦୟ ଯାହାର ସୀମାହୀନ ସାଗର
ବାପା ଅଟଇ ନାଁ ତାଙ୍କର
ଋଣ,କରଜ ମୁଣ୍ଡରେ ଭାର
ବାପା ଅଟଇ ନାଁ ତାଙ୍କର
ଯେତେ କଷ୍ଟ ହେଲେ ବି ଶୁଭେନାହିଁ ସ୍ୱର
ବାପା ଅଟଇ ନାଁ ତାଙ୍କର
ମୁଣ୍ଡ ଝାଳ ବୁହେ ଚୁଣ୍ଡରେ ଧାର
ବାପା ଅଟଇ ନାଁ ତାଙ୍କର
ପର୍ବତ ପରି ଯେ ଶୀତଳ, ସ୍ଥିର
ବାପା ଅଟଇ ନାଁ ତାଙ୍କର
ବିପଦେ ବୁହେନି ନୟନୁ ନୀର
ବାପା ଅଟଇ ନାଁ ତାଙ୍କର
ନିଜେ ଭୋକେ ରହି ଦିଅନ୍ତି ଆହାର
ବାପା ଅଟଇ ନାଁ ତାଙ୍କର
ଏ ସଂସାରରେ ରହୁ ତୁମ ଜୟ ଜୟକାର
ବାପା ଥିଲେ ନାହିଁ ଭୟ କି ଡର ।

- o -

ବାରଗଡ଼ିଆ, ଯାଜପୁର

ଜୀବନଟା ଗୋଟେ ଗପବହି

ସନାତନ ବାରିକ

ଜୀବନଟା ଗୋଟେ ଗପବହି
କିଛି କହି ହୁଏ, କିଛି କହି ହୁଏ ନାହିଁ ।
ସ୍ମୃତି, ଅନୁଭୂତି, ଘାତ, ପ୍ରତିଘାତ
ପ୍ରେମ ପ୍ରତାରଣା ପୁଣି ଅବଶୋଷ
ଆରମ୍ଭ ଏନ୍ତୁଡି ଅନ୍ତଜରେ ଜୁଇ
ମଣିଷ ସାଥିରେ ଥାଏ ରହି ।
ଜୀବନଟା ଗୋଟେ ଗପବହି
ବାମନ ହୋଇ ବଢ଼ାଏ ହାତ
କୁହୁଡି ନଈରେ ମାରେ କାତ
ମରିଚିକା ପଛେ ଧାଇଁ ଧାଇଁ
ତୃଷ୍ଣାତାର କେବେ ମେଣ୍ଟେ ନାହିଁ
ମନୁ ଆଶାଚାର ମରେ ନାହିଁ
ଜୀବନଟା ଗୋଟେ ଗପବହି ।
ଆଣିକରି କିଛି ଆସି ନାହିଁ
ଗଲାବେଳେ କିଛି ନେବ ନାହିଁ
ତଥାପି ମଣିଷ ସୂଚୀ ଅଣେ ଜାଗା
ମାଗଣା କାହାକୁ ଦେବ ନାହିଁ
ଜୀବନଟା ଗୋଟେ ଗପବହି ।
ବୟସର ସଂଜ ଆସେ ନଇଁ
ପାଚୁଶାଚା ଆଉ ଲୋଡା ନାହିଁ
ଗାଁ ମଶାଣିରେ ଜଳେ ଜୁଇ
ପଞ୍ଚଭୂତେ ଆତ୍ମା ମିଶେ ଯାଇ
କିଛି ଦିନ ପାଇଁ ପାଉଁଶ ଗଣ୍ଡାଏ ପଡେ ରହି
ଜୀବନଟା ଗୋଟେ ଗପବହି ।

- o -

ନିହଲପ୍ରସାଦ, ଢେଙ୍କାନାଳ

ଅଧାଗଢ଼ା ଜଗନ୍ନାଥ

ଆର୍ତ୍ତତ୍ରାଣ ଶତପଥୀ

ଛିଏ ସେ ଗଢ଼ିଲା କହ
ଅଧାଗଢ଼ା ଦିଅଁକୁ
କୋଟି ଜାମ ଜିଣା ଜାତି
ନୀଳାଚଳ ସିଂହକୁ
ବିଶ୍ୱ ବିମୋହନ ରୂପ
ଚଳା ଚଳା ଡୋଳାକୁ
ଶରୀର ପୁଲକେ ଚାହିଁ
ଦେଲେ ଭାବ ଭୋକାକୁ ।
ରୂପରେ ଅରୂପ ସେତ
ଠୁଳ ଶୂନ୍ୟେ ଖେଳଇ
ନି ଖଞ୍ଜେ ସରଜେ ଧରା
କେବେ ଜାଣି ନୁହଁଇ
ଚକ୍ଷୁଶ୍ରବା ପରି ଶୁଣେ
ଦୀନଜନ ଗୁହାରି
ପୂର୍ଣ୍ଣ ବ୍ରହ୍ମ ସ୍ୱରୂପ ସେ
କିଏ ହେବ ତା ସରି ।
ପାଦ ନାହିଁ ଗତି ଅଛି
ଚରାଚର ବିଶ୍ୱକୁ
ପାଣି ନାହିଁ ଚଉବର୍ଗ
ଯାଚି ବିଏ ଭକ୍ତକୁ
ଭାବରେ ଡାକି ପାଇବ
ଭାବ ବିନୋଦିଆକୁ
ଭଇନ ମନ ନିଶି ଦିନ
ନିଖୁଜର ନାହାକୁ ।
କଳିଯୁଗେ ନିଜେ ଆସି
ନିଜ ରୂପ ଗଢ଼ିଲା
ରାଧାକୃଷ୍ଣ ରୂପେ
ଅର୍ଦ୍ଧନାରୀଶ୍ୱର ହୋଇଲା
ଉଗ୍ରତାରା ଭୁବନେଶ୍ୱରୀ
ସଂଗେ ମାତା କାଳିକା
ତ୍ରିଶକ୍ତି ରୂପରେ ହୋଇ
ଥାଏ ବିଶ୍ୱ ପାଳିକା ।
ଆର୍ତ୍ତର ଆରତ ନାଶି
ଆର୍ତ୍ତତ୍ରାଣ ନାମରେ
ପତିତପାବନ ହେଲା
ଶିରୀ କ୍ଷେତ୍ର ଧାମରେ
ଏକା ସେ କ୍ଷମା ସାଗର
ମୋକ୍ଷ ଦାତା ସଂସାରେ
ସେ ବ୍ରହ୍ମକୁ ଧ୍ୟାନ କରି
ତରିଯିବ ଶେଷରେ ।



- o -

ଅବସରପ୍ରାପ୍ତ ଭାଷା ଶିକ୍ଷକ, ଗୀତିକାର
(ଆକାଶବାଣୀ)
ଓ ଓଡିଶା ଗବେଷକ

ପ୍ରବନ୍ଧ ବିଭାଗ

ବୋଉ ପାଇଁ ଚିଠି

■ ପୂର୍ଣ୍ଣାନନ୍ଦ ସେଠୀ

ବୋଉଲୋ !

ମୋର ମଥାଲଗା ପ୍ରଣାମ ନେବୁ । ବାପାଙ୍କୁ ମୋର ହୃଦୟରୁ ଉମିଷ ପ୍ରଣାମ ଜଣାଇବୁ । ସାନମାନଙ୍କୁ ସ୍ନେହ, ସଦିଚ୍ଛା ତଥା ଗୁରୁଜନମାନଙ୍କୁ ମୋର ଅନ୍ତରରୁ ଭକ୍ତିଭରା ନମସ୍କାର ଜଣାଇଦେବୁ । ଲେଖିବାର କାରଣ, ବହୁତ ଦିନ ହେଲା ତତେ ଦେଖିନି ତ ସେଥିପାଇଁ ତୋ କଥା ଭାରି ମନେପଡ଼ିଲାଲୋ ବୋଉ, ଭାରି ଇଚ୍ଛା ହେଉଛି ଥରେ ଦେଖିବାକୁ । ଦି'ଧାଡି ଲେଖୁଛିଲୋ ବୋଉ, ମନ ଦେଇ ସବୁ ପଢ଼ିବୁ ।

ବୋଉ !

ତୁ ଯେତେବେଳେ ମୋତେ ଜନ୍ମ ଦେଲୁ ସବୁଠୁ ବେଶୀ ଖୁସି ତୁ ଥିଲୁ । ଦଶ ମାସ ଦଶ ଦିନ ଗର୍ଭରେ ଧାରଣ କରି ସବୁ ଯନ୍ତ୍ରଣାକୁ ସହ୍ୟକରି ମୋ ମୁହଁରେ ହସ ଫୁଟାଇବାପାଇଁ ତୋର ଯେଉଁ ଇଚ୍ଛା, ପ୍ରାବଲ୍ୟତା ତାହା ହିଁ ମୋ ଠାରେ ପ୍ରତିଫଳିତ ହେଉଥିଲା ନିଶ୍ଚୟ । ଜନ୍ମଦେଲା ପରେ ସବୁ ଦୁଃଖ, କଷ୍ଟ, ଯନ୍ତ୍ରଣାକୁ ଭୁଲି ଛାତିରେ ଜଡ଼ାଇ ସ୍ୱର୍ଗ ଦେଖିଲୁ, ଅମୃତ ପାନ କରାଇ ନିଜର ମାତୃତ୍ୱକୁ ସାର୍ଥକ କଲୁ । ନିଜେ ନ ଖାଇ ନ ପିଇ ସବୁବେଳେ ମୋ କଥା ଭାବି ବସିଲୁ । ସବୁ ସ୍ନେହ, ଶ୍ରଦ୍ଧା ଓ ମମତାକୁ ଅଜାଡ଼ି ରାତି ରାତି ନ ଶୋଇ ଶ୍ରୀମନ୍ଦିର ନେତ ବଦ୍ଦଶ ତୋର ସେହି ପଣତ କାନିରେ ଢାଙ୍କିଦେଇ ଶୋଇ ପକାଇଛୁ ସାରା ଜୀବନ । ପେଟେଇଲା ବେଳେ, ଆଣ୍ଠେଇଲା ବେଳେ ଯଦି କେବେ ପଡିଯାଉଥିଲି ତୁ ଦୌଡ଼ି ଆସି ବାପାଲୋ, ଧନଲୋ କହି ଆଉଁସି ପକାଉଥିଲୁ । ତୋ ପଣତକାନିରେ ସବୁ ଧୂଳି ପୋଛିଦେଇ କାବୁଡ଼ି ଧରୁଥିଲୁ । ଛାତିରେ କାବୁଡ଼ିଧରି ଅମୃତ ପିଆଇ ଭୁଲାଇ ଦେଉଥିଲୁ ସବୁ କଷ୍ଟକୁ ସବୁ ଦୁଃଖକୁ । ହାତରେ ହାତକୁ ଛନ୍ଦି ପାଦରେ ପାଦ ମିଶାଇ ବାଟ ଚଲିବା ଶିଖାଇଲୁ । ରାତିରେ ଆକାଶରେ ଜହ୍ନ, ତାରାକୁ ଦେଖାଇ କେତେ ଗପ କହି ଶୋଇ ଦେଉଥିଲୁ । ମୋ ମନ ଜାଣି ଛୋଟ ଟିଏ ନଅଉଜା କରି ଖୁଆଉଦେଉଥିଲୁ । ସବୁ ସେବା ଯତ୍ନକୁ ଅଳନ୍ତି ଦେଇ ଛୋଟରୁ ବଡ଼ କରିଲୁ । ଆକାଶ ହୋଇ ସବୁ ଖରା, ବର୍ଷା ସହିଲୁ । ମା' ବସୁଧା ହୋଇ ପାଦର ଆଘାତ ସହିଲୁ । ଭୂମିଷ୍ଠ ଭୂମା ପର୍ଯ୍ୟନ୍ତ ତୁ ପରିବ୍ୟାପ୍ତ । ତୋ ଠାରୁ ଏ ସଂସାରରେ ଆଉ କିଏ ବଡ଼ କହିଲୁ ବୋଉ.. । ସବୁ ସ୍ୱପ୍ନକୁ ସାକାର କରିବା ପାଇଁ କଠୋର ପରିଶ୍ରମ କଲୁ । ସେବା, ତ୍ୟାଗ, ତିତିକ୍ଷାକୁ ସମର୍ପି ଦେଇ ଭଲ ମଣିଷଟିଏ ତିଆରି କରିବାର ଇଚ୍ଛା ତୋ ଭିତରେ ନୂଆ ଉନ୍ମାଦନା ସୃଷ୍ଟି କରିଥିଲା । ଭଲ ପାଠ ପଢ଼ାଇ ବଡ଼ ମଣିଷ, ଭଲ ମଣିଷ କରିବାର ପ୍ରୟାସରେ ବ୍ରତୀ ହୋଇ ସାର୍ଥକ କରି ଗଢ଼ି ତୋଳିଥିଲୁ ମୋତେ । ବୋଉଲୋ ! ତୋର ଚେଷ୍ଟା, ପ୍ରଚେଷ୍ଟା, ବାସଲ୍ୟତା ଓ ଭଲ ପାଇବାରେ ମୁଁ ଭଲ ପାଠ ପଢ଼ିଲି, ଭଲ ମଣିଷଟେ ବି ହେଲି । ହଠାତ୍ ଜାହିଁକି କେଜାଣି ମୁଁ ଗୋଟାଏ ଅମଣିଷ, ବାରବୁଲା, ଅସାମାଜିକଟାଏ ହେଇଗଲି ମୁଁ ବି ଜାଣିପାରିଲିନିଲୋ ବୋଉ । ସବୁବେଳେ କେତେ ବାରଣ କରିଛୁ, ମନା କରିଛୁ, ଧନ ଖରାପ ପିଲାଙ୍କ ସହ ସାଙ୍ଗ ହେବୁନି, ବଗଡ଼ା ହେବୁନି...ହେଲେ ମୁଁ କ'ଣ ତୋ କଥା ରଖିଲି ନା ଶୁଣିଲି । ଏତେ ବଡ଼ ହୋଇଯାଇଥିଲି ଯେ ତୋର କିଛି କଥାକୁ ମାନିବାକୁ ପ୍ରସ୍ତୁତ ନଥିଲି । ସବୁବେଳେ ଭାବୁଥିଲି ମୋ ବୋଉ ମୋତେ କିଛି ଖରାପ ଉପଦେଶ ଦେଉଛି । ମୋ ସୁଖ ଦେଖିପାରୁନି ବୋଲି ମୋତେ ସବୁଥିରେ ବାରଣ କରୁଛି ! ମୁଁ କିନ୍ତୁ ମୋ ହିସାବରେ ଏତେ ବଡ଼ ହୋଇଯାଇଥିଲି ଯେ କୌଣସି ଆଦେଶ, ଉପଦେଶକୁ ଉକ୍ଷେପ କରୁନଥିଲି । ମୋର ଯାହା ଇଚ୍ଛା ହେଉଥିଲା ତାହା ହିଁ କରୁଥିଲି ।

ବୋଉଲୋ !

ମୋରି ପାଇଁ ଘରେ ମହାଭାରତ । ଏମିତି କି ଦିନେ ଦିନେ ଘରେ ଚୁଲି ଜଳେନା । କିଛି ନଖାର ସମସ୍ତେ ଉପାସରେ ଶୋରପଡିଛେ । ମୋ ପାଇଁ ତୋତେ ବାପା କେତେ ଗାଳିଗୁଲଜ କରିଛନ୍ତି, ମାଡ଼ ମାରିଛନ୍ତି ତା ପରେ ବି ମୁଁ କ'ଣ ବଦଳି ପାରିଲି । ସବୁ ସ୍ନେହ ଶ୍ରଦ୍ଧା ଭଲ ପାଇବାକୁ ଭୁଲିଯାଇ କେବଳ ଖରାପ ରାସ୍ତାକୁ ପାଥୀ କରିଥିଲି । ନିଜ ପାଇଁ ନିଜେ ବାଛି ନେଇଥିଲି ନର୍କ । ମୋ ପାଇଁ ଯିଏ ଦିନ ରାତି ଏତେ କଷ୍ଟ ସହି ସହି ରକ୍ତକୁ ପାଣି କରି ମଣିଷ କରିଥିଲା, ସବୁ ସୁଖକୁ ଉଲାଞ୍ଜଳି ଦେଇ ମୋତେ ବଢ଼ଇଥିଲା ସିଏ ଆଜି କିଛି ବି ସୁଖ ପାଇଲାନି । ବୋଉ ! ମୁଁ ଜାଣିଛି ତୋର ଗୋଟିଏ ଇଚ୍ଛା ଥିଲା ମୋତେ ବହୁତ ପାଠ ପଢ଼େଇବୁ, ବଡ଼ ଅଫିସର କରିବୁ । ମୁଁ ବଡଚାକିରୀ କଲେ ତୋର ସବୁ ଦୁଃଖ ଦୂର ହେଇଯିବ ଆଉ ଏ ସମାଜ ଆଗରେ ମୁଣ୍ଡ ଟେକି ଚୁ କହି ବୁଲିବୁ - ଦେଖ, ଦେଖରେ ସମସ୍ତେ... ମୋ ପୁଅ ଜେତେ ବଡ ଅଫିସର ହେଇଛି, ବଡ଼ ଚାକିରୀ କରିଛି, ମୋଟା ମୋଟା ଟଙ୍କା ରୋଜଗାର କରି ମୋ ଦୁଃଖ ଦୂର କରିଦେଇଛି, ଆମ ସମସ୍ତଙ୍କ ଇଚ୍ଛାକୁ ପୂରଣ କରିଛି । ହେଲେ...ସବୁ ବିଡ଼ମ୍ବନାଲୋ ବୋଉ, ସବୁ ଯେମିତି ଫସର ଫାଟିଗଲା । ମୁଁ ବହୁତ ପାଠ ପଢ଼ିଲି, ବଡ଼ ଚାକିରୀ କଲି, ବହୁତ ଟଙ୍କା ବି ରୋଜଗାର କଲି ହେଲେ କ'ଣ ହେଲା । କିଛି ବି କରିପାରିଲି...ନା ତୁମମାନଙ୍କ ସମ୍ମାନ ରଖି ପାରିଲି ନା ଏ ସମାଜରେ ତୁମକୁ ବଡ଼ କରିପାରିଲି ? ତୁମମାନଙ୍କର ସବୁ ସ୍ୱପ୍ନ, ଇଚ୍ଛା, ଆଶାକୁ ଧୂଳିସାତ୍ କରିଦେଲି । ଦୁଃଖର ପାହାଡକୁ ଛାତିରେ ଜାବୁଡି ଧରି ତୁ ଖାଲି ଘୁରି ଘୁରି ଆଖିରୁ ଲୁହ ଝରାଉଛୁ ସିନା ମୁଁ କିନ୍ତୁ ବଦଳି ପାରିଲିନି ଗୋ ବୋଉ । ମୋର ଇଚ୍ଛାଥିଲା ବଡ଼ହେବି, ଭଲ ଚାକିରୀ କରି ମୋ ବାପା ବୋଉଙ୍କ ମୁଣ୍ଡକୁ ଟେକିଦେବି । ଜୀବନ ତମାମ୍ ଜେବେବି ତୁମ ମନରେ କଷ୍ଟ ଦେବିନି, ଦୁଃଖ ଦେବିନି । ସବୁବେଳେ ତୁମ ମୁହଁରେ ହସ ଭରିଦେବି, ପାଦରେ କଣ୍ଟା ଫୁଟିବାକୁ ଦେବିନି, ହେଲେ କ'ଣ ହେଲା କେଜାଣିଲୋ ବୋଉ ସବୁ ଯେମିତି ଓଲଟ ପାଲଟ ହେଇଗଲା । କେଉଁ ଏକ ଅଜଣା କାଳବୈଶାଖୀଟା ଆମର ସବୁ ସୁଖକୁ, ସ୍ୱପ୍ନକୁ ଚୁରମାର୍ କରି ଅତଳ ସମୁଦ୍ର ଗର୍ଭରେ ବୁଡେଇଦେଲା । ଗଦାଗଦା ଦୁଃଖ ଲଦିଦେଲା ମୁଣ୍ଡ ଉପରେ । ବେଡ଼ି ଉପରେ କୋରଡ଼ା ସବୁଶ ଆଖିରେ ଲୁହ ହୃଦୟରେ କୋହ ଭରିଦେଇଛି ସର୍ବଦା । ପୂର୍ବଦିଗର ସୂର୍ଯ୍ୟଟା ହଠାତ୍ ଯେମତି ପଶ୍ଚିମ ଦିଗରେ ହସୁଥିଲା । ସବୁ ଦୁଃଖଗୁଡାକ ଧୈର୍ଯ୍ୟର ସବୁ ସୀମା ସରହଦକୁ ଅତିକ୍ରମିଥିଲା ସେଦିନ । କାହିଁକି କେଜାଣି ମୁଁ ଏମିତି ଅଚାଟରେ ଝଲିଗଲି ଯେ ମୋର ଚାକିରୀ ଚାଲିଗଲା । ମୁଁ ସର୍ବସ୍ୱାନ୍ତ ହୋଇଗଲି । ସବୁବେଳେ ଘରେ ଝଗଡା । ଅଶାନ୍ତିର ବାତାବରଣରେ ସଂପୂର୍ଣ୍ଣ ଘରଟା ପୂରି ଉଠିଲା । ମୋ ମୁଣ୍ଡଭିତରେ ଯେମିତି ଏକ ଭୂମିକମ୍ପ ସୃଷ୍ଟି ହେଉଥିଲା । ଲାଇ୍ ତତଲା ତରଳ ଲାଭାମାନେ ସର୍ବାଙ୍ଗ ଶରୀରକୁ ପୋଡି ଜାଳି ପାଉଁଶ କରିପକାଉଥିଲେ । ମୁଁ ପାଗଳ ହେଇଗଲି । ନାନା ପ୍ରକାର ସମସ୍ୟାରେ ବୁଡିରହିଲି । ନିଜକୁ ବୁଝାଇ ପାରୁନଥିଲି । କ'ଣ କରିବି ନ କରିବାର ଦୋ'ଛକିରେ ଛିଡା ହୋଇ ବାରମ୍ବାର ସ୍ୱାହା ହେଉଥିଲି ସେହି ଜ୍ୱଳନ୍ତ ଲାଇ୍ ଲାଭାର ଅଗ୍ନି ଗହ୍ୱରରେ । 'ବଅଁଶ ବୁଡ଼ିଲାବେଳେ ଘୋଡ଼ାମୁହାଁ ପୁଅ' ଜନ୍ମ ନେଲାଭଳି ମୁଁ ଗୋଟିଏ ବିକଳ୍ପ ଘୋଡାମୁହାଁ ଅଯୋଗ୍ୟଟାଏ । ଶରୀରଟା ଧିରେ ଧିରେ କ୍ଷୀଣ ହେଇଗଲା । ଦେହରେ ଜୀବନ ନଥିଲା ଭଳି ଲାଗୁଥିଲା । ଅନନ୍ୟୋପାୟ ହୋଇ ନିଜକୁ ବଞ୍ଚାଇବା ପାଇଁ ଗୋଟାଏ ପ୍ରାଇଭେଟ୍ ସଂସ୍ଥାରେ ଚାକିରୀ କରିବାକୁ ମନସ୍ଥ କଲି । ଚାକିରୀ କଲାପରେ ନିଜକୁ ଟିକିଏ ରିଲାକ୍ସ କରିବା ପାଇଁ ଯାହା ରୋଜଗାର କଲି ସବୁତକ ଟଙ୍କା ବରବାଦ୍ କରିଦେଲି । ମଦ ପିଇଲି, ଜୁଆ ଖେଳିଲି, ଅସାମାଜିକ ପିଲାମାନଙ୍କ ସହ ମିଶି ଆହୁରି ଅମଣିଷ, କୁକାଣ୍ଡାରଟାଏ ହେଇଗଲି । କହିଲୁ ବୋଉ ! କେତେ ବୁଝେଇଛୁ ସେଦିନ, ହେଲେ ମୁଁ କ'ଣ ତୋର କିଛି କଥାକୁ ଶୁଣିଛି । ବାପା ଆଉ ତୋ' ଭିତରେ କେତେ ଯେ ଝଗଡା ନକହିଲେ ଭଲ । ଯେଉଁଦିନ ବାପା ସ୍ଥିର କରି ମୋତେ ଘରୁ ବାହାର କରି ତେଜ୍ୟ ପୁତ୍ର କରିବାକୁ ନିଷ୍ପତ୍ତି ନେଲେ, ମୋ ମୁହଁ ନ ଚାହିଁବାକୁ ପ୍ରତିଜ୍ଞା କଲେ, ତୋ ଅବସ୍ଥା କ'ଣ ହୋଇଛି କହିଲୁ । ତୁତ ଜାଣିଛୁ ବୋଉ, ବାପା କେତେ ଜିଦିଆ । ତାଙ୍କ ଜିଦିରୁ ଅଟଳ । ଯାହା କହିବେ ତାହାହିଁ କରିବେ । ଶେଷରେ ମୋତେ ଘରୁ ବାହାର କରିଦେଲେ । ହେଲେ ତୁ ସେଦିନ କେତେ ଫେରାଦ ହେଇଛୁ, କାକୁତି ମିନତୀ ହେଇ ବାପାଙ୍କ ନିକଟରେ ଗୁହାରୀ କରିଛୁ, ତାଙ୍କ ଗୋଡହାତ ତଳେ ପଡି ମୋତେ ଘରେ ରଖିବାକୁ । ହେଲେ ବାପା କ'ଣ ତୋ କଥା ଶୁଣିଲେ ?

ଯାହା ଥରେ ନିଷ୍ପତ୍ତି ନେଇଛନ୍ତି ତାହାହିଁ ଫାଇନାଲ୍ । ଏ ସମାଜ ଆଗରେ ସେ ମୁଣ୍ଡ ଟେକି ଉଭାପାରିଲେନି । ମୋ ପାଇଁ ତାଙ୍କର ମାନ, ସମ୍ମାନ ଯାଇଛି । ମୋ ପାଇଁ ତାଙ୍କ ମୁଣ୍ଡ ତଳକୁ ହେଇଛି । ମୁଁ ତାଙ୍କୁ ଛୋଟ କରିଦେଇଛି । ତୁତ ଜାଣିଛୁ ବୋଉ, ବାପା କେତେ ସ୍ୱାଭିମାନୀ ଲୋକ । ସେ କେମିତି ତାଙ୍କ ପାଖରେ ବାପାର ପତିଆରା ଦେଖେଇ ମୋତେ ରଖିଥାନ୍ତେ, ଆଉ ଏ ସମାଜକୁ କହିଥାନ୍ତେ ଦେଖରେ ମୋତେ, ମୁଁ ଗୋଟାଏ ଅମଣିଷ, ଅସାମାଜିକ, ଲଫଙ୍ଗା, କୁଳାଙ୍ଗାର ପୁଅର ବାପା । ଦେଖ...ଦେଖ ମୋତେ, ମୁଁ କେମିତି ଛାତି ଫୁଲେଇ, ମୁଣ୍ଡ ଟେକି ବାଟ ଚଲୁଛି । ଏତେ ପରେ ବି ମୁଁ କ'ଣ ବଦଳି ପାରିଲି ? ଯେଉଁଦିନ ବାପା ଘରୁ ବାହାର କରିଦେଲେ, ତୁମମାନଙ୍କୁ ଛାଡ଼ି ଆସିଲାବେଳେ ମନଟା ଭାରି କଷ୍ଟହେଲା । ଛାତିଟା ଦି'ଫାଳ ହେଇଯାଉଥିଲା । ଅଣନିଶ୍ୱାସୀ ହେଇଯାଉଥିଲି ମୁଁ ପ୍ରତିମୁହୂର୍ତ୍ତ । ଯେମିତି ସମଗ୍ର ଆକାଶଟା ମୋ ମୁଣ୍ଡ ଉପରେ ଛିଡ଼ି ପଡୁଛି, ପାଦତଳର ସମଗ୍ର ମାଟି ଖସିଯାଉଛି ମୋତେ ଶେଷ କରିବା ପାଇଁ । ବୋଉଲୋ, ସେଦିନ ବହୁତ କାନ୍ଦିଛି । କେତେ ଖୋଜିଛି ତୁମମାନଙ୍କୁ ହେଲେ ମୋ ଭାଗ୍ୟରେ ସେ ସୁଖତ ନାହିଁ । ଖାଲି ମନେ ପକାଉଥିଲି ସେହି ପିଲାଦିନର ସବୁ ସ୍ମୃତି ଆଉ ଅନୁଭୂତିକୁ, ତୋର ସେହି କଅଁଳିଆ ପବିତ୍ର, ସ୍ନେହ ଓ ମମତାବୋଳା କୋଳକୁ । କେତେ ନିଷ୍ଠୁର ମୁଁ, କେତେ ହତଭାଗାଟା ମୁଁ । କେତେ ଦୁଃଖ, କଷ୍ଟ ନକରିଛ ମୋ ପାଇଁ । ବାପା ସବୁଦିନ କାନ୍ଧରେ କାନ୍ଧେଇ ଗାଁ ଗଣ୍ଡା, ଦୋକାନ ବଜାର ବୁଲାନ୍ତି । ମୁଁ ଯାହା ଜିଦି କରେ ସବୁ ଦିଅନ୍ତି । ସବୁ ଅଳି ଅର୍ଦ୍ଦଳିକୁ ବୁଝି ସବୁ ଇଚ୍ଛାକୁ ପୂରଣ କରନ୍ତି ବିନା ଦ୍ୱିଧାରେ, ବିନା ସର୍ତ୍ତରେ, ବିନା ସ୍ୱାର୍ଥରେ । ହେଲେ ମୁଁ...ମୁଁ ତୁମ ପାଇଁ କିଛି ବି କରିପାରିଲିନିଲୋ ବୋଉ ବରଂ ମଦ, ଗଞ୍ଜେଇ ଖାଇ ନିଜକୁ ନଷ୍ଟ କରିଦେଇଛି । ତୁମର ମାନ ସମ୍ମାନକୁ ନିଲାମ କରିଛି । ତୁମ ମୁଣ ତଳକୁ କରିଦେଇଛି । ତୁମକୁ ଛୋଟ କରିଦେଇଛିଲୋ ବୋଉ ।

ବୋଉଲୋ,

ସେଦିନ ଜମାରୁ ବି ଇଚ୍ଛା ହେଉନଥିଲା ତୁମମାନଙ୍କୁ ଛାଡି ଆସିବାକୁ । ହେଲେ, କ'ଣ କରିଥାଆନ୍ତି ତୁ କହିଲୁ । ମୋ ପାଇଁ ଘରେ କ'ଣ ଜାଗା ଥିଲା । ଘରେ ରହିଥିଲେ ଆହୁରି ଅନର୍ଥ ସୃଷ୍ଟି ହୋଇଥାଆନ୍ତା । ମୋ ପାଇଁ ତୁ ବାପାଙ୍କଠାରୁ ମାଡ଼ ଗାଳି ଖାଇଥାନ୍ତୁ, ମୋ ପାଇଁ କେତେ ଲୁଚି ଲୁଚି ଆଉ କାନ୍ଦିଥାଆନ୍ତୁ କହିଲୁ । ହେଲେ ମୁଁ ତ କୁଳାଙ୍ଗାରଟାଏ, ଲଫଙ୍ଗାଟାଏ, ଅପଦାର୍ଥଟାଏ । ମୁଁ ଆସିବା ପରେ ଏ ସବୁ ଭୁଲିବା ପାଇଁ ବହୁତ କାନ୍ଦିଛି, ବହୁତ କଷ୍ଟ ହୋଇଛି ଭୁଲିବା ପାଇଁ । ଆସିଲାପରେ କେତେଦିନ ଦାନା ଯାଉନି ମୋ ପେଟକୁ । ବହୁତ ଜଷ୍ଟ ଲାଗିଛି ଏକା ଏକା ରହିବାକୁ ହେଲେ କ'ଣ କରିଥାଆନ୍ତି ତୁ କହିଲୁ । ଏବେ ବାଧ୍ୟହୋଇ ଏକା ଏକା ରହିନିଣି । ରାତିରେ ମୋତେ ଡରମାଡେ ବୋଲି ତୁ ମୋତେ କୋଳରେ ଜାବୁଡି ଧରି ଶୋଇପକାଉ ଆଉ ମୁଁ ତୋ ଗେହ୍ଲାପୁଅଟିଏ ହେଇ ତୋ ଛାତିରେ ମୁଣ୍ଡ ଗୁଞ୍ଜି ନିର୍ଭୟରେ ଶୋଇପଡେ । ତୁ କ'ଣ ମୋ ପାଖରେ ଅଛୁ ଯେ ତତେ କହିବି- ବୋଉଲୋ ଡର ଲାଗୁଛି ମୋତେ ଜାବୁଡ଼ି ଧର । ନିଜର ଘର ଅଛି ନା ଦୁଆର । ଏଇ ମନ୍ଦିର ମୋର ସବୁକିଛି । ଏଇ ମନ୍ଦିର ବେଢ଼ାରେ ଧୂଳି ମାଟିରେ ଶୋଇପଡୁଛି । ଏ ମଶା, ମାଛି କ'ଣ ଶୋଇଦେଉଛନ୍ତି ? ମୋ ଦେହ ଖରାପ ହେଲେ କାହାକୁ କହିବି କହିଲୁ ବୋଉ । ଭାରି ଡର ଲାଗୁଛିଲୋ । ମାଗିଯାଚି ଖାଇବାକୁ ଭାରି ଲାଜ ବି ଲାଗୁଛି । ଚିରା, ଫଟା, ମଇଳା ଡ୍ରେସ୍ ପିନ୍ଧି ପିନ୍ଧି ମଣାଶିର ଗୋଟିଏ ଶୂନ୍ୟ ପାଲଟିଗଲିଣି । ଭାବୁଛି ଗୋଟାଏ ଛୋଟ ମୋଟ କାମ କରି ନିଜେ ରୋଜଗାରକ୍ଷମ ହେବି । ଏ ସମାଜରେ ଭଲ ମଣିଷ ନ ହେଇ ନାହିଁ କିନ୍ତୁ ମଣିଷଟିଏ ହେବାକୁ ଚେଷ୍ଟା କରୁଛି । ଏକା ହୋଇ କିଛି ଦରକାର ପଡୁନି ସିନା ହେଲେ ଘର ଆଉ ବାହାର ଭିତରେ କେତେ ଯେ ପାର୍ଥକ୍ୟ ତାହା ମୁଁ ବୁଝିପାରିଛି । ବୁଚୁକି ନଖୁ ଯାହା ଯେତେବେଳେ ମିଳୁଛି ଗଣ୍ଡେ ଖାଉଛି ନ ହେଲେ ନାହିଁ । ତୋ କଥା ସବୁବେଳେ ମନେ ପକାଇ ବହୁତ କାନ୍ଦୁଛିଲୋ ବୋଉ । ଏଇ କେତେ ଦିନ ହେବ ମୋ ବେହଟା ଭଲ ରହୁନି । ଜ୍ୱରୁଆ ଜ୍ୱରୁଆ ଲାଗୁଛି । ସବୁବେଳେ ଦେହଟା ତାତିରେ ଖଇ ଫୁଟୁଛି । ଭାରି କଷ୍ଟ ହେଉଛି । ଯନ୍ତ୍ରଣାରେ ଛଟପଟ ହେଉଛି । ମେଡିସିନ୍ ଖାଇବାକୁ ପାଖରେ ତ କାଣି କଉଡ଼ିଟିଏ ନାହିଁ । କିଏ ବା ଦୟା ଦେଖେଇ ମୋତେ ଔଷଧ ଆଣିଦବ କହିଲୁ । ମୋ ପାଖରେ ମୋ ବାପା ମାଆ ଥିଲେ ସିନା ମୋତେ ଔଷଧ ଖୁଆଇ ସେବା କରନ୍ତେ, ମୋ ସେବା ଯତ୍ନ କରନ୍ତେ । ତୁ କହିଲୁ ବୋଉ ଏ ମଇଳା ଦେହଟା ଆଉ କ'ଣ ଭଲ ହେବ । ସବୁବେଳେ ଠାକୁରଙ୍କୁ ଡାକୁଛି ମତେ ତାଙ୍କ ପାଖକୁ ନେଇଯାଆନ୍ତୁ...! ଆଉ ସହି ପାରୁନି ମୋ

ବୋଉ । ଭାରି କଷ୍ଟ । ଏଠି କେହି ଜାହାରିକୁ ଚିହ୍ନୁନିଲୋ ବୋଉ । ଜହ୍ନିବି ବା ଚିହ୍ନିବେ । ଏଇ ଦେଖୁନୁ ମୁଁ କ'ଣ ତୁମମାନଙ୍କୁ ଚିହ୍ନି ପାରିନି । ଯୁଆଡେ ଗଲେ କିଏ ପାଗଳା, ବାଇଆ କହି ଟେକା, ପଥର ଫିଙ୍ଗୁଛନ୍ତି ତ କିଏ ଝେଟ, ବଦମାସ୍ କହି ଝପୁଡା, ଗୋଇଠା ମାରୁଛନ୍ତି । ଅସହ୍ୟ ଲାଗୁଛି । ଯିଏ ପାରୁଛି ସିଏ ନାନା ପ୍ରକାର ବ୍ୟବହାର ଦେଖାଉଛନ୍ତି । ଏ ସଂସାରରେ ବଞ୍ଚିବାଟା ଏତେ କଷ୍ଟ ବୋଲି ମୁଁ ଜମାରୁ ଜାଣିନଥିଲି । 'ଭେକ ଥିଲେ ଭିକ ମିଳେ' । ପ୍ରକୃତରେ ଏବେ ତାହାହିଁ ମୁଁ ବୁଝି ପାରିଛି । ଜଣେ ବାବୁ ମୋ ଦେହ ଖରାପ ହେବା ଜାଣି ମୋତେ ସାଙ୍ଗରେ ମେଡ଼ିକାଲ୍ ନେଇଯାଇଥିଲେ । ଭାରି ଭଲ ଲୋକ । ତାଙ୍କ ଘରେ ମୋତେ ରଖିବେ ବୋଲି କହିଛନ୍ତି, ଝଇର ଜରି ନୁହେଁଲୋ ବୋଉ, ଛୁଆ ଭାଇଟିଏ ଜରି । ହେଲେ ବାବୁ ଜଣକ ମୋତେ ଡାକ୍ତର ଦେଖାଇଲା ପରେ ବହୁତ ମନ କଷ୍ଟ କରୁଛନ୍ତି । ମନ ଦୁଃଖରେ ବସୁଛନ୍ତି । ମୋ ପାଖକୁ ଆସି ଜେତେ କଥା କହି କିଛି ଭୁଲାଇବାକୁ ଚେଷ୍ଟା କରୁଛନ୍ତି । ମୋତେ ଖୁସି ଜଲାଭଳି ବହୁତ କଥା କହୁଛନ୍ତି । ଆମ ଘର କଥା ସବୁ ପଚାରୁଥିଲେ । ତୋ କଥା, ବାପାଙ୍କ କଥା ପଚାରୁଥିଲେ । ମୁଁ ସବୁ କଥା ଗୋଟି ଗୋଟି କରି କହିଲି । ମୋ କଥା ଶୁଣି ସେ ଭାରି ଖୁସି ହେଲେ କିନ୍ତୁ ମୋ ଉପରେ ଭାରି ବିରକ୍ତ ବି ହେଲେ । କହିଲେ ବାପା, ମାଆ ଆମର ଦେବତା । ତାଙ୍କ ମନରେ କଷ୍ଟ ଦେଲେ ମଣିଷ ସୁଖରେ ରହିପାରେନା । ସବୁବେଳେ କାନ୍ଦିବାକୁ ପଡ଼ିଥାଏ । ସତରେଲୋ ବୋଉ ଏବେ ମୁଁ ବୁଝି ପାରିଲିଣି ବାପା ମା'ଙ୍କ ମନରେ ଦୁଃଖ ଦେଲେ, କଷ୍ଟ ଦେଲେ ଜେବେ କେହି ଶାନ୍ତିରେ ରହି ପାରେନା, ସୁଖରେ ରହିପାରେନା । ବୋଉ ଜାଣିଛୁନାଲୋ ଏ ବାବୁ ଜଣକ କହୁଥିଲେ ଆମ ଘରକୁ ଯିବେ ତୁମ ମାନଙ୍କୁ ଟିକେ ଦେଖା କରିବାକୁ । ଆହୁରି କହୁଥିଲେ ମୋତେ ବି ତାଙ୍କ ସାଙ୍ଗରେ ନେଇକି ଯିବେ । ହେଲେ ମୁଁ ରୋକ୍‌ଠୋକ୍ ମନା କରିଦେଇଛି ଯିବିନି ବୋଲି, କାହିଁକି କହିଲୁ ବୋଉ ତୁ ମତେ ଦେଖିଲେ କାଳେ କାନ୍ଦିବୁ, ଖୁସି ହେବୁକି ନାହିଁ ସେଇଥିପାଇଁ । ହେଲେ ତୁ କହିଲୁ ବୋଉ, ବାପା ମୋତେ ଦେଖିଦେଲେ ବହୁତ ରାଗିବେ, ତୋତେ ପିଟିବେ, କନ୍ଦେଇବେ... ସେଥିଲାଗି ଇଚ୍ଛାହେଉନି ଯିବାକୁ । ନା... ନା... ମୁଁ ଯାଇପାରିବିନିଲୋ ବୋଉ । ମୁଁ ଜାଣିଛି ତୁ ମତେ ଦେଖିବାକୁ କେତେ ବ୍ୟଗ୍ର ହେଉଥିବୁ । ଘରଭିତରୁ ଝରକାରେ ବସିଥିବୁ ମୋ ଫେରିବା ବାଟକୁ । ଖାଉନଥିବୁ, ଭଲରେ ଶୋଇ ବି ପାରୁନଥିବୁ ହେଲେ ମୁଁ କ'ଣ କରିବି ତୁ କହିଲୁ ମୁଁ ଏଡ଼େ ହତଭାଗାଟାଏ ଯେ, ମୋ ଘୋଡ଼ା ମୁହଁଟାକୁ ଦେଖାଇବାକୁ ମୋତେ ଯମାରୁ ଭଲ ଲାଗୁନି । ହଁ ବାବୁ ମୋ ପାଇଁ ଯେଉଁ ଔଷଧ ଆଣିଛନ୍ତି ମୁଁ ସବୁଦିନ ଖାଉଛି । ଦେହଟା ଟିକେ ଭଲ ଲାଗୁଛି ଯେ ହେଲେ ବହୁତ କଷ୍ଟ ଲାଗୁଛିଲୋ ବୋଉ । ସବୁ ସେବା ଯତ୍ନ ଏମାନେ କରୁଛନ୍ତି । ଜିଦ୍ଧିରେ ଅଉହେଲା କରୁନାହାଁନ୍ତି ହେଲେ କାହିଁକି କେଜାଣି ବେଳେ ବେଳେ ଲୁଚି ଛପି ଆଖିରୁ ଲୁହ ଗଡାଉଛନ୍ତି । ମୁଁ ପଚାରିଲେ କହୁଛନ୍ତି ସିଏ କିଛି ନୁହେଁ, ସେସବୁ ତୁ କିଛି ବୁଝି ପାରିବୁନି । ବୋଉ ତୁ କହିଲୁ, ତାଙ୍କ ଘର କଥାରେ ମୋ ଆଗରେ କାନ୍ଦିବା, ମନ ଦୁଃଖ କରିବା କ'ଣ ଦରକାର । ମୋତେ ବୋଧେ ବାବୁ ମିନ୍ଧ କହୁଛନ୍ତି, ମୋତେ କିଛି ଲୁଚଉଛନ୍ତି । ମୋତେ ଲାଗୁଛି ମୁଁ ବୋଧେ ଆଉ ଭଲ ହେବିନି କି କ'ଣ ? ବାହାର ଲୋକମାନେ ମୋ ବିଷୟରେ କଥା ହେଉଥିଲେ, ରୋଗଟା କୁଆଡେ ଭାରି ସାଘାତିକ । ଭଲ ହବା ଚାନ୍ସ ନାହିଁ । ଯେଉଁ ରୋଗ ହେଲେ କେହି ଭଲ ହୁଅନ୍ତିନି ସେଇ ରୋଗ ମୋତେ ହେଇଛି । ଜାଣିଛୁନା ଲୋ ବୋଉ ମୁଁ ବାବୁଙ୍କୁ କହିଛି, ଆର ଥରକୁ ମୋତେ ମେଡିକାଲ୍ ନେଲେ ସେଠି ମୁଁ ମୋର ସଂପୂର୍ଣ୍ଣ ଦେହଟାକୁ ଦାନ କରିଦେବି, ମୁଁ 'ଦଧିଚି' ହୋଇଯିବି । ମୋ ଫଟୋ, ମୋ ନାଁ ଖବରକାଗଜରେ ବାହାରିବ, ଟି.ଭି ରେ ଦେଖେଇବ । ତମେମାନେ ସମସ୍ତେ ଦେଖିବ ଭାରି ଖୁସି ହେବନା... । ଆଉ କେଇଟା ଦିନ ବଞ୍ଚିବି ଯେ । ମୋର କିଛି ଅଙ୍ଗପ୍ରତ୍ୟଙ୍ଗ ଯଦି କାହାର ସେବାରେ ଲାଗିପାରିବ ତାହେଲେ ମୁଁ ଭାରି ଖୁସିହେବିଲୋ । ତୁମମାନଙ୍କୁ ଏ ଜୀବନରେ ଦୁଃଖ, କଷ୍ଟ, ଲୁହ ଛଡା କିଛି ବି ଦେଇପାରିଲିନି । ମୋତେ କି ରୋଗ ହେଇଛି ଜାଣିଛୁ ନା ବୋଉ... ମୋତେ କ୍ୟାନ୍‌ସର ହୋଇଛି । ମୁଁ ଶୁଣିଛି ଏ ରୋଗ ଯାହାକୁ ହୁଏ ସିଏ କେବେ ଭଲ ହୁଏନି । କ୍ୟାନ୍‌ସରଟା ଏତେ ମାରାତ୍ମକ ରୋଗ ଯେ ଭାରି ଯନ୍ତ୍ରଣା ଦେଉଛି, ପ୍ରତି ମୁହୂର୍ତ୍ତ ଛଟପଟ କରୁଛି, କନ୍ଦାଉଛି ମୋତେ । ଅହର୍ନିଶି ଘାଣ୍ଟି ଚକଟି ମାରିପକାଉଛି ସେ । କ'ଣ କରିବି ଭାବି ପାରୁନି । ସତରେ କ'ଣ ତତେ ଆଉ ଦେଖିପାରିବିନି..., ମୋ ବାପାଙ୍କୁ ଦେଖି ପାରିବିନି... । ମୋ' ଗାଁର ମାଟି, ପାଣି, ପବନ, ମୋ ସାଙ୍ଗ ପାଠ, ସାହି ପଡ଼ିଶା କାହାରିକୁ ଦେଖିପାରିବିନି । ପିଲାବେଳ କଥା ଗୋଟି ଗୋଟି ସବୁ ମନେ ପଡ଼ିଯାଉଛିଲୋ ବୋଉ । ସ୍କୁଲକୁ ଯିବା, ଗଛରେ ଚଢ଼ି କୋଳି ଖାଇବା, ଆମ ଗଛକୁ ଟେକା ମାରିବା, ନଦୀରେ ବୁଡ଼ି ଗାଧେଇବା, ଚଗଲା ହେବା ସବୁ କଥା । ତୋର ମନେ ଅଛି ନା ବୋଉ, ତୁ ମୋ କାନକୁ ମୋଡି ଘୋଷାରି ଆଣି କାଖ କରୁ । ଗେଲ କରି କୋଳରେ ବସେଇ ଖୁଆଇଦେଉ । ଗୀତ ଗାଇ, ବୁଢ଼ୀ ଅସୁରୁଣୀ ଗପ କହି କହି ନିଦ ହେବା ଯାଏ ଶୁଆଇଦେଉ । ସବୁ କଥା ମନେ ଅଛି ଲୋ ବୋଉ । ବୋଉଲୋ, ଭାରି ଇଚ୍ଛା

ହେଉଛି ତତେ ଟିକେ ଦେଖିବାକୁ । ତୁ ମନ ଜଷ୍ଟ କରିବୁନି । ମୋ ଉପରେ ରାଗିବୁନି । ବାପାକୁ ବୁଝେଇ ଦେବୁ ତାଙ୍କ ବାବୁଙ୍ଗା, କୁଳାଙ୍ଗାର ପୁଅଟା ଆଉ ଚଗଲା ହେଉନି । ସବୁ କଥା ମାନୁଛି । ଭାରି ସୁଧାର ହେଇଯାଇଛି । ଆଉ କେଇଟା ଦିନ ବହୁବି ଜହିଲୁ, ହଜିଯିବି ସବୁଦିନ ପାଇଁ ତୁମମାନଙ୍କ ଆଖି ଆଗରୁ, ଦୂରେଇ ଯିବି ତୁମ ସ୍ନେହ, ମମତାଚୋଳା କୋଳରୁ । ଜାଣିଛୁନାଲୋ ବୋଉ, ବାବୁ ଜଣକ କାନ୍ଦି କାନ୍ଦି ମୋତେ କହୁଥିଲେ, ମନ ଦୁଃଖ କରନା ତୁମ ପାଖରେ ମୁଁ ଅଛି, ତୁମର କିଛି ବି ହବନି, ବହୁତ ଶୀଘ୍ର ତୁମେ ଭଲ ହେଇଯିବ । ବହୁତ ବୁଝାଇଲେ, କହିଲେ ସଂସାରରେ ଯିଏ ଜନ୍ମ ନେଇଛି ସିଏ ନିଶ୍ଚୟ ମରିଛି । ତେଣୁ କାହା ଭାଗ୍ୟରେ କ'ଣ ଅଛି କିଏ ବା କହିବ । ମୁଁ ବାବୁଙ୍କୁ କହିଦେଇଛି- 'ବାବୁ' ମୁଁ ମରିଗଲେ ମୋତେ ତୁମ କାନ୍ଧରେ ନେବ, ମୋ ମୁହଁରେ ଟିକେ ନିଆଁ ଦେବ । ମୋ ପାଇଁ କେବେ କାନ୍ଦିବନି... ମୁଁ ପା ତୁମର ଛୁଆଭାଇ... । ସତରେଲୋ ବୋଉ, ଏ ଦୁନିଆରେ ଏମିତି ମହାନ୍ ଲୋକ ଅଛନ୍ତି, ତାହା ଆଜି ମୁଁ ଜାଣୁଛି । ଏ ବାବୁ ଜଣକ ମଣିଷ ନୁହଁନ୍ତିଲୋ ବୋଉ... ମୋ ପାଇଁ ମୋ ଭଗବାନ, ମୋ ବଡ଼ ଠାକୁର... ? ବୋଉଲୋ, ଭାରି ଜଷ୍ଟ ହେଲାଣି, ମୁଁ ଯାଉଛିଲୋ ବୋଉ । ବାପାକୁ ଜହିବୁ ଆଉ ମୋ ଉପରେ ରାଗିବେନି । ଭାରି ଇଚ୍ଛାହେଉଛିଲୋ ବୋଉ ତତେ ଟିକେ ଆଖି ପୁରେଇ ଦେଖନ୍ତି, ତୋ କୋଳରେ ଶୋଇ କେତେ ସ୍ୱପ୍ନ ଦେଖନ୍ତି । ବାପା, ମା' ସବୁଠୁ ବଡ଼ ଠାକୁର । ତମେ ଦି'ଜଣ ପା ମୋ ସର୍ବମୟ ଦେବତା । ତମ ପାଦ ଧୂଳି ମୁଣ୍ଡରେ ମାରି ମୋର ସବୁ ପାପକୁ ଧୋଇଦିଅନ୍ତି । ତମେ ଦି'ଜଣ ପା ମୋ ସ୍ୱର୍ଗ, ମୋ ଭଗବାନ..ମୋ ଦୁନିଆ । ସେ ଭାଗ୍ୟ ବୋଧେ ମୋର ଆଉ ନାହିଁଲୋ ବୋଉ । ଯାଉଛିଲୋ...ବୋଉ, ଆଉ ତୋ ସହିତ କେବେ ଦେଖା ହବନିଲୋ ବୋଉ....ଆ...ଆ...ଆ....ମୋତେ କ୍ଷମା କରିଦେବୁଲୋ...ମୋ ବୋଉ... ପ୍ର...ଣା...ମି.....

—o—

ରାଧାଦେଇପୁର, ବଡ଼ଚଣା, ଯାଜପୁର
ମୋ- ୯୦୪୦୬୯୬୪୧୧

ମୋ ଜାତିର ଜନକ ମୋ ଜଗନ୍ନାଥ

ରଞ୍ଜତ୍ ପ୍ରଭା ସାହୁ

ଆଧ୍ୟାତ୍ମର ବଡଦଣ୍ଡରେ ଅଧା ଗଢ଼ା ତିନିଠାକୁର ଓଡିଆ ଜାତିର ଶ୍ରେଷ୍ଠ ସନ୍ତକ ଜଗନ୍ନାଥ । ବଳଭଦ୍ର ଓ ଦେବୀ ସୁଭଦ୍ରା । ଓଡିଆ ଜାତିର ସରଳତାରେ ଗଢ଼ା ଏହି ସରଳ ଠାକୁରଙ୍କ ସମାହିତ ହୋଇଛି ସବୁଧର୍ମ-। ଶଙ୍ଖକ୍ଷେତ୍ର ପୁରୀରେ ବିରାଜମାନ ପ୍ରଭୁଜଗନ୍ନାଥ ଓଡିଆ ଜାତିର ମଉଡମଣି । ଆମ ଜାତିର ଜନକ ପ୍ରତି ଓଡିଆ ପ୍ରାଣର କେନ୍ଦ୍ରବିନ୍ଦୁ ଶ୍ରୀଜଗନ୍ନାଥ । ଓଡିଶା ଉପରେ ବିପରି ଆସିଲେ ଦୀନବନ୍ଧୁ ସାଜି ରକ୍ଷା କରନ୍ତି ପ୍ରଭୁ । ଜାତିର ମାନ ରଖିବାକୁ କାଞ୍ଚି ବିଜୟଯାତ୍ରା ସମୟରେ କଳା ଧଳା ଘୋଡାଚଢ଼ି ଦୁଇ ଭାଇ ରଣଭୂମିରେ ଅବତୀର୍ଣ୍ଣ ହୋଇଥିଲେ । ଭକ୍ତ ବତ୍ସଳ ପ୍ରଭୁ ଦାସିଆ ବାଉରି ହତରୁ ନଡିଆ ନେଇଥିବା ଓ ଭକ୍ତ ସାଳବେଗ ପାଇଁ ନନ୍ଦିଘୋଷ ଅଟକାଇ ରଖିଥିବାର ମଧ୍ୟ ପ୍ରବାଦ ରହିଛି । ଏ ଜାତି ମଧ୍ୟରେ ଚିର ସମର୍ପିତ ମହାପ୍ରଭୁଙ୍କ ଶ୍ରୀଚରଣରେ, ଯେତେବେଳେ ବିଦେଶୀ ଆକ୍ରମଣକାରୀ ଏ ଜାତିର ସତ୍ତା ଦୋହରାଇବାକୁ ଆକ୍ରମଣ କରିଛନ୍ତି । ଏ ଜାତି ନିଜ ଦାରୁ ଦିଅଁକୁ ନେଇ ଲୁଗଇ ରଖିଛି ବିଭିନ୍ନ ଜାଗାରେ । ଏହି ଜାତି ଆଗରେ ସମୟ ଯେବେ ଅନ୍ଧାର ହେଲା ଠିଆ ହୋଇଛି ଶଙ୍ଖନାଦ କରିବାକୁ ଏ ଜାତିରେ ଜନ୍ମ ନେଇଛନ୍ତି 'ସରଦେଇ' ଆଉ ମୃଦଙ୍ଗ ଭିତରେ ବ୍ରହ୍ମକୁ ଲୁଚାଇ ଆଣିଛନ୍ତି ବିଶ୍ୱର ମହାନ୍ତି ।

- o -

ନୀଳକଣ୍ଠପୁର ଖୁର୍ଦ୍ଦା

ଆଧୁନିକତା ନା ଏକ ଭିନ୍ନ ପ୍ରକାରର ଅସଭ୍ୟତା ?

ଜୟଦେବ ଶତପଥୀ

ଆମ୍ଭେମାନେ ବର୍ତ୍ତମାନ ଏକ ଆଧୁନିକ ସମାଜରେ ବସବାସ କରୁଛନ୍ତି । ୧୯୯୦ ମସିହା ପରେ ପରେ ଜଗତୀକରଣର ପ୍ରଭାବରେ ବିଶ୍ୱର କୋଣ ଅନୁକୋଣରୁ ଆଧୁନିକ ଜ୍ଞାନକୌଶଳ, ପ୍ରଯୁକ୍ତିବିଦ୍ୟା, ବୈଜ୍ଞାନିକ ଯୁକ୍ତି, ଆଦର୍ଶ, ମୂଲ୍ୟବୋଧ ସର୍ବୋପରି ସଂସ୍କୃତିଗୁଡିକ ପୃଥିବୀର ସବୁ ଅଞ୍ଚଳକୁ ପହଞ୍ଚିବା ସହ ମାନବ ଜୀବନଶୈଳୀକୁ ବହୁମାତ୍ରାରେ ପ୍ରଭାବିତ କରିପାରିଛି । ଏହି ଆଧୁନିକତା ମାନବ ସମାଜକୁ ଅସଭ୍ୟତାର ଅନ୍ଧକାରରୁ ମୁକ୍ତ କରିବା ପାଇଁ ସୃଷ୍ଟି ହୋଇଥିବାବେଳେ ବର୍ତ୍ତମାନ ସମୟରେ ମାନବସମାଜକୁ ପୁନର୍ବାର ଏକ ଭିନ୍ନ ପ୍ରକାରର ଅସଭ୍ୟତା ଆଡକୁ ଟାଣି ନେଉଥିବାର ପରିଲକ୍ଷିତ ହେଉଛି । ଏହି ପରିପ୍ରେକ୍ଷୀରେ ଆଜିର ସମୟରେ ନୂତନ ପିଢ଼ିଙ୍କ ମଧ୍ୟରେ ଦେଖାଯାଉଥିବା ଏକ ନିର୍ଦ୍ଦିଷ୍ଟ ବ୍ୟବହାର ବିଷୟରେ ଆଲୋଚନା କରିବା । ଏକଦା ଏକ ବିଦ୍ୟାଳୟର ଏକ କାର୍ଯ୍ୟକ୍ରମରେ ଯାଇଥାଏ । ସେଠାରେ ଏକ ଦଶମ ଶ୍ରେଣୀର ଛାତ୍ର ଓ ତାଙ୍କ ମା' ପିଲାଟିର ଆଗାମୀ ପାଠପଢ଼ା ବିଷୟରେ ମୋ ସହ ଆଲୋଚନା କରୁଥିଲେ । ଆଲୋଚନା ସମୟରେ ପିଲାଟି ତା ମାଙ୍କର ଫୋନ୍‌ଟି ଧରି ସେଥିରେ ବ୍ୟସ୍ତଥାଏ । ଆଲୋଚନା ଶେଷରେ ତାଙ୍କ ମା ଆଗକୁ କିଛି ପରାମର୍ଶ ଆବଶ୍ୟକ ପଡିଲେ ଯୋଗାଯୋଗ କରିବା ପାଇଁ ମୋ ଫୋନ୍ ନମ୍ବରଟି ରଖିବା ପାଇଁ ଚାହିଁଲେ ଏବଂ ତାଙ୍କ ପୁଅକୁ ଫୋନ୍ ନମ୍ବରଟି ସେଭ୍ କରିବା ପାଇଁ ନିର୍ଦ୍ଦେଶ ଦେଲେ । ଏହା ପରେ ମୋ ଠାରୁ ନମ୍ବରଟି ଶୁଣି ପୁଅଟି ତତ୍‌କ୍ଷଣାତ୍ ନମ୍ବରଟି ସେଭ୍ କରି ଦେଲା । ମୁଁ ଚେକ୍ କରିବାରୁ ଜାଣିବାକୁ ପାରିଲି ସେହି ପିଲାଟି ହ୍ୱାଟସ୍‌ଆପ୍ ସାମାଜିକ ଗଣ ମାଧ୍ୟମରେ ଏକ ହାଏ ବାର୍ତ୍ତା ପ୍ରେରଣ କରିଛି । ପିଲାଟିର ଏତାଦୃଶ ବ୍ୟବହାର ଦେଖି ମୋତେ ଭଲ ଲାଗିଲା ନାହିଁ । ତାଙ୍କ ମାଙ୍କୁ ଏହି କଥାଟି ଜଣାଇବାରୁ ସେ ଆଜିକାଲିର ଆଧୁନିକ ସଂସ୍କୃତି ସ୍ରୋତ ସହ ନୂଆପିଢ଼ି ମାନେ ଯାଉଛନ୍ତି ଆମେ ଆଉ କଣ କରିବା ବୋଲି କହି ଅସହାୟତା ପ୍ରଦର୍ଶନ କରେ । ସେଠାରୁ ଆସି ପରେ ମୁଁ ଚିନ୍ତା କଲି ସେହି ପିଲାଟି ନିଜଠାରୁ ବରିଷ୍ଠମାନଙ୍କୁ ହାଏ ବଦଳରେ କଣ ଏକ ସମ୍ମାନସୂଚକ ଶବ୍ଦଟିଏ ଲେଖି ପାରିବନି । ଏହା ଛଡା, ଆଜିର ସମୟରେ ବ୍ୟକ୍ତିଟିଏ ମରିଗଲେ ସାମାଜିକ ଗଣମାଧ୍ୟମରେ ଅନେକ ବ୍ୟକ୍ତି ରିପ୍ ନାମ ଶବ୍ଦଟିଏ ଲେଖୁଥିବାର ବହୁ ମାତ୍ରାରେ ଦେଖିବାକୁ ମିଳୁଛି । ମୃତ ବ୍ୟକ୍ତିଟିଏ ଦୁନିଆରୁ ସବୁଦିନ ପାଇଁ ବିଦାୟ ନେଉଥିବା ବେଳେ ଗୋଟିଏ ଧାଡିର ଶ୍ରଦ୍ଧାଞ୍ଜଳି ସୂଚକ ବାକ୍ୟଟିଏ ଲେଖିବାତ ଦୂରର କଥା ସେହି ରିପ୍ ଶବ୍ଦର ପୁରା ଅର୍ଥ ମଧ୍ୟ ଲେଖିବାକୁ ଆମ ପାଖେ ଶବ୍ଦ ଆଉ ବିବେକର ଏତେ ଅଭାବ କିପରି ଘଟୁଛି ତାହା ଆଶ୍ଚର୍ଯ୍ୟଜନକ । ଆଧୁନିକତାର ସ୍ରୋତରେ ବହିଯିବା ମନ୍ଦ କଥା ନୁହେଁ କିନ୍ତୁ ଏହି ସ୍ରୋତର ଗତି କୁଆଡେ ତାହା ଜାଣିବା ଅତ୍ୟନ୍ତ ଜରୁରୀ । ଆଧୁନିକ ଜୀବନଶୈଳୀକୁ ମନୁଷ୍ୟ ଏକ ଯନ୍ତ୍ରଭାବେ ବିନା ଦ୍ୱିଧାରେ ଗ୍ରହଣ କରିନନେଇ ଏହାର ଅନୁଶୀଳନ କରିବାର ଆବଶ୍ୟକତା ରହିଛି । ଆଧୁନିକତା ଏକ କୁ ବିଚାର ନୁହେଁ କିନ୍ତୁ ଏହା ସହ ସମାନ୍ତରାଳ ଭାବେ ମାନବୀୟ ମୂଲ୍ୟବୋଧ ବଞ୍ଚିରହିବା ଜରୁରୀ । ଏହା ହେଲେ ଏହି ବିଚାରଧାରା ଦୀର୍ଘଜୀବୀ ହେବା ସହ ଏହାର ଗ୍ରହଣୀୟତା ବୃଦ୍ଧି ପାଇବ । ଶେଷରେ ଏତିକି ଆଶା କରିବା, ଆଧୁନିକତା ସମାଜକୁ ଏକ ନୂତନ ପ୍ରକାର ଅସଭ୍ୟତା ଆଡକୁ ଟାଣି ନନେଇ ଆମକୁ ମୁକ୍ତି ଦେଉ ଓ ସଭ୍ୟ ଭାବେ ଗଢ଼ିତୋଳୁ ।

- ୦ -

ସଭାପତି
ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ

ଆଜିର ସମାଜରେ ନାରୀର ସ୍ଥିତି

ଶୁଭଶ୍ରୀ ସାହୁ

ସେଦିନ ପୂର୍ଯ୍ୟଙ୍କ ରଶ୍ମିମୀ ଆଭାରେ ଆକାଶଟା ରଙ୍ଗାୟିତ ହେଉ ହେଉ ମୋର ବି ନିଦ୍ରା ଭଙ୍ଗ ହୋଇଥିଲା । ପରୁଦିନ ପରି ବିଛଣା ଛାଡି ମୁଁ ବି ମୋର ନିତ୍ୟକର୍ମ ପାରିବା ସହିତ ଘର ଓଳାଉଥିବା ବେଳେ ମଉସା (ଖବରକାଗଜବାଲା/ନ୍ୟୁଜପେପର ହକର) ମୋ ହାତରେ ଖବରକାଗଜଟି ବଢ଼ାଇଦେଲେ । ସକାଳୁ ସକାଳୁ ଟିକେ ମୁଖ୍ୟ ଖବର ଆଡେ ଆଖି ବୁଲାଇ ଆଣୁ ଆଣୁ ହଠାତ୍ ଗୋଟେ ଖବର ମୋତେ ସ୍ତବ୍ଧ କରିଦେଲା । ମୋର ଆପାଦମସ୍ତକ ଏକ ଅଦ୍ଭୁତ ଭୟ ଓ ଶିହରଣରେ ଥରି ଉଠିଲା । ଏହି ଗୋମ ଟାକୁରା ଖବରଟି ଥିଲା କୋଲକାତାର ଆର୍.ଜି. କର ମେଡିକାଲ୍ କଲେଜରେ ଜଣେ ଟ୍ରେନି ମହିଳା ଡାକ୍ତରଙ୍କର ଗଣ ବଳତ୍କାର ଓ ତାଉପ ହତ୍ୟା ।

ଦେଶ ସ୍ୱାଧୀନତା ଦିବସ ପାଳନ ଅବସରରେ ଉତ୍ସବ ମୁଖରିତ ଥିବା ବେଳେ ଏପରି ଏକ ସଙ୍ଗୀନ୍ ଘଟଣା ଦେଶବାସୀଙ୍କୁ ଚକିତ କରି ଦେଇଥିଲା ଏବଂ ସମସ୍ତଙ୍କର ମନରେ ବାସ୍ତବ ସ୍ୱାଧୀନତା ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । ସତରେ ଜଣ ଆମେ ସ୍ୱାଧୀନତାର ସଂଜ୍ଞାକୁ ଉପଲବ୍ଧି କରୁଛନ୍ତି ? ଯଦି ଜଣେ ଉଚ୍ଚ ଶିକ୍ଷିତା ମହିଳା ତାଙ୍କ କର୍ମ ସ୍ଥଳରେ ସୁରକ୍ଷିତ ନୁହଁନ୍ତି ତେବେ ଆମେ ଜଣେ ସାଧାରଣ ଝିଅର ସୁରକ୍ଷା କିପରି ନିଶ୍ଚିତ କରି ପାରିବା ? ଏହି ଘଟଣା ସମସ୍ତ କର୍ମଜୀବୀ ମହିଳାମାନଙ୍କୁ ମଧ୍ୟ ଚିନ୍ତାଗ୍ରସ୍ତ କରିଦେଇଛି । କର୍ମ ପାଇଁ ଘରୁ ପାଦ କାଢ଼ି ଗଲା ପରେ ପୁଣି ସୁରକ୍ଷିତ ଭାବେ ଘରକୁ ପ୍ରତ୍ୟାବର୍ତ୍ତନ କରିବାକୁ ନେଇ ଏବେ ପ୍ରତ୍ୟେକ ନାରୀ ଚିନ୍ତାଗ୍ରସ୍ତ ।

ଭଗବାନ ଉଭୟ ପୁରୁଷ ଓ ନାରୀକୁ ସୃଷ୍ଟି କରିଛନ୍ତି । ଏକ ମୁଦ୍ରାର ଦୁଇ ପାର୍ଶ୍ୱ ପରି ଉଭୟଙ୍କ ଉପସ୍ଥିତ ଏହି ସମାଜ ପାଇଁ ନିତାନ୍ତ ଆବଶ୍ୟକ । ନାରୀ ହେଉଛି ପ୍ରକୃତିର ଅନ୍ୟ ରୂପ । ପ୍ରକୃତି ଯେପରି ଗଛ, ଲତା, ବନ, ପାହାଡ଼, ନଦୀ, ଝରଣାରେ ସଜେଇ ହୋଇ ଏହି ସମଗ୍ର ସୃଷ୍ଟିକୁ ସୌନ୍ଦର୍ଯ୍ୟର ଉପଲବ୍ଧି କରେଇଥାଏ ଏବଂ ମନୁଷ୍ୟର ଚଞ୍ଚଳ ମନକୁ ଶୀତଳତା ପ୍ରଦାନ କରିଥାଏ । ନାରୀବି ଠିକ୍ ସେହିପରି ନିଜର ନିର୍ମଳ ହୃଦୟ, ସହନଶୀଳତା, ସୌନ୍ଦର୍ଯ୍ୟ ଓ ନମନୀୟତାରେ ସଂସାର ରଥକୁ ଆଗକୁ ବଢ଼ିବାରେ ସାହାଯ୍ୟ କରିଥାଏ କିନ୍ତୁ କେତେଜ କାମୁକ ପୁରୁଷଙ୍କର କ୍ରୂର ପ୍ରହାରରେ ଆଜି ନାରୀର ତନୁ ମନ ବିଷ ଜର୍ଜରିତ ଓ କଳଙ୍କିତ ।

ଆଜନ୍ମ ସୁଖ ପ୍ରଦାନ କରୁଥିବା ଏକ ଝିଅ, ଦୁହିତା, ଜାୟା, ଜନନୀ ଓ ଭଗିନୀ ଆଦି ରୂପରେ ନିଜର ଜୀବନ ସମର୍ପିତ କରିଥାଏ । କିନ୍ତୁ ଏ କାମାନ୍ଧ ପୁରୁଷର ଲୋଭୁପ ଦୃଷ୍ଟି ତା'ର ସମସ୍ତ ସ୍ୱପ୍ନ, ସୁଖ ଏବଂ ଅଭିଳାଷକୁ ପାଦରେ ଦଳି ମଳଚି ଧୂଳିସାତ କରିଥାଏ । ମରିଯାଏ ତା'ର ମନର ଅସୁମାରୀ ଆକାଂକ୍ଷା,ସରିଯାଏ ସବୁ ଉଚ୍ଚାଭିଳାଷ, ଭାଙ୍ଗିଯାଏ ତା' ହୃଦୟର ତନ୍ତ୍ର ଏବଂ ଲିଭି ଯାଏ ତା' ଜୀବନ ଦୀପ । ଏକ ସୁଗନ୍ଧିତ ପୁଷ୍ପ ଝାଉଁକି ଗଲାପରି ଭୂଲୁଣ୍ଠିତ ହୁଏ ତା'ର ମାନ, ମର୍ଯ୍ୟାଦା ଓ ସୌନ୍ଦର୍ଯ୍ୟ ।

କୁହାଯାଏ ପ୍ରତ୍ୟେକ ପରିବାର ହେଉଛି ପ୍ରତ୍ୟେକ ଶିଶୁର ପ୍ରଥମ ପାଠଶାଳା ଏବଂ ମା' ହେଉଛି ତା'ର ପ୍ରଥମ ଗୁରୁ । ଶିଶୁଟିଏ ପ୍ରଥମେ ତା'ର ମା', ତତ୍‌ପରେ ପରିବାରର ଅନ୍ୟ ସଦସ୍ୟ ଏବଂ ପରେ ତା'ର ଚତୁଃପାର୍ଶ୍ୱରେ ଥିବା ପରିବେଶରୁ ପ୍ରାରମ୍ଭିକ ଶିକ୍ଷା ଗ୍ରହଣ କରିଥାଏ । ଏହି ଠାରେ ହିଁ ତା'ର ଶିକ୍ଷା ଓ ସଂସ୍କାରର ମୂଳଦୁଆ ପଡିଥାଏ । କୁହାଯାଏ ଯେଉଁ ଘରର ମୂଳଦୁଆ ଯେତେ ଶକ୍ତିଶାଳୀ ସେହିଘର ସେତେ ଶକ୍ତିଶାଳୀ । ତେବେ ଏକ ସୁସ୍ଥ ତଥା ସନ୍ତୁଳିତ ସମାଜ ଗଠନ କରିବା ନିମିତ୍ତ ଉଭୟ ପୁଅ ଓ ଝିଅକୁ ସମାନ ଭାବରେ ସଂସ୍କାର ଓ ସଶୁଣା ଶିଖାଇବାର ଆବଶ୍ୟକତା ରହିଛି । ଏଥିପାଇଁ ପ୍ରତ୍ୟେକ ଅଭିଭାବକ ଯତ୍ନବାନ ହେବା ଉଚିତ୍ ।

ଝିଅ ଜନ୍ମ କରିଥିବା ପ୍ରତ୍ୟେକ ମା'ର ଛାତି ଆଜି ଏକ ଅଜଣା ଭୟରେ କମ୍ପି ଉଠିଛି । ପ୍ରତ୍ୟେକ ମା' ତାର କନ୍ୟା ସନ୍ତାନର ଶିକ୍ଷା, ସୁରକ୍ଷା ଓ ଭବିଷ୍ୟତକୁ ନେଇ ଚିନ୍ତାଗ୍ରସ୍ତ । ଆଜିର ଏ କଳୁଷିତ ସମାଜରେ ନାରୀ ନିର୍ଯାତନା, ଧର୍ଷଣ ଓ ଯୌନ ଶୋଷଣ ବଢ଼ି ବଢ଼ି ଚାଲିଛି । ପ୍ରତ୍ୟେକ ଦିନ ଖବରକାଗଜରେ ବଳାତ୍କାର, ଯୌନ

ଉତ୍ପୀଡନର ଖବର ପଢ଼ିବାକୁ ମିଳୁଛି । ଯୌନ ବ୍ୟଭିଚାରର ଶିକାର ହେଇଥିବା ଜେଉଁ ନାରୀର ଜୀବନ ଦୀପ ଲିଭି ଯାଉଛି ତ ଆଉ କିଏ ଏଜ ଧର୍ଷିତା ଓ ପୀଡିତାର ଥପ୍ପା ମଥାରେ ମାରି ସାରା ଜୀବନ ଏଇଆମ୍ ଗ୍ଲାନିରେ ଜଳି ଜଳି ବଞ୍ଚୁଛି । ନ୍ୟାୟଳୟରେ ତାରିଖ ପରେ ତାରିଖ ଗଡ଼ି ଚାଲିଛି ଏବଂ ଏହି ଜଘନ୍ୟ କାଣ୍ଡ ନିଭାଇଥିବା ଜଲ୍ଲାଦ ନିର୍ଭୟରେ ଖୋଲା ଆକାଶରେ ଛାତି ଫୁଲାଇ ବିଚରଣ କରୁଥିବା ବେଳେ କାମାଗ୍ନିର ଶିକାର ହୋଇଥିବା ନାରୀଟିର ଜୀବନ ଲୋଜ ଲଜ୍ଜା, ଦୟା, ଘୃଣା ଓ ଲୋକଙ୍କ ନିମ୍ନ ଦୃଷ୍ଟିରେ ଦୁର୍ବିସହ ହୋଇଯାଉଛି ।

ସତରେ ଜଣ ଜେବେ ନୂଆ ସୂର୍ଯ୍ୟ ଉଇଁବ ଆଉ ଏ ନାରୀ ଧର୍ଷଣ ରୂପକ କାଳିମାକୁ ପଂଘାରରୁ ପୋଛିଦେଇ ଶୁଭ୍ର ଆଲୋକର ଆଭା ପ୍ରକାଶିତ ହେବ ? ? ?

- o -

ଶିକ୍ଷୟିତ୍ରୀ

ବାପା

ମାମାଲି ବାରିକ

ବାପା ହେଉଛନ୍ତି ଜୀବନର ଏମିତି ଏକ ଭାସ୍କର ଯାହାଙ୍କ ବିନା ସକାଳ ହୁଏ ନାହିଁ । ବାପା ହେଉଛନ୍ତି ପ୍ରେମର ଏମିତି ଏକ ସାଗର ଯାହାର ଗଭୀରତା କୁ ମାପିବା ସମ୍ଭବ ହୁଏ ନାହିଁ ।

ଯିଏ ପିଲାକୁ ଅନ୍ଧକାରରୁ ଆଲୋକିତକୁ ହାତ ଧରି ଆଣିଥାନ୍ତି ସେ ହେଉଛନ୍ତି ବାପା । ବାପାଙ୍କ ବିଷୟ କ'ଣ ଲେଖିବି ବାପାଙ୍କ ପାଇଁ ଶବ୍ଦ ନାହିଁ ଯିଏ ନିଜର ସ୍ୱଳ୍ପ ରୋଜଗାରରେ ପିଲାମାନଙ୍କ ଅଭଶ୍ୟକ ପୂରଣ କରିଥାନ୍ତି । ଘରର ଛୋଟରୁ ନେଇବି ବଡ ଯାଏ ସବୁ କଥା । ବୁଝିଥାନ୍ତି ହେଲେ କେବେ କହି ନଥାନ୍ତି ମୁଁ ଥକି ଯାଇଛି । ବାପାଙ୍କ ବିଷୟରେ କିଛି କ୍ଷଣ ଭାବୁ ଭାବୁ ବି ଆଜି ବିଦେଶରେ ରହୁଥିବା ପୁଅ ଓ ଝିଅ କିପରି ବୁଝିବେ ବାପାଙ୍କର ମୂଲ୍ୟ କଣ । ଆଜି କାଲି ସମାଜରେ ପିଲା ବଡ ହୋଇ ପାଠ ପଢ଼ି ମଣିଷ ହେଲା ପରେ ବାପାଙ୍କୁ ଆଉ କୋଉ କଥାରେ ମଧ୍ୟ ପଚାରନ୍ତିନି ସେ ପିଲାମାନେ ବୋଧେ ଭୁଲି ଯାଇଥାନ୍ତି କି ଆଜି ସିଏ ଯୋଉଠି ଠିଆ ହୋଇଛନ୍ତି ସେ କେବଳ ବାପାଙ୍କ ପାଇଁ ବାପା ନିଜର ଝାଳ ବୁହା ଧନରେ କେତେ କଷ୍ଟରେ ଯେ ପିଲାକୁ ପାଠ ପଢ଼ାଇ ମଣିଷଟିଏ କରି ଗଢ଼ି ତୋଳିଥାନ୍ତି ବାପାଙ୍କ ନିଜ ଘରେ ରହି ବାପାଙ୍କୁ ବୃଦ୍ଧାଶ୍ରମରେ ନେଇ ରଖିଥାନ୍ତି, ସେ ପିଲା ମାନେ ଭୁଲି ଯାଇ ଆଜି ବି ତାଙ୍କ ମୁଣ୍ଡ ଉପରେ ଛପରଟିଏ ସେ ବାପା ହିଁ ଦେଇଥିଲେ । ବାପାଙ୍କ ବିନା ଜୀବନ ମୂଲ୍ୟ ହୀନ, ବାପା ହେଉଛନ୍ତି ସିଏ ଯିଏ ନିଜେ ଛିଣ୍ଡା ପୋଷାକ ପିନ୍ଧି ପିଲାମାନଙ୍କୁ ନୂଆ ପୋଷାକ ଆଣି ଦେଉଥାନ୍ତି । ନିଜେ ଯେତେ କଷ୍ଟ ହେଲେ ବି ସେ କଷ୍ଟକୁ ସହି ପିଲାମାନଙ୍କ ଇଚ୍ଛା ପୂରଣ କରିଥାନ୍ତି ।

ବାପା ହେଉଛନ୍ତି ସେହି ମହାନ ବ୍ୟକ୍ତି ଯାହାର ଗୋଟିଏ ବୁନ୍ଦା ଝାଳର ମୂଲ୍ୟ ଆମେ ଜୀବନ ସାରା ଶୁଝିପାରିବା ନାହିଁ ।

- o -

ସମ୍ପର୍କ

ଗତୁପର୍ଣ୍ଣା ମହାନ୍ତି

ଏତେ ବିରାଟ ଦୁନିଆ, ଏ ପ୍ରଭୁଙ୍କର ବଡ ବିଚିତ୍ର ଲୀଳା ସତେ, ବୁଢିଆଣୀ ଜାଲ ପରି ବହୁ ଜାଲରେ ମଣିଷକୁ ଛନ୍ଦି ରଖୁଛନ୍ତି । ସବୁଠାରୁ କଠିନ ଓ ବୁଝିବାରେ କଷ୍ଟକର ଜାଲଟିଏ ହେଉଛି ଏଇ ସମ୍ପର୍କର ଜାଲ ।

ଏବେକାର ସମୟରେ ସମ୍ପର୍କ ଗୋଟିଏ ଅଡୁଆ ସୂତାଖଣ୍ଡ ପରି ଛନ୍ଦା ଛନ୍ଦି ହୋଇ ଅଛି ଖାଲି । ଯାହା ନା ବୁଝି ହେଉଛି ନା ବୁଝାଇ ହେଉଛି । ଏତେ ଅଡୁଆ ହୋଇ ରହିଛି ଯେ ତାକୁ ମୁକ୍ତ କରିବା କଷ୍ଟ ଓ ଯନ୍ତ୍ରଣା ଦାୟକ । ଏବେକାର ସମୟରେ ସମ୍ପର୍କ ଖାଲି ଆବଶ୍ୟକତା ପୂରଣ, ସ୍ୱାର୍ଥ ଓ ଖାଲି ନାମକୁ ମାତ୍ର ହୋଇ ରହିଗଲାଣି । ଏବେ ସମୟର ସମ୍ପର୍କ ବିଶ୍ୱାସ, ସତ୍ୟ, ଭଲପାଇବା, ସ୍ନେହ, ଆଦର ଇତ୍ୟାଦିର ଖାତିର କରେନି ଏବେକା ଯୁଗର ସମ୍ପର୍କ ଲୋଡେ ଅର୍ଥ, ଗହଣାରେ ଦେଖେଇ ହେବା ଲାଗି ତେର ସାରା ଫଟୋ ଓ ଭିଡିଓ ।

ଆବଶ୍ୟକ ପଡିଲେ ହିଁ ଏଇଠି ସମ୍ପର୍କ ଗଢ଼ି ଉଠେ ଓ ଆବଶ୍ୟକ ସରିଗଲେ ତୁମେ କିଏ ଆମେ ଜାଣିନୁ ବୋଲି ଏ ଯୁଗର ସମ୍ପର୍କ କହିବା ପସନ୍ଦ କରେ । କିନ୍ତୁ ଟିକିଏ ଗଭୀର ଭାବେ ଦେଖିଲେ ବୁଝିହୁଏ ଯେ ବାସ୍ତବରେ ସବୁ ମଣିଷ ସମାନ ନୁହଁନ୍ତି କିଛି ଜଣ ଯୁଗ ଓ ରଙ୍ଗ ବଦଳାଉ ଥିବା ଲୋକଙ୍କ ସହ ତାଳ ଦେବାରେ ଅକ୍ଷମ ଓ ନାରାଜ ମଧ୍ୟ । କିଛି ଲୋକେ ଏବେବି ସେହି ବିରାଟ କୋମଳ ଓ ବାସ୍ତବତାର ହୃଦୟ ଧରି ସମ୍ପର୍କ ନିଭେଇବାକୁ ପସନ୍ଦ କରିଥାନ୍ତି । ଯାହାଙ୍କୁ ଖାଲି ସ୍ନେହ ଓ ଆନ୍ତରିକତା ଛଡା ଆଉ କିଛି ଲୋଡ଼ା ନଥାଏ । କିନ୍ତୁ ବିଚିତ୍ର ଦୁନିଆରେ ସେହି ନିଗାହ ଲୋକ ହିଁ ଅନ୍ତରେ କଷ୍ଟ ପାଇଥାଏ । ବାରମ୍ବାର ମିଛ ଓ ପ୍ରତାରଣାର ଜାଲରେ ନିଜକୁ ଛନ୍ଦି କଷ୍ଟ ପାଇଥାଏ ଓ ଭଗବାନଙ୍କୁ ନିନ୍ଦା କରିବା ଛଡା ଆଉ କିଛି ଉଚିତ୍ ପଦକ୍ଷେପ ନେବାକୁ ଭାବି ନଥାଏ ।

ସବୁଠାରୁ କଷ୍ଟ ବୋଲି ଭାବି ଓହରିବାର ପ୍ରୟାସ ମଧ୍ୟ କରିନଥାଏ । ନିଜେ ଅନୁଭବ କରିଲେ ପାରିନଥାଏ । ଯେତେବେଳେ ସେ ଅନୁଭବ କରେ ଯେଉଁ ସମ୍ପର୍କ ଲାଗି ସେ ଏତେ କଷ୍ଟ କରୁଛି, ସହୁଛି ଯନ୍ତ୍ରଣା ସେ ସମ୍ପର୍କ ନିଭେଇବାକୁ ଅନ୍ୟପଟ ଲୋକର ଚିତ୍ତେ ମାତ୍ର ଇଚ୍ଛା ନାହିଁ କି ଭୁଲ କରିଛି ବୋଲି ଅନ୍ୟପଟ ଲୋକଟି ପ୍ରାୟଶ୍ଚିତ କରୁନାହିଁ ମଧ୍ୟ ସେତେବେଳେ ସେ ଏତେ ଭାଙ୍ଗିଯାଏ ଯେ ନିଜକୁ ପୁର୍ନବାର ଗଢ଼ିବାର ଆଶା ବି ହରାଇ ଦେଇଥାଏ ।

ଅନ୍ତରେ ଏତିକି କହିବି ସବୁ ଲୋକ ଏକାପରି ନୁହେଁ ଜାହା ମନରେ କଷ୍ଟଦେବା ଓ ଯନ୍ତ୍ରଣାରେ ଛାଡି ଜାହାକୁ ଯିବାର ଅଧିକାର ଜାହାରି ଠାରେ ନାହିଁ । ତ ସବୁବେଳେ ମଧୁର ବାଣୀ ନହେଲେ ନାହିଁ ଯଚ୍ଛେ କଟୁବାଣୀ କହିବା ଉଚିତ୍ ନୁହେଁ ସମସ୍ତଙ୍କ ସହ ଆଦରରେ ଚଳିବା ସଠିକ୍ ଓ ସମ୍ପର୍କ ନିଭେଇ ନଜାଣିଲେ ମିଛ ପ୍ରତିଶ୍ରୁତିରେ ସମ୍ପର୍କ ଗଢ଼ିବା ସଠିକ୍ ନୁହେଁ । କାରଣ କରିଥିବା ବାମ ହାତ ଯଦି ତାହାଣ ହାତ ନିଏନି, ସମୟ ଚକ୍ର କାହାକୁ ଛାଡିନି । ତ ଯଦି ଆମେ କାହାକୁ କଷ୍ଟ ଦେଉଛେ କଷ୍ଟ ପାଇବାକୁ ବି ଅପେକ୍ଷାରେ ରହିବା । ଏହାଭାବି ଆଗକୁ ବଢ଼ିଲେ ନିଜର ଉଦ୍ଦେଶ୍ୟ ସହ ଭାବନା ଓ ଚିନ୍ତନ ଶକ୍ତିରେ ମଧ୍ୟ ଭଲ ରକମର ଫରକ ପଡିପାରିବ ।

Be nice to everyone
Be kind to everyone.

xxx

ଓଡ଼ିଶାର ଐତିହ୍ୟ ସଂସ୍କୃତି ଓ ପରମ୍ପରା

ମହାମାୟା ସିଂ

ସ୍ୱର୍ଣ୍ଣପ୍ରସୂ ବୀରଭୂମି ଓଡ଼ିଶା । ଏହାର ଐତିହ୍ୟ ସଂସ୍କୃତି ଓ ପରମ୍ପରା ମହାନ । ରତ୍ନଗର୍ଭା ଓଡିଶାର ସ୍ୱର୍ଣ୍ଣକ୍ଷେତ୍ରରେ କାଳଜୟୀ ମହାପୁରୁଷ, ମରାଳମାଳିନୀ ନଦନଦୀ, ତଥା ଐତିହାଜୀ ସମ୍ଭବାନ୍ ମନ୍ଦିରମାନ ରହିଛି ।

କୋଟି ଓଡିଆଙ୍କ ପ୍ରାଣ ବୋଲାଉଥିବା, ଭକତଙ୍କ ଆରତକୁ ନିବାରଣ କରୁଥିବା ତଥା ନିଜର ଜମନୀୟ ରୂପ ଦର୍ଶନ କରାଇ ବୈକୁଣ୍ଠକୁ ପଥପ୍ରଦର୍ଶନ କରୁଥିବା ମହାପ୍ରଭୁ ଜଗନ୍ନାଥଙ୍କ ମନ୍ଦିର ଏହି ଓଡ଼ିଶାର ବୀରଭୂମିରେ ଅବସ୍ଥିତ । ଏହି ଶ୍ରୀମନ୍ଦିରର ଐତିହ୍ୟ ପୁରାତନ ହେଲେ ମଧ୍ୟ କୌତୂହଳ ପ୍ରଦ ହୋଇଥାଏ । ମହାପ୍ରଭୁଙ୍କ ଆଦ୍ୟସେବକ ଗଜପତିଙ୍କ ଦ୍ୱାରା ସେବା ପ୍ରଦାନ ତଥା ଭକ୍ତଗଣଙ୍କ ସହଣରେ ମହାପ୍ରଭୁ ବାରମାସରେ ତେରପର୍ବ ପାଳନ କରିଥାନ୍ତି । ଆଷାଢ଼ମାସର ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ଦେବୀ ସୁଭଦ୍ରା ଏବଂ ଜ୍ୟେଷ୍ଠ ଭାଇ ହଳଧର ବା ବଳଭଦ୍ରଙ୍କୁ ନେଇ ରଥାରୋହଣ କରିଥାନ୍ତି । ସତେଯେପରି କୋଟି ଓଡିଆଙ୍କ ଜିରାଟ ଖଣ୍ଡ଼ଣ ମହାପ୍ରଭୁ ରାଘବଦାସଙ୍କର ଚାହିଆକୁ ଧାରଣ ପୂର୍ବକ ଭକ୍ତଙ୍କ ଆଖିରୁ ଅବିଶ୍ରାନ୍ତ ଅଶ୍ରୁକୁ ନିଜ ଖଣ୍ଡୁଆପାଟରେ ପୋଛି ଦେର ଆତ୍ମୀୟତା ପ୍ରଦାନ କରିଥାନ୍ତି ।

ବାସ୍ତବରେ ମାନସମନ୍ଥନ କଲେ ବିସ୍ମୟର ସାଗର ଗର୍ଭରେ ଅମେ ହଜିଯିବା । କହିବା ବାହୁଲ୍ୟ ମହାପ୍ରଭୁ ଚତୁର୍ଦ୍ଧାମୂରତି ରଥାରୂଢ଼ ହୋଇ ଆସିଥାନ୍ତି ସତ; ଜିନ୍ତୁ ଭକ୍ତଙ୍କୁ ଭବସାଗରରୁ ଉଦ୍ଧାର କରିବା ସହିତ ଚିର ଚାତକୀ ସଦୃଶ ଅପେକ୍ଷମାଣ । ମାଉସୀ ମାଆକୁ ଅସ୍ୱୀକାର ଜରିପାରନ୍ତି ନାହିଁ । ତେଣୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ କରି ଭକତରସିଆ, ଭାବଦିନୋଦିଆ, ସାରଙ୍ଗଧର, ଶଙ୍ଖକ୍ଷେତ୍ର ମଉଡମଣି ଲକ୍ଷ୍ମୀକାନ୍ତ ଜଗନ୍ନାଥ ନିଜର ମାନବୀୟ ଲୀଳା ପ୍ରଦର୍ଶନ କରିଥାନ୍ତି, ତେଣୁ କୁହାଯାଏ -

"ପରମ୍ପରା ଯଦି ଶିଖିବୁ ଭାଇରେ
ଚାହାଁନ୍ତୁ କାଳିଆ ମୁଖ
ଚରଣେ ଥରେ ଗୁଣ୍ଠିଗଯାତରେ
ହରେ ଭକତଙ୍କ ଦୁଃଖ ।"

ନୀଳଶିନ୍ଧୁ ତୀରରେ ଅବସ୍ଥାନ କରୁଥିବା ଜଗନ୍ନାଥ କାହାକୁ ନିଜଠାରୁ ଅନ୍ତର କରିନାହାନ୍ତି । "ବସୁଧୈବ କୁଟୁମ୍ବକମ୍" ରୀତିକୁ ମଧ୍ୟ ଅନୁସରଣ କରିଛନ୍ତି ଦାରୁବ୍ରହ୍ମ ସ୍ୱରୂପ ଜଗନ୍ନାଥ । ତେଣୁ ସେ ନୀଳସମୁଦ୍ର, ଜଙ୍ଗବଟ, ବାଇଶିପାହାଚ, ପଣ୍ଡା ପଢ଼ିହାରୀ, ରତ୍ନସିଂହାସନ, ମାଉସୀ ମା, ଭକ୍ତମାନଙ୍କର ଶୂନ୍ୟ ଆଞ୍ଜୁଳିକୁ ଅସ୍ୱୀକାର କରିପାରନ୍ତି ନାହିଁ ।

ବିଭିନ୍ନତା ମଧ୍ୟରେ ଏକତାର ମହାମନ୍ତରେ ନିଜକୁ ଦୀକ୍ଷିତ କରାଇ ନବଦିନାତ୍ମକ ଘୋଷଯାତ୍ରା ଆରମ୍ଭ କରିଥାନ୍ତି । ମହାପ୍ରଭୁ ଯାହା ଓଡିଶାର ସଂସ୍କୃତି ପରମ୍ପରା ତଥା ଐତିହ୍ୟର ଉଜ୍ଜ୍ୱଳ ସ୍ୱାକ୍ଷର ବହନ କରେ ।

ଓଡିଆ, ହିନ୍ଦୁ, ଜୈନ, ଖ୍ରୀଷ୍ଟ ତଥା ସର୍ବୋପରି ସାରା ବିଶ୍ୱ ଲୀଳାମୟ ଜଗନ୍ନାଥଙ୍କର ଲୀଳାଚାତୁର୍ଯ୍ୟକୁ ଜାଣିବାକୁ ଅସମର୍ଥ ହୋଇଥାନ୍ତି । ରତ୍ନସିଂହାସନରେ ଚକା ଆଖି ମେଲି ପହୁଡ଼ ଯାଉଥିବା ପରବ୍ରହ୍ମ ଜଗନ୍ନାଥ ସତେ ବିଶ୍ୱର ପ୍ରତ୍ୟେକ ଜୀବାତ୍ମାଙ୍କର ଦୁଃଖକୁ ହୃଦୟଙ୍ଗମ କରିଥାନ୍ତି । ଭକ୍ତଙ୍କ ଦୁଃଖରେ ସେ ଦୁଃଖୀ ହୁଅନ୍ତି ସୁଖରେ ହୋଇଥାନ୍ତି ଆତ୍ମ ବିଭୋର । ତେଣୁ ଓଡ଼ିଶାର ଗର୍ବ ଗୌରବର ପ୍ରତୀକ ବିଶ୍ୱସ୍ରଷ୍ଟା ଜଗନ୍ନାଥଙ୍କର ମନ୍ଦିର ବାସ୍ତବରେ ଭାବସାଗରରେ ବୁଡାଇ ରଖିଥାଏ ।

କହିବା ବାହୁଲ୍ୟ ମହାପ୍ରଭୁ ଜଗନ୍ନାଥ ନବଦିନାତ୍ମକ ରଥଯାତ୍ରାରେ ସମସ୍ତଙ୍କୁ ସମାନତା ପ୍ରଦାନ କରିଥାନ୍ତି । ତେଣୁ ସେହି ମହନୀୟ କଳାପୁରୁଷଙ୍କ ଠାରେ ନିଜକୁ ସମର୍ପଣ କରିଦେବା କୋଟି ଓଡିଆଙ୍କ ବିଧେୟ ହେଉ । ତେଣୁ କୁହାଯାଏ ।

"ନୀଳାଚଳ ନିବାଶାୟ ନିତ୍ୟାୟ ପରମାତ୍ମନେ
ବଳଭଦ୍ର ସୁଭଦ୍ରାଭ୍ୟାଂ ଜଗନ୍ନାଥାୟତେ ନମଃ ।"

- o -

+୩ ଦ୍ୱିତୀୟ ବର୍ଷ କଳା ଛାତ୍ର
କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା

ସାହିତ୍ୟ ଓ ସେବାର ପ୍ରତୀକ

ଅରୁଣ କୁମାର ଦାସ

"ସେବା, ଦେବା, ତପସ୍ୟା ବଳେ
କିବା ଅସାଧ୍ୟ ମହୀ ତଳେ ।"

ସାଧାରଣ ଭାବରେ ବଣ ମଲ୍ଲୀ କହିଲେ ଆମେ ବଣରେ ଫୁଟୁଥିବା ଫୁଲ କଥା ଭାବୁ । କିନ୍ତୁ ଏ ବଣମଲ୍ଲୀ ହେଉଛି ଏକ ବୈପ୍ଳବିକ ଅନୁଷ୍ଠାନ, ଯାହା ସାହିତ୍ୟ ଓ ସମାଜ ସେବା କ୍ଷେତ୍ରରେ ଏକ ବିଶେଷ ଭୂମିକା ବହନ କରିଆସୁଅଛି । ଏହି ଅନୁଷ୍ଠାନ ବିଷୟରେ ମୁଁ ସାମାଜିକ ଗଣମାଧ୍ୟମରୁ ଜାଣିବାକୁ ପାଇଥିଲି । ସୌଭାଗ୍ୟ ବଶତଃ ବିଗତ ଦୁଇ ବର୍ଷରେ ଏହି ଅନୁଷ୍ଠାନ ପ୍ରତି ମୋର ଅହେତୁକ ଦୁର୍ବଳତା ଆସି ଯାଇଛି । ପୁଅକୁ ଏହି ଅନୁଷ୍ଠାନ ଦ୍ୱାରା ଆୟୋଜିତ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରାଇବା ପରିପ୍ରେକ୍ଷୀରେ ମୁଁ ଏହାର ଅଂଶ ବିଶେଷ ହୋଇଗଲି ।

ବିଶେଷ କରି ଯୁବ ସମାଜସେବୀ ପ୍ରତିଭାବାନ୍ ବ୍ୟକ୍ତି ବିଶେଷଙ୍କ କାର୍ଯ୍ୟଧାରା ଏବଂ ଅନୁଷ୍ଠାନର ନୀତି ଓ ଆଦର୍ଶ କେବଳ ମୋତେ କାହିଁକି ଯେକୌଣସି ବ୍ୟକ୍ତି ବିଶେଷଙ୍କୁ ପ୍ରଭାବିତ କରିବ ଏହା ନିଃସନ୍ଦେହ ।

ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ପ୍ରତିଭାର ଉନ୍ମୋଚନ କରାଇବାରେ ଏହି ଅନୁଷ୍ଠାନର ନେଇ ଥିବା ପଦକ୍ଷେପ ଅତୀବ ପ୍ରଶଂସନୀୟ । ପ୍ରବନ୍ଧ, ବକ୍ତୃତା, ତର୍କ, ଚିତ୍ରାଙ୍କନ, ସଙ୍ଗୀତ, କୁଇଜ ପ୍ରତିଯୋଗୀତା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ଏକ ଆଲୋଡନ ସୃଷ୍ଟି କରାଇବାରେ ସକ୍ଷମ ହୋଇଛି । କେବଳ ଛାତ୍ରଛାତ୍ରୀ ନୁହଁନ୍ତି, ଶିକ୍ଷକ, ଶିକ୍ଷୟିତ୍ରୀ, ପିତା, ମାତା, ବୁଦ୍ଧି ଜୀବିମାନଙ୍କ ମଧ୍ୟରେ ଏହାର କାର୍ଯ୍ୟଧାରା ଆକର୍ଷଣୀୟ ଓ ଶିକ୍ଷଣୀୟ । ଖୋଲା କୁଇଜ ପ୍ରତିଯୋଗିତା ଅତି ଆକର୍ଷକ ଓ ରୋମାଞ୍ଚକ ଏଥିରେ ପଚରା ଯାଉଥିବା ପ୍ରଶ୍ନ ସମୂହ ସାଂପ୍ରତିକ ଘଟଣାବଳୀ ଉପରେ ପର୍ଯ୍ୟବସିତ ଥାଏ । ଓଡିଶାର ଐତିହ୍ୟ, ପରମ୍ପରା, ସଂସ୍କୃତି ଉପରେ ମଧ୍ୟ ବିଭିନ୍ନ ପ୍ରଶ୍ନ ରହିଥାଏ । ବିଜେତାଙ୍କୁ ତତ୍‌କ୍ଷଣାତ୍ ପୁରସ୍କୃତ କରାଯାଇ ଉତ୍ସାହିତ କରଯାଏ । ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗୀ ମନୋଭାବ ବୃଦ୍ଧି କରାଇବାରେ ସକ୍ଷମ ହୁଏ ।

ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତର କାର୍ଯ୍ୟଧାରାକୁ ନେଇ ହେଉଥିବା କାର୍ଯ୍ୟକ୍ରମ-ଯାହା କ୍ୟାରିୟର କାଉନସେଲିଂ, ନାମରେ ନାମିତ । ତାହା ଅତୀବ ଆକର୍ଷଣ ଓ ଶିକ୍ଷଣୀୟ ପିଲାମାନଙ୍କର ତଥା ଅଭିଭାବକଙ୍କର ମଧ୍ୟରେ ଥିବା ସନ୍ଦେହମୋଚନ କରାଇବାରେ ସାହାଯ୍ୟ କରେ ମାର୍ଗଦର୍ଶକଙ୍କ ଉପସ୍ଥାପନ ଶୈଳୀ ଯେକୌଣସି ବ୍ୟକ୍ତି ବିଶେଷକୁ ପ୍ରଭାବିତ କରିପାରେ । ମହାଶୟଙ୍କୁ ଯେତେ ପ୍ରଶଂସା କଲେ ବି କମ୍ ହେବ ।

ଏହି ଅନୁଷ୍ଠାନରେ ସଭାପତି ଜୟଦେବ ଶତପଥୀଙ୍କ କାର୍ଯ୍ୟ ନିପୁଣତା, ଅମାୟିକ ବ୍ୟବହାର ସାଂଗଠନିକତା କ୍ଷେତ୍ରରେ ଅଭିଜ୍ଞତା ମତେ ବିଶେଷ ଭାବରେ ପ୍ରଭାବିତ କରେ । ଯୁବ ଇଂଜିନିୟର ସରୋଜକାନ୍ତ ବେହେରା ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଏହାର ଉପଦେଷ୍ଟା ମଣ୍ଡଳୀରେ ବ୍ୟକ୍ତିବିଶେଷ ଅନନ୍ୟ ପ୍ରତିଭାଧାରୀ ।

ସେବା କ୍ଷେତ୍ରରେ ଏହି ଅନୁଷ୍ଠାନର ଭୂମିକା ବେଶ୍ ପ୍ରଶଂସନୀୟ । ରକ୍ତଦାନ, ଶିବିର, ସଫେଇ ଭଳି କାର୍ଯ୍ୟକ୍ରମ ହାତକୁ ନେଇ ବେଶ ସୁଖ୍ୟାତି ଅର୍ଜନ କରିପାରିଛି । ଓଡିଶାର ବରେଣ୍ୟ ସାହିତ୍ୟିକଗଣଙ୍କ ଜନ୍ମ ଦିବସ ପାଳନ ଆମ ଓଡିଆ ଭାଷା ସାହିତ୍ୟର ପ୍ରସାର, ପ୍ରଚାର ସଂରକ୍ଷଣ କରାଇବାରେ ଏହି ଅନୁଷ୍ଠାନ ଏକ ବିଶେଷ ଭୂମିକା ଗ୍ରହଣକରେ ଏହି ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କଳ୍ପେ ପରମପିତାଙ୍କ ଶ୍ରୀଚରଣ ତଳେ ପ୍ରାର୍ଥନା ଜଣାଏ ।

- o -

ଶିକ୍ଷକ
ନାରାୟଣପୁର ସରକାରୀ ଉ.ପ୍ରା.ବିଦ୍ୟାଳୟ,
ପତୁରି, ଯାଜପୁର

ପ୍ରକୃତିର ସ୍ୱର

ପ୍ରଣୀତା ପଣ୍ଡା

ସୂର୍ଯ୍ୟଙ୍କ ଶକ୍ତି ଗ୍ରୀଷ୍ମକୁ ଜଣା । ଖରା ଦିନ ଯେ କେତେ ଲୋକର ହୋଇପାରେ ତା ଅଛପା ନାହିଁ । କାହାକୁ ଏ ଋତୁ ପସନ୍ଦ ତ କାହାକୁ ପସନ୍ଦ ନୁହେଁ । ଏମିତି ଗୋଟିଏ ଖରାଦିନେ କାମ ସାରି ଫେରୁ ଫେରୁ ଏଗାର ଘଟିକା ହୋଇଗଲା । ମଣିଷ ତ ଦୂରର କଥା ପକ୍ଷୀଟିଏ ବି ଦୂରଦୂରାନ୍ତରୁ ଦୃଷ୍ଟିଗୋଚର ହେଉନଥାଏ । ରାସ୍ତାର ଗଛ କେତେ ତାହା କହିହେବ ନାହିଁ । ରାସ୍ତାରେ ଯାଉ ଯାଉ ଗୋଟେ ଦୂରର ପୋଖରୀ ଆଖିରେ ପଡିଲା । ଶୋଷ ଲାଗିଥିବାରୁ ସେଠାରେ ଚାହିଁ ଟିକେ ପାଣି ପିଇଲି । ଯାନ କିବାହାନଟିଏ ବି ଦେଖା ଯାଉନଥାଏ । ପ୍ରଚଣ୍ଡ ଖରାରେ ମୋ ପାଦ ପଡ଼ିଲା ଆଗକୁ । ନିଛାଟିଆ ରାସ୍ତାରେ ଯାଉ ଯାଉ ଆଖିରେ ପଡିଲା ଆଗକୁ । ନିଛାଟିଆ ରାସ୍ତାରେ ଯାଉ ଯାଉ ଆଖିରେ ପଡିଲା କଣ ? ଏତେ ସୁନ୍ଦର... । ଏତେ ନିର୍ମଳ...! ଅନୁମାନ କରିନଥିଲି । ମନରେ ଭାବନା ସୃଷ୍ଟି ହେଲା ଏ ହେଉଛି ସେ, ଯାହା ମୁଁ ଖୋଜୁଥିଲି । ସାମ୍ନାରେ ଥିଲା ଏକ ଅରଣ୍ୟ । ଅରଣ୍ୟ ହେଉଛି ମାତ୍ର କେତେଟା ଗଛର ସମଷ୍ଟି,ତାକୁ ଦେଖି ମୁଁ ଏତେ ଖୁସି କଣ ପାଇଁ ? ମନରେ ପ୍ରଶ୍ନ ଉଙ୍କି ମାରିଲା । ଏମିତି ଲାଗିଲା ଯେମିତି ସେ ଅରଣ୍ୟ ମତେ ଡାକୁଛି । ଆ... ମୋ ପାଖକୁ ଆ । ସେଠାରେ ଛିଡ଼ା ହୋଇ ରହିଲୁ କାହିଁକି ?

ଅରଣ୍ୟ ମତେ ଆକର୍ଷିତ କଲା ପରି ମୁଁ କେତେବେଳେ ତା ଭିତରକୁ ଚାଲିଗଲି ଜାଣି ପାରିଲି ନାହିଁ । ଆଖ ପାଖରେ ଲୋକଟିଏ ନେହି ନଥିବାରୁ ମନକୁ ଡର ମାଡି ବସୁଥାଏ । ସେ ଅରଣ୍ୟର ଶାନ୍ତ ପରିବେଶ ମିଠା ପବନ ଯେମିତି ମୋ କାନରେ କହୁଥାନ୍ତି... ଡରନି, ଡରନି । ଆମେ ତୋର କିଛି କରିବୁ ନାହିଁ ।

ସୂର୍ଯ୍ୟ ତାପ ଯୋଗୁଁ ଟିକେ ଥକି ପଡିଥିବାରୁ ସେଠାରେ କିଛି ସମୟ ବିଶ୍ରାମ ନେବାକୁ ଇଚ୍ଛା ହେଲା । ପାଖରେ ଦେଖିଲା ଗୋଟେ ଝୋଲିଆ ବରଗଛ । ସେଠାରେ ଯାଇଁ ଆରଟି ହୋଇ ବସିଲି । ଶୋଇବାର ଇଚ୍ଛା ନଥିଲା, ମାତ୍ର କେତେବେଳେ ଆଖି ଲାଗିଗଲା ଜାଣି ପାରିଲି ନାହିଁ । ମାଆ ତା ଛୁଆକୁ ଶୋଇଦେବା ପରି କେହି ଜଣେ ଆସି କହୁଛି... ତୁ ଶୋଇ ଯା... ବ୍ୟସ୍ତ ହୋନି । ମୁଁ ତୋର ମାଆ । ତୋର କିଛି ହେବନି ।

ଅରଣ୍ୟର ମିଠା ପବନ,ଶାନ୍ତ ପରିବେଶରେ ମୁଁ ଦୁଇ ତିନିଘଣ୍ଟା ଧରି ଶୋଇରହିଲି । ହଠାତ୍ ମୋ କାନ ପାଖରେ ଆସି କେହି ତାକେ ପତରେ କ'ଣ ତୁ ଶୋଇ ପଡିଲୁ ? ହଉ ଠିକ୍ ଅଛି ଶୋଇ ଯା । ଏମିତି ଶୋଇ ଯା ଏ ସାରା ସଂସାର ତ ସ୍ୱାର୍ଥପର ହୋଇ ଏମିତି ଶୋଇଯାଇଛି, ତୁ ଏଥିରୁ ବାଦ କାହିଁକି ପଡିବୁ ?

ତାର ପ୍ରଶ୍ନରେ ହଠାତ୍ ମୁଁ ଉଇର.... ଦେଲି ନାଁ ମୁଁ ଶୋଇନାହିଁ । ଥକି ପଡିଥିବାରୁ ମୁଁ ଟିକେ ବିଶ୍ରାମ ନେଉଛୁ । ଏମିତି ବିଶ୍ରାମ ନେଉଥା । ଆଗକୁ କ'ଣ ହେବ ତା'ର ଅନୁମାନ ବି ତୁ କରିପାରିବୁ ନାହିଁ । କ'ଣ ହେବ ? କ'ଣ ହେବ ଆଗକୁ ତାକୁ ମୁଁ ପଚାରିଲି । ତୁ ତୋ ସାଙ୍ଗସାଥି ଆଉ ବନ୍ଧୁବାନ୍ଧବ ସମସ୍ତେ... ଆଉ ଏ ସଂସାର ସାରା ମୋର ପରିବାରକୁ ନଷ୍ଟ କରିଦେଉଛ । ମୋର ସବୁ କିଛି ମୁଁ ଧୀରେ ଧୀରେ ହରାଉଛି । ମୋର ଅସ୍ତିତ୍ୱ ନଷ୍ଟ ହେବାରେ ଲାଗିଛି । ଏମିତି ହେଲେ ତମେମାନେ ମଧ୍ୟ କେହି ରହିବ ନାହିଁ । ସେ ବ୍ୟକ୍ତ କଲା ଥଣ୍ଡା ଥଣ୍ଡା ପବନ ଆସି ଦେହରେ ବାଜେଇ ହେଇ ଯାଉଥିବା ବେଳେ ହଠାତ୍ ମୋ କର୍ଣ୍ଣରେ ପଡିଲା କ୍ରନ୍ଦନ ସ୍ୱର । କିଏ କିଏ କାନ୍ଦୁଛି... ? ମୁଁ ପଚାରିଲି କେହି ଜଣେ ମତେ କହିଲା... ଜାଣି ପାରୁନୁ ମତେ ! ମୁଁ ହେଉଛି ପ୍ରକୃତି । ଈଶ୍ୱରଙ୍କ ସୃଷ୍ଟି ମୁଁ । ମୁଁ ଏ ପାହାଡ, ପର୍ବତ, ଅରଣ୍ୟ ଏବଂ ପ୍ରତ୍ୟେକ ବସ୍ତୁର ମାଆ । ଆଜି ମୋର ସନ୍ତାନ ମୋର ଅନ୍ୟ ସନ୍ତାନମାନଙ୍କୁ କ୍ଷତି ପହଞ୍ଚାଇଛନ୍ତି । ଦୁଷ୍ଟ ମନୁଷ୍ୟମାନେ ଅରଣ୍ୟ, ପୋଖରୀ, ଜଙ୍ଗଲ, ପାହାଡ ସବୁକୁ ନଷ୍ଟ କରୁଛନ୍ତି । ମୋର ଏ କ୍ରନ୍ଦନ କେହି ଶୁଣିପାରୁ ନାହାଁନ୍ତି । କେଉଁ ସନ୍ତାନ ନିଜ ମାଆକୁ କଷ୍ଟ ଦେଇକି ନିଜେ ଖୁସିରେ ରହିପାରେନି । ଏହା ହେଉଛି ପ୍ରକୃତିର ସ୍ୱର ।

ହଠାତ୍ ମୋର ନିଦ ଭାଙ୍ଗିଗଲା । ତା ପରେ..... ।

-୦-

+୩ ପ୍ରଥମବର୍ଷ
ରାଜନୀତି ବିଜ୍ଞାନ ବିଭାଗ
ଧର୍ମଶାଳା ତିନ୍ତ୍ରା ମହାବିଦ୍ୟାଳୟ

ଛାତ୍ର ବିଭାଗ



ବନ୍ଧୁ ହେବ ଏମିତି

ପୂର୍ଣ୍ଣିମା କବି

ଲଙ୍କା ଆକ୍ରମଣ ପାଇଁ ପ୍ରସ୍ତୁତ ଉଲିଥାଏ । ପ୍ରଭୁ ରାମଚନ୍ଦ୍ର ନିଜର ଅନୁଗାମୀ ସହ ସୁବଳ ପର୍ବତ ଉପରେ ଅବସ୍ଥାନ କରିଥାନ୍ତି । ଦିନେ ସନ୍ଧ୍ୟା ସମୟରେ ଚନ୍ଦ୍ରକୁ ଲକ୍ଷ୍ୟ କରି ରାମଚନ୍ଦ୍ର ପଚାରିଲେ- ଚନ୍ଦ୍ର ଦେହରେ ଏ କଳା କାହିଁକି ଅଛି ?

ସୁଗ୍ରୀବ ସଙ୍ଗେ ସଙ୍ଗେ କହିଲେ- ରାହୁ ଗ୍ରାସ କରିବାରୁ ଚନ୍ଦ୍ର ପାଖକୁ ଆସେ । ଏହା ରାହୁର ଛାଇ ।

ଏବେ ପ୍ରଭୁ ରାମଚନ୍ଦ୍ର କହିଲେ- ବାସ୍ତବରେ ଏହା ନୁହେଁ । ଏହି କଳାଦାଗଟି ବନ୍ଧୁତାର ପରିଚୟ ଦିଏ । ଚନ୍ଦ୍ର ଓ ବିଷ୍ଣ ଉଭୟେ ସମୁଦ୍ର ମନ୍ଥନରୁ ବାହାରି ଥିବାରୁ ସେମାନେ ବନ୍ଧୁ । ଚନ୍ଦ୍ର ତାଙ୍କ ପ୍ରିୟ ବନ୍ଧୁ ବିଷ୍ଣକୁ ନିଜ ପାଖରେ ଆଶ୍ରୟ ଦେଇଛନ୍ତି । ତେଣୁ ଚନ୍ଦ୍ରକ ଶରୀର ଜଳା ହୋଇ ଟିକିଏ ବିକୃତ ଦିଶୁଛି । କିନ୍ତୁ ଏହି ବନ୍ଧୁ ପ୍ରୀତିର ପଟାନ୍ତର ନାହିଁ ।

—o—

ଶ୍ରେଣୀ- ପଞ୍ଚମ
ଗ୍ରାମ- ଜେନାପୁର

ଅନାବିଳ ବନ୍ଧୁତ୍ୱ

ସୁସ୍ମିତା ପାତ୍ର

ମୋ ପ୍ରିୟ ବନ୍ଧୁ ପାଇଁ ଅନ୍ତରର କଥା । ସ୍କୁଲବେଳୁ ଅନେକ ସାଙ୍ଗ ପାଇଛି, ହେଲେ କେହି ମୋ ମନକୁ ବୁଝିବା ପରି ନଥିଲେ । କଲେଜରେ ତୋ ସହିତ ବନ୍ଧୁତା ହେଲା ପରେ ପ୍ରକୃତ ବନ୍ଧୁର ଅର୍ଥ ବୁଝିଲି । ଆମେ ଦୁହେଁ ଏବେ ଖୁବ୍ ଭଲ ସାଙ୍ଗ । ତେବେ ଜ'ଣ ହେଲା ଯଦି ଆମେ ଅଲଗା ହେବାକୁ ଯାଉଛୁ । ମୁଁ ଖୁସି ଅଛି ଯେ ଅତି କମ୍‌ରେ ଆମେ ଭେଟିଲୁ । ଅନ୍ତତଃ କିଛି ସମୟ ପାଇଁ ଆମେ ଏକାଠି ଉଲୁଛୁ । ମୁଁ ଯିବା ସମୟରେ ତତେ ଦୁଃଖିତ କରିବା ମୋର ଉଦ୍ଦେଶ୍ୟ ନୁହେଁ, ମୋ ହସ ପଛରେ ମୋ ଲୁହ ଲୁଚଇବି କାରଣ ସେଗୁଡିକ ତୋ ଖୁସି ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବିଚ୍ଛେଦ ବିନା କୌଣସି ମଜା ନାହିଁ । ଆମେ କୌଣସି ମୋଡ଼ରେ ପୁଣି ଭେଟିବା ଏବେ ଆମ ପଥ ଅଲଗା ହେଉଛି, ହେଲେ ଆମେ ପୁଣି ଥରେ ଭେଟିବା ।

ତୁ ସବୁବେଳେ ମୋର ପ୍ରିୟ ସାଥୀ ହୋଇ ରହିବୁ, ଆମ ବନ୍ଧୁତ୍ୱ ଚିରସ୍ଥାୟୀ ହୋଇ ରହିବ । ତତେ ଭେଟିବା ଦିନରୁ ମୁଁ ଅଧିକ ଖୁସି ରହୁଛି, ତୋ ଉପସ୍ଥିତି ଯୋଗୁଁ ମୋ ଓଠରେ ହସ ଫୁଟି ଉଠିଛି । ଏହି ପାହଚର୍ଯ୍ୟ ସବୁଦିନ ନ ରହିପାରେ, ଆମେ ଦୁହେଁ ଜିଇଁଦିନ ପରେ ଅଲଗା ଅଲଗା ସ୍ଥାନରେ ରହିବା, କିନ୍ତୁ ଯେତେବେଳେ ତୁ ମତେ ମନେପକାଇନୁ, ମୁଁ ପବନ ପରି ତୋ ପାଖକୁ ଆସିଯିବି । କେବେ ବି ଏହି କଥାକୁ ଭୁଲିବୁ ନାହିଁ ଯେ ତୋ ପ୍ରିୟ ସାଙ୍ଗ ତୋ ଫେରିବା ଅପେକ୍ଷାରେ ସବୁବେଳେ ଅଛି ଓ ତୋର ଶୁଭ ମନାସୁଅଛି । ତୁ ଯେଉଁଠାରେ ରହ ସୁରକ୍ଷିତ ରହ ଏହା ମୋର ହୃଦୟର ଇଚ୍ଛା । ଆମ ଦୁହିଁଙ୍କ ବନ୍ଧୁତ୍ୱର ବିଚ୍ଛେଦ କଥା ଭାବି ମୋ ଆଖି ରାତ୍ରିରେ ଜାଗ୍ରତ ରହିଛି ଓ ବହୁତ କାନ୍ଦିଛି । ମୁଁ ବୁଝି ପାରେନି ଏ ନିବିଡ଼ ବନ୍ଧୁତ୍ୱ ପରେ ପୁଣି ବିଚ୍ଛେଦ କାହିଁକି ? ମୋ ହୃଦୟର ବ୍ୟଥା ବର୍ଣ୍ଣନା ଅସମ୍ଭବ । ଏହି ଯନ୍ତ୍ରଣା ମୋତେ କେବଳ କାନ୍ଦିବାକୁ ବାଧ୍ୟ କରୁଛି ।

—o—

ଏନ୍.ସି. କଲେଜ

ମୋ ମାଆ

ବର୍ଷାପ୍ରିୟଦର୍ଶିନୀ ଦାସ

ମୋ ମାଆ ଯାହା ହାତ ଧରି ମୁଁ ଚଲିବା ଶିଖିଛି ସିଏ ତା ହାତରେ ଖୁଆଇ ମୋତେ ଏତେ ବଡ଼ କରିଛି । ମୁଁ କାନ୍ଦିଲେ ସେ କାନ୍ଦିଛି, ମୋ ମୁହଁରେ ସେ ହସିଛି ମୁଁ ଦୁଷ୍ଟ ହେଲେ ମୋତେ ଗାଳି ଦେଇଛି ଆଉ ଘରେ ମୋତେ କୋଳରେ ବସେଇ ଗୋଳ ବି କରିଛି । ତା'ର ସବୁ ଦୁଃଖକୁ ଭୁଲିଯାଇ ମୋର ସବୁ ଇଚ୍ଛା ସେ ପୁରା କରିଛି ହଁ, ମୋ ମା' ଟିକେ ରାଗି କିନ୍ତୁ ତା' ରାଗ ପଛରେ ଥିବା ଭଲ ପାଇବାକୁ ମୁଁ ହିଁ ଦେଖିଛି । ଆମ ଦୁଇ ଭଉଣୀଙ୍କ ପାଇଁ ଦୁନିଆ ସାଥିରେ ତାକୁ ଲଢ଼ିବାର ଦେଖିଛି । ହେଲେ ଛାଇ ପରି ସବୁବେଳେ ସେ ଆମ ପାଖେ ପାଖେ ରହିଛି ।

ତା'ର ପୂଜା ପ୍ରାର୍ଥନା ସବୁବେଳେ କେବଳ ଆମ ପାଇଁ ରହିଛି ହଁ ମୁଁ ବଡ଼ ହୋଇ ଯାଇଛି ସତ ହେଲେ ମୋ ମା' ଆଖିରେ ମୁଁ ସବୁବେଳେ ଛୋଟ ହୋଇ ରହିଥିଲି, ଛୋଟ ହୋଇ ରହିଛି ଆଉ ଜୀବନସାରା ଛୋଟ ହୋଇ ରହିବି । ଆଉ ମୋ ମା', ମୋ ପାଖରେ ସବୁବେଳେ ରହୁ ଏହା ଭଗବାନଙ୍କ ପାଖରେ ପ୍ରାର୍ଥନା କରୁଛି ।

—o—

ନାରାୟଣ ଶୋଭନୀୟ ଶିକ୍ଷାଶ୍ରମ
ବୃନ୍ଦାବେଳପୁର ଶାସନ
ଶ୍ରେଣୀ- ପଞ୍ଚମ

ବୃକ୍ଷ ଆମର ବନ୍ଧୁ

ଶୁଭାଙ୍ଗିନୀ ଖିଲାର

ହରିପୁର ଗୋଟିଏ ଛୋଟିଆ ଗାଁ । ଗାଁ ପାଖକୁ ଲାଗି ଗୋଟିଏ ଛୋଟ ପାହାଡ଼ । ପାହାଡ଼କୁ ଘେରି ସୁନ୍ଦର ଘଞ୍ଚ ଜଙ୍ଗଲ । ଜଙ୍ଗଲ ଭିତରେ ନାନା କିସମର ଗଛ, ଜଙ୍ଗଲ ରାସ୍ତାରେ ଗଲାବେଳେ ଜନ୍ୟ ଜନ୍ତୁଙ୍କର ଭୟ ଥାଏ । ଆଗେ ଜଙ୍ଗଲ ଭିତରକୁ କେହି ଯିବାକୁ ସାହସ କରୁନଥିଲେ । ଥରେ କିଛି ସହରୀବାବୁ ଶିକାର କରିବା ପାଇଁ ଜଙ୍ଗଲ ଭିତରକୁ ଗଲେ । ଧୀରେ ଧୀରେ ଜଙ୍ଗଲ ଭିତରେ ସମସ୍ତେ ପଶିଗଲେ । ଜାଠ ଗେରି ହେବାକୁ ଲାଗିଲା । ଖରାଦିନେ ଜଙ୍ଗଲ ଭିତରେ ନିଆଁ ଲାଗିଲା । ଜଙ୍ଗଲ ପୋଡ଼ି ପୋଡ଼ି ଗଲା । ଗାଁ ଲୋକେ ଚିନ୍ତାରେ ପଡିଗଲେ । ଗାଁର ମୁଖିଆ ଦନେଇ ନାଏକ । ସେ ସବୁ ଗ୍ରାମବାସୀଙ୍କୁ ଡକାଇ ସଭା କଲେ । ସେ ପ୍ରସ୍ତାବ ଦେଲେ - "ଏଥର ଏର ଜଙ୍ଗଲକୁ ଚଗିବା ଆମ ସମସ୍ତଙ୍କର ଦାୟିତ୍ୱ । "ଜଙ୍ଗଲ ସୁରକ୍ଷା ସମିତି" ନାମରେ ଏକ ସମିତି ଗଠନ ହଉିବା । ଗାଁର ପ୍ରତ୍ୟେକ ପରିବାରରୁ ଜଣେ ଏଥିରେ ସଭ୍ୟ ରହିବେ । ଏହି ସମିତି ଚେରାକାଠ ବ୍ୟବସାୟୀଙ୍କୁ ଧରିବା ଠାରୁ ଆରମ୍ଭ କରି ଜଙ୍ଗଲରେ କିଭଳି ନିଆଁ ନ ଲାଗିବ । ସେଥିପାଇଁ ବ୍ୟବସ୍ଥା କରିବେ ।" ସମସ୍ତେ ଦନେଇ ନାଏକଙ୍କ କଥାରେ ରାଜି ହେଲେ । ଗ୍ରାମବାସୀ ସତର୍କ ରହିଲେ । ଥରେ ଗୋଟେ ଚୋରାକାଠ ବ୍ୟବସାୟୀଙ୍କୁ ଧରିବା ଠାରୁ ଆରମ୍ଭ କରି ଜଙ୍ଗଲରେ କିଭଳି ନିଆଁ ନ ଲାଗିବ । ସେଥିପାଇଁ ବ୍ୟବସ୍ଥା କରିବେ । ସମସ୍ତେ ଦନେଇ ନାଏକଙ୍କ କଥାରେ ରାଜି ହେଲେ । ଗ୍ରାମବାସୀ ସତର୍କ ରହିଲେ, ଥରେ ଗୋଟେ ଚେରାକାଠ ଟ୍ରକ ଜବତ୍ କରି ବନ ବିଭାଗ ଅଫିସ୍ କୁ ପଠାଇଲେ । ଚେରା ବେପାରୀ ଦଣ୍ଡ ପାଇଲା । ତା' ପରଠାରୁ ଚେରାକାଠ ଚାଲାଣ ବନ୍ଦ ହେଲା । ଜଙ୍ଗଲରେ ନିଆଁ ଲାଗିବା ଦେଖାଗଲା ନାହିଁ । ତିନି ଚରିବର୍ଷ ଭିତରେ ଜଙ୍ଗଲର ଶୋଭା ବଢିବାକୁ ଲାଗିଲା । ବନବିଭାଗର

"ତୁମମାନଙ୍କର ଯତ୍ନରେ ଜଙ୍ଗଲ ସୁରକ୍ଷିତ, ତୁମେ ଚେଷ୍ଟା କରିନଥିଲେ ଜଙ୍ଗଲ ଲୋପ ପାଇଯାଇଥାନ୍ତା । ବର୍ତ୍ତମାନ ତୁମମାନଙ୍କର ଯାହା ଚାହିଦା ତାହା ଜଙ୍ଗଲ ପୂରଣ କରିବ । ତୁମେ ଜଙ୍ଗଲ ରକ୍ଷାରେ ସାହାଯ୍ୟ କରିଥିବାରୁ ଏବେ ଜଙ୍ଗଲ ତୁମକୁ ରକ୍ଷା କରିବ ।" ସତରୁ ସତ ଯେତିକି ଦରକାର ସେତିକି ନାଠ ଜଙ୍ଗଲରୁ ସଂଗ୍ରହ କରି ଗ୍ରାମବାସୀମାନେ ଘର ମରାମତି କଲେ- କଥାରେ ଅଛି 'ଯତ୍ନକଲେ ରତ୍ନ ମିଳେ । ବୃକ୍ଷର ଯତ୍ନ ନେଲେ ବୃକ୍ଷ ଆମର ଯତ୍ନ ନେବ ।'

-୦-

ଦଶମ ଶ୍ରେଣୀ

ସରକାରୀ ମା'ସିନ୍ଦୁରାଇ ଉନ୍ନୀତ ଉଚ୍ଚବିଦ୍ୟାଳୟ, ପାଖର

ଅଧିକାରୀ ମାନେ ଆସି ଗ୍ରାମବାସୀଙ୍କ ସହଯୋଗର ପ୍ରଶଂସା କଲେ । ଜିଲ୍ଲାସ୍ତର ରେ ଏହି ଜଙ୍ଗଲ ସୁରକ୍ଷା ସମିତି ପୁରସ୍କାର ପାଇଲା । ଗୋଟିଏ ବର୍ଷ ଖରାଦିନେ ଗାଁରେ ଅଗ୍ନିକାଣ୍ଡ ଘଟି ଅନେକ ଘର ପୋଡିଗଲା । ଲୋକମାନେ ମୁଣ୍ଡରେ ହାତଦେଇ ବସିଲେ । ଜଙ୍ଗଲ ସୁରକ୍ଷା ସମିତିର କର୍ମକର୍ତ୍ତାମାନେ ବନବିଭାଗ ଅଧିକାରୀଙ୍କୁ ଦେଖାକଲେ । ଘରସବୁ ପୁଣି ତିଆରି କରିବା ପାଇଁ କାଠ ବାଉଁଶ ଯାହା ଦରକାର ତାହା ଗାଁ ପାଖ ଜଙ୍ଗଲରୁ ନେବା ପାଇଁ ଆବେଦନ କଲେ । ଜଙ୍ଗଲ ବିଭାଗ ଅଧିକାରୀ ଲୋକମାନଙ୍କୁ କହିଲେ-

କର୍ମର ଫଳ

ଲିଚାରାଣୀ ବେହେରା

ମାଧବ ଓ ମୁରାରୀର ଘର କେନ୍ଦୁଝର ଜିଲ୍ଲାର ଭୀମାପୁର । ପିଲା ବିନରୁ ଦୁହେଁ ଭାରି ସାଙ୍ଗ । ଗାଁ ସ୍କୁଲରେ ଏକା ଶ୍ରେଣୀରେ ପଢନ୍ତି । ପ୍ରତ୍ୟହ ନିୟମିତ ଭାବେ ସାଙ୍ଗ ହୋଇ ପାଠ ପଢିବାକୁ ଯାଆନ୍ତି ଫେରିଲା ବେଳକୁ ମଧ୍ୟ ଦୁହେଁ ମିଶି ଫେରନ୍ତି, ହସଖୁସି, ଖେଳକୁଦ ଭିତରେ ମଧ୍ୟ ସମୟ କାଟନ୍ତି ବିଦ୍ୟାଳୟରେ ଠନ୍ ଠନ୍ ହୋଇ ଘଣ୍ଟାଟା ବାଜିଲା ବେଳକୁ ବହିବସ୍ତାନି, ଜଳଖିଆ, ପାଣି ବୋତଲ ଧରି ପହଞ୍ଚିଯାଆନ୍ତି । ତେଣିକି ଗୁରୁ ଗୁରୁମାଆଙ୍କୁ ଓଳଗି ହୋଇ ପୁନା ପିଲା ଭଳି ଗୁରୁଜୀଙ୍କ କହିବା ପ୍ରକାରେ ଆନୁଷଙ୍ଗିକ କାର୍ଯ୍ୟ, ପରିଷ୍କାର ପରିଚ୍ଛନ୍ନ, ଆଦି କାର୍ଯ୍ୟମାନ କରନ୍ତି । ପ୍ରାର୍ଥନା ସଭା ପରେ ପରେ ଦୈନିକ ପ୍ରଧାନ ଖବର ଓ ହିତୋପଦେଶ କଥା ଆଲୋଚନା ହୁଏ ସେଗୁଡିକୁ ମନଧ୍ୟାନ ଦେଇ ଶୁଣୁଥାନ୍ତି । ତତ୍‌ପରେ ପାଠପଢାକାର୍ଯ୍ୟ ଶ୍ରେଣୀମାନଙ୍କରେ ସମୟ ନିର୍ଘଣ୍ଟ ଅନୁଯାୟୀ ଚାଲେ । ଯାହା ପଢାହୁଏ ମାଧବ ମନଯୋଗ ସହକାରେ ଶୁଣେ । ଗୃହ କାର୍ଯ୍ୟ ମଧ୍ୟ ଯାହା ଦିଆ ହୁଏ ସବୁକିଛି ଠିକ୍ ସମୟରେ କରେ । ଏତଦ୍ ବ୍ୟତୀତ ଅନ୍ୟାନ୍ୟ ବହି, ଖବର କାଗଜ ସାଧାରଣ ଜ୍ଞାନ । ବିଭିନ୍ନ ପ୍ରକାର ଗଛ, ମହାପୁରୁଷଙ୍କ କାହାଣୀ ମଧ୍ୟ ଆଗ୍ରହ ସହକାରେ ପଢେ ।

ମୁରାରୀ କିନ୍ତୁ ସବୁବେଳେ ଅନ୍ୟମନସ୍କ ଭାବେ ପଛ ଧାଡି ରେ ବସେ । କେତୋଟି ପିଲାଙ୍କ ସହଣରେ ନିଜ ନିଜ ଖାତାରେ ଛକି ଖେଳେ । କାହା କାହା ସହ ଚିମୁଟାଚୁମୁଟି ହୁଏ । ପାଠ ପ୍ରତି ମନଯୋଗ ନ ଦେଇ ବଦ୍ମାସି କାର୍ଯ୍ୟରେ ଲାଗିଥାଏ । ଚାରିଟା ପରେ ଘରକୁ ଫେରି ବହି ବସ୍ତାନି ପିଙ୍ଗି ଦେଇ ସାଥି ସହ ଖେଳେ । ରାତି ଅଧଯାଏ କାହା କାହା ଘରେ ଟିଭି ଦେଖି, କ୍ୟାରମ ଖେଳି ଘରକୁ ଫେରେ । ଖାଇବାକୁ ଦେବାକୁ ମା ତା'ର ବାଟକୁ ଚାହିଁ ବସିଥାଏ । ଘରେ କାହା କଥା ଶୁଣେ ନାହିଁ । ଆସିଲା କ୍ଷଣି ବକତେ ଖାଇଦେଇ । ଧୀରେ ଯାଇ ଶୋଇପଡେ । ଆଜିକାଲିର ନୂତନ ପରୀକ୍ଷା ପଦ୍ଧତି ଅନୁସାରେ ପ୍ରତ୍ୟେକ ଦୁଇ ମାସରେ ଥରେ ଲେଖାଏଁ ଏକକ ପରୀକ୍ଷଣ ଛ'ମାସରେ ଅର୍ଦ୍ଧବାର୍ଷିକ, ବର୍ଷଶେଷ ବେଳକୁ ବାର୍ଷିକ ପରୀକ୍ଷା ହୁଏ । ଗୋବିନ୍ଦ ପ୍ରତି ପରୀକ୍ଷାରେ ପ୍ରଥମସ୍ଥାନ ରଖି କୃତକାର୍ଯ୍ୟ ହୋଇଗଲେ । ମୁରାରି ସବୁ କ୍ଷେତ୍ରରେ ଶତକଡା ୩୦ରୁ କମ୍ ନମ୍ବର ରଖି 'ଇ' ଗ୍ରେଡରେ ରହେ । ଗୋବିନ୍ଦର ପ୍ରଶଂସା ସବୁ ସ୍ଥାନରେ ଚର୍ଚ୍ଚାହୁଏ । ସମସ୍ତେ କହନ୍ତି ସବୁ ଈଶ୍ୱର ଦତ୍ତ । କିନ୍ତୁ ମାଧବ ଭାବେ ପରିଶ୍ରମ ଫଳ ।

ଚାହୁଁ ଚାହୁଁ କେତୋଟି ବର୍ଷ ଭିତରେ ପାଠ ପଢା ସରି ଯାଇଛି । ପଢା ପଢିବା ପରେ ଦୁହେଁ ମିଶି କର୍ମନିଯୁକ୍ତି କାର୍ଯ୍ୟାଳୟ ରେ ନାମ ପଞ୍ଜିକରଣ କରି ଘରକୁ ଫେରିଛନ୍ତି । ଠିକ ମାସେ ନ ପୁରୁଣୁ ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ନିମନ୍ତେ ଡାକରା ଆସିଛି । ଉଭୟେ ପାଙ୍ଗ ହୋଇ ଇଣ୍ଟରଭିୟୁରେ ଯୋଗ ଦେବାକୁ ଯାଇଛନ୍ତି ପରୀକ୍ଷା ଦେଇ ଖୁବ ଆନନ୍ଦରେ ଘରକୁ ଫେରିଛନ୍ତି । ଘରକୁ ଫେରିବାର ପନ୍ଦର ଦିନପରେ ଶୁଭେଚ୍ଛାବାର୍ତ୍ତା ଆସିଛି । ମାଧବ ଓଡିଶାରେ ପ୍ରଥମ ସ୍ଥାନ ଅଧିକାର କରିଛି । ଖବରକାଗଜରେ ମଧ୍ୟ ମାଧବର ରୋଲ ନମ୍ବର ବାହାରିଛି । ମୁରାରୀର ନମ୍ବର ନାହିଁ । ମାଧବ ନିଯୁକ୍ତି ହୋଇ ବର୍ତ୍ତମାନକୁ ଗାଡି, ଘୋଡା, ବାଜର, ବାଜର, ପାଇ ଖୁବ ଆନନ୍ଦରେ ଅଛି ଘରକୁ ମଝିରେ ମଝିରେ ଆମିଲେ ମୁରାରୀକୁ ଆନନ୍ଦରେ କୁଣ୍ଢାଇ ପକାଉଛି । ମୁରାରୀ କହି ପକାଏ । ସାଙ୍ଗ ପୂର୍ବ ଅର୍ଜିତ କର୍ମଫଳ ଯୋଗୁଁ ତୁ ଆଜି ବଡ ହେଲୁ । ମୁଁ ମୋର କର୍ମଫଳ ଅନୁସାରେ ପିଲାଦିନରେ କାହା କଥା ନ ଶୁଣି ନିଜର ଅଳସୁଆ ପଣପାଇଁ ଆଜି ଏ କଷ୍ଟ ପାଉଛି । ଘର ଜମି ବାଡିରେ ଖଟୁଛି ହେଲେ ମୁଠାଏ ଭଲ ଖାଇବାକୁ ପାଉନି କହି ଆଖିରୁ ଅଶ୍ରୁ ବୁହାଉଛି ।

-୦-

ଦଶମ ଶ୍ରେଣୀ
ସରକାରୀ ମା' ସିନ୍ଦୁରାଇ ଉନ୍ନୀତ ଉଚ୍ଚବିଦ୍ୟାଳୟ, ପାଖର

ଯେ ପାଞ୍ଚେ ପରରମନ୍ଦ

ବି.ଏସ୍.ଦିବ୍ୟାଂଶୀ ନାୟକ

ଗୋଟିଏ ଗାଁରେ ଯଜ୍ଞଦର ନାମରେ ଜଣେ ବ୍ରାହ୍ମଣ ଥାଏ । ପୁରୋହିତ କର୍ମ କରି ଯାହା ପାଏ ତହିଁରେ ନିଜ ପରିବାର ଆନନ୍ଦରେ ଚଳିଯାନ୍ତି । ପରିବାରରେ ସମସ୍ତେ ଖୁସିରେ ରହନ୍ତି ପାଖହେଉ ବା ଦୂର ଗାଁ ହେଉ ସବୁଙ୍କର ଯଜମାନ ହିସାବରେ ଯାନିଯାତ୍ରା ଭଲମନ୍ଦ ପ୍ରତ୍ୟେକ କାର୍ଯ୍ୟ କରୁଥାଏ । ନିଜ ଗାଁ ମୁଣ୍ଡରେ ବିଶିକେଶନ ନାମରେ ଜଣେ ଭଣ୍ଡାରି ଥାଏ । ପ୍ରତ୍ୟେକ ଗାଁକୁ ଯାଇ ବାଡି,ବାଳ ଏସବୁ କ୍ଷୌର କାର୍ଯ୍ୟ କରେ । ସେ ମଧ୍ୟ ଭଲରେ ମନ୍ଦରେ ସେଇ ବ୍ରାହ୍ମଣ ସହ ସାଥି ହୋଇ ଲୋକମାନଙ୍କର ସବୁକାର୍ଯ୍ୟ ତୁଟାଇ ଦେଉଥାଏ । ଜର୍ମ କର୍ମାଣିରୁ ଯାହା କିଛି ଚାଉଳପତ୍ର, ଟଙ୍କା ପଇସା ମିଳେ, ତହିଁରୁ ବ୍ରାହ୍ମଣ ଦୁଇ ଭାଗ ନିଏ । ଏବଂ ଗୋଟିଏ ଭାଗ ଭଣ୍ଡାରି ଧରିଯାଏ ।

ଭଣ୍ଡାରି ମନେ ମନେ ବହୁତ କିଛି ଭାବୁଥାଏ । ବ୍ରାହ୍ମଣ ପ୍ରତି ତା'ର ଈର୍ଷା ଥାଏ । ଧୀରେ ଧୀରେ ବ୍ରାହ୍ମଣ ପ୍ରତି ତା'ର ଈର୍ଷା ବଢିବାକୁ ଲାଗିଲା । ଦିନେ ସେ ରାଜ୍ୟର ରାଜାଙ୍କ ନିକଟକୁ ଯାଇ କହିଲା ହାମୁ । ଦିନକୁ ଦିନ ରାଜ୍ୟରେ ଅରାଜକତା ବଢିବାରେ ଲାଗିଛି । ବାହ୍ୟ ଶତ୍ରୁ ଯୁଦ୍ଧ ଡାକରା ଘୋଷଣା କରିବାରେ ଲାଗିଛନ୍ତି । ଆଗକୁ ବିପଦ ମାଡି ଆସିବାର ସମ୍ଭାବନା ଅଛି । ତେଣୁ ଆପଣ ଗୋଟିଏ କାମ କରନ୍ତୁ ଗ୍ରହରୂପି ଜନାର୍ଦ୍ଦନଙ୍କୁ ସମୁଦ୍ର ଜଳ ଉପରେ ହୋମ କରି ଘୃତାହୁତି ଦିଅନ୍ତୁ । ଏଥିପାଇଁ ଜଣେ ସୁପଣ୍ଡିତ ବ୍ରାହ୍ମଣଙ୍କୁ ନିମନ୍ତ୍ରଣ କରି ଖୁବ ଶୀଘ୍ର କାର୍ଯ୍ୟ ଆରମ୍ଭ କରନ୍ତୁ । ରାଜା ଭଣ୍ଡାରୀର ସବୁକଥା ଶୁଣି ମନ୍ତ୍ରୀଙ୍କୁ ଯଥାଶୀଘ୍ର ହୋମ କାର୍ଯ୍ୟ ସମାପନ କରି ଗ୍ରହଗଣଙ୍କୁ ଶାନ୍ତି କରି ରାଜ୍ୟରେ ସୁଖ, ସମୃଦ୍ଧି ଫେରାଇ ଆଣିବା ନିମନ୍ତେ ନିର୍ଦ୍ଦେଶ ଦେଲେ । ରାଜା ମନ୍ତ୍ରୀଙ୍କ ସମ୍ମତି କଥା ଶୁଣି ଦେଇ ବିଶିକେଶନ ଭଣ୍ଡାରି ଭାବିଲା ଏଇଟା ହେଉଛି ମଉକା । ଏ ସୁଯୋଗ ହାତଛଡା କରିବାକୁ ପଡିବ ନାହିଁ । ଯଜ୍ଞଦର ବ୍ରାହ୍ମଣକୁ ନିମନ୍ତ୍ରଣ କରିବା ପାଇଁ ରାଜାଙ୍କୁ କହିବ । ସମୁଦ୍ର ଜଳ ଉପରେ ତ ସେ ହୋମ କରିବା ସମ୍ଭବ ହେବ ନାହିଁ । ଅତଏବ ଶେଷରେ ତା'ର ମୁଣ୍ଡ କାଟ ହେବ । ତେଣିକି ମୋ ବାଟ ସଫା ହୋଇଯିବ । ଏହା ଭାବି ଖୁବ୍ ବିନମ୍ର ପୂର୍ବକ ତାଙ୍କ ଗାଁ ବ୍ରାହ୍ମଣ ଯଜ୍ଞଦତ୍ତଙ୍କୁ ନିମନ୍ତ୍ରଣ କରିବା ନିମନ୍ତେ ରାଜାଙ୍କ ଆଗରେ ଜଣାଇଲା । ସଙ୍ଗେ ସଙ୍ଗେ ଦୂତ ଯାଇ

ରାଜାଙ୍କୁ ଦେଖା କରିବା ପାଇଁ ଯଜ୍ଞଦତ୍ତଙ୍କୁ ଖବର ଦେଲା । ଯଜ୍ଞଦତ୍ତ ରାଜାଙ୍କ ପାଖକୁ ଆସି ଡାକିବାର ଅଭିପ୍ରାୟ ଜାଣିବା ପାଇଁ ଚାହିଁଲା । ରାଜା ଗୋଳା ଯାହା ବୁଝିଥିବେ ସେଇଆ । ଯଜ୍ଞଦତ୍ତଙ୍କୁ ସମୁଦ୍ର ଜଳ ଉପରେ ହୋମ କରିବା ପାଇଁ ଆଦେଶ ଦେଲେ । ଏହା ଶୁଣି ଯଜ୍ଞଦତ୍ତର ହାଲୁକ ଶୁଖିଗଲା । ଅସମ୍ଭବ କଥା । ରାଜାଙ୍କୁ ଅବା କ'ଣ କହିବ କ'ଣ ବା କରିବ । ତା'ନାମ କିଏ କହିଲା, ଏସବୁ ଅନୁସନ୍ଧାନ କରି, ଭଣ୍ଡାରି କପଟତା ବିଷୟରେ ଜାଣିପାରିଲା । ମନଦୁଃଖରେ ଘରକୁ ଫେରି ଭାବୁଥାଏ ଏ ବିପଦ ସମୟରେ କାହାକୁ ବା କହିବ । ତା'ର ପିଲା ଦିନର ସାଥି ନଟୁଆ ଜାତିରେ ଶୁଣ୍ଡି ମଦ ବ୍ୟବସାୟୀ କରି ଚଳେ ।

ଦିନେ ସନ୍ଧ୍ୟା ସମୟରେ ତା' ଘରକୁ ବୁଲି ଆସି ଦେଖିଲା । ବ୍ରାହ୍ମଣଙ୍କ ଘରେ କାନ୍ଦବୋବାଳି ଶୁଭୁଛି । ଇଆ କ'ଣ ପଚାରିବାକୁ ବ୍ରାହ୍ମଣ ସବୁ କଥା କହିଗଲା । ରାତି ପାହିଲେ ତା'ର ମୁଣ୍ଡକାଟ ହେବ । ଏ ବିପଦରୁ ମୁକ୍ତି ନାହିଁ । ଏଇ କଥା ଶୁଣି ନଟୁଆ କହିଲା ମିତ୍ର ତୁମେ ଧୈର୍ଯ୍ୟ ଧର । ତୁମର କିଛି ହେବ ନାହିଁ । ହୋମ ଜିପରି ପାଣି ଉପରେ କରାଯିବ ତାହା ମୋତେ ଭଲ ଭାବରେ ଜଣା । ତୁମେ ମୋ ନିର୍ଦ୍ଦେଶରେ କାମ କର ଆଜି ରାତ୍ର ସୁଦ୍ଧା ରାଜାଙ୍କୁ ଯାଇ କହ ଜାଲି ସକାଳେ ହୋମ ହେବ । ସେଥିପାଇଁ ୬୦ ତବା ଘିଅ ତୁରନ୍ତ ପଠାଇବେ । ବ୍ରାହ୍ମଣଙ୍କ କଥାରେ ରାଜା ୬୦ତବା ଘିଅ ବ୍ରାହ୍ମଣଙ୍କ ଘରକୁ ପଠାଇଲେ । ଶୁଣ୍ଡି ସବୁ ଗୁଡାକ ଘିଅ ଜାତି ନେଇ ତା ଭିତରେ ଖାଣ୍ଡି ମଦ ପୁରାଇ ଦେଲା । ଏବଂ କହିଲା ମିତ ବର୍ତ୍ତମାନ ତୁମେ ଏସବୁ ତବାଗୁଡାକ ନେଇ ଜଳରେ ଭାଳିକାଠ ଲଗାଇ ଅହୁତି ଦିଅ । ହୋମ କରିବାରେ କିଛି ଅସୁବିଧା ହେବ ନାହିଁ । ବ୍ରାହ୍ମଣ ସକାଳୁ ସମସ୍ତଙ୍କୁ ନିମନ୍ତ୍ରଣ ପୂର୍ବକ ସମୁଦ୍ର ମଝିକୁ ନୌକାରେ ଯାଇ ତବାଗୁଡିକରେ ଥିବା ଦ୍ରବ୍ୟକୁ ଭାଳି କାଠ ଲଗାଇ ହୋମ କାର୍ଯ୍ୟ ସମାପନ କଲେ । ସମସ୍ତେ ଦେଖି ଆଶ୍ଚର୍ଯ୍ୟ । ଭଣ୍ଡାରି ମଧ୍ୟ ପାଖରେ ଥାଇ ଏସବୁ ଦେଖୁଥାଏ । ବ୍ରାହ୍ମଣ ମନେ ମନେ ଭାବୁଥାଏ । ଥା ଥା ତୋ ପାଳି ଆସୁଛି । ମୁଁ ପିନା ମୋ ବୁଦ୍ଧି ଏବଂ ମୋ ମିତଙ୍କ ସହାୟତାରେ ବଞ୍ଚିଗଲି । ତେଣିକି ତୁ କ'ଣ କରୁଛୁ ଦେଖିବା । ଯଜ୍ଞାହୁତି ପରେ ବ୍ରାହ୍ମଣ ରାଜାଙ୍କୁ କହିଲେ ମହାଶୟ ହୋମ ତ ସରିଲା ଆପଣଙ୍କୁ ବର୍ତ୍ତମାନ ଗୋଟିଏ କାମ କରିବାକୁ ପଡିବ । ଆପଣଙ୍କ ବାପା,ମା, ପୂର୍ବପୁରୁଷ ସବୁ ସ୍ୱର୍ଗକୁ ବହୁଦିନ ହେଲାଣି ଗଲେଣି । ମୋ ଗଣନା ଯାହା କହୁଛି ତାଙ୍କର ବାଳ, ଦାଢି ସବୁ ଲମ୍ବିଗଲାଣି ତେଣୁ ଭଣ୍ଡାରିକୁ ଶୀଘ୍ର ସ୍ୱର୍ଗକୁ ପଠାଇବାର ବ୍ୟବସ୍ଥା କରନ୍ତୁ । କେମିତି ପଠାହେବ କ'ଣ କରାଯିବ ତା'ର ସବୁ ଉପାୟ ବ୍ରାହ୍ମଣ ରାଜାଙ୍କୁ ବତାଇ ଦେଲା । ରାଜାଙ୍କର ଆଦେଶରେ ଭଣ୍ଡାରିକୁ ଶ୍ମଶାନ ପୀଠକୁ ଅଣାଗଲା । ବିକଳ ହୋଇ ଭଣ୍ଡାରି କାନ୍ଦୁଥାଏ । ତା'ର ପୂର୍ବ ଭୁଲ କଥା ମନେ ପକାଇ ନିଜକୁ ଧିକ୍କାର କରୁଥାଏ । ଉପାୟ ନାହିଁ । ତାଙ୍କ ଠାରୁ ମୁକୁଳିବା ଅବା କେମିତି । ସଙ୍ଗେ ସଙ୍ଗେ ଭଣ୍ଡାରିକୁ କାଠ ଉପରେ ଶୁଆଇ ତା'ଉପରେ କାଠ ଜମା କରି କିରୋସିନ ଢାଳି ନିଆଁ ଲଗାଇ ଦେଲେ । ଭଣ୍ଡାରି ତାରି ଭିତରେ ଲୀନ ହୋଇଗଲା । ଆଉ ସେ ସ୍ୱର୍ଗକୁ ଫେରି ଆସିନାହିଁ ।

ଏଣୁ କଥାରେ ଅଛି ଆପଣା କଲା ଜର୍ମାନ, ଆଗରୁ ହୁଅ ସାବଧାନ । ଯେ ଅନ୍ୟ ପାଇଁ ଗାତ ଖୋଳେ ସେ ସେଇ ଗାତରେ ହିଁ ପଡେ ।

-୦-

ଦଶମ ଶ୍ରେଣୀ
ସରକାରୀ ମା' ସିନ୍ଦୁରାଇ ଇନ୍ଟୀତ ଉଚ୍ଚବିଦ୍ୟାଳୟ, ପାଟଣା



କୁସଂସ୍କାର

ଗାୟତ୍ରୀ ପଣ୍ଡା

ନିଷ୍ପାପ ଶିଶୁଟି କୁଆ କୁଆ ରାବ ଦେଇ ଭୂପୃଷ୍ଠକୁ ସ୍ୱର୍ଶ କରେ । ପୂର୍ଯ୍ୟଙ୍କର ପହିଲି କିରଣ ତା' ପାଇଁ ଆଣି ଦିଏ ଆନନ୍ଦର ଲହରୀ । ଖୁସିରେ ତା'ର ଚାରିଦିଗ ପ୍ରକମ୍ପିତ ହୁଏ । ସତେ ଯେପରି ଜେଉଁ ଦେବୀ ସ୍ୱର୍ଗରୁ ଓହ୍ଲାର ଆସିଛନ୍ତି । ସମୟର ତାଳେ ତାଳେ ସେଇ ନିଷ୍ପାପ ଶିଶୁଟି ବଡ ହୁଏ । ଯୌବନର ପସାର ତାକୁ ସ୍ୱର୍ଶ କରେ ମନରେ ତା'ର ଉଙ୍କିମାରେ କେତେ ଆଶା,କେତେ ସ୍ୱପ୍ନ, କେତେ ଯେ ଲକ୍ଷ୍ୟ, ସେ ସବୁ ପୁରଣ ହେବ । ପୂର୍ବରୁ ତାକୁ ଆଉ ଏକ ନୂଆ ହାତ ଧରାଇ ପଠାଇ ଦିଆଯାଏ । ଏକ ବାଛତ ନୂଆ ଜୀବନ ଗଢିବା ପାଇଁ ଯେଉଁଥିରେ ତା'ର ଟିକିଏ ବି ଅରିଜତା ନଆଏ । ନୂଆ ଜୀବନରେ ବାଟ ଗଲୁ ଗଲୁ କେତେବେଳେ ବିଧାତା ତା' ସହ ଖେଳଖେଳେ ସେ ନିଜେ ବି ଜାଣିପାରେ ନାହିଁ । ତା' ଜୀବନର ଖେଳ ଅଧାରେ ରହିଯାଏ । ସେ ଅଣନିଶ୍ୱାସୀ ହୋଇପଡେ । ସେ ପାଲିଟିଯାଏ ଲୋକମାନଙ୍କର ଏକ ଖେରଣା କଣ୍ଢେଇ, ଯେ ଯାହା ଗଢେଁ ତାହା କହିବା ଆରମ୍ଭ କରିଦିଏ । ସତରେ ଯେପରି ତା'ର କଥିବାର ଆଉ କୌଣସି ଅଧିକାର ନାହିଁ । ସେପରି ମନେ ହୁଏ, ତଥାପି ତାକୁ ତା'ପରେ ଆରମ୍ଭ ହୁଏ ତା' ଜୀବନର ସଂଘର୍ଷ । ସମାଜ ତା ଜୀବନରେ ବାଧକ ସାଜେ, ସେ ନିଜ ଇଚ୍ଛାରେ ଖାଇବ ନାହିଁ, ନିଜ ଇଚ୍ଛାରେ ପିନ୍ଧିବ ନାହିଁ ପ୍ରତ୍ୟେକ କ୍ଷେତ୍ରରେ ବାଧା ସୃଷ୍ଟି ହୁଏ । ଏଥିପାଇଁ ଦାୟୀ ଆଉ କେହି ନୁହେଁ, ସମାଜର ଆଉ ଗୋଟିଏ ଗୋଟିଏ ମାଆ, ଆଉ ଗୋଟିଏ ନାରୀ । ତେବେ ମୋର ମନେହୁଏ ଗୋଟିଏ ନାରୀ ହିଁ ଆଉ ଗୋଟିଏ ନାରୀର ଅଧପତନ ପାଇଁ ଦାୟୀ ହୁଏ । ଶତ୍ରୁ ସାଜେ "ବିଧବା" ପରି ଆଉ ଗୋଟିଏ ନିଷ୍ଠୁର ଶବ୍ଦ । ଯେଉଁ ଶବ୍ଦ ଶୁଣି ଝିଅଟି ହୃଦୟ ମଧ୍ୟରୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗିଯାଏ । ଏପରି କାହିଁକି ହୁଏ ? ଆପଣ ମାନଙ୍କ ପାଖରେ କ'ଣ ଏହାର ସଠିକ୍ ଉତ୍ତର ଅଛି କି ? ଯଦି ଆମ ସମାଜରେ ଗୋଟିଏ ପୁରୁଷର ସ୍ତ୍ରୀ ଚାଲିଯାଏ ସେ ଯଦି ତା'ର ଇଚ୍ଛାନୁଯାୟୀ ପୋଷାକ ପିନ୍ଧିପାରୁଛି, ଇଚ୍ଛାନୁଯାୟୀ ଖାଦ୍ୟ ଖାଉଛି, ବିଭିନ୍ନ ପୂଜା କାର୍ଯ୍ୟରେ ସାମିଲ ହୋଇ ପାରୁଛି, ନାରୀର କାହିଁକି ସେ ଅଧିକାର ନାହିଁ । ଆଜ୍ଞା ଏଥିପାଇଁ କୌଣସି ପୁରୁଷ ନୁହେଁ, ଗୋଟିଏ ନାରୀ ହିଁ ପ୍ରଥମେ ମନାକରେ । ଏପରି କିଛି ଜିନିଷ ଖାଇବ ନାହିଁ, ରଙ୍ଗିନ୍ ପୋଷାକ ପିନ୍ଧିବ ନାହିଁ, ଶୁଭ କାର୍ଯ୍ୟରେ ଯୋଗଦେବ ନାହିଁ, ଏପରି ଅନେକ କିଛି ତେଣୁ ମୁଁ ଭାବେ ଗୋଟିଏ ନାରୀ ହିଁ ଆଉ ଗୋଟିଏ ନାରୀର ଶତ୍ରୁ ଖାଲି ଏହି ସ୍ଥାନରେ ନୁହେଁ ଆଜ୍ଞା । ଗୋଟିଏ ପରିବାରରେ ଯଦି କୌଣସି ଦମ୍ପତିଙ୍କର ମତାନ୍ତର ସୃଷ୍ଟି ହୁଏ ତା' ମଧ୍ୟରେ ଆଉ ଏକ ନାରୀ ହିଁ ସାମିଲ ହୋଇଥାଏ । କିନ୍ତୁ ଆମର ହିନ୍ଦୁ ଶାସ୍ତ୍ର ଅନୁଯାୟୀ ନାରୀ ମହାୟସୀ, ନାରୀ ସୃଷ୍ଟି, ନାରୀ ବିନା ଏ ପୃଥିବୀରେ କୌଣସି କାର୍ଯ୍ୟ ସିଦ୍ଧି ହେବା ସମ୍ଭବ ନୁହେଁ । ତେଣୁ ନାରୀ 'ଶବ୍ଦ' ର ଅର୍ଥକୁ ଠିକ୍ ଭାବରେ ବୁଝି ନାରୀକୁ ସମ୍ମାନ ଦେଇ ଦୁଃସମୟରେ ତାକୁ ସମାଜରେ ଅଣ୍ଡାଉଡ଼ି ଠିଆ ହେବାରେ ତାକୁ ସାହାଯ୍ୟ କରିବା ଉଚିତ୍ । ଏପରି କୁସଂସ୍କାରକୁ ଦୂରେଇ ଦେଇ ସମାଜରେ ଶାନ୍ତି ପ୍ରତିଷ୍ଠା କରିବା, ଫଳରେ ବିଶ୍ୱରେ ନିଶ୍ଚିତ ଶାନ୍ତି ପ୍ରତିଷ୍ଠା ହେବ ।

—o—

ନାରାୟଣ ଶୋଭନୀୟ ଶିକ୍ଷାଶ୍ରମ
ସହ ଆଉର୍ଯ୍ୟା-ଗାୟତ୍ରୀ ପଣ୍ଡା
ବୃନ୍ଦାଦେଈପୁର (ଢେଙ୍କାନାଳ)

ପ୍ରାୟଶ୍ଚିତ

ଅଚ୍ୟୁତାନନ୍ଦ ପାତ୍ର

ଅକ୍ଷୟବାବୁଙ୍କ ଦୁଃଖ ଆଜି କହିଲେ ନପରେ । ପୁନାର ବାହାଘର ହୋଇପାରୁନି । ଝହୁଁ ଝହୁଁ ପିଲାଟାକୁ ଅଣଟିରିଶ ଛୁଇଁଲା । ମନକୁ ଯିବା ନ ଯିବା କଥା ପଚାରୁଛି କିଏ ଯେଉଁଠିକୁ ପ୍ରସ୍ତାବ ଦେଲେ ସିଧା ସିଧା ମନା କରି ଦେଉଛନ୍ତି । ସମସ୍ତେ ଖୋଜୁଛନ୍ତି ସରକାରୀ ଝିଅରିଆ । ଘରୋଇ ଝିଅରୀକୁ କେହି ପସନ୍ଦ କରୁ ନାହାଁନ୍ତି । ଆଜିକାଲିର ପିଲାଏ ନିଜ ନିଜ ରୁଚିରେ ଜୀବନ ସାଥି ବାଛିବାରେ ଧୁରନ୍ଧର ପୁନା କିନ୍ତୁ ବାପାଙ୍କ ନିଷ୍ପତ୍ତିକୁ ସର୍ବୋତ୍ତମ ବିଚାର କରେ । ପ୍ରାଚୀନ ପରମ୍ପରା ଓ ସଂସ୍କୃତି ପ୍ରତି ତାର ଯଥେଷ୍ଟ ସମ୍ମାନ । ବଡପୁଅର କର୍ତ୍ତବ୍ୟ ପାଳନରେ ଜାଣ ରାମଚନ୍ଦ୍ର । ନା ବାପା କନ୍ୟା ସ୍ଥିର କରିପାରୁଛନ୍ତି ନା ସେ ହାତକୁ ଦି ହାତ ହୋଇ ପାରୁଛି । ଏ ବୟସରେ ତାକୁ କୋଉ ଝିଅବି ରାଜି ହେବ । ଏପଟେ ଅକ୍ଷୟବାବୁ ବ୍ୟସ୍ତ ହୋଇ ଜ୍ୟୋତିଷଙ୍କ ଶରଣରେ । କିଏ କହୁଛି ରତି ଶୁଦ୍ଧି ଗୁରୁ ଶୁଦ୍ଧି ଘଟିଗଲାଣି, କିଏ କହୁଛି ତାର ବିବାହ ବିଳମ୍ବ ଅଛି । ବାବୁତ ଅନ୍ୟ ଜାତିରେ ବିବାହର ପରିପନ୍ଥୀ । ବ୍ରାହ୍ମଣଘର ବୁନିୟାଦ । କେମିତି ନିମ୍ନଗାମୀ ହେବେ ?

ଅକ୍ଷୟବାବୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କିରାଣୀ ଥିଲେ । ଅନ୍ୟମାନଙ୍କ ପରି କନ୍ୟାସନ୍ତାନରେ ଆଗ୍ରହୀ ନ ଥିଲେ । ତେଣୁ କନ୍ୟାଭ୍ରୂଣ ହତ୍ୟା କରିବାକୁ ଆଗେଇ ଆସିଲେ । ଦୁଇଟି ପୁଅର ବାପା ହେବାକୁ ପାଞ୍ଚଥର ଗର୍ଭପାତ କରାଇଲେ । ସ୍ୱାସ୍ଥ୍ୟ ବିଭାଗରେ ଅବସ୍ଥାନ କରୁଥିବାରୁ ବେଆଇନ କାର୍ମ କରିବାକୁ ଅସୁବିଧା ନଥିଲା । ନିଜେ ତ କରୁଥିଲେ, କରୁଥିଲେ ସାଙ୍ଗସାଥିମାନଙ୍କୁ ମଧ୍ୟ ଟିଉସନ କରୁଥିଲେ । ସରକାରଙ୍କର ସବୁ ନୀତିନିୟମକୁ ଗୋଡରେ ଦଳି ମଳଚି ଫୁ କରି ପକାଉଥିଲେ । ଆଉ ଏହି କାମରେ ପୂର୍ଣ୍ଣ ସହଯୋଗ କରୁଥିଲେ ଧର୍ମପତ୍ନୀ ପ୍ରତିମା । ମାତୃତ୍ୱକୁ ବିଟ୍ ବଜାରରେ ନିଲାମ କରିବାକୁ ଟିକିଏବି କୁଣ୍ଠାବୋଧ କରୁନଥିଲେ । ଝିଅ ଜନ୍ମ ଜରି ଲକ୍ଷ ଲକ୍ଷ ସାରିବାକୁ ଚାଙ୍କର ବି ଇଚ୍ଛା ନଥିଲା । ନାରୀ ହୋଇ ନାରୀର ଶତ୍ରୁ । ସ୍ୱାମୀଙ୍କ ନିଷ୍ପତ୍ତିକୁ କେବେ ବିରୋଧ କରୁନଥିଲେ କି ନାରୀ ବଂଶ ରକ୍ଷା ନିମିତ୍ତ ଚିନ୍ତା ବି କରୁନଥିଲେ । ବରଂ କନ୍ୟାମେଧ ଯଜ୍ଞରେ ପ୍ରୋତ୍ସାହନ ର ଘୃତ ଆହୁତି ଦେଉଥିଲେ ।

ପୁନା । ପୁନନ୍ଦନ ପତି । ମହାବିଦ୍ୟାଳୟର ପ୍ରତିଭାବାନ ଛାତ୍ର । ମାତ୍ର ସରକାରଙ୍କ ଜାତିଭିତ୍ତିକ ସଂରକ୍ଷଣ ହେତୁ ସରକାରୀ ଝିଅରୀ ଖଣ୍ଡେ କରିପାରିନି । ସାଧାରଣ ବର୍ଗଙ୍କ ନିମିତ୍ତ ଜାତୀୟ ସୁବିଧା କାହିଁ ? ଆମଦେଶରେ ମେଧାବୀ ଛାତ୍ରଛାତ୍ରୀଙ୍କର ଅଭାବ ନାହିଁ । ଦୁଃଖ ଓ ପରିତାପର ବିଷୟ ସଂରକ୍ଷଣ ବ୍ୟବସ୍ଥାରେ ସେମାନେ ବଳି ପଡିଯାଇଛନ୍ତି । ବାରମ୍ବାର ବିଭିନ୍ନ ପଦପଦବୀ ପାଇଁ ପରୀକ୍ଷା ଓ ସାକ୍ଷାତକାର୍ ଦେଇ ବିଫଳ ହେବାରୁ ଘରୋଇ କଲେଜରେ ବି.ଟେକ କରି ବେଙ୍ଗାଲୁରରେ କୌଣସି କମ୍ପାନୀରେ କାମ କରୁଛି । ଅବଶ୍ୟ ଏବେ ମାସକୁ ଦରମା ଲକ୍ଷେ ଟଙ୍କାରୁ ଅଧିକ । ଭାରି ପରିଶ୍ରମୀ ଆଉ ନିଷ୍ଠାପର । ବାପାଙ୍କ ସମ୍ମାନରକ୍ଷା ସକାଶେ ଝିଅମାନଙ୍କଠୁ ମିଳାମିଶା କରିବା ପରିବର୍ତ୍ତେ ଦୂରତା ରକ୍ଷା କରେ । ଏଇଟା ବୋଧହୁଏ ତାର ଗୋଟେ ବଡ ଅଭ୍ୟାସ ଯେଉଁଥିପାଇଁ ଆଜି ସେ ବୋକାରେ ପରିଗଣିତ ।

ସେହି କମ୍ପାନୀରେ କିରାଣୀ କାମ କରୁଥିଲା ଶୁଭଶ୍ରୀ । ଗୁଡିଆ ଘରର ଝିଅ, ଦେଖିବାକୁ ଭାରି ସୁନ୍ଦରୀ । ଯିବା ଆସିବା ସମୟରେ ହସି ହସି ପ୍ରଣାମ ଜଣାଏ । ଆଉ କିଛି ପଚାରିବାକୁ ସାହସ ପାଏନି । ପୁନନ୍ଦନର କଥା କହିବା ଶୈଳୀ, ଚାଲିଚଳନ, ଭଦ୍ର ବ୍ୟବହାର ଓ ଆକର୍ଷଣୀୟ ବ୍ୟକ୍ତିତ୍ୱ ତାଙ୍କୁ ବେଶ ପ୍ରଭାବିତ କରେ । ଆଦୌ ମନରେ ଅହଂଭାବ ନଥିଲା । ତେଣୁ ମନେ ମନେ ସେ ପସନ୍ଦ କରୁଥିଲା । ହେଲେ ବାବୁ ମୁଣ୍ଡଟେକ ଆଖି ଉଠେଇ ଚାହିଁଲେ ତ ଦୂର ପଦ ପଚାରିଲେ ପଦକରେ ଉତ୍ତର, ଯେମିତି ହସଖୁସି, ମଜାମସ୍ତି ନ କରିବାକୁ ଶପଥ ନେଇଥିଲା । ସବୁପରେ ବି ଶୁଭଶ୍ରୀ ପୁନନ୍ଦନକୁ ଏକପାଖିଆ ଭଲ ପାଉଥିଲା । କିଛି କହିପାରୁନଥିଲା କି କହିବାର ସୁଯୋଗ ନ ଥିଲା, କିନ୍ତୁ ତାର ଯିବା ଆସିବା ଖାଇବା ପିଇବା ଉପରେ ନିଜର ରଖିଥିଲା ।

ଅକ୍ଷୟବାବୁ ବେଳେବେଳେ ପୁଅ ଉପରେ ବିରକ୍ତ ହୁଅନ୍ତି । ମୂର୍ଖ ପିଲାମାନେ ଭଲ ପାଇ ବାହା ହୋଇ ପଡୁଛନ୍ତି । ସପ୍ତଔଯାର ଇଂଜିନିୟର ହୋର ମଧ୍ୟ ସେଦିନ ଯା ଦେଇ ହୋଇ ପାରୁନାହିଁ । ପୁଣି ପ୍ରକୃତିସ୍ଥ ହୋଇ ନିଜ ଉପରେ ଦୋଷ ଝାଡନ୍ତି । ସାନପୁଅ ହିରଣ୍ମୟ ମନଗାଡିରେ ବିବାହ କରିବାକୁ ଘରେ କେତେ ପାଲା ଜରେଇ ଥିଲେ ।

ନିଜେ ରାଗରେ ତାଙ୍କୁ ଘରୁ ବାହାର କରି ଦେଇ ଥିଲେ । ହୁଏତ ସେଥିରୁଣରୁ ସୁନା ନିଜକୁ ଶୃଙ୍ଖଳରେ ବାନ୍ଧି ରଖିଥିଲା । ବାପାର ଅଶାନ୍ତି ନଆଇ ତାଙ୍କ ଅଗୋଚରରେ ବିବାହ କରି କାହିଁକି ସାନଭାଇର ଦଣ୍ଡ ଭୋଗିଥାନ୍ତା । ଆଜିର ଏ ଅବସ୍ଥା ପାଇଁ ସୁନା ନୁହେଁ ବରଂ ସେ ନିଜେ ଦାୟୀ ବୋଲି ହୃଦୟଙ୍ଗମ କଲେ । ବାର୍ଦ୍ଧକ୍ୟରେ ବୁଦ୍ଧି ପଶିଲା ।

ସେଦିନ ରାକ୍ଷୀ ପୂର୍ଣ୍ଣିମାରେ ସମସ୍ତଙ୍କୁ ତାଙ୍କ ଭଉଣୀମାନେ ରାକ୍ଷୀ ବାନ୍ଧି ମିଠା ଖୁଆଇ ଥିବା ବେଳେ ହୀରା ମା'ଙ୍କୁ ପ୍ରଶ୍ନିଳ ଦୃଷ୍ଟିରେ ଚାହିଁଲେ । ପଡିଶା ଭଉଣୀ ରୁବି ତା ହାତରେ ରାକ୍ଷୀ ଭିଡିବାରୁ ବାପା ନିଜେ ଯାହା ଇଚ୍ଛା ତାହା କହି ତାକୁ ତାଗିଦ୍ ଜରିଥିଲେ । ଝିଅ ମାନଙ୍କପ୍ରତି ତାଙ୍କର ଘୃଣା ଓ ଦୁର୍ବ୍ୟବହାର ହେତୁ ସେ ବାପାଙ୍କ ଉପରେ ପ୍ରବଳ ରାଗ କରିଥିଲା ସିନା ବାଧ ହୋଇ ଚୁନି ରହିଥିଲା । ନିଜର ଭଉଣୀଟିଏ ନଥିବାରୁ ବହୁତ ମନ ଦୁଃଖ କରିଥିଲା । କାନ୍ଦିଥିଲା । ବାପାଙ୍କ ଚରିତ୍ର ସମ୍ବନ୍ଧରେ ଜାଣିଥିଲା ସେ । ନିଜର ପ୍ରତିପତ୍ତି ଓ ଧନସମ୍ପତ୍ତି ତାଙ୍କ ପାଇଁ ବଡ଼ । ଭିତରେ ଧର୍ମଛଡା କାମକରି ଉପରେ ବ୍ରାହ୍ମଣ ବ୍ରାହ୍ମଣ ହେଉଛନ୍ତି ।

ସଉତାନର ବେଦପାଠ ବ୍ୟତୀତ ଏହା କ'ଣ ହୋଇ ପାରେ ? ସେ ତତ ହେଲାଣି । ତେଣୁ ବାପାଙ୍କୁ ଭ୍ରୂକ୍ଷେପ ନ କରି ଭଲପାଇ ଜଣେ ଶିକ୍ଷିତା ଗାଉଁଲି ଝିଅକୁ ଆପଣାଇ ନେଲା । ଅକ୍ଷୟ ବାବୁ କ୍ରୋଧ ଆଉ ଅହଂକାରର ବଶବର୍ତ୍ତୀ ହୋଇ ତା ଘର ମାଟି ମାଡି ନାହାଁନ୍ତି । ବୁଢା ନାତୁଣୀ । ଗୋଟିଏ ନାତି । ତାଙ୍କ ମୁହଁ ଦେଖିବାକୁ ଯାଇ ନାହାଁନ୍ତି । ପ୍ରେମ ବିବାହ କରିସେ ଭଲ କରିଛି ବୋଲି ଏବେ ମନକୁ ବେଢିଲେ । ଧାଇଁ ଯାଇ ପିଲାମାନଙ୍କୁ ଜୋନେଇ ନେବାକୁ ପ୍ରବଳ ଇଚ୍ଛା । କରିବେ କ'ଣ ? ମୁହଁ ହେଇଛି କି ?

ସହଧର୍ମିଣୀ ମଧ୍ୟ ପୁଅର ବିବାହ ନହେବା ପାଇଁ ନିଜକୁ ଦାୟୀ କରିବା ଆରମ୍ଭ କଲେଣି । ସ୍ୱାମୀଙ୍କ ବୁଦ୍ଧିରେ ପଡି କନ୍ୟାଭ୍ରୂଣ ନଷ୍ଟ କରିବା କ'ଣ ପ୍ରକୃତି ବିରୋଧି ନୁହେଁ; ଈଶ୍ୱରଙ୍କ ପ୍ରତି ଅବମାନନା ହୋଇନି ? ନିଜ ପାପ ନିଜ ମନକୁ ଘାଣ୍ଟିଲା । ଭାବିଥିଲେ ପୁଅ ବାହା କରି ଅଜସ୍ର ଧନସମ୍ପତ୍ତି ଘରକୁ ଆଣିବେ । ଗାଡି ଘୋଡା ଟଙ୍କା ସୁନା, ପଲଙ୍କ ସୋଫାରେ ଘର ପୂରିଯିବ । ସେ ଜଣ ଜାଣିଥିଲେ କି ସାମାଜିକ ବ୍ୟବସ୍ଥା ଏମିତି ବଦଳି ଯିବ । ଝିଅ ନୁହେଁ ପୁଅ ବାହାଘରରେ ଯୌତୁକ ଦେବାକୁ ପଡିବ ! ଯାକୁ ହିଁ କହନ୍ତି ଦୈବଦଣ୍ଡ ।

ଲଙ୍କାଧିପତି ରାବଣ ଥିଲା ପ୍ରବଳ ପ୍ରତାପୀ । ଦିନେ କ୍ଷୀର ସାଗରରେ କଳ୍ପନା କରିଥିଲା ଆଉ ସମସ୍ତଙ୍କୁ କ୍ଷୀର ଜଳପାଏ ଲେଖାଏଁ ଆଣିବାକୁ ଆଦେଶ କରିଥିଲା । ମାତ୍ର ଅନ୍ୟମାନେ କ୍ଷୀର ଆଣିଥିବେ ବିଚାରି ସମସ୍ତେ ତୁଚ୍ଛା ଜଳ ଧରି ପହଞ୍ଚିଲେ । ଫଳରେ ରାବଣର କ୍ଷୀର ସାଗର ସ୍ୱପ୍ନ ସ୍ୱପ୍ନରେ ରହିଗଲା । ଠିକ୍ ସେମିତି ଯୌତୁକ ଭୟରେ ପ୍ରାୟବ୍ୟକ୍ତି ଅର୍ଥଶ୍ରାଦ୍ଧ କରି ଗୁପ୍ତରେ ଗର୍ଭସ୍ଥ କନ୍ୟାଙ୍କୁ ହତ୍ୟା କରିବାରେ ଲାଗିପଡିଲେ । ଆଜି ଝିଅଙ୍କ ତୁଳନାରେ ପୁଅଙ୍କ ସଂଖ୍ୟା ବେଶୀ । ସବୁ ବରଙ୍କୁ କନ୍ୟା ଅସମ୍ଭବ । ଏହି ପ୍ରକ୍ରିୟା ଚାଲୁ ରହିଲେ କିଛି ପୁଅ ଶେଷକୁ ଓଅଠା ରହିବାକୁ ବାଧ ହେବେ ।

କେହି କେହି ଲୁଚ୍ଛଇ ଲୁଚ୍ଛଇ କନ୍ୟାପକ୍ଷକୁ ଟଙ୍କା ଦେଇ ପୁଅ ବାହାଘର କରୁଛନ୍ତି । ତାହା ବି ସମ୍ଭବ ହେଉନି । ଅକ୍ଷୟ ବାବୁଙ୍କ ପକ୍ଷରେ । ବୋଧହୁଏ ତାଙ୍କର ପାପସୀମା ସରହଦ ପାର କରି ଯାଇଛି, ତେଣୁ ଏତେ ଦଣ୍ଡ ଭୋଗୁଛନ୍ତି । ତାଙ୍କର କୁର ବ୍ୟବହାର ଯୋଗୁଁ ସମସ୍ତେ ତାଙ୍କୁ ନାଜ ଟେକିବା ଆରମ୍ଭ କଲେଣି ।

ଶେଷରେ ସ୍ୱାମୀ ସ୍ତ୍ରୀ ନାଉରି ହୋଇଗଲେ । ଅନ୍ୟକୁ ଚିତା ଲଗାଇବା ଯୋଜନା ତାଙ୍କୁ ମହଙ୍gା ପଡିଲା । କୋଟିପତି ହେବାର ନିଶା ଛାଡିଗଲା । କନ୍ୟାଦାନ ମହାପୁଣ୍ୟ ବୋଲି ବୁଝିଲେ । କନ୍ୟାଭ୍ରୂଣ ହତ୍ୟା ନ କରିବାକୁ ଅନ୍ୟମାନଙ୍କୁ ପ୍ରବର୍ତ୍ତାଇବାକୁ ମନସ୍ଥିର କଲେ । ମହାପାପ ଅର୍ଜନ କରି ତାଙ୍କ ପରି କେହି ଲୋକହସା ନହୁଅନ୍ତୁ । ଏବେ କୌଣସି ଗରିବ ଝିଅକୁ ବୋହୂ କରିବାକୁ ମନସ୍ଥ କଲେ । ସୁନନ୍ଦନ ଯଥାର୍ଥରେ ସୁ ନନ୍ଦନ । ବଡପୁଅର ମର୍ଯ୍ୟାଦା ରକ୍ଷା କରିଛି । ତା'ର ମତାମତ ଲୋଡିବା ଅନାବଶ୍ୟକ । ଏମିତି ସୁନା ମୁଣ୍ଡଟିଏ ପାଇ ମନରେ ଗର୍ବ ଆସୁଥାଏ ମାତ୍ର ତାଙ୍କର ଗର୍ହିତ ଅପରାଧ ଈଶ୍ୱରଙ୍କ ଦରବାରରେ କ୍ଷମଣୀୟ ହେବ କି ?

ଉଭୟେ ପକ୍ଷ ପରସ୍ପର ଘରକୁ ଯାଇ ଦେଖାଚାହାଁ କଲେ । ସେତେ ସୁନ୍ଦରୀ ନ ହେଲେ ବି ଝିଅଟି ଅସୁନ୍ଦରୀ ନଥିଲା । ପଢାପଢ଼ି ଅଭାବ ହେତୁ କନ୍ୟା ପିତା ବିବାହକୁ ଅମଙ୍ଗ ଥିଲେ । ବାବୁ ଗୋଟିଏ ପଇସା ଦେବାକୁ ଜିମ୍ମା ଖର୍ଚ୍ଚ କରିବାକୁ ପଡିବ ନାହିଁ ବୋଲି ଅଭୟବାଣୀ ଶୁଣାଇଲା ପରେ ତିଥିବାର ସ୍ଥିର ହେଲା ।

ନିର୍ଦ୍ଧାରିତ ତାରିଖରେ ବରପକ୍ଷ ଓ କନ୍ୟାପକ୍ଷ ଥାଟବାଟ ଧରି ହୋଟେଲ ମହୋତ୍ସବରେ ପହଞ୍ଚି ଗଲେ । ଗୋଜିରାଟ ଆଉ ନାଚଗୀତର ମାହୋଲ । ରଙ୍ଗ ବେରଙ୍ଗ ଆଲୋକ ପରି ଅକ୍ଷୟବାବୁଙ୍କ ମନ ଝଲସୁଥାଏ । ମାତ୍ର ଭିତରେ ଭିତରେ ଜଳୁଥାନ୍ତି । ସତକୁ ସତ କନ୍ୟାପକ୍ଷ ଗୋଟିଏ ଟଙ୍କା ବି ଖର୍ଚ୍ଚ କଲେନି । ଉଭୟ ପକ୍ଷର ଖାଦ୍ୟପେୟ ବାଜାବାଣ ସମସ୍ତ ଦେୟ ବହନ କରିବାକୁ ପଡିଛି ।

ଆଗରୁ ବଡ ବାପା କଥାଳଖି କରି କନ୍ୟାପିତାକୁ ଶୋଷଣ କରୁଥିଲେ । ଆଉ ଏବେ ପାଳି ପଲଟିଯାଇଛି । ହଉ ପୁଅ ବାହାଘରତ ଭାବି ମନକୁ ଶାନ୍ତ୍ୱନା ଦେଇ ସବୁ ଭୁଲିବାକୁ ସ୍ଥିର କଲେ । ଧର୍ମପତ୍ନୀ ପ୍ରତିମା ବୟସକୁ ପଛରେ ପକାଇ ପାର୍ଲରରେ ସଜେଇ ହୋଇ ଆସିଥାନ୍ତି । ବଡପୁଅ ବାହାଘର । ପାଦମାଟିରେ କାଗୁନି । ଅଗତାଳରେ କାଳର କରାଳ ବିଷର ସମ୍ବନ୍ଧରେ ଜିଏ ଜାହିଁକି ଅବଗତ ହୁଅନ୍ତା ।

ବଡପୁଅ ବାହାଘର ସ୍ଥିର ହେବା ପରେ ବାବୁଙ୍କର ଚହପ ପୁଣି ବଢିଯାଇଛି । ତଥାପି ସାନପୁଅ ଭିମା ବୋହୂକୁ ନିମନ୍ତ୍ରଣ କରିନାହାନ୍ତି । କାମଟା ସରିଗଲା ପରେ ତାର ହିପାଚ କରିବେ । କେବଳ ତାରି ଯୋଗୁଁ ପତିଘର ମର୍ଯ୍ୟାଦା ସବୁ ମାଟିରେ ମିଶିଛି । ଉପରବାଲା ହାତରେ ନିଜ ଚୁଟି ଥିବା ଭୁଲି ପୁଅ ଚୁଟିକୁ ଧରିବାକୁ ଆଣ୍ଠ । କୁକୁର ଲାଞ୍ଜ ବଙ୍କା ନା !

ଝିଅପିଅା ସରିବା ଉପରେ, ଅତିଥିମାନେ ପ୍ରାୟ ଉଭେଣି ଉଭେଣି । ବନ୍ଧୁବାନ୍ଧବ କେତେଜଣ ଥାଆନ୍ତି । ବିବାହ ସଭାଶେ ନନା ଗୋସାଇଁ ପଞ୍ଚଅର ଡାକ ମାରିଲେଣି । ଶୁଭ ମୁହୂର୍ତ୍ତ ଗଡ଼ିଯିବ । ସୁନନ୍ଦନ ବେଦିରେ ବସିଲା । କନ୍ୟାକୁ ଆଣିବାକୁ ବାରିକ ଯାଇଛି ଯେ ଯାଇଛି.....

ଚାରିଆଡେ ନୀରବତା ବାହାରି ମୁହଁରେ ହସ ନାହିଁ । ବସି ବସି ସୁନନ୍ଦନକୁ କ୍ଲାନ୍ତ ଲାଗିଲାଣି । କନ୍ୟା କୁଆଡେ ତା ପ୍ରେମିକ ସହିତ ଫେରାର । ଅକ୍ଷୟ ବାବୁଙ୍କ ସବୁ ଆନନ୍ଦ ଅହଂକାର ସହ ଆଣ୍ଠ ବି କୁଆଡେ ଉଭେଇ ଗଲା । କାଠ କି ପଥର ପାଲଟି ଗଲେ । ପାଟିରୁ ଭାଷା ବାହାରୁନି । ପ୍ରତିମା ଦେଖେଇ ହେବା ଛାଡ଼ି ଏପଟ ସେପଟ ହେଉଛନ୍ତି । ମୁଣ୍ଡରେ ହାତେ ଓତଶା । ମଣିଷକୁ ସମ୍ପୂର୍ଣ୍ଣ ପାଗଳ ନ କରିବା ପର୍ଯ୍ୟନ୍ତ ଈଶ୍ୱର କୁଆଡ଼େ ଛାଡ଼ନ୍ତିନି ! ବନ୍ଧୁବାନ୍ଧବ ଠାଉରି ହେବାକୁ ଆରମ୍ଭ କଲେଣି । ବାର ଲୋକ ଦେଖେଇ ଦେଖେଇ ବାର କଥା କହୁଛନ୍ତି ।

ସବୁ ଜପଟ ଅହଂକାର, କ୍ରୋଧ, ଆଶା ଆକାଂକ୍ଷା, ପରିହାର କରି ଅକ୍ଷୟବାବୁ ଭଗବାନଙ୍କର ଶରଣାପନ୍ନ ହେଲେ । ନିଜକୁ ପୂରାପୂରି ସର୍ମପଣ କରିଦେଲେ ବିଭୁପାଦରେ । ଦୁଇହାତ ଟେକି ପାଞ୍ଚାଳି ମାନ ଉଦ୍ଧାରଣ କରି ନିଜ ମାନ ଉଦ୍ଧାରଣ ନିମିତ୍ତ କାକୁତି ମିନତୀ କରିବାକୁ ଲାଗିଲେ, ସେ ଯହିଁକେ ତାଙ୍କ ଇଜତ ମହତ ରକ୍ଷା ହୋଇପାରିବ, କାନ ମୋଡ଼ି ହୋଇ ଗାଲକୁ ଚପୁଡ଼ା ଲାଗାଇଲେ । ଦ୍ୱିତୀୟବାର ଆଉ ଭୁଲ ହେବନି ବୋଲି ଠାକୁରଙ୍କ ପାଖରେ ପ୍ରତିଜ୍ଞା କଲେ ।

ସୁନନ୍ଦନଙ୍କର ଆଉ ଅପେକ୍ଷା କରିପାରିଲାନି । ଲଜ୍ଜା ଓ ଗ୍ଲାନିରେ ସବୁ ସରିଗଲା ବୋଲି ଚିନ୍ତା କଲା । ସବୁ ବିଷୟ ତା' କାନରେ ପଡ଼ିସାରିଥିଲା । ମୁହଁ ତଳକୁ କରି ରହିଲେ । ଲୁହ ଟଳଟଳ ଆଖି । କୁଆଡେ ଯିବ, କ'ଣ କରିବ ? ବାପାଙ୍କ କଥାକୁ ଶିରୋଧାର୍ଯ୍ୟ କର କୋଉ ଗାଉଁଲି ମୂର୍ଖ ଝିଅକୁ ରାଜି ହେଲା । ରୂପ, ଗୁଣ ଶିକ୍ଷାଗତ ଯୋଗ୍ୟତା କିଛି ଖୋଜିଗଲନି । ତଥାପି ଈଶ୍ୱରଙ୍କର ଇଏ କି ପରୀକ୍ଷା...!

ମୁଣ୍ଡ ଘୁରାଇଦେଲା । ତଳେ ପଡିଯିବାର ଉପକ୍ରମ । ଠିକ୍ ସେତିକି ବେଳେ କେହି ଜଣେ ଧରିନେଲେ । ସମ୍ଭାଳି ଦେଲେ । ତାଙ୍କରି ଛାତିରେ ଆଉଜି ରହିଗଲା ସୁନନ୍ଦନ । ଜେଜ ମୁହୂର୍ତ୍ତ ପାଇଁ ଦୁନିଆକୁ ଭୁଲିଗଲା । କି ଶାନ୍ତି ! କି ଆନନ୍ଦ ! ଆଖି ଖୋଲିଲା ବେଳକୁ ଆଗରେ ଶୁଭଶ୍ରୀ । ତା ଅଫିସ୍ ର ଜିରାଣୀ । ବିବାହକୁ ନିମନ୍ତ୍ରିତ ନ ହୋଇ ମଧ୍ୟ ଚାଲି ଆସିଥିଲା । ସୁଦୂର ବେଙ୍ଗାଲୁରୁରୁ । ଜେତେବେଳୁ ଆସିଲାଣି ଖାଉଛି କି ନାହିଁ ଏକା ତାକୁ ଜଣା । ଶୁଭକୁ ଦେଖି ସୁନନ୍ଦନ ଦେହରେ ପ୍ରାଣ ପ୍ରବହମାନ ହେଲା । ସେ ତାକୁ ଭାରି ନିଜର ନିଜର ଲାଗିଲା । ହଜିଗଲା ଶୁଭର ପ୍ରଶସ୍ତ ଛାତିଉପରେ । ସମସ୍ତେ ଅବାକ୍ । ଶୁଭ ସବୁ ଜାଣି ପାରିଥିଲା । ସୁନାର ଅସହାୟତାକୁ ବୁଝିପାରିଥିଲା । ନିଜର ଶ୍ରମ ସାର୍ଥକ ହେଇଗଲା ବୋରି ଧରିନେଲା । "ଆପଣ ଯଦି ଆପତ୍ତି ନ କରିନ୍ତି ମୁଁ ଆପଣଙ୍କୁ ବିବାହ କରିବି ।" ସାନପୁଅ ସାନଗୋହୁ ନାତି ନାତୁଣୀଏ ପୁଷ୍ପ ବୃଷ୍ଟି କରି ଅଭିନନ୍ଦନ ଜଣାଇଲେ । କଟକାଳିରେ ବିବାହ ମଣ୍ଡପ ଜମିଉଠିଲା । ଅକ୍ଷୟବାବୁ ବଡ଼ ପାଟିରେ ଘୋଷଣା କଲେ । "ସେ କ'ଣ କହିବ ? ମୁଁ କହୁଛି ମୋ ପୁଅ ତୋତେ ହିଁ ବିବାହ କରିବ ।" ବାବୁ ହିରଣ୍ମୟକୁ କୁଣ୍ଢାଇ ପକାଇଲେ । ପିଲାମାନେ ଜେଜ ଜେଜ କହି ଜାବୁଡି ଧରିଲେ । ପୁଣି ଥରେ ବିବାହର ସାହାନାଇ ବାଜି ଉଠିଲା । ସମସ୍ତେ ଆନନ୍ଦରେ ଜୁଡୁବୁଡି ଉଠିଲେ । କାହାପ୍ରତି କାହାର ରାଗ ଅଭିମାନ ନଥିଲା ।

ଈଶ୍ୱର ତାର ମନସ୍କାମନା ପୂରଣ କରିଥିବାରୁ ତାଙ୍କୁ କୋଟି କୋଟି ପ୍ରଣାମ ଜଣାଉଥିଲା ଶୁଭଶ୍ରୀ । ମନେ ମନେ ଭାବୁଥିଲା ପ୍ରଭୁ କେତେ ମହାନ । କେତେ ଉଦାର ।

-୦-

ସଂପାଦକ "କାଶଡଣ୍ଡି"
ଟିକରପଡା, ରସୁଲପୁର, ଯାଜପୁର
ମୋ.ନଂ- ୯୪୩୭୪୬୯୦୯୬

ନାମକରଣ

ପ୍ରଜ୍ଞାନ ପ୍ରଧାନ

ଶୁଣ ଆମ ପୁଅ ପାଇଁ ଏମିତି ଗୋଟିଏ ବଢିଆ ଓ ନୂଆ ନାଁ ଛିବା ଯେମିତି ଆଉ କାହାର ନଥିବ । ସିନେମା,କ୍ରିକେଟଷ୍ଟାର ଫ୍ୟାଦିଙ୍କ ନାଁକୁ ମିଶାଇ କିମ୍ବା ଇଣ୍ଟରନେଟ୍‌ର ଗୋଟିଏ ଭଲ ନାଁ ଛି ଦେବା । ବିରାଟ କୋହିଲି ଦେବାକି ? ତମେ କଣ କହୁଛ ? ାମୀ କଥା ଶୁଣି ନିବିତା କହିଲା- ଅନୁଷ୍କା ଶର୍ମା ଭାବିବ ତା ସ୍ୱାମୀ ା ଛପି କରିଛେ ବୋଲି । ତେବେ ତମେ ଠିକ୍ କହିଛ । ପୁଅ ନାଁ ଏକଦମ ଲାଟେଷ୍ଟ ଓ ଫାମେନଓ୍ୱାଲ ହେବା ଦରକାର । ନ ହେଲେ ମ ଗଲି ତାକୁ ବି କୋର୍ଟରେ ଆଫିଡେବିଟ କରି ନାଁ ବଦଳେଇବାକୁ ପଡିବ । ସେଇ ଯେଉଁ ପୁରୁଣା କାଳିଆ ଠାକୁର, ଫୁଲ, ପୌରାଣିକ ଚରିତ୍ର ଭଳି ନାଁ ଗୁଡିକ କେତେ ବୋରିଙ୍ଗ ଓ ଆଉଟ ଡେଟେଡ ? ଆଗରୁ ବି ଯେଉଁ ନାଁ ଥିଲା ବୁଢା, ଅଇଁଠୁ ଗୋବରା, କାଙ୍ଗାଳି, ହଗୁରା....ଉମ୍ କେତେ ଅପମାନଜନକ ପିଲାଙ୍କ ପାଇଁ । ନାଁରେ ସ୍ୱାଗ୍ ରହିବା ଦରକାର । ବୋହୂ କଥା କାନରେ ପଡିବାରୁ ରାଧାକାନ୍ତ ବାବୁ କହିଲେ ଆମୋ ମା ଆଗ କାଳିଆ ନାଁରେ ଖରାପ କ'ଣ ଅଛି ? ପିଲାର ଦୀର୍ଘ ଜୀବନ କାମନା କରି,ଏମିତ କିଛି ନାଁ ଦିଆ ହେଉଥିଲା । ଏହି ବିଶ୍ୱାସରେ ଯେ ପିଲାଙ୍କୁ ଯମ ଶୀଘ୍ର ନେବନି । ତା ଛଡା ନାଁ ନୁହେଁ ନିଜ କାମ ପରିଶ୍ରମ ଯୋଗୁଁ ପିଲା ଜୀବନରେ ଆଗକୁ ବଢେ । ନାମ କମାଏ । ଆଉ ରହିଲା ଠାକୁର ଠାକୁରାଣୀଙ୍କ ନାଁ । ଛୁଆକୁ ଡାକିବା ବାହାନାରେ ଠାକୁର ଠାକୁରାଣୀଙ୍କ ନାଁ ଉଚ୍ଚାରଣ କରି ପୁଣ୍ୟ କମାଇବା କଥା । ପିଣ୍ଡ ଟିକେ ମିଳିଯିବ ଅଜାଣତରେ ।

ସେଦିନ ରାତିରେ କ୍ୟାଗପ ଓରଫ ଜଗନ୍ନାଥ ନିକିତାକୁ କହିଲା, ମୁଁ ଭାବୁଛି ଆମ ପୁଅର ନାଁ ହ୍ୟାରି ବଦଳରେ ହରି ଓ କ୍ରିସ ବଦଳରେ କୃଷ୍ଣକାନ୍ତ ରଖିବା, ଯାହା ବାପା ଚାହିଁଥିଲେ । କିଛି ନ ହେଲେ ପିଣ୍ଡଦାନ ବେଳେ ଆମ ନାଁ ଭୁଲିଗଲେ ନାତି, ଅଣନାତି ମାନେ ହଇରାଣ ହେବେନି । ମୋ ନାଁ ବି କ୍ୟାଗପରୁ ବଦଳାଇ ଜଗନ୍ନାଥ କରିଦେବି । ଆବାକାବା ହୋଇ ଅନାଉଥିଲା ନିକିତା ।

-୦-

ଶ୍ରେଣୀ-ଅଷ୍ଟମ
ଓଡିଶା ଆଦର୍ଶ ବିଦ୍ୟାଳୟ, ଜଲଣ,
ରସୁଲପୁର, ଯାଜପୁର
ମୋ.୯୪୩୭୦୦୭୬୯୯

ପ୍ରକୃତ ବିଦ୍ୟାର ବ୍ୟବହାର

ସ୍ୱାଧୀନ ବାରିକ

ଏକଦା ଏକ ସମୟରେ ଏକ ଗୁରୁକୁଳରେ ଗୁରୁ ଶିକ୍ଷା ପ୍ରଦାନ କରୁଥିଲେ । ଗୁରୁଙ୍କର ନାମ ହେଉଛି ଋଷି ଦେବବ୍ରତ । ସେହି ଗୁରୁକୁଳରେ ତିନିଜଣ ଶିଷ୍ୟ ଶିକ୍ଷା ଗ୍ରହଣ କରୁଥିଲେ । ସେହି ତିନି ଜଣଙ୍କର ନାମ ହେଉଛି ଗୋପାଳ, ଗୋବିନ୍ଦ ଓ ହରି । ସେହି ତିନିଜଣ ନିଜର ବାଲ୍ୟାବସ୍ଥାରୁ ନିଜର ପିତାମାତାଙ୍କୁ ଛାଡ଼ି କରି ଆସି ଗୁରୁକୁଳରେ ଶିକ୍ଷା ଆହରଣ କରନ୍ତି । ଗୁରୁଙ୍କର ସମସ୍ତ ଉପଦେଶ ଯଥାକ୍ରମେ ପାଳନ କରନ୍ତି । ରାତ୍ରି କାଳରେ ଶୟନ ପୂର୍ବରୁ ଗୁରୁଙ୍କର ଗୋଡ଼ହାତ ଘସିଦେବା ଗୁରୁଙ୍କ ପାଖରେ ଜଳ ଆଣି ରଖିବା ଆଦି କାର୍ଯ୍ୟ ସଂପାଦନ କରନ୍ତି । ସେହି ତିନି ଜଣଙ୍କର ମଧ୍ୟରୁ ଗୁରୁଙ୍କର ସବୁଠାରୁ ପ୍ରିୟ ଶିଷ୍ୟ ହେଉଛନ୍ତି ହରି । ଗୁରୁ ସମସ୍ତ କାର୍ଯ୍ୟରେ ହରି ଉପରେ ସଂପୂର୍ଣ୍ଣ ଭରସା ରଖିଥାନ୍ତି । ହରି ସେହିପରି ମଧ୍ୟ ଗୁରୁଙ୍କ ଉପରେ ଗୋପାଳ ଓ ଗୋବିନ୍ଦ ଅପେକ୍ଷା ନିଶ୍ଚଳ ଭକ୍ତି ପ୍ରଦାନ କରିଥାଏ । ଏହି ପରିଭାବେ ଅନେକ ଦିନ ଅନେକ ବର୍ଷ ବିତିଗଲା ଶିଷ୍ୟମାନେ ସଠିକ୍ ଭାବରେ ବିଦ୍ୟା ଗ୍ରହଣ କରିଛନ୍ତି କି ନାହିଁ ଗୁରୁ

ତାହା ପରୀକ୍ଷା କରିବା ପାଇଁ ରହିଁଲେ । ଜିନ୍ଦୁ ଶିଷ୍ୟମାନଙ୍କୁ ଏହି ପରୀକ୍ଷା ସମ୍ବନ୍ଧରେ ଜଣାଇଲେ ନାହିଁ । ସୂର୍ଯ୍ୟ ଉଦୟ ହେଲା । ଗୁରୁ ତାଙ୍କର ପରୀକ୍ଷା ଆରମ୍ଭ କଲେ । ଏକ ରାସ୍ତାରେ ଗୁରୁ କଣ୍ଟା ବିଛାଇ ଦେଲେ ଏବଂ ଶିଷ୍ୟମାନଙ୍କୁ ସେହି ପଥରେ ଯାଇ ଫଳ ସଂଗ୍ରହ କରି ପ୍ରତ୍ୟାବର୍ତ୍ତନ କରିବାକୁ ଆଜ୍ଞା ପ୍ରଦାନ କଲେ ତିନିଜଣ ଶିଷ୍ୟ ଫଳ ସଂଗ୍ରହ କରି ପ୍ରତ୍ୟାବର୍ତ୍ତନ କରିବାକୁ ଆଜ୍ଞା ପ୍ରଦାନ ଜଲେ ତିନିଜଣ ଶିଷ୍ୟ ଫଳ ସଂଗ୍ରହ ଉଦ୍ଦେଶ୍ୟରେ ଧାଡ଼ିକରି ଚଲିଲେ ପ୍ରଥମେ ଗୋପାଳ ପରେ ଗୋବିନ୍ଦ ଓ ପରେ ହରି ଧାଡ଼ି କରି ଚଲିଲେ । ଯିବା ପଥରେ ଗେଟିଲେ ଜଣ୍ଟାକୁ ଗୋପାଳ କଣ୍ଟା ଦେଖି କଣ୍ଟା ଉପରେ ଡେଇଁ ଚଲିଗଲା । ଗୋବିନ୍ଦ କଣ୍ଟା ଦେଖି କଣ୍ଟା ଜଡ଼ରେ ଚଲିଗଲା ଓ ହରି ସେହି କଣ୍ଟା ଗୁଡ଼ିକ ଉପରେ ଅବାଟରେ ପକାଇ ରାସ୍ତା ପରିଷ୍କାର କରି ଚଲିଲା । ତିନି ହେ ଫଳ ସଂଗ୍ରହ ଜଲେ ସଂଗ୍ରହ କରି ସାରିବା ପରେ ଗୁରୁଙ୍କ ଶିବିରକୁ ଫେରିଲେ । ଗୁରୁ ଏହି ସବୁ କାର୍ଯ୍ୟ କଳାପ ସଂପର୍କରେ ଜାଣି ପାରିଲେ ଏବଂ ଶିଷ୍ୟ ମାନଙ୍କୁ ସେହି ପଥରେ ତ କଣ୍ଟା ବିଛା ଯାଇଥିଲା । ତୁମେ ସେହି ପଥରୁ କିପରି ପାର ହେଲା । ସମସ୍ତେ ନିଜ ନିଜର କଥା ପ୍ରକାଶ କଲେ । ଗୁରୁ ମନ ଦୁଃଖରେ ଗୋପାଳ ଓ ଗୋବିନ୍ଦକୁ କହିଲେ ଯେ ତୁମେ ମୁଁ ପ୍ରଦାନ କରିଥିବା ଶିଷ୍ୟର ଉପଯୁକ୍ତ ବିଦ୍ୟାର ବ୍ୟବହାର କରିପାରି ନାହିଁ । ହରି ହିଁ ଶିକ୍ଷାର ସଦୁପଯୋଗ କରିଛି । ତିନିଙ୍କ ପାଖରେ ଜ୍ଞାନ ଥିଲେ ମଧ୍ୟ ଦୁଇଜଣ ଏହାର ସଠିକ୍ ଓ ଉପଯୁକ୍ତ ବ୍ୟବହାର କରିପାରିନାହାନ୍ତି । ସମସ୍ତ କାର୍ଯ୍ୟରେ ନିଜେ ନିଜେ ଆହରଣ କରିଥିବା ବିଦ୍ୟା ଓ ଜ୍ଞାନର ସଦୁପଯୋଗ କରିବା ଉଚିତ୍ ।

ଏହି ଗଳ୍ପରୁ ଆମେ ଶିକ୍ଷାଲାଭ କଲେ ଯେ ସମସ୍ତଙ୍କ ପାଖରେ ଜ୍ଞାନ ଓ ବିଦ୍ୟା ରହିଥାଏ । ଏହି ଜ୍ଞାନ ଓ ବିଦ୍ୟାର ସଦୁପଯୋଗ କରି ସମସ୍ତ କାର୍ଯ୍ୟ ନିନିଯୋଗ କରିପାରୁଥିବା ବ୍ୟକ୍ତି ହିଁ ମହାନ୍ । ତେଣୁ ନିଜର ବିଦ୍ୟାର ଉପଯୁକ୍ତ ବ୍ୟବହାର କରିବା ।

—o—

. ଶ୍ରେଣୀ- ଦଶମ
ଜଟାଟବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟ

ଏକ ରାତ୍ରିର ଘଟଣା

ଭଗବତୀ ସେଠୀ

ଏକ ଗ୍ରାମରେ ଖୁବ୍ ସୁନ୍ଦର ଝିଅଟିଏ ଥିଲା । ସେହି ଝିଅଟିର ନାମ ଥିଲା ରେଖା । ବାପା ମା'ଙ୍କର ସେ ଗୋଟିଏ ବୋଲି ଥିଲିଅଲି ଝିଅ ରେଖା । ସେ ଖୁବ୍ ଦୟାଳୁ ଥିଲା । ରେଖା ସମସ୍ତଙ୍କୁ ବହୁତ ଭଲ ପାଉଥିଲା ଓ ସ୍ନେହ କରୁଥିଲା । ସେ ସବୁବେଳେ ନିଜକୁ ଖୁବ୍ ସାହସୀ ଓ ବୁଦ୍ଧିମତୀ ବୋଲି ଭାବୁଥିଲା । ସେ ଏହି କଥାକୁ ନେଇ ଖୁବ୍ ଗର୍ବ କରେ । ରେଖା ବହୁତ ଲାଜକୁଳି ଝିଅ ଥିଲା । ଏପରିକି ସେ ଅଧିକାଂଶ ସମୟରେ ଘରେ ହିଁ ଲୁଚିକି ରହେ । କିନ୍ତୁ ରେଖାକୁ ସବୁବେଳେ ଲାଗେ କି ତା ପାଖରେ କେହି ଜଣେ ଅଛି । ମାନେ କିଛି ନାକାରାତ୍ମକ ଶକ୍ତି । ରେଖା ଏହି କଥାକୁ ନେଇ ସବୁବେଳେ ଭୟ କରେ । ସେଥିପାଇଁ ସେ ସବୁବେଳେ ଠାକୁରଙ୍କୁ ନିଜ ବାହୁରେ ଜାବୁଡ଼ି ଧରିକି ରଖିଥାଏ । ଏପରିକି ଶୋଇବାବେଳେ ମଧ୍ୟ ରେଖା ଠାକୁରଙ୍କୁ ନିଜ ପାଖରେ ରଖିକି ଶୋଉଥାଏ । ଏମିତି ଖୁସିରେ ରେଖାର ଜୀବନ ବିତିଯାଉଥିଲା

କିନ୍ତୁ ଦିନେ ତଳ ଘରକୁ କିଛି ବନ୍ଧୁବାନ୍ଧବ ଆସିଲେ । ସମସ୍ତେ ମିଶି ଖଣ୍ଡଗିରି ଓ ଉଦୟଗିରି ବୁଲିବାକୁ ଯାଇଥିଲେ । ସେଠାରେ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କଲେ । ଖିଆପିଆ, ବୁଲାବୁଲି ପରି ସମସ୍ତେ ପାଖାପାଖି ରାତି ୧୦ଟା ବେଳେ ଘରେ ପହଞ୍ଚିଲେ । ଘରେ ପହଞ୍ଚିଲା ପରେ ସମସ୍ତଙ୍କର ମୁଖ୍ୟ ଥିଲା, ସମସ୍ତେ ଶୋଇବେ କେଉଁଠି ? ଏହି କଥାକୁ ନେଇ ସମସ୍ତେ ରାତ୍ରିର ନିଦ୍ରାକୁ ଛାତ ଉପରେ ପୂରା କରିବେ । ତା'ପରେ ସମସ୍ତେ ବିଛଣା ନେଇ ଛାତ ଉପରକୁ ଶୋଇବାକୁ ଚଲିଗଲେ ଓ ସମସ୍ତେ ଛାତ ଉପରେ ଆଖି ବନ୍ଦ କରି ଶୋଇବାକୁ ଲାଗିଲେ । କିନ୍ତୁ ସମସ୍ତଙ୍କ ଭିତରେ ରେଖା ଯିଏକି ଜମାରୁ ଶୋଇପାରୁନଥିଲା । ସେଦିନ ରେଖା ତା'ର ବାପା ଛାତ ଉପରକୁ ଠାକୁରଙ୍କୁ ନେବା ପାଇଁ କାରଣ କରିଥିଲେ । ତେଣୁ ରେଖାକୁ ଛାତ ଉପରେ ବହୁତ ଡର ଲାଗୁଥିଲା । ଛାତ ଉପରର ଟିକେ ଦୂରରେ

ଥାଏ। ଏକ ମଣ୍ଡାଣି ଓ ତାହାଣକୁ ଥିଲା ଏକ ବିଶାଳକାୟ ଆମ୍ବଗଛ। ମଣ୍ଡାଣି ଓ ଆମ୍ବଗଛକୁ ଦେଖି ରେଖା ଆହୁରି ଅଧିକ ଡରିଗଲା। ଡରିଯାଇ ସେ କାନ୍ଦିଲା। କିନ୍ତୁ ରେଖାର କାନ୍ଦ ଶୁଣିବାକୁ କେହିବି ନଥିଲେ ସମସ୍ତେ ନିଘୋଡ ନିଦରେ ଶୋଇଥିଲେ। ରେଖା ଚଟିଚଟି ପୁଣିଥରେ କମଳ ଘୋଡେଇ ଶୋଇପଡ଼ିଲା। କିଛି ଘଣ୍ଟା ପରେ ପୁଣିଥରେ ରେଖାର ନିଦ ଭାଙ୍ଗିଗଲା। ସେତେବେଳେ ପାଖାପାଖି ରାତି ୨ ଟାରେ ହେଇଥିବ। ରେଖାକୁ କେତେବେଳେ ବହୁତ ଜୋରରେ ଶୋଷ ଲାଗୁଥିଲା। ଶୋଷରେ ତାର ଚଣ୍ଡି ଧରେ ଧରେ ଶୁଖିବାକୁ ଲାଗିଲା। ରେଖା ଏଥର ନ ଡରି ପାଣି ପିଇବା ପାଇଁ ପିଢ଼ି ପାଖକୁ ଗଲା। ସେଠାରେ ପାଣି ପିଇସାରି ପୁଣି ଥରେ ଶୋଇବା ପାଇଁ ବିଛଣାକୁ ଫେରୁଥିବା ସମୟରେ ହଠାତ୍ ତା'ର ବରଗଛ ତଳକୁ ନଜର ପକେଇଲା। ରେଖା ଯାହା ସେହି ଆମ୍ବଗଛ ତଳେ ଦେଖିଲା, ତାହା ଦେଖି ରେଖା ଖୁବ୍ ଜୋରରେ ଚିତ୍କାର କରିବାକୁ ଲାଗିଲା। ରେଖା ଦେଖିଥିଲା ଯେ ଆମ୍ବଗଛ ତଳେ ଏକ ସ୍ତ୍ରୀ ଲୋକଟି ଛିଡ଼ା ହୋଇଥିଲା। ସେ ଧଳା ଶାଢ଼ୀ ପିନ୍ଧିଥିଲା। ତା'ର ଆଖି ଖୁବ୍ ବଡ଼ ବଡ଼ ଥିଲା ଓ ନାଲି ଦେଖାଯାଉଥିଲା। ତା'ର ଚୁଟି ମଧ୍ୟ ଖୋଲାଥିଲା ଏବଂ ତାର ହାତରେ ଏକ ଧାଗୁଆ ଘଡିଆଗଟିଏ ଥିଲା ଯାହାକୁ ଦେଖି ରେଖା ଖୁବ୍ ଡରିଗଲା ଓ କାନ୍ଦିବାକୁ ଲାଗିଲା। ସେ କାନ୍ଦି କାନ୍ଦି ଶୋଇବାକୁ ଚେଷ୍ଟା କଲା କିନ୍ତୁ ତାର ନଜର ବାରମ୍ବାର ସେହି ଆମ୍ବଗଛ ତଳକୁ ହିଁ ଚାଲିଯାଉଥିଲା। ସେ ଖୁବ୍ ଡରୁଥିଲା କାରଣ ରେଖା ଜାଣିଥିଲା ଯେ କୌଣସି ମନୁଷ୍ୟକୁ ନୁହେଁ ବରଂ ଏକ ଅତୃପ୍ତ ଆତ୍ମାକୁ ଦେଖିଛି। ଡରର କଳାନ ଛାୟା ରେଖାର ମସ୍ତିଷ୍କରେ ସତେ ଯେପରି ବସା ବାନ୍ଧି ରହିଗଲା। ବହୁତ୍ କଷ୍ଟରେ ରାତି ବିତିଗଲା। ରେଖା ସକାଳୁ ସମସ୍ତେ ଉଠିବାପରେ ଏହି ଘଟଣା ବିଷୟରେ ଜଣାଇଲା କିନ୍ତୁ କେହିବି ତା'ର କଥାରେ ବିଶ୍ୱାସ କରେନାହିଁ। ଏପରିକି ତା'ର ବାପା ମା' ବି ନୁହେଁ, ରେଖା ବହୁତ ମନଦୁଃଖ କଲା। ସେହି ରାତିର ଘଟଣା କେବଳ ରେଖା ହିଁ ଜାଣିଥିଲା। ଧିରେ ଧିରେ ସମୟ ବିତିବାକୁ ଲାଗିଲା କିନ୍ତୁ ସେହି ଭୟାନକ ରାତିର ଘଟଣା ରେଖାର ମନରେ ଓ ମସ୍ତିଷ୍କରେ ସବୁଦିନ ପାଇଁ ରହିଗଲା। ସବୁଦିନ ରାତିରେ ଏହି ଭୟାନକ ଘଟଣା ରେଖାର ଆଖି ଆଗରେ ନାଚି ଉଠେ। ଆଜି ବି ରେଖା ସେହି ଭୟାନକ ରାତିର ଘଟଣାକୁ ଭୁଲିପାରୁନାହିଁ। ଦିନପରେ ରାତି ଆସିଲେ ରେଖାର ମନରେ ଏକ ଭୟର ବାତାବରଣ ଛାଇ ପରି ମାଡ଼ିଆସେ। ନିଜକୁ ଖୁବ୍ ଅସହାୟ ମନେ କରେ।

—୦—

ଦଶମ ଶ୍ରେଣୀ, ନୀଳସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟ

ଜଳାଶୟୀ ନାରାୟଣ ଗୋସାଇଁ

ଶୁଭଲକ୍ଷ୍ମୀ ପାତ୍ର

ଅନେକ ଦିନ ତଳର କଥା.....

ସେ ସମୟରେ ଗଡ଼ମଧୁପୁରର ରାଜତରେ ରାଜୁତି କରୁଥାନ୍ତି ରାଜା ନାରାୟଣ ଚନ୍ଦ୍ର ଧୀର। ସେହି ସମୟରେ କଳାପାହାଡ (କୃଷ୍ଣ ଚନ୍ଦ୍ର ରାୟ / କାଲାଚାନ୍ଦ ରାୟ)ର ପ୍ରକୋପରୁ ରକ୍ଷା ପାଇବା ପାଇଁ ସମସ୍ତ ଦେବାଦେବୀ ଲୁଚି ବିଜୟ ଆଶ୍ରୟସ୍ଥଳୀ ଖୋଜୁଥାନ୍ତି ଏହି ସମୟରେ ପୁରୀରେ ରହୁଥିବା ନାରାୟଣ ଗୋସାଇଁଙ୍କୁ ମଧ୍ୟ ବାଦ ମିଳିଲା ନାହିଁ। ଏହି ସମୟରେ ନାରାୟଣ ଗୋସାଇଁଙ୍କୁ ନେଇ ତାଙ୍କର ରାଜପୁରୋହିତ ମାନେ ଏକ କ୍ଷେତରେ ଗୋଟିଏ ଗାତ ମଧ୍ୟରେ ରଖି ଦେଲେ।

ସେହି ଗ୍ରାମରେ ବାସ କରୁଥିଲା ଗୋଟିଏ ଅନ୍ଧ। ଅନ୍ଧଟିର ନାଁ ହେଉଛି ସାଧୁଆ। ଲୋକମାନେ ତାଙ୍କୁ ସାଧୁ ବୋଲି ଡାକନ୍ତି। ଦିନ କ'ଣ କି ରାତି କ'ଣ ସେ ଜାଣେନି।

ଦିନେ କ'ଣ ହୋଇଛି ନା ଯେଉଁ ଠାରେ ରାଜ ପୁରୋହିତ ମାନେ ନାରାୟଣଙ୍କୁ ଲୁଚାଇ ରଖିଥିଲେ। ସେହି ବାଟରେ ସାଧୁଆ ଯାଉଥିଲା। ଗଲାବେଳେ ସେ ନାରାୟଣ ପ୍ରଭୁଙ୍କୁ ଝୁଣ୍ଟିଲା, ଝୁଣ୍ଟିବା ସମୟରେ ନାରାୟଣଙ୍କର ତାହାଣ ହାତର କନିଷ୍ଠା ଆଙ୍ଗୁଳିଟି ଭାଙ୍ଗି ଗଲା ସାଧୁଆ ମନେ ମନେ ବିଚାରିଲା ଯେ ସେ ନିଶ୍ଚୟ କାହାକୁ ଗୋଟେ ଆଘାତ ପ୍ରାପ୍ତ କରିଛି।

ଏହି ସମୟରେ ସ୍ୱୟଂ ପ୍ରଭୁ ନାରାୟଣ ସାଧୁଆକୁ କହିଲେ ଗେ ସାଧୁଆ, ମୋତେ ମୁଣ୍ଡା । ସାଧୁଆ କହିଲା ମୁଁ ତ ଗୋଟିଏ ଅନ୍ଧ ଆପଣଙ୍କୁ ଯେ କିପରି ମୁଣ୍ଡାଇବି । ମୋତେ ତ କିଛି ବାଟ ହିଁ ଜଣା ପଡୁନି । ନାରାୟଣଙ୍କ ଉପଦେଶ ଅନୁସାରେ ସେ ତବୁ ହାତ ବୁଲାଇ ବୁଲାଇ ସେହି ପଥରଟିକୁ ମୁଣ୍ଡାଇଲା । ସଙ୍ଗେ ସଙ୍ଗେ ମୁଣ୍ଡାଇବା କ୍ଷଣି ତାକୁ ସବୁକିଛି ଦୃଶ୍ୟମାନ ହେଲା । ଏହା ପ୍ରକୃତରେ କୌଣସି ଚକ୍ଷୁ ନଥିଲା ଏହା ଥିଲା ଦିବ୍ୟଚକ୍ଷୁ । ଏବେ କହିଲା କୁଆଡେ ଯିବି ଆପଣଙ୍କୁ ନେଇ ନାରାୟଣ କହିଲେ ଗତମଧୁପୁରର ରାଜା ସିଂହାପୁରରେ ଏକ ପୁଷ୍ପରିଣୀ ଖନନ କରିଛନ୍ତି । ତୁ ସେଠାକୁ ମୋତେ ନେଇ ଗଈ ବାଟରେ ଗଜାଦେଳେ ସାଧୁଆ ଭାବିଲା ଯେ ଏ ପଥରରେ ଏମିତି କି ଶକ୍ତି ଅଛି ଯେ ତାକୁ ମୁଁ ମୁଣ୍ଡାଇବା କ୍ଷଣି ହଠାତ୍ ମୋତେ ସବୁକିଛି ଦୃଶ୍ୟମାନ ହେଲା । ଏହାକୁ ପୁଷ୍ପରିଣୀରେ ପକାଇଲା ବେଳେ ନିଶ୍ଚୟ ଦେଖିବି । ଏହି ପରି ଭାବି ଭାବି ସାଧୁଆ ପଥ ଅତିକ୍ରମ କଲା । ନାରାୟଣ ମହାପ୍ରଭୁ ହେଉଛନ୍ତି । ସ୍ୱୟଂ ଭଗବାନ ସେ ଭକ୍ତର ଭାବକୁ ବୁଝିପାରନ୍ତି,ଯେମିତି ସାଧୁଆ ଆସି ପୁଷ୍ପରିଣୀ ନିକଟରେ ପହଞ୍ଚିଛି ଫିକ୍‌ଜିନା ତେଇଁ ପଡିଲେ । ଶୂନ୍ୟରୁ କିଛି ଶୂନ୍ୟବାଣୀ ହେଲା ପରି ଶୁଭାଗଲା 'ଯା ଗତମଧୁପୁର ରାଜାଙ୍କୁ ଏ ସମସ୍ତ କାହାଣୀମାନ କହିବୁ, ମୁଁ ତୋତେ ଯେତେବେଳେ ଏହି ଚକ୍ଷୁଦ୍ୱୟ ପ୍ରଦାନ କରିଛି ତୁ ମୋ ପାଇଁ କିଛି କର ।

ସାଧୁଆ ଯାଇ ପହଞ୍ଚିଲା ନଅରରେ ରାଜଦରବର ମଧ୍ୟରେ ପ୍ରବେଶ କଲା ଅନ୍ଧ ଚକ୍ଷୁ ପାଇଥିବାର ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଲେ । ସାଧୁଆ ସମସ୍ତ କାହାଣୀମାନ କହିଲା କିନ୍ତୁ ତା'ର କଥାକୁ ସମସ୍ତେ ମିଥ୍ୟା ବୋଲି କହି ଭର୍ତ୍ସନା କଲେ । ସାଧୁଆ ସେଠାରୁ ଘରିଆସି ନିଜକୁ ଧିକ୍ ମନେକଲା ଓ ନାରାୟଣଙ୍କୁ ସ୍ମରଣ କଲା ।

ରାତ୍ରରେ ନାରାୟଣ ରାଜାଙ୍କୁ ସ୍ୱପ୍ନରେ ଦେଖାଦେଇ କହିଲେ 'ସାଧୁଆ ଯାହା ସବୁ କହିଛି ତାହା ସବୁ ଅକ୍ଷରେ ଅକ୍ଷରେ ସତ୍ୟ ଏହା ଶୁଣି ରାଜା ଆଶ୍ଚର୍ଯ୍ୟ ହେଲେ ।

ସକାରେ ରାଜା ଏହି କଥା ସମସ୍ତଙ୍କୁ କହିଲେ ନାରାୟଣ ଆହୁରି ମଧ୍ୟ କହିଥିଲେ ଯେ ତୁ ସେହି ପୁଷ୍ପରିଣୀ ନିକଟରେ ମୋ ପାଇଁ ଗୋଟିଏ ମନ୍ଦିର ତୋଳିବୁ ଓ ସେଠାରେ ମୋର ପୂଜା ଅର୍ଚ୍ଚନା କରିବୁ । କିନ୍ତୁ ପ୍ରତିବର୍ଷ ହିନ୍ଦୁମାନଙ୍କର ନବବର୍ଷ, ପଣାସଂକ୍ରାନ୍ତି / ମହାବିଷୁବ ସଂକ୍ରାନ୍ତିରେ ମୋତେ ପୋଖରୀରୁ କାଢିବୁ । ଏହି ସମୟରେ ଲୋକମାନଙ୍କର ଆନନ୍ଦ ପାଇଁ ଜିନ୍ଦି ଯାତ୍ରାର ମଧ୍ୟ ଆୟୋଜନ କରିବୁ ।

ଏହି ପରିଭାବେ ରାଜା ବହି ଦିନ ଗତୁଥାନ୍ତି, କେଉଁଦିନ ମହାବିଷୁବ ସଂକ୍ରାନ୍ତି ହେବ ଆଉ ରାଜା ନିଜର ସ୍ୱନେତ୍ରରେ ମହାପ୍ରଭୁଙ୍କୁ ଦର୍ଶନ କରିବେ । ସେ ବର୍ଷ ବିତିଗଲା ।

ଜାଲି ହେଉଛି ପଣା ସଂକ୍ରାନ୍ତି, ଆଜି ମାସାନ୍ତ, ଆଜି ରାଜ ପୁରୋହିତ, ବ୍ରାହ୍ମଣ ଓ ଲୋକମାନଙ୍କୁ ନେଇ ପହଞ୍ଚେ ପୁଷ୍ପରିଣୀ ନିକଟରେ । ବ୍ରାହ୍ମଣମାନେ ପୁଷ୍ପରିଣୀ ମଧ୍ୟରେ ପ୍ରବେଶ କରି ନାରାୟଣଙ୍କୁ ଅନୁସନ୍ଧାନ କଲେ । ପୁଷ୍ପରିଣୀରୁ ଯେତେକ ଗୋବି ପଥର, ଗେଣ୍ଡା, ଶାମୁକା ପାଉଲେ ସବୁକୁ ଏକତ୍ରିତ କରି ରଖିଲେ ଜିନ୍ତୁ ସେତ କୌଣସି ସଜୀବ ମଧ୍ୟ ନୁହଁନ୍ତି । ଦେବତା ହେବା ତ ଦୂରର କଥା ନାରାୟଣଙ୍କୁ ନ ପାଇଁ ରାଜା ହତାଶ ମନରେ ଫେରିଲେ ।

ରାଜାଙ୍କୁ ସେଦିନ ସ୍ୱପ୍ନରେ କହିଲେ ମହାପ୍ରଭୁ "ମୁଁ ପରା ତୋତେ କହିଥିଲି ପଣା ସଂକ୍ରାନ୍ତି ଦିନ ତୋତେ ଦେଖାଦେବି ବୋଲି ।"

ତା' ପରଦିନ ସକାଳେ ରାଜା ପୁଣି ବ୍ରାହ୍ମଣମାନଙ୍କୁ ନେଇ ପୋଖରୀରୁ ଖୋଜା ଚାଲିଲା । ନାରାୟଣଙ୍କୁ ପାଇ ରାଜା ନିଜକୁ ସୌଭାଗ୍ୟ ମନେ କଲେ । ତା'ପରେ ନାରାୟଣ ଗୋସାଇଁଙ୍କୁ ଆଣି ବ୍ରାହ୍ମଣମାନେ ପରିଷ୍କାର କରି ଦେଉଛକୁ ନେଲେ । ତା'ପରେ ଯାତ୍ରା ମଧ୍ୟ ହେଲା । ତାହା ଥିବା ମାତ୍ର ଗୋଟିଏ ଦିନ ପାଇଁ ସକାଳେ ଆରମ୍ଭ ହୋଇ ରାତିକୁ ପ୍ରାୟ ସରିଯାଏ । ଯାହାକୁ ଲୋକମାନେ ମନ ଖୁସିରେ ଉପଭୋଗ କରିପାରନ୍ତି ନାହିଁ ।

ତା' ପରେ ବର୍ଷ ନାରାୟଣ ଚନ୍ଦ୍ର ଧ୍ରୁବଙ୍କ ମନ ହେଲା ଯାତ୍ରାକୁ ଆହୁରି ଟିକେ ଆଡମ୍ବର ଭାବେ କରିବାକୁ । ପଣା ସଂକ୍ରାନ୍ତି ପାଖେଇ ଆସୁଥାଏ । ରାଜା ନାରାୟଣ ମହାପ୍ରଭୁଙ୍କୁ କହିଲେ । ପ୍ରଭୁ ଦୂରଦୂରାନ୍ତରୁ ଅନେକ ଲୋକ ଆପଣଙ୍କୁ ଦେଖିବାକୁ ଆସୁଛନ୍ତି । ସକାକୁ ଆସି ସନ୍ଧ୍ୟାକୁ ଫେରିଯାଉଛନ୍ତି ଠିକ୍‌ରେ ମଉଜମଜଲିସ କରିପାରୁ ନାହାଁନ୍ତି । ଦୟାକରି ଆପଣ ଯଦି ଅନୁମତି ପ୍ରଦାନ କରନ୍ତି ତେବେ ଏବର୍ଷ ଯାତ୍ରାକୁ ୨ ଦିନ କରାହୁଅନ୍ତା ନାରାୟଣଙ୍କ ଅନୁମତି କ୍ରମେ ଯାତ୍ରା ୨ ଦିନ ହେଲା ଲୋକମାନେ ଖୁସିରେ ଅନୁଭବ କଲେ ।

ତା'ପର ବର୍ଷ ନାରାୟଣ ଚନ୍ଦ୍ର ଧ୍ରୁବଙ୍କ ପୁତ୍ର ବୃନ୍ଦାବନ ଚନ୍ଦ୍ର ଧ୍ରୁବ ଏହି ୨ ଦିନରେ ସନ୍ତୁଷ୍ଟ ହେଲେ ନାହିଁ । ନାରାୟଣ ଚନ୍ଦ୍ର ଧ୍ରୁବଙ୍କ ପୁତ୍ର ତାଙ୍କ ପରେ ରାଜା ହୋଇଥାନ୍ତି । ସେ ଏହାକୁ ୩ ଦିନ କରିବା

ପାଇଁ ନାରାୟଣ ମହାପ୍ରଭୁଙ୍କୁ ଅନୁରୋଧ କଲେ । ନାରାୟଣ ଗୋସାଇଁ ଏଥିରେ ସନ୍ତୁଷ୍ଟ ହେଲେ । କିନ୍ତୁ କହିଲେ ମୋତେ ତୁ ଅତିବେଶୀରେ ୩ ଦିନ ପାଇଁ ଦେଉଳରେ ରଖିବୁ ଯେତେ ସାହା ହେଲେ ୪ର୍ଥ ଦିନ ମୋତେ ଯେମିତି ହେଲେ ପୁଷ୍କରିଣୀରେ ରଖିବୁ ନ ହେଲେ ତୋ'ର ଭଲ ହେବନି ।

ଏହା କହି ନାରାୟଣ ଗୋସାଇଁ ଉଭୟର ଭକ୍ତିଭାବକୁ ଗ୍ରହଣ କରି ଅନ୍ତର୍ଦ୍ଧାନ ହୋଇଗଲେ ।

ସେହିଦିନ ଠାରୁ ଫିଂହାପୁରରେ ଆଜି ପର୍ଯ୍ୟନ୍ତ ସେହି ପୁଷ୍କରିଣୀ ନିଜଟରେ ବର୍ତ୍ତମାନର ସେହି ବିରାଟ ଦେଉଳ ଛିଡା ହୋଇଅଛି । କିନ୍ତୁ ୩ ଦିନରେ ସିନା ନାରାୟଣ ପୁଷ୍କରିଣୀରେ ପ୍ରବେଶ କଲେ । କିନ୍ତୁ ୫ ଦିନ ପର୍ଯ୍ୟନ୍ତ ଯାତ୍ରାର ଆୟୋଜନ କରାଯାଉଛି । ସମସ୍ତେ ସିନା ଆସନ୍ତି ଦେଖନ୍ତି, ପଳାନ୍ତି କିନ୍ତୁ ନାରାୟଣ କେଉଁଠି ଥିଲେ ? କାହିଁକି ଏଠାକୁ ଆସିଲେ ? କିପରି ଆସିଲେ ଏହାକୁ କିଏ ଭାବନ୍ତି ନାହିଁ ।

-୦-

ଶ୍ରେଣୀ-ନବମ

ଦୁର୍ଗାଶଙ୍କର ବିଦ୍ୟାପୀଠ, କୃଷ୍ଣପଡା

ଅଶୋକ ଦାସ ଗାଁକୁ ଫେରିଛି

ପ୍ରହଲ୍ଲାଦ ପଣ୍ଡା

ସକାଳ କିରଣ ବିଛାତି ହୋଇ ଅଗଣା ଚାରିଆଡେ ଖେଳି ଯାଇଛି । ପତ୍ର ଉହାଡରେ ଲୁଚକାଳି ଖେଳି ଛାର ଆଲୁଅର ଘନଘଟା ମଧ୍ୟରେ କିରଣ ଟିକକ ଯା' ଉପରେ ପଡୁଛି, ତା' ଜୀବନ ଧନ୍ୟ । ଶାଢୁଆ ଉଣ୍ଟିଜୁ ଛିଏ ବା ଭଲ ନ ପାଏ । ଗାଁର ମୁଣ୍ଡକୁ ଲାଗି ଆମ୍ବ ତୋଟା । ତୋଟା ଗହଳରେ ଦୂର ବଖରିଆ ନୁଆଁଣିଆ ଚାଳଘର । ପାଖରୁ ଲାଗି ପିଛୁରି ବାଡି ଓ ଲେମ୍ବୁବାଡି । ଖଣ୍ଡେ ଦୂରରେ ଫସଲ ଜିଆରି । କ୍ରମେ କ୍ରମେ ଚାଳଘର ନିକଟରେ ଲୋକଗୁଡିଏ ରୁଣ୍ଡ ହେଲେଣି । ଅଜଣା ଆଗନ୍ତୁକଙ୍କର ଉପସ୍ଥିତି ପରିସ୍ଥିତି ପାଇଁ ଦାୟୀ । କାହା ପଟିରୁ ବାହାରି ଆସୁଛି 'ଆରେ ସେଟାତ ମରିଛି କେଉଁ କାଳରୁ ?' ଏର ଯେ ସେଇ ଅଶୋକ କିଏ ବା କହିବ । ଆଉ ଥୋକେ ଜଥାଟା ଚର୍ଚ୍ଚମା କରିବାକୁ ସାହସ ବାନ୍ଧୁଛନ୍ତି ମନରେ । ଅନ୍ଧୁଆଁ ହୋଇ ବସିଯାଇଛି ଆଗନ୍ତୁକ ଜଣକ ବାରଣ୍ଡାରେ ଥିବା ଖୁଣ୍ଟକୁ ଆଉଜି । ମଣିଷଟା ଜଲା ନ ହେଲେ କି କଳାକାଠ ପଡିଗଲାଣି । ଜଳଧଜା କେଶର ମିଶ୍ରିତ ଦାଢି ବଢିଯାଇଛି । ଦେଖଣାରେ କେତେ ବଡ ହିଂସ୍ରଜନ୍ତୁଙ୍କ ଠୁ ବି କମ୍ ନୁହେଁ । ବଡ ଭୟଙ୍କର ଦୃଶ୍ୟ ତା' ଶରୀରର । ସେଇ ଦାଢିଆ ଲୋକଟା ଲୁଙ୍ଗି ଖଣ୍ଡେ ଓ ସାର୍ଟ ଫିକା ରଙ୍ଗର ଖଣ୍ଡେ ପିନ୍ଧି ଘୁମ ହୋଇ ଆଜଜି ପଡୁଛି ଅନେକ ଚିନ୍ତାକୁ ଏକାଠି କରି । ଗାଁ'ର ମୁରବିକୁ ଡକା ହେଲାଣି ଲୋକଟାକୁ ଚିହ୍ନିବାକୁ । ପ୍ରତିକାର ବି କରିବେ । ଯିଏ ହେଉନା କାହିଁକି, ଆରେ ଲୋକଟାକୁ ମୁଦାଏ ଚା'ଦିଅ । ସାମାନ୍ୟ ସେବା କରିବାରେ କାର୍ପଣ୍ୟତା । ସୌଜନ୍ୟ ଦୃଷ୍ଟିରୁ ଏସବୁ ଭଲ ନୁହେଁ । ଗାଁ ମୁଖିଆ ଦି'ପଦ କହି ଚଞ୍ଚଳ ଚା' କପଟିଏ ଦେବାକୁ ଘରଲୋକଙ୍କୁ ଆଦେଶ ଦେଲେ । କଥାଟା ପଶିବାକୁ ମୁଖିଆ ଲୋକଟା ଆଡକୁ ଅଗ୍ରସର ହେଲେ । ଲୋକଟା ସାମାନ୍ୟ ବ୍ୟବହାର ମଧ୍ୟ ଜାଣିନାହିଁ । ତୁହାର ଟିକେ ହେଲା ନାହିଁ । ଲୋକଟା ଘର ଚିହ୍ନି ଆସି ପହଞ୍ଚିଯାଇଛି । ହେଲେ କୋଉ ଲୋକଙ୍କୁ ଏପରିକି ଗାଁ ମୁଖିଆକୁ ମଧ୍ୟ ଚିହ୍ନିପାରୁନାହିଁ । ତିଳେମାତ୍ର ଖାତିର ନାହିଁ । ନା' ଚିହ୍ନି ନ ଚିହ୍ନିଲା ପରି ଆଚ ଦେଖାଉଛି । ସନ୍ଦେହ ହେଲା ଗାଁ ମୁଖିଆର ମନରେ । କାଉ ତପାରେ କୋଇଲି ଛୁଆ ପରି ଉତା ଚଡେଇର ଡେଣା ହଲାର ପହଞ୍ଚିଯାଇଛି ଲୋକଟା ଠିକଣା ଜାଗାରେ ।

ଏଇଟା ତା' ଘର । ନା'ଠିକଣା ହଜାଇଥିବା ପାରାଟିଏ ପରି ପହଞ୍ଚିଯାଇଛି ଦାସ ଘରେ । "ହେ,ତୋ ଘର କେଉଁଠି, ତୋ ନାଁ କ'ଣ ? କୁଆଡେ ଆସିଛୁ ? କୁଆଡେ ଯାଇଥିଲୁ ? କେହି ଜଣେ ଲୋକ ଭିତରୁ ଚହଲିଲା ବର୍ଷେ ନୁହେଁ କି ଦି ବର୍ଷ ନୁହେଁ । ଦୀର୍ଘ ତିରିଶ ବରଷ ବ୍ୟବଧାନ । ସେଦିନ ଆଉ ଏ ଦିନ ମଧ୍ୟରେ କେତେ ପ୍ରାକୃତିକ ବିପର୍ଯ୍ୟୟମାନ ସଂଘଟିତ ହୋଇଛି ସମୁଦ୍ରରେ ଅଶାନ୍ତ

ଝଡପରି । ଉତ୍ତାଳ ତରଙ୍ଗର ମାତରେ ମଥାପିଟି ସମୁଦ୍ରତଟ କାନ୍ଦିଛି ସିନା ଉତ୍ତାଳ ତରଙ୍ଗର ପ୍ରକୃତିକୁ କ'ଣ ବଦଳାଇପାରିଛି । ତରଙ୍ଗର ଭାବଦିଆନିଆ ଢଙ୍ଗଢାଙ୍ଗ ଅପାସୋରା ଓ ଚିରାଚରିତ ।

ଗାଁ ମୁଖିଆଙ୍କ ପ୍ରଶ୍ନରେ ପ୍ରକୃତିସ୍ଥ ହେଲା ଲୋକଟା । ଜାମ୍ବାଡିରେ ହାତ ଘସି ଆଖିତରାଟି ଅନାଇଲା ସମ୍ମୁଖକୁ । ଉପରୁ ତଳକୁ ମୁଣ୍ଡ ନୁଆଁଇଲା । ଭାବଭଙ୍ଗୀ ପ୍ରକାଶିତ କରୁଥିଲା ଲୋକଟି ସଂପୂର୍ଣ୍ଣ ପାଗଳ ନୁହେଁ । କିଛି କହିବା ପୂର୍ବରୁ ତା' ଗିଲାସଟା ପହଞ୍ଚିଗଲା ତା'ପାଖରେ । ଉଷୁମ ତାକୁ ଢୋକ ଢୋକ ପିଇ ହୋସ ନେଲା । ସତେ କି ଜୀବନ ପଶିଆସିଲା ଶରୀରରେ । ମଣିଷ ମନର ଭାବ କ୍ରମଶଃ ସତେଜ ହେବାକୁ ଲାଗିଲା । ସଜାତି ନେଲା ପୁଣି ଶରୀରକୁ । କିଛି କହିବାକୁ ପ୍ରୟାସ କଲା । କେହି କେହି ଟୋକା ଟୋକାଳିଆ ଦୂରେ ଥାର ଥଟ୍ଟା ତାମସା କରୁଥିବାର ଲୋକଟା କାନେଇଲା ।

ଏଇତ ଜୀବନ । ନିଜ ଘର ଆଜି ସାତପର । ଆପଣାର ମଣିଷ ଚିହ୍ନି ନ ପାରିବାର କାହାନାକୁ ସହଜରେ ଗ୍ରହଣ କରି ପାରୁ ନ ଥିଲା । ଲୋକଟା, ପିଲାମାନଙ୍କ ଟାହି ଟାପରାକୁ କାନଡେରି ଶୁଣୁଥିଲା । 'ଆରେ ଏଇଟାକୁ ଚାପୁଡା ବି'ଟା ଦେର ବିଦା କରିଦିଅ । ପାଟିରୁ ଯା'ର ଉତ୍ତର ବାହାରୁ ନାହିଁ । ତା'ରି ପାଇଁ ସମୟ ନେବା ମୂର୍ଖାମୀର ପରିଚୟ । ଜଲଦି ଜଇବି ଯା'ର ବ୍ୟବସ୍ଥା କର । କିଏ କୁଆଡେ ଯିବା ନା', ଏଗଠି ଭେଳିକି ଲଗାଇ ଠିଆ ହୋଇଥିବା ? ଜଜବାରଖାନାର ପାଇରନପରି ଟୋକାଗୁଡାକ ଗାଁ ମୁଖିଆଙ୍କ ଉଦ୍ଦେଶ୍ୟରେ ସତର୍କ ଘଣ୍ଟିର ବାତାବରଣ ସୃଷ୍ଟି କରୁଥିଲେ । ପରୀକ୍ଷାରେ ପିଲାମାନଙ୍କୁ ମୌଖିକ ପ୍ରଶ୍ନ ପଚାରିଲା ଭଳି ଗାଁ ମୁଖିଆ ଗୋଟିଏ ପରେ ଗୋଟିଏ ପ୍ରଶ୍ନ ପଚାରିଲେ ଲୋକଟାକୁ । ଲୋକଟା ଏଥର ଟିକିଏ ଡରି ଯାଇଥିଲା । ଜାଣେ କିଏ ବିଧାଟିଏ ବି ଚାପୁଡାଟିଏ ପକାଇବ । ସେହି ଭୟରେ କରୁଣ ଚାହାଣିରେ ଗାଁ ମୁଖିଆଙ୍କୁ ସଂକ୍ଷିପ୍ତ ଧାରା ବିବରଣୀ ଦେବାକୁ କୁଣ୍ଠିତ ନଥିଲା ।

"ମୋ ନା' ଅଶୋକ । ବାପା ଅଗଣି ଦାସ । ଏଗଟା ମୋ' ଗାଆଁ, ମୋ ଭିଟାମାଟି । ପୁଅଟିଏ ଆଉ ଜାତିଜା ସୁରମା । ପୁଅ ନାଁ କହିପାରିବିନି । ହୋସ୍ ପଶିଲା ମୁଖିଆ ମୁଣ୍ଡରେ । ହେଲେ ଗୁଣ୍ଡିଭୂତ ଜନତାର ସନ୍ଦେହ ଦୂର ହୋଇନଥିଲା । ଗାଲରେ ତା'ର ତିନିକଟିଏ ଦାଢ଼ି ଥିଲା । ଅଛି ନାଁ ନାହିଁ । ମେଞ୍ଚାଏ କଳାଧଳା ଦାଢ଼ି ଭିତରେ ବାଲିଗଦାରେ ସଲିକା ଥିଲାପରି କେଉଁଠି ଲୁଚିଯାଇଥିବ ସେଇଟା ବଡ଼ କଥା ନୁହେଁ । ଆରେ ତା' ଜାତିଜା ସୁରମାକୁ ତାଳ । ଚିହ୍ନିବା ଆରମ୍ଭ କଲା ସୁରମା ଗାଁ, ମୁଖିଆଙ୍କ କଥାରେ । ତାଙ୍କର ଅଜାଡବ ବାମପଟ ଚିଚା ଉପରକୁ ଜଜାଜାଇ ମନ୍ଦା ଥିଲା । ଯଦି ଥାଏ ସିଏ ତା' ମନର ମଣିଷ, ନିଶେ ତା' ବାପା । ଯା'ରେ ଏଗଟାକୁ ଘର ଭିତରକୁ ନେଇ ଯାଅ କର । ସୁରମା ଗାବିଥିବା କଥା ସତ ହେଲା । ଚିତ୍କାର କରି କହିଲା- "ଏ ମୋ' ସ୍ୱାମୀ । ମୁଁ ଠିକ୍ ତାକୁ ଚିହ୍ନିପାରୁଛି ।" ପୁଅଟା ଦେଢ଼ ବରଖର ହୋଇଥିଲା । ଆମକୁ ଛାଡ଼ି ଜେଉଁଆଡେ ପଳାଇଯାଇଥିଲା । ଆଉ ଠିକ୍ ଠିକଣା ମଧ୍ୟ ନଥିଲା । ଭଗବାନ ଏତେଦିନେ ତାକ ଶୁଣିଛନ୍ତି । ମନର ମଣିଷକୁ ମନକଥା ବୁଝିବାକୁ ପଠେଇଛନ୍ତି । ମଥାନତ ପ୍ରଣାମ ହେଲା ସୁରମା ଗାଁ ମୁଖିଆକୁ ।

ସୁରମାର ଆକୁଳ ପ୍ରାର୍ଥନା ପିଲାମାନଙ୍କ ମଧ୍ୟରେ ଶିହରଣ ଖେଳିଗଲା । ପରସ୍ପରକୁ ଅନାଅନି ହୋଇ ଲୋକଟାକୁ ବାରମ୍ବାର ଉଁକୁଥିଲେ । ଏଣେ ଲୋକଟା ମଧ୍ୟ ଆଖି ବୁଲାଇ ଆଣୁଥିଲା ସଉଁଜ ଉପରେ, ପୁଣି ସୁରମାର ଦେହ ଉପରେ । ଏଥର ଲୋକଟାକୁ ଗାଁ ମୁଖିଆ ଶେଷଥର ପାଇଁ ସୁରମାକୁ ଆଙ୍ଗୁଠି ଦେଖାଇ ପଚାରିଲେ- "ଯାକୁ ଚିହ୍ନିପାରୁଛ ?" "ମୋ' ସ୍ୱା ।" ନାଁଟା ପଦିଓ ମନେ ଥିଲା । ମୋ' ଶ୍ୱଶୁର ଘର ନଣ ଆରପାରି କୋଦଣ୍ଡପୁର ଗାଁ । ବାପା ମା'ଙ୍କର ଗୋଟିଏ ବୋଲି ଝିଅ ସେ । ଆଜକୁ ତିରିଶ ବର୍ଷ ତଳେ ବିଭା ହୋଇଥିଲା ମୋତେ । 'ଟ' ଅକ୍ଷର ମୂଳରେ ଆଉ ତା' ନାଆଁ । କଥାଟା ସମସ୍ତଙ୍କ ମନକୁ ପାଇଲା । ଆଉ କିଛି କିଛି ମନେ ପକାଇ ଲୋକଟା ବଖାଣିଲା । ଗାଁ' ମୁଖିଆ ଏଥର ଆଶ୍ୱସ୍ତ । ନିଜର ବାର୍ତ୍ତା ପ୍ରେରଣ କରି ସମସ୍ତଙ୍କ ମନକୁ ପାଇଲା । ଆଉ କିଛି କିଛି ମନେ ପକାଇ ଲୋକଟା ବଖାଣିଲା । ଗାଁ ମୁଖିଆ ସର୍ତ୍ତ ପାଳନ ପୂର୍ବକ ଲୋକଟାକୁ ଘରେ ପୂରାଇବ, ନିର୍ଦ୍ଦେଶ ଥିଲା ମୁଖିଆଙ୍କର । ଲୋକଟା ଯେହେତୁ ବାର ବର୍ଷ ଅତିକ୍ରମ କରି ପଦାକୁ ଫେରିଛି, ତାକୁ ପୂରା ଜଣା କରି ଗାଁ ନଣ୍ଡା ଗୋସେଇଁଙ୍କ ନିକଟରେ ଲମ୍ବ କରି ପକାଇବା । ପାଞ୍ଚଟି ବ୍ରାହ୍ମଣ ଡାକି ତାଙ୍କୁ ଭୂରିଭୋଜନ ସହ ଦକ୍ଷିଣା ଦେଇ ସନ୍ତୁଷ୍ଟ କରିବ । ତେବେ ଯାଇ ଘରକୁ ପଶିବ । ଏଥର ଗାଁ ମୁଖିଆ ସମସ୍ତଙ୍କୁ ସ୍ଥାନ ଛାଡ଼ି ଯିବାକୁ କହିଲେ । ଆଉ ସୁରମାକୁ ଏତଜ ପାରିବାକୁ ନିର୍ଦ୍ଦେଶ ଦେଲେ । ଏଥର ବାଟରେ ଘାଟରେ ଶୁଣାଗଲା—"ଅଶୋକ

ଦାସ ଗାଁ କୁ ଫେରିଛି ।"

ଜିଏ କୁଆଡ଼େ ଗଲିଗଲେ, ନାଗବ ନାଡ଼ । କପୋତ କପୋତୀ ପରି ଅଶୋକ ସୁରମା । ବହୁବର୍ଷର ପ୍ରତୀକ୍ଷା । ଭେଟଘାଟର ସ୍ୱପ୍ନକୁ ଘୁନି ଯାଇଥିଲା ସୁରମାର ମନରେ ମୋଥାଏ କୋହ । ଆଖିରେ ଆଖି ମିଶାଇ ଲୋତକ ଚିକଚ ଝଗାଇଲା ସୁରମା । ନିର୍ବାକ୍ ଅଶୋକ । ଭବିଷ୍ୟତକୁ ସଜାଡ଼ିବାକୁ ଆଉ ଗୋଟିଏ ପଦକ୍ଷେପ । ଛୋଟ ଛୋଟ ଜହ୍ନିଗୋଳକୁ ଆଜକୁ ଚିରିଶ ବର୍ଷ ତଳୁ ଘର ଛାଡ଼ିଥିଲା ଅଶୋକ । ଗଲିଯାଇଥିଲା ଦୂର ରାଜଜକୁ । ଆଜି ଜାଲିକା ପରି ଫୋନ୍‌ଟିଏ ନଥିଲା ପାଖରେ । ଠିକଣା ଜଣା ଥିଲେ ସିନା ଚିଠିର ଅଦାନ ପ୍ରଦାନ । ଖେଜେ ବି ସାତ ସପନ । ଏତେଦିନେ ଠାକୁର ତା' ଡାକ ଶୁଣିଛନ୍ତି । ଅମର ବୋଲି ପୁଅଟିଏ ତାଙ୍କର । ପୁଅ ଜନ୍ମ ହେବାର ଦେଢ଼ବର୍ଷ ପରେ ବାପା ଗଲିଲେ ଅଗଳାଅଗଜି ବନସ୍ତକୁ । ଚଉଦବର୍ଷ ବନବାସ ବରି ପ୍ରଭୁ ରାମଚନ୍ଦ୍ର ଫେରି ଆସିଥିଲେ ଅଯୋଧ୍ୟା । ହେଲେ ଅଶୋକ ଯେ ଫେରିବେ, ସୁରମାର ବିଶ୍ୱାସ ବଳୟ ସେ ପାଖରେ ଥିଲା ।

ଅଶୋକ ଦାସ । ବିବାହ ପୂର୍ବରୁ ଭୋଣ୍ଡିଆ ଗୋକାଟିଏ । ମାନପୁର ଗାଁର ଅଗଣି ଦାସର ଏକମାତ୍ର ପୁତ୍ର । ଭିଟାମାଟିର ମୋହ ଅଯାଯୋର । ଗାଁରେ ଥିବା ଝଞ୍ଜା ଘର ଭିତରୁ ହଟିଯାଇ ଆମଚୋଟା ମଧ୍ୟରେ ଦି'ଚଖରିଆ ଛଳଘର ତା'ର ଶୈଶବର ମୂକସାକ୍ଷୀ । ଜୈଶୋରର ଚପଳତା ଏବେ ବି ମନେଅଛି । ଯୌବନରେ ହାତକୁ ବି'ହାତ ହେବା ପୂର୍ବରୁ ମା' ଗଲିଗଲା ଆଗପାରିକୁ । ଅଗଣିର ସାହା ଭରସା ଅଶୋକ । ବାପା ସଙ୍ଗେ ସାଥି ହୋଇ ଘରବାଡ଼ିରେ ଲେମ୍ବୁ, ପିଜୁଳି, ଆମଗଛମାନଙ୍କର ଯତ୍ନ ନେଇ ବେଶ୍ ଦୁର ପଇସା ମିଳିଥାଏ ହାଟବଜାରରୁ । ସଂସାର ଗଢ଼ିଉଛେ । ଯୌବନର ଭାର । ବିଭାଘର ଚିନ୍ତାଥାଏ ବାପ ମୁଣ୍ଡରେ । ନଦୀ ଆଗପାରି ଜୋଦଣ୍ଡପୁର ଗାଁର ଶିଶିର ଦାସଙ୍କ ଏକମାତ୍ର ଅଲିଅଳି କନ୍ୟା ସୁରମାକୁ ବୋହୂ କରି ଅଶୋକ ହାତରେ ଛନ୍ଦି ଦେଇଥିଲେ ବାପା । ଅଶୋକ ଓ ସୁରମା ଠିକ୍ ଭାଇ ଭଉଣୀ ପରି । ଏକ ନାଭି ଦି'ଖଣ୍ଡ । ସମୟର କରାଳ ଗତିରେ ପୁତୁଟିଏ ଜନ୍ମଦେଲେ ନବଦମ୍ପତି । ଧୁମ୍‌ଧାମ୍‌ରେ ଏକୋଇଶାରେ ସାର ପଡ଼ିଶାଏ ଭୋଜିଭାତ ନେବା ପାଙ୍କୁ ମଉଜ ମଉଲିସ୍ କରିଥିଲ ସେଦିନ । ସୁରମାର ଖୁସି କହିଲେ ନ ସରେ । ଶାଶୁଘର କହିଲେ ଶ୍ୱଶୁର ନିଜେ ବି ଶାଶୁର ଭୂମିକା ପାଳନ କରନ୍ତି । ଦି'ଦି'ଟା ମିଣିପି ପାଙ୍କୁ କାନ୍ଧରେ କାନ୍ଧ ମିଳାଇ ସୁରମା ଗୋଟାଏ ପରେ ଗୋଟିଏ ଉତ୍‌ଥାନ ପାହାଚ ବଢୁଥିଲା ଧୀରେଧୀରେ । ବେଳେବେଳେ ତା' ନିଷ୍ପତ୍ତିକୁ ଆଦରରେ ଗ୍ରହଣ କରୁଥିଲେ ବାପ ପୁଅ ଦୁଇଜଣ ।

ସଂସାରର ଗତି ସବୁଦିନେ ସମାନ ନୁହେଁ । କେତେବେଳେ ମରୁଭୂମିର ବାଲୁକାସ୍ତୂପ ପରି ଉଉପ୍ତ ତ କେତେବେଳେ ଫାଲଗିନ, ଝଡ଼ ପରି ଅଶାନ୍ତ । ଠିକ୍ ଦିନେ ଅଦିନ ଝଡ଼ର ଝଲକ ଟାଣି ହୋଇଗଲା ବାସ ପରିବାରରେ । ଝିମିଟି ଖେଳରୁ ମହାଭାରତ । ରାତିସାରା ଠୋ ଠୋ ଉପାସ । ବୁଢ଼ା ବାପାଟା ବିଛରା ନାଗର । ପିନ୍ଧୁରା ପାଟିଲା ପୂର୍ବରୁ ଅଶୋକ ଉଦ୍ଧାନ । ଗରିଆଡ଼େ ହୋ ହାଲ୍ଲା । କେହି ଦେଖିନି ଅଶୋକକୁ । ଗଲିଲା ରାତାରାତି ଷ୍ଟେସନ ଅଭିମୁଖେ । କଲିକତା-ହାଇଦ୍ରାବାଦ ଏକ୍‌ସପ୍ରେସ୍‌ରେ ଚଢ଼ିଲା ହାଇଦ୍ରାବାଦ ଆଡ଼େ । ପହଞ୍ଚିଲା ତେଲେଙ୍ଗା ଅଞ୍ଚଳରେ । ନା' ବୁଝିପାରୁଛି ତାଙ୍କ ଭାଷା, ନା' ତା' ଭାଷା କିଏ ବିଝିପାରୁଛି । ଦ୍ୱନ୍ଦ୍ୱ ଭିତରେ ଜଟୁଛି ଦୁର୍ବଳ ମାନସିକତା । ହେଲେ ପେଟ ପୋଡ଼ି ଯାଉଛି । ପେଟ ପାଇଁ ଦୁନିଆଁ ନାଟ । ପହଞ୍ଚିଲା ହୋଟେଲ୍‌ରେ, ପାଣି ଦେବାକୁ ସଙ୍କେତ ଦେଲା । ପେଇୟା ବି ହେଲା । ଦି'ଓଳି ଅନ୍ତତଃ ମୁଠେ ଦାନା ମିଳିଗଲା । ଆହା ଜୀବନ ତ ବଞ୍ଚିଗଲା । ଆଉ ଟିକିଏ ଅଧିକା ରୋଜଗାରକୁ ମନ । ସେଦିନ ହୋଟେଲ୍‌ରେ ନୂଆ ବାବୁଙ୍କ ସହ ପରିଚିତ ହେଲା । ବାବୁ ଜରଙ୍କ ଇଟାଭାଟିର ମାଲିକ । ଦିହିଙ୍କ ଭିତରେ ରାବର ଆପାନ ପ୍ରଦାନ ହେଲା । ଗଇଲା ସିଧା ବାବୁଙ୍କ ପଛେପଛେ । ଜାମ ଜରି ବେଶ୍ ଦୁରପଇସା କମାରଲା ଅଶୋକ । ତେଲୁଗୁ ଭାଷା ବି ଅଳ୍ପଅଳ୍ପ ବୁଝିପାରୁଛି । ଅସୁବିଧା ନାହିଁ କହିଲେ ଚଳେ ।

ସମୟ ଓ ସ୍ରୋତ କାହାରିକୁ ଅପେକ୍ଷା କରେନାହିଁ । ମଝିରେ ମଝିରେ ଦେହ ପାଆ ଭଲ ନ ଥିଲେ ହାତଗୋଡ ଘଷିବାକୁ କିଏ ବା ଅଛି । ଏଣିକି ଦେହ ହାତ ଭଲ ରହୁନାହିଁ । କାମକୁ ବି ପାରୁନାହିଁ । ସେ ଦିନର ଭେଣ୍ଡିଆଗ ଯୁ ଆଉ କ'ଣ ଫେରିଆସିବ । ଝଙ୍କାଳିଆ ପତ୍ର ଗହଳରେ ପକ୍ଷୀମାନେ ସିନା ଆଶ୍ରୟ ନିଅନ୍ତି, ହେଲେ ପତ୍ରଝଡ଼ା ବୃକ୍ଷରେ କିଏ ବା ବସା ବାନ୍ଧିବ । ଟିକିଏ ବିଶ୍ରାମ କରି ଗଲିଯବା କଥା । ଏବେ ଦଶା ସେଇୟା । ଇଟାଭାଟିର ମାଲିକ ଆଉ ଆଗପରି ଆଦର କରୁନାହିଁ କି ମଜୁରି ବଢାଉନାହିଁ । କେବଳ ଦଣ୍ଡେ ଜିରିବା ସାର । ପେଟ ପୂରିଲେ ଖିରି ଗୋବର । ତାଳତ୍ ହଟିଲେ ସଉଁଏ ପର । ସ୍ୱାର୍ଥପର ସମାଜ । ଏଣିକି ମୁଣ୍ଡ ବୁଲାଉଛି । ଦି' ପାଉଟି

କାମ ଦୂରକଥା, ନିଜକଥା ସମ୍ଭାଳିବାକୁ ଅସମର୍ଥ । ଅଶୋକ ଅପେକ୍ଷା କଲା ନାହିଁ କାହାକୁ । କିଏ ବା ଅଛି ସେଠି । ଏଣେ ବର୍ଷବର୍ଷ ଧରି ଅପେକ୍ଷା କରିଥିଲା ସୁରମା ଅଶୋକ ବାଟକୁ । ବାଗବର୍ଷ କଟିଗଲେ ହିନ୍ଦୁଧର୍ମ ଅନୁଯାୟୀ ଅଲୋତା ହୁଏ ନିଜର ଲୋକ । ବୈଧବ ଦୋଷ ଲାଗେ ବିଚରା ସୁରମା ପରି ଅନେକ ମହିଳାଙ୍କୁ । ସ୍ୱାମୀଲୋକଟାକୁ ବାଧ କରାଯାଏ ସାତଜନମକୁ ସାକ୍ଷୀରଖି ପିନ୍ଧିଥିବା ପାଣିକାଚ ଓ ଅଗ୍ନିକୁ ସାକ୍ଷୀରଖି ହାତରେ ହାତ ଛନ୍ଦି ସ୍ୱାମୀଙ୍କ ହାତପିନ୍ଧା ସିନ୍ଦୁରକୁ ସବୁଦିନ ଲିଭାଇବାକୁ । ବଡ ଅସହ୍ୟ ଏସବୁ ଦୃଶ୍ୟ । ହୃତ ସ୍ପନ୍ଦନର ଆବେଗରେ ସୁରା ଏସବୁ ସହିନେଇଥିଲା । ଜୀବନର ଚଲାପଥର ବନ୍ଧୁର ରାସ୍ତାକୁ ଅତିକ୍ରମ କରିବାକୁ ହେଲେ ପଥର ପଡିଲେ ସହି । ରାସ୍ତାକଡରେ ଘାସବୁଝେନା ରାସ୍ତା କେତେ ଲମ୍ବା । କେତେକେତେ ଥୁଣ୍ଟାଗଛ ଠିଆ ହୋଇ ଘାସକୁ ଖତେଇ ହୁଅନ୍ତି । ସେଦିନର ଦେଢ ବର୍ଷର 'ଅମର' ହିଁ ସୁରମାର ସତ୍ତକ, ଭବିଷ୍ୟତ ଓ ସବୁକିଛି ।

ଅଶୋକ ଚାଲିଗଲା ପରେ କେଉଁ ଏକ ଅଜଣା ପେଟ ବେମାରିରେ ଶ୍ୱଶୁରଙ୍କ ପରଲୋକ । ବାରଘରେ ପାଇଟି କରି ପେଟ ରେ ଓଦାକନା ଦେଇ ଅମରକୁ ସମାଜରେ ଠିଆ କରାଇବା ହିଁ ତା'ର ମୁଖ୍ୟ ଦାୟିତ୍ୱ । ବେଶୀପାଠ ପଢିନଥିଲେ ମଧ୍ୟ ଅମର ବୁଝି ପାରେ ମା'ର ଆକୁଳ କ୍ରନ୍ଦନ, ମନକଥା । ମା'ର ପଣତକାନି ହିଁ ସାହା ଭରସା । ସେଇଯାକୁ ପାଥେୟ କରି ଅମର ଆଜି ପିତୃଦତ୍ତ ଜମିଜମାରେ କାମ କରି ବେଶ୍ ଦୁଇପଇସା ରୋଜଗାର କରି ପାରୁଛି ।

ଜନ୍ମଦାତ୍ରୀ ମାଆ ହିଁ ତା'ର ସାହା ଭରସା । ବାପାକୁ କେବେ କେମିତି ପିଲାବେଳେ ଚାହିଁ ଥାଇପାରେ । ହେଲେ ମନ ଆଇନାରେ କେବେ ଦେଖିନାହିଁ । ପ୍ରତିବିମ୍ବିତ ହୁଏ ନାହିଁ ବାପାଙ୍କ ଛବି ତା' ହୃଦୟରେ । ବାପାଙ୍କ କାହାଣୀ କହିଦିଏ ମାଆ । ଏର ମାଆମାନେ ହିଁ ବାପାଙ୍କ ପରିଚୟ ଦିଅନ୍ତି ପୁଅଝିଅଙ୍କ ପାଖରେ । ବିଚରା ଅଶୋକର ଇଚ୍ଛା ହେଉଥିଲା ପୁଅକୁ ଟିକେ କୋଡରେ ବସାଇ ଗଲେ ଜରିବାକୁ । ସମୟ କାରଣ କରୁଥିଲା । ତା' ହାତ ମୁହଁଆଡେ ହାତ ବୁଲାଇ ଟିକେ ଆଶୀର୍ବାଦ କରିବାକୁ । ଇଚ୍ଛା ହେଉଥିଲେ ବି ବିଦେଜ ବାଧା ଦେଉଥିଲା । ବେଳ ଗତି ଆସୁଛି । ସକାଳ ଖରାର ଛାଇର ଲମ୍ବ ଧୀରେ ଧୀରେ କମି ଆସୁଥିଲା । ପକ୍ଷୀମାନେ କେଉଁ ଆଡକୁ ଗତି କଲେଣି । କୁଆଟିଏ ଆମ୍ବଗଛରେ ବସି ଯାହା ରାଉରାଉ ହେଉଅଛି ସୁରମା ବାରମ୍ବାର ଶୁଣୁଛି ଅଶୋକକୁ । ଅଶୋକ ବି । କପାଳର ଭୂକୁଞ୍ଚନ ରେଖା ଲେଖି ଦେଉଛି ହୃଦୟ କାଗଜରେ ବିବେକର ପରିଭାଷା ନେଇ "ଅଶୋକ ଦାସ ଗାଁ କୁ ଫେରିଛି ।"

ଦୁଇଟା ନୀରବ ମନର ଯନ୍ତ୍ରଣାସିକ୍ତ ଆବେଗ ପରସ୍ପରର ନିକଟବର୍ତ୍ତୀ ହେବାକୁ ଲାଗିଛି ଯେମିତି ଧୂମକେତୁ ସୂର୍ଯ୍ୟ ନିକଟବର୍ତ୍ତୀ ହେଲାପରି । ଝଡକୁ ସାମ୍ନା କରି ଓଟ ବାଲୁକାସ୍ତୂପ ମଧ୍ୟରେ ଆଉଜି ଶୋଇଲା । ପରି ଦୁଇଟି ଅନ୍ତର ପରସ୍ପରର କୋହଭରା ଆବେଗକୁ ଚାପି ଦେଇ ନୂତନ ପୃଥିବୀକୁ ସୃଷ୍ଟି କରିବାକୁ ଚାହୁଁଛନ୍ତି । ଅମର ହିଁ ସେମାନଙ୍କ ସଂପର୍କର ସେତୁ । ସେଇ ସଂପର୍କକୁ ମଜଭୁତ କରିବା ପରେ ସେମାନେ ସତେ ଯେମିତି ବଦ୍ଧପରିକର ।

-o-

ସଂପାଦକ 'ରୂପାଲି'
ସ୍ୱପ୍ନେଶ୍ୱର ସାହିତ୍ୟ ସଂସଦ
ଓଡିଶା, ରସୁଲପୁର, ଯାଜପୁର
ମୋ-୯୯୩୭୮୩୮୩୦୯



ପତ୍ନୀଙ୍କ ଜୋତା ଚୋରି

ବାଇଧର ମାଝୀ

ସନ୍ନିପାତ ବାବୁଙ୍କ ମୁହଁଓଳା ଦୃଶ୍ୟକୁ ଦେଖି ନବବାବୁ ଆଶ୍ଚର୍ଯ୍ୟ ହୋଇଗଲେ । ଏମିତି ମୁହଁଓଳା ଦୃଶ୍ୟ କେବେବି ଦେଖି ନାହାଁନ୍ତି ଜଲୋନୀରେ ଘର ରହିବା ଦିନଠାରୁ । କ'ଣ ଏମିତି ହୋଇଛି ଯେ ସନ୍ନିପାତ ବାବୁ ସକାଳଟାରୁ ମୁହଁ ଓଳେଇବାକୁ ପଡିଲା । ସାଇକେଲରୁ ଓହ୍ଲାଇଲେ । ସନ୍ନିପାତ ବାବୁଙ୍କୁ ଚାହିଁଲେ । କିଛି ନ ପଚାରି ସାଇକେଲ ଚଢି ଚାଲିଗଲେ । ଘରଦାଣ୍ଡ କାନ୍ଥରେ ସାଇକେଲ ଡେରି, ଗୋଡହାତ ଧୋଇ ଘର ଭିତରକୁ ପ୍ରବେଶ କରୁ କରୁ ହୁରି ପଚାରିଲେ ଚେମି ବୋଉ-ଓରଫ ପତ୍ନୀ ମହୋଦୟଙ୍କୁ ।

ଚେମି ବୋଉ ପାଟିର ଦୁଇ କଡରୁ ବୋହିଯାଉଥିବା ପାନ ଛେପକୁ କୁରାଜାନିରେ ପୋଛି ପୋଛି ମାଡିଆସିଲେ ନବବାବୁଙ୍କ ପାଖକୁ । ଥୁ କରି ପାନଛେପଟାକୁ ପକେର ଦେଇ କହିଲେ-

ଚ'ଣ ପାଇଁ ଏତେ ଜୋରରେ ଡାକୁଥିଲ କହିଲା ?

ନବବାବୁ ଚେମି ବୋଉ ପାଖକୁ କହିଲେ- ଆମ ପାଖରେ ସନିପାତ ବାବୁ । ମୁହଁଟାକୁ ଓଜେଇ ଦାଣ୍ଡପିଣ୍ଡାରେ ବସିଛନ୍ତି । ଚ'ଣ ହେଉଛି ଜାଣିଛ କି ?

ଚେମିବୋଲି କାନିରେ ବାନ୍ଧିଥିବା ଆଉଖଣ୍ଡେ ପାନ ଚକରେ ଚାଜିଦେଇ କହିଲେ- ହଁ ମ ! ଟିକେ ଟିକେ ମୋ କାନରେ ବାଜିଛି । ତାଙ୍କ ସ୍ତ୍ରୀ ପୁଲେଇ । ଏମିତି ସ୍ତ୍ରୀଲୋକ ମୁଁ ବ୍ରହ୍ମାଣ୍ଡରେ ଦେଖିନି । ନବବାବୁ ସାମାନ୍ୟ ବିରକ୍ତ ହୋଇ କହିଲେ- ଆରେ ଚ'ଣ ହୋଇଛି । କୁହ । ନବବାବୁଙ୍କ ପାଟିରୁ କଥା ସରିଲା ପୂର୍ବରୁ କହିଲେ ହବ ଆଜ ଚ'ଣ ବା । ମନ୍ଦିରକୁ ମ୍ୟାତାମ ଯାଇଥିଲେ । ଜୋତା ଚୋରି ହୋଇଗଲା । ସନ୍ନିପାତ ବାବୁଙ୍କର ଦୋଷ ଚ'ଣ ? ଗୋଇପୁରାଣ ଚାଡି, ଜଂସା ଚାଟିଆ ଫୋପାଡି, ବାପ ଘରକୁ ପାର । ଆଜ୍ଞା ତମେ କହିଲ ମନ୍ଦିରକୁ ଫେସନ ହୋଇ ଯିବା ଚ'ଣ ଦରକାର । ନୂଆ ଲୁଗା, ନୂଆ ବ୍ଲାଉଜ, ନୂଆ ଜୋତା ଠାକୁର ଚ'ଣ ଫେସନ୍ ପ୍ରତିଯୋଗିତା କରୁଛନ୍ତି । ଛି ଛି ବେସରମି କୋଉଠିକାର । ଧାର ଗଳାରେ କହିବା ଭିତରେ ନବବାବୁ ପୁଣି ବିରକ୍ତି ହୋଇ କହିଲେ- ତମେ କୋଉ ଭଲ ଲୋକଟାଙ୍କି । ଝିଅ ପାଇଁ ଭଲ ଜୋତା ହବେ ଆଣିଲି ବୋଲି ତମେ ବା ଅତି ବସିଛ । ତମର ନାହିଁ ବୋଲି । ସଙ୍ଗେ ସଙ୍ଗେ ଯାଉ ତମ ପାଇଁ ଜୋତା ହବେ ଆଣିଲି । ତମେ କ'ଣ ବଡ ବଡ କଥା କହୁଛ । ନବବାବୁଙ୍କ ପାଟିରୁ କଥା ସାରିବା ପୂର୍ବରୁ ପତ୍ନୀ ମହୋଦୟା ମୁହଁକୁ ବୁଲେଇ ପାଟିରେଥିବା ପାଟିଏ ପାନ ଛେପଜୁ ଥୁ କରିଦେଇ ଦୁମ୍ ଦୁମ୍ ହୋଇ ଚାଲିଗଲେ ଘର ଭିତରକୁ ।

ନବବାବୁ ପତ୍ନୀଙ୍କର ଯିବା ବାଟକୁ ଚାହିଁ ମୁହଁ ଫେରାଇ ଆଣି କହିଲେ-ଆଜି ଆଉ ରୋଷେଇ ହବନି । ହୋଟେଲରେ ଖାଇବାକୁ ପଡିବ । ମଣିଷ ଯେତେ ନିରବ ରହିବ, ସେତେ ଭଲ । ପରିବାର ଠାରୁ ବାହାର ପର୍ଯ୍ୟନ୍ତ ସମସ୍ତେ ଭଲ କହିବେ । ଖାଲି ଟିକେ ମୁହଁ ଖୋଲିଦେଲେ ସବୁ ସରିଗଲା । ଛାତରୁ ସବୁ ତ ଭାଗ୍ୟର ଦୋଷ । ନବବାବୁ ଗୋଟିଏ ଦୀର୍ଘ ନିଶ୍ୱାସ ମାରି କହିଲେ-ଯାଏ ସନିପାତ ବାବୁଙ୍କ ଘର ଆଡେ ଟିକେ ବୁଲିଆସେ । ବିଷୟା ନିରାହ ଲୋକଟା କହିଦେଇ ନବବାବୁ ସାଇକେଲ ଧରି ଚାଲିଗଲେ ।

ସନିପତିଆବାବୁ ଘର ଭିତରେ କ'ଣ କାମ କରୁଥିଲେ । ହଠାତ୍ କିଏ ଜଣେ ତାଳିବାର ଶବ୍ଦ ଶୁଣି କବାଟ ଖୋଲି ବାହାରକୁ ଆସି ଦେଖିଲା ବେଳକୁ ନବବାବୁ । ବୟସରେ ବଡ, ଗୋଟାଏ ନମସ୍କାର ପକାଇ ଘର ଭିତରକୁ ତାଳିନେର ଚେୟାରରେ ବସାଇଲେ । ପାଣି ଗ୍ଲାସ ଦେଇ କହିଲେ- ଭାଇ ଆପଣ ଟିକେ ବସନ୍ତୁ । ମୁଁ ଚା ଦୁଇକପ ଜଗି ନେଇଆସେ । ଦୁଇ ଭାଇ ସାଙ୍ଗ ହୋଇ ପିଇବା । ସନିପାତିଆ ବାବୁ ଚାଲିଗଲେ ଚା ଜରିବା ପାଇଁ ରୋଷେଇ ଘର ଭିତରକୁ । ନବବାବୁ ମନେ ମନେ ବସି ଚିନ୍ତାକଲେ- ମାନିବାକୁ ପଡିବ ସନିପାତିଆ ବାବୁଙ୍କୁ । ତିନି ତିନିଟା ଛୁଆଙ୍କ ରୋଷେଇ କରି ଖାଇବାକୁ ଦେବା ଜିଛି ଗୋଟେ ଛୋଟିଆ କଥା ନୁହେଁ । ସେଥିରେ ପୁଣି ଘରର ଯାବତୀୟ କାମ । ଘର ଭିତରୁ ବାହାର ପର୍ଯ୍ୟନ୍ତ ।

ଠିକ୍ ଏହି ସମୟରେ ପ୍ରବେଶ କଲେ ଗରମ ଗରମ ଚା' ଧରି ସନିପାତିଆ ବାବୁ । ଚା' ଟିପଏ ଉପରେ ଥୋଇ ନବବାବୁଙ୍କୁ ହାତକୁ ବଢାଇ ଦେଲେ । ନବବାବୁ ଚା ଗୋଟିଏ ସୁଡୁକା ମାରିବା

ଭିତରେ ସନିପାତିଆ ଭାଇ ? ଚା କପ୍‌ଟାକୁ ଥୋଇ ଦେଇ ନବବାବୁ କହିଲେ କୁଆଡେ କେମିତି କ'ଣ ? ମୁଁ ହେଲି ପଡିଶା ଘର । ବିପଦ ବେଳେ ପାଖରେ ଛିଡା ହେବା ନିହାତି ଜରୁରୀ । ଭୁଲ କହିଲି ?

ସଙ୍ଗେ ସଙ୍ଗେ ସନିପାତିଆ ବାବୁ କହିଲେ- ନାହିଁ ଭାଇ , ଠିକ୍ କହିଲେ । ହେଲେ ମୋତେ ତ ସେମିତି କିଛି ବିପଦ ନାହିଁ ।

ନବବାବୁ ସନିପାତିଆ ବାବୁଙ୍କ ମୁହଁକୁ ଚାହିଁଲେ ।

ଚା ସଟାସଟ ଦୁଇଚାରି ସୋତକା ମାରି କହିଲେ- କୁମ୍ଭୀର ନେଇ ମଛ ନଈରେ ଜଲାଣି ତମେ ଭାବିଛ ମୁଁ କିଛି ଜାଣିନି । କଥା ଦାଣ୍ଡରେ ପଡି ହାଟରେ ଗଡିଲାଣି । ଯାହା ଘରକୁ ଗଲେ ସ୍ୱାମୀ-ସ୍ତ୍ରୀ ବସି ତମରି ବିଷୟରେ ଟୁପୁରୁଟାପୁରୁ ଜୋତା ଚୋରିକୁ ନେଇ ତମ ସ୍ତ୍ରୀ ତମକୁ ମାରି ବାପଘରକୁ ପାର । ତମେ ଭାବିଛ ସେହିଜାଣି ନାହାନ୍ତି । ଚାଳ ଆଉ ଡେରି କରନି । ଆମେ ସେ ମନ୍ଦିର ପାଖକୁ ଯାଉ ଆଉ ଥରେସେ ଜୋତାକୁ ଖୋଜିବା ।

ସନିପାତିଆ ବାବୁ କୁନ୍ଥୁ କୁନ୍ଥୁ ହେଉଥିଲେ ବି ନବବାବୁଙ୍କ ସାଙ୍ଗରେ ଚାଲିଲେ ଜୋତା ଅନୁସନ୍ଧାନରେ- ଏମିତି ସେମିତି ସେ ଜୋତା ନୁହେଁ । ସେ ଜୋତା ପାଇଁ ଦୁଇଦିନ ରୋଷେଇ ହେଇନି ଘରେ । ତିନିଦିନ ବେଳକୁ ବାପରାଣେ ଢିଙ୍କି ଗିଲିଲା ପରି ଛଅଟା ଦୋକାନ ବୁଲିଲା ପରେ ସାତ ନମ୍ବର ଦୋକାନରୁ ଜୋତା ମିଳିଲା । ପଚାଶ ଶହେ ଟଙ୍କା ନୁହେଁ ବାରଶହ ପଚାଶ ଟଙ୍କା ଥିଲା ତା'ର ଦାମ । ଏସବୁ ଭାବିବା ଭିତରେ ପହଞ୍ଚି ଯାଇଥିଲେ ମନ୍ଦିର ପାଖରେ । ସନିପାତିଆ ବାବୁ ମୁଣ୍ଡିଆ ମାରି, ମନ ଭିତରେ ଥିବା ଦୁଃଖକୁ ମନେ ମନେ ଓଗାଳିଲେ । ମନ୍ଦିର ବେଢାର ଚାରିକଡ ବୁଲି ଜୋତା ଖୋଜିବା ଆରମ୍ଭ କରିଦେଲେ । ବସିଥିବା ଭିକାରୀମାନଙ୍କ ଚୋରି ହୋଇଥିବା ଜୋତା କଥା ପଚାରିଲେ । ଭିକାରୀମାନେ ନିଜ ନିଜ ଭିତରେ ଚାହିଁ ଚାହିଁ ହେଇ ଏମିତି ହସିଲେ ଯେ, ନବବାବୁ ଆଉ ସନିପାତିଆବାବୁ କିଛି ନ କହି ଲାଜରେ ଚଳିଯିବା ସମୟରେ ଜଣେ ଭିକାରୀ ତା' ଗୋଡ଼ରେ ପିନ୍ଧିଥିବା ଅଧାଛିଡ଼ା ଜୋତାକୁ ଦେଖେଇ କହିଲା- ଆଜ୍ଞା, ଏଇ ଜୋତାଟା ନୁହେଁତ ! ଦୁଇଜଣ ଯାକ ପଛକୁ ଫେରି ଦେଖିଲେ ଛିଡ଼ା ଜୋତାଟିଏ । ନିଜକୁ ଭାରି ଇଚ୍ଛା ଅନୁଭବ କରେ । ସେଠାକୁ ପଳେଇ ଆସି ମନ୍ଦିର ପାଖରେ ବସିଥିବା ମାଲିଠାରୁ ଭୋଗ ଦୋକାନ ପର୍ଯ୍ୟନ୍ତ ସମସ୍ତଙ୍କୁ ଜୋତାର ସଂପୂର୍ଣ୍ଣ ବିବରଣୀ ଦେଲେ । ହେଲେ ଜୋତାର କୌଣସି ସନ୍ଧାନ ମିଳିଲା ନାହିଁ । ପତ୍ନୀଙ୍କର ଏହା ଜିଦ୍ ସେହି ଜୋତା ଦରକାର । କ'ଣ କରିବେ ସନିପାତ ବାବୁ । ଭାବି ଭାବି ମନ୍ଦିର ବେଢ଼ାରେ ବସିପଡ଼ିଲେ-ହଠାତ୍ ଆଖିଟା ପଡ଼ିଗଲା ଜଣେ ସୁନ୍ଦରୀ ମହିଳାଙ୍କ ପାଦ ଉପରେ । ପତ୍ନୀଙ୍କର ଜୋତାପରି ଦିଶୁଛି । ପଛକୁ ଡାଙ୍କି, ପାଖକୁ ଯାଇ କହିଲେ-ମାଡ଼ାମ । ଆପଣ ପିନ୍ଧିଥିବା ଜୋତାଟା ମୋ ପତ୍ନୀଙ୍କର । ଆପଣ ଜୋଉଠୁ ପାଇଲେ ? ମାଡ଼ାମ୍ ବାବୁଙ୍କ ଗାଲରେ ଗୋଟାଏ ଶକ୍ତ ଝପୁଡା ଦେଇ କହିଲେ- ପାଦ କରୁଛି । ସେମିତି ବ୍ୟବହାର କାହାକୁ କରନି । ଗୋଟେ ବି ତଳେ ପଡ଼ିବନି । କହି ଦେଇ ଚଲିଗଲେ...

ସନିପାତିଆ ବାବୁ ଗାଲକୁ ଆଉଁସିବା ଭିତରେ ଚଇଁରହିଲେ ମାଡାମ୍ ଅଦୃଶ୍ୟ ହେବା ପର୍ଯ୍ୟନ୍ତ । ନବବାବୁ ପଛରୁ ଆସି କାନ୍ଧରେ ହାତଥୋଇ କହିଲେ- ଚଲ ସେହିଭଳି ଜୋତା ହଜେ ବଜାରରୁ ଖୋଜି ଖୋଜି କିଣିଦେବା ।

ସନିପାତିଆ ବାବୁ ହାତରେ ଲୁହ ପୋଛିବା ଭିତରେ ଦେଖିଲେ- ମନ୍ଦିର ବେଢ଼ାର କଡ଼ରେ କୁଢ଼ା ହୋଇଥିବା ଅଳିହା କଡରେ ଜୋତା ହଜେ ପଡ଼ିଛି । ସିନିପାତିଆ ବାବ ଦୌଡ଼ି ଯାଇ ତଳୁ ଜୋତା ଉଠେଇ ଆଣି ବାରମ୍ବାର ଦେଖିଲେ ସେହି ଜୋତାଟା । ଆନନ୍ଦରେ ରଦ୍‌ଗଦ୍ ହୋଇ କହିଲେ- ଭାଇ ଜୋତା ମିଳିଗଲା । ମିଳିଗଲା ଜୋତା... ।

—o—

ସଂପାଦକ, "ଆଜ୍ଞା ନମସ୍କାର"
ପାଟୁଳି, ଯାଜପୁରରୋଡ଼
ମୋ- ୯୩୪୮୯୦୦୩୨୯

ଜୀବନର ଦୋଛକିରେ..

କୁମାର ସୁବ୍ରତ ଦାଶ

ଜୀବନ ଏକ ଚଲାପଥ । ଗଲୁଥିବା ନାମ ଜୀବନ । ଯେଉଁଠି ଥଟ୍ଟେଇବା ଜୀବନ ଜାଣ କୁଡ଼ିଗଲା ଦିବାକର । ଅସ୍ତମିତ ହେଇଯାଏ ପାଣ୍ଡୁଝର ସୁରୁଚ । ଜୀବନରେ କେବେ କେବେ ଏହିଭଳି ଅପ୍ରତ୍ୟାଶିତ ପରିସ୍ଥିତି ସୃଷ୍ଟି ହେଇଥାଏ କିନ୍ତୁ ତାକୁ ସମାଧାନ କରିବାର ରାସ୍ତା ବହୁତ ଯନ୍ତ୍ରଣାଦାୟକ ହେଇଥାଏ ।

ସମୟ ସ୍ରୋତରେ ମୁଁ ବି ଦିନେ ଏହି ଦୋଛକି ରାସ୍ତାରେ ନିଜକୁ ଆବିଷ୍କାର କରିଥିଲି ସେତେବେଳେ, ଯେତେବେଳେ ମୁଁ ମୋ ବୋଉକୁ ଅତି ସାଙ୍ଘାତିକ ଅବସ୍ଥାରେ ଅଶ୍ୱିନୀ ହସ୍ପିଟାଲରେ ଆଡ୍‌ମିଟ୍ କରିଥିଲି । ଡାକ୍ତରମାନେ ବୋଉକୁ ଆଇ.ସି.ୟୁରେ ଚିକିତ୍ସା ଅଧୀନରେ ଦିନ ପରେ ଗଡ଼େଇ ଚଲିଥାନ୍ତି ଆଉ ଖବର କରୁଥାନ୍ତି କି ପେସେଣ୍ଟ ଆରୋଗ୍ୟ ହେବାର କୌଣସି ଲକ୍ଷଣ ଲାଗୁନି ବରଂ ବୋଉ କୋମା ଅବସ୍ଥା ଆଡକୁ ଗତି କରୁଛି । ପୁଣି କେତେବେଳେ ମେସେଜ୍ କରୁଥାନ୍ତି କି ଯଦି ପେସେଣ୍ଟର ଭେଣ୍ଟିଲେଟର ଖୋଲିଦିଆଯାଏ ତେବେ ପେସେଣ୍ଟ ଚଲିଯାଇପାରେ.... ଏପରି ପରିସ୍ଥିତିରେ ମୁଁ କ'ଣ କରିବି .... ନ କରିବି କିଛି ନିଷ୍ପତ୍ତି ନେଇପାରୁନଥାଏ । ଏଣେ ବଳକା ଅର୍ଥ ବି ସରି ସରି ଆସୁଥାଏ କାରଣ ୪ ଲକ୍ଷ ଖର୍ଚ୍ଚ ହୋଇସାରିଲାଣି ସେତେବେଳକୁ ଆଉ ଅର୍ଥର ବିକଳ୍ପ ବ୍ୟବସ୍ଥା ବି କେଉଁଠି ହେଇପାରୁନଥାଏ କାରଣ ଆଉ ଆମ ପାଖରେ କିଛି ହିଁ ନଥିଲା । ଏଇତ, ଏଇ କିଛି ଦିନ ହେଲା ମାନେ ଏଇ ପନ୍ଦର ଦିନ ହେଲା ବାପା ବି ଆମକୁ ଛାଡ଼ି ଚଲିଯାଇଛନ୍ତି ସ୍ୱର୍ଗଧାମକୁ । ତାଙ୍କର ଅନ୍ତ୍ୟେଷ୍ଟି କର୍ମରେ ଅନେକ କିଛି ଖର୍ଚ୍ଚ ହେଇସାରିଛି... ଆଜ କଣ ଅଛି ଯେ ଆମ ପାଖରେ ବୋଉକୁ ନିର୍ଜୀବ ଅବସ୍ଥାରେ ମେଡ଼ିକାଲ୍‌ରେ ବଂଚେଇ ରଖିପାରିବୁ, କେବଳ ଭିତରେ ଭିତରେ ଗୁମୁରି ଗୁମୁରି କାନ୍ଦି ଭଗବାନଙ୍କୁ ଦୁଃଖ ସମର୍ପଣ କରିବା ଛଡ଼ା ଆଉ ଅନ୍ୟ କିଛି ରାସ୍ତା ପ୍ରାପ୍ତ ହେଉନଥାଏ... ।

ବୋଉକୁ ବେଡ୍ ଉପରେ ମୃତ୍ୟୁ ସହ ଯନ୍ତ୍ରଣାଦାୟକ ସଂଗ୍ରାମ ଅବସ୍ଥାରେ ଦେଖି ସହି ବି ହେଉନଥାଏ । ବୋଉ ଭଲ ହେଉଛି ନା ବୋଉ ମରୁଛି.... ଜୀବନରେ ଏହିଭଳି ଦୋଛକି ପରିସ୍ଥିତିରେ ମୁଁ କଣ କେହି ବି ସଠିକ୍ ନିଷ୍ପତ୍ତି ନେବା ଖୁବ୍ କଷ୍ଟଦାୟକ ନିଶ୍ଚିତ । ଯେହେତୁ ବୋଉ ଭଲ ହେବାର ପ୍ରଶ୍ନ ହିଁ ନଥିଲା କାରଣ ମଣିଷରୂପୀ ଭଗବାନ ଡାକ୍ତରମାନେ ବି ହାତ ଟେକି ଦେଇଥିଲେ । ଶେଷରେ ଗୋଟେ ଭୀଷ୍ମ ଶପଥ ନେଲା ପରି ନିର୍ବିକାର ରୂପେ ଆକୁଳେ ବିକଳେ ଜଗନ୍ନାଥଙ୍କୁ ମୋ ବୋଉର ଯନ୍ତ୍ରଣାମୁକ୍ତ ମୃତ୍ୟୁ ହିଁ ମାଗିଲି ... ।

—o—

ବୈତରଣୀ ରୋଡ଼, ଯାଜପୁର
ମୋ- ୮୨୪୯୪୦୦୫୬

ବୋଉର ଖତାରାଇ

ଖାରବେଳ ମହାନ୍ତି

ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖରୁ ପଖାଳ ଦିବସ ବୋଲି ପାଳନ ଜରାହେବକି ଜିଛି ବର୍ଷ ଧରି, ଯାହାର ନାମ କରଣଟି ପାଞ୍ଚ ଛଅ ବର୍ଷ ଆଗରୁ ଦିଆ ହୋଇଛି ବୋଲି ଏ ଲେଖକଟି ଅନୁମାନ କରୁଅଛି । ଲେଖକଟିର ବୟସ ଅଶୀବର୍ଷ ଅତିକ୍ରମ କରିବାକୁ ବସିଲାଣି ଜିନ୍ତୁ ଏହି କେତେ ବର୍ଷ ହେବ ବର୍ଷର ବିଭିନ୍ନ ଦିନରେ ବିଭିନ୍ନ ପ୍ରକାରର ନାମକରଣ ଦିଆ ହେଉଛି ଏବଂ ଏ ସବୁଦିନ ଗୁଡ଼ିକ ଖୁବ୍ ଆଡମ୍ବର ସହକାରେ ପାଳନ କରାହେଉଛି । ଦୃଷ୍ଟାନ୍ତ ସ୍ୱରୂପ "ପ୍ରେମ ଦିବସ", "ପିତାଙ୍କ ଦିବସ", "ମାତୃ ଦିବସ", "ଶ୍ରମିକ ଦିବସ", "ବନ୍ଧୁତା ଦିବସ", "ବରିଷ୍ଠ ନାଗରିକ ଦିବସ", "ଡାକ୍ତର ଦିବସ", "ମଧୁମେହ ଦିବସ", "ଶିଶୁ ଦିବସ" ଇତ୍ୟାଦି ଇତ୍ୟାଦି । ଉପରୋକ୍ତ ଦିବସ ମଧ୍ୟରୁ ଶିଶୁ ଦିବସ, ଶ୍ରମିକ ଦିବସ, ସାଧାରଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ ଏହି କେତେଗୁଡ଼ିଏ ଦିବସ ମଧ୍ୟରୁ ଆମ୍ଭେ ଆମର ହେରୁ ପାଇବା ଦିନଠାରୁ ଶୁଣି ଆସୁଥିଲୁ ତଥା ପାଳନ ପ୍ରାୟ କରୁଥିଲୁ । କିନ୍ତୁ ଆଜିକାଲି ପ୍ରାୟତଃ ବିଦେଶରୁ ଅନୁସରଣ କରିଥିବା ବିଭିନ୍ନ ପ୍ରକାରାଳନର ଦିବସ ଗୁଡିକ ପ୍ରାୟ ବର୍ଷର କୌଣସି ନାଁ କୌଣସି ଦିନ ଗୁଡ଼ିକରେ ପାଳନ କରାଯାଏ ଏବଂ ଏହି ପାଳନ ବିଷୟରେ ପ୍ରାୟ ଅନେକ ପ୍ରମୁଖ ସମ୍ବାଦପତ୍ର ତାହାଭାବେ ପ୍ରଥମ ପୃଷ୍ଠାରେ ପ୍ରକାଶିତ କରି ଥାଆନ୍ତି । ସେ ଯାହା ହେଉ ପଖାଳ ଦିବସ ଦିନ ପଖାଳ ଖାଉ ଖାଉ ମନେ ପଡ଼ିଲା ମାନସ ବାବୁଙ୍କର ବୋଉ କଥା । ଆଖିରେ ଆଖିଏ ଲୁହ ତଥା ହୃଦୟ ଭିତରର ଅସଂଖ୍ୟ କୋହ ଭିତରେ ପଖାଳ ଖାଉ ଖାଉ କେଇ ବୁନ୍ଦା ଲୁହ ପଖାଳ ଭାତ ସହ ବୋଉ ବାନ୍ଧିଥିବା ଖଡ଼ା ରାଇର ସ୍ୱାଦ ଭିତରେ ପେଟକୁ ଚାଲିଗଲା ସିନା କିନ୍ତୁ ତା ପର ପଖାଳ ଗୁଣ୍ଡାଟା ଆଉ ପେଟ ଭିତରକୁ ଗଲା ନାହିଁ । ମନେ ପଡ଼ିଗଲା ମାନସ ବାବୁଙ୍କର ବୋଉର ସ୍ନେହବୋଳା କଥା ଗୁଡ଼ିକା ଆରେ, ଖରାଟାରେ ଆସିଛୁ, ପଖାଳ ଗଣ୍ଡେ ଖାଇଦେ, ଜେତେବେଳୁ ଯାଇଥିଲୁ ଜ'ଣ ଟିକେ ଖାଇଦେଇ ଜାମକୁ, ବେଳ ଆସି ଏତେ ହେଲାଣି, ତୋ ପେଟ ପଶିଗଲାଣି ଡୋକରେ, ଦେ ଜଲ୍‌ଦି ହାତ ଧୋଇ ବସ୍, ମୁଁ ପଖାଳ ଗଣ୍ଡେ ବାଢ଼ି ଦେଉଛି, ଜଲ୍‌ଦି ଜଲ୍‌ଦି ବଡ଼ ବଡ଼ ଗୁଣ୍ଡା କରି ପଖାଳ ଖାଇଦେ । ଏହା ଶୁଣି ମାନସ ବାବୁ ବୋଉଙ୍କୁ କହିଲେ ବୋଉ ପଖାଳ ଗଣ୍ଡିଏ ବାଢ଼ି ଦେ ମାଟି ହାଣ୍ଡିରୁ ତୋରାଣି ସହ ଏବଂ ତା ସହିତ ଖତାରାଇ, ବଡ଼ିଚୁରା, ଆଳୁଭଜା, ଶାଗଭଜା, ପଣସ ମଞ୍ଜିର ଚଟଣୀ, ଆମ୍ବୁଲ ଓ କଞ୍ଚା ଲଙ୍କା ଚକଟା ଏ ସବୁକୁ ଦେଖି ପଖାଳ କଂସାଟା କିପରି ପେଟ ଭିତରକୁ ଯାଇ ହାକୁଟି ଉଲିଆସେ ତାହା ଜାଣି ପାରନ୍ତି ନି ମାନସ ବାବୁ ।

ଏହା ଭିତରେ ଅନେକ ବର୍ଷ ବିତିଗଲାଣି ସମୟର ସ୍ରୋତରେ । ଗାଁରୁ ଆସି ସହରରେ ବସବାସ କରିଗଲେଣି ମାନସ ବାବୁ ଅନେକ ଦିନରୁ.... କଦବା ଥରେ ଅଧେ ଗାଁକୁ ଗଲେ ମାନସ ବାବୁଙ୍କ ବଡ଼ ବାପାଙ୍କର ପୁଅ ପାଙ୍ଗରେ ତଥା ତାଙ୍କ ପରିବାରବର୍ଗଙ୍କ ସହ ଦେଖା ହୁଏ ଏବଂ ବିଭିନ୍ନ ପ୍ରକାରର କଥାବାର୍ତ୍ତା ହେଉ ହେଉ ମାନସ ବାବୁଙ୍କର ସହରକୁ ଆସିବାର ସମୟ ହୋଇଯାଏ ଏବଂ ସେ ଉଲି ଆସନ୍ତି ସେହି ସହରକୁ ଯେଉଁଠାରେ କି ନ ଥାଏ ପରସ୍ପର ପ୍ରତି ସ୍ନେହ, ଶ୍ରଦ୍ଧା ବା ଆତ୍ମୀୟତା । ଛଳନାରେ ଭରି ରହିଥାଏ ସହରୀ ଜୀବନ । ଏ ଘରର ଲୋକ ସେ ଘରର ଲୋକକୁ ଚିହ୍ନେନା, ଜାଣେନା । ସବୁ ଖାଲି ଏଠି ଯାହା କୃତ୍ରିମତା, ଛଳନା ଭିତରେ ବଞ୍ଚି ରହେ ମନୁଷ୍ୟ । ଜୀବନରେ ଆଶା ଆଉ ଆକାଂକ୍ଷାର ମରୀଚିକା ପଛରେ ଗୋଡ଼ାଇଲା ଭିତରେ ଅନ୍ତ ହୋଇଯାଏ ଜୀବନର ରଙ୍ଗମଞ୍ଚରେ ଅଭିନୟ ଭିତରେ । ତଥାପି ଜାହିଁକି କେଜାଣି ସହରୀ ଜୀବନ ଲୋଭରେ ବଞ୍ଚି ରହିବାକୁ ଲୋକେ ଧାଇଁ ଆସିଥାଆନ୍ତି ସହରକୁ । ସହରକୁ ଆସି ନିଜ ଘରର ଦରଜାର ଜଞ୍ଜିରକୁ ବଜାଉ ଦେଲେ ମାନସ ବାବୁ, ପତ୍ନୀ ଖୋଲିଦେଲେ ଦରଜାକୁ । ଦରଜା ଖୋଲୁ ଖୋଲୁ ମାନସ ବାବୁ ବସି ପଡ଼ିଲେ ତାଙ୍କ ଘର ଡ୍ରଇଂ ରୁମ୍‌ର ସୋଫା ଉପରେ ଏବଂ ଡ୍ରଇଂ ରୁମ୍‌ର ସିଲିଂ ଫ୍ୟାନ୍‌ଟିର ସ୍ପିଡ୍‌କୁ ବଢ଼ାଇ ଦେଲେ ଖୁବ୍ ଜୋରରେ ଏବଂ ପତ୍ନୀଙ୍କୁ ଅନୁରୋଧ କଲେ

ଗ ଜପ୍‌ଟିଏ ଦେବା ପାଇଁ । ଏହା ଭିତରେ ଖୋଜି ବୁଲୁଥିଲେ ତାଙ୍କର ବିତାଇଥିବା ଗ୍ରାମ୍ୟ ଜୀବନ ତଥା ସ୍କୁଲ ଜୀବନ । ମନର ମାନସ ପଟରେ ଖୋଜି ବୁଲୁଥିଲେ ତାକୁ । ଆଃ... କି ସୁନ୍ଦର ଜୀବନ, ବାପା ବୋଉଙ୍କର କଠୋର ଶାସନ ଭିତରେ ସେମାନଙ୍କ ହୃଦୟ ଭିତରେ ଥିବା ସ୍ନେହ, ଶ୍ରଦ୍ଧା, ମମତା, ଛଳପାଇବା ସବୁ ବାରି ହୋଇ ପଡୁଥିଲା ସବୁ ସମୟରେ । ବୋଉ କାନ ଧରି ଆକଟ କରିବା କଥା, ପର ମୁହୂର୍ତ୍ତରେ ସ୍କୁଲରୁ ଫେରିବା ପଥକୁ ଅପେକ୍ଷା କରିବା । ସ୍କୁଲରୁ ଫେରିବା ପଥରେ ଖେଳି ଖେଳି ଆସୁଥିବା ଏବଂ ମୁହଁରୁ ଝାଳ ବୋହୁଥିବା ଝାଇଙ୍କୁ ତାର ପଣତ କାନିରେ ପୋଛୁ ପୋଛୁ ବହି ବସ୍ତାନିଟିକୁ ଠିକ୍ ଭାବରେ ତାଙ୍କର ହାତରୁ ନେଇ ପଡ଼ାଘରେ ରଖିବା ଏବଂ ତାଙ୍କ ହାତ ଗୋଡ଼ ଧୋଇ ଦେଇ ମୁଢ଼ି ଗଣ୍ଡିଏ ବା ବୁଢ଼ା ଉଜା ଗଣ୍ଡିଏ ତାଙ୍କ ହାତରେ ଦେବା । ହଠାତ୍ ପତ୍ନୀଙ୍କ ଡାକରେ ପ୍ରକୃତିସ୍ଥ ହୋଇ ପଡ଼ିଲେ ମାନସ ବାବୁ ପଦ୍ମକଥା ଗୁଡ଼ିକ କେତେବେଳେ ମନେ କରୁ କରୁ ଆଖିଟା ଯେ ଓଦା ହୋଇ ଯାଇଛି ତାହା ଜାଣି ପାରି ନାହାଁନ୍ତି । ମୁହଁଟାକୁ ରୁମାଲରେ ପୋଛୁ ପୋଛୁ ଗ' ପିଇବାକୁ ଆରମ୍ଭ କଲେ ମାନସ ବାବୁ ।

—୦—

ବଡ଼ମଙ୍ଗଳପୁର, ଧର୍ମଶାଳା, ଯାଜପୁର
ବର୍ତ୍ତମାନ ରହଣୀ: ଆର୍ଯ୍ୟପଲ୍ଲୀ, ଘରନମ୍ବର- ୨୭
ଫେଜ୍ ୨, କିଟ୍ କଲେଜ ରୋଡ୍, ପୋ.ଅ- କିଟ୍ କ୍ୟାମ୍ପସ୍
ପିନ୍- ୭୫୧୦୨୪, ଭୁବନେଶ୍ୱର
ଦୂରଭାଷ: ୭୯୭୮ ୧୩୨୯୧୧

ଏଇ ସହରରେ

ଅଙ୍କିତ ସାହୁ

ବାହା ତିନିଦିନ ପୂର୍ବରୁ ଅନୁ କୌଣସି ପ୍ରକାର ଏକ ହୋଟେଲ୍‌କୁ ଡାକିପାରିଲା । ରୋହିତ ଏକଦମ୍ ତାକୁ ଚାହିଁରହିଲା । କଥାର ଆରମ୍ଭ ସେ କେଉଁଠୁ କରିବ ଭାବି ପାରୁନଥିଲା । 'ରୋହିତ ଏଇଟା ମୋ ବାହାଘର ନିମନ୍ତ୍ରଣ ପତ୍ର ।' ବଡ କଷ୍ଟରେ ସେତିକି କହିପାରିଲା । 'ଅନୁ କ'ଣ ଏ ବାହାଘର ତୋ' ଇଚ୍ଛାରେ ହେଉଛି ?' ରୋହିତ ଅନୁର ହାତ ଉପରେ ହାତ ରଖି ପଚାରିଲା । ଅନୁ ଯେମିତି ଲୋହିୟା ମାର୍କେଟରୁ ବାହାରିଛି, ସେଦିନ ଅନୀଲ ପୁଣି ଦେଖାଗଲା । ସେ ଏକ ଆଚ୍ଛଆଳ ଦେଇ ଶୀଘ୍ର ଖାଇ ଘରକୁ ଚଲିଆସିଲା । ଯେମିତି ତାକୁ ଅନୀଲ ନ ଦେଖୁ । ପୁଣି ଭାବିଲା ଦେଖିଦେଲେ କ'ଣ କରଥାଆନ୍ତା । ତଥାପି କେଜାଣି କାହିଁକି ଅନୀଲକୁ ଦେଖିଲେ ଏକ ପ୍ରକାର ଅସୁବିଧା ସୃଷ୍ଟି ହେଉଛି ତା ମନରେ । ମନ ଘୃଣାରେ ଭରି ହୋଇଯାଇଛି । ସେ ଶୀଘ୍ର ଘରକୁ ଫେରିଆସିଲା ।

"ବିବି ଚା' ଆଣିବି" ? ଚାକରାଣୀର ସ୍ୱର ଥିଲା । ଅନୁ ରଜୋକୁ ନ ଦେଖି ମୁହଁ ହଲେଇ ହଁ କଲା । ପୁଣି ସେ ମନ ଭିତରେ ଭାବିଲା ମୋତେ ଏବେ ସହଜ ହେବାକୁ ହେବ । ରୋହିତର ଆସିବା ସମୟ ହୋଇଗଲା । ରୋହିତ ସବୁବେଳେ ତାକୁ ହସ ହସ ମୁହଁରେ ଦେଖିବାକୁ ଚାହୁଁଛି । ଦଶବର୍ଷ ପୂର୍ବର ରୋହିତ, ଏବେ ବି ସେହିଭଳି । ସେ ରୋହିତ ପ୍ରତି କେବେ ଆକର୍ଷିତ ହୋଇଥିଲା ! ତା'ର ଏତେ ମନ ନାହିଁ । ହଁ ବୋଧେ ଯେବେ ସେ ଇଣ୍ଟରମିଡିୟଟ୍‌ରେ ପଢୁଥିଲା ସେତେବେଳୁ । ସେଦିନରେ ରୋହିତ କିଛି କରୁନଥିଲା । ବାପ୍ ସଂଧ୍ୟାଯାଏଁ ନିଜ ଛାତ ଉପରେ ଠିଆ ହୋଇ ରହୁଥିଲେ । ଯେତେବେଳେ ଅନୁ ଛାତ ଉପରକୁ ଯାଉଥିଲା ସେତେବେଳେ ରୋହିତ ତଳକୁ ଯିବା ପାଇଁ ପ୍ରଚେଷ୍ଟା କରୁଥିଲା । ଦୁହିଁଙ୍କର ଛାତ ଲଗାଲଗି ହୋଇଥିଲା । ଅନୁର ବାପା ରେଲୱେର ହେଡ୍‌କ୍ୱର୍କ ଥିଲେ । ସେଥିପାଇଁ ସେ ଏତେ ମହଁଗା ଜମିରେ ଘର କରିଥିଲେ । ଯେତେବେଳେ ସେମାନେ ନୂଆ ଘରକୁ ଆସିଥିଲେ ଅନୁଭାବିନଥିଲା ଯେ, ଏଇଠି ଏତେ ଭଲପାଇବାର ସୁଖଦ୍ ଓ ସୂକ୍ଷ୍ମ ଅନୁଭବ ମିଳିବ ବୋଲି ।

ବିବି ତା, ରଜୋର ସ୍ୱର ଶୁଣି ଅନୁର ଧ୍ୟାନ ଭାଙ୍ଗିଲା । ରଜୋର ଚା ପ୍ଲେଟ୍‌କୁ ଚା ଢାଳିବାକୁ ଲାଗିଲା । ତେବେ ଫୋନର ଘଣ୍ଟିଶୁଭିଲା । ହେଲୋ ଅନୁ କହିଲା ।

ଅନୁ ମୁଁ ରୋହିତ । ଆଜି ଆସିବାକୁ ଅଳ୍ପ ଡେରିହେବ । ଏବେ ଏବେ ନର୍ସିହୋମ୍ କୁ ଫୋନ ଆସିଛି କେଉଁ ମଦୁଆର ଆକ୍ସିଡେଣ୍ଟ କେସ୍ । ବୋଧେ ଅପରେସନ କରିବାକୁ ପଡିବ । ଆଚ୍ଛା ରଖୁଛି । ଅନୁଫୋନ ରଖି କାନ୍ଥ ଘଣ୍ଟା ଆଡକୁ ଚାହିଁଲା । ପାଞ୍ଚଟା ବାଜୁଥିଲା । ସେ ଭାବୁଥିଲା ରୋହିତ ବୋଧେ ୯.୧୦କୁ ଆସିବେ । କେଉଁ ମଦୁଆର କେସ୍... ବୋଧେ ଆଉ କାହାର ଘର ଉଜୁଡିଯିବ .... ନା .... ନା ବୋଧେ ବରବାଦ ହୋଇଯିବ । ସେ ପ୍ରତ୍ୟେକ ଇଚ୍ଛାରେ ଯଥରେ ବୋଧେ ଚାହିଁକି ଲଗେଇ ଦେଉଛି, ତାକୁ ନିଜକୁ ଜଣାପଡୁନଥିଲା । ରୋହିତ ତାକୁ ସବୁବେଳେ ଦେଖ ଅନୁ, ଜୀବନରେ ଏତେ ଭାବୁକ ହେଲେ ଚଳିବନି । କିନ୍ତୁ ତଥାପି ସେ ଭାବୁକ ହେଇଯାଇଥିଲା । ଆଜି ପୁଣି ଅନୀଲ୍ ଦେଖାଯିବାରୁ ମନରେ ତିରାଟ ଅସୁବିଧା ଦେଖାଦେଇଛି । ଏକ ପ୍ରକାର ଅନ୍ତର୍ଦ୍ୱନ୍ଦ୍ୱ, ସେ ଭାବିବାରେ ଲାଗିଲା । ଏସବୁ ହୋଇନଥାନ୍ତା, ଯଦି ବାପା ମା ଅନୀଲ ସହ ବାହାଘର କରିନଥାନ୍ତେ । ରୋହିତ ସହ ପ୍ରେମ କରି ସେତ କିଛି ଅପରାଧ କରିନଥିଲା । ପୁଣି ପ୍ରତ୍ୟେକ ନାରୀର ଜୀବନରେ ଜଣେ ପୁରୁଷ ଆସେ । ସେ ଅତୀତରେ ହଜିଗଲା... ଦିନେ ପଡୋଶୀ ବିମଳା ମାଉସୀ ମା'କୁ କହୁଥିଲା, ରୋହିତ ଓ ଅନୁ ସବୁବେଳେ ଛାତ ଉପରେ ।

ତାପର କ'ଣ ଥିଲା । ମା ଦ୍ୱାରା ଅନୁକୁ ପ୍ରତାରିତ କରିବା ଆରମ୍ଭ ହୋଇଯାଇଥିଲା । ଏମିତିକି ମା'କୁ ସେ ସିଧାସିଧା କିଛି କହିପାରୁ ନଥିଲା । ତଥାପି ତାଙ୍କ ଦ୍ୱାରା ହୋଇଥିବା ବ୍ୟଙ୍ଗାତ୍ମକ ଭାଷା ତା ଅନ୍ତର ଭିତରକୁ ଖାଇଯାଉଥିଲେ । ମୋ ଦ୍ୱାରକୁ କୁହା ଯାଇଥିବା ବାକ୍ୟକୁ ସେ କେବେ ହେଲେ ପ୍ରତ୍ୟୁତ୍ତର ଦେଉ ନଥିଲା । କେବଳ ନିଜରୁମକୁ ଆସି ଅଳ୍ପ ସମୟ କାନ୍ଦିବା ଛଡା ଉପାୟ ନ ଥିଲା । ଦିନେ ରୋହିତର ମା ଆସିବାରୁ ଅନୁକାନ୍ଥରେ କାନ ଦେଇ ଶୁଣିବାକୁ ଉଚିତ୍ ଭାବିଲା । ଯେବେ ଅନୁର ମା ତାଙ୍କୁ ବସିବାକୁ କହିଲେ ତ ବଡ ଅଜବ ଢଙ୍ଗରେ କହିଲେ- ବସିବାର କିଛି ନାହିଁ ଗୋଟିଏ କଥା କହିବାର ଥିଲା ସେଥିପାଇଁ ଉଣିଆସିଲି । ପୁଅମାନଙ୍କର କିଛି ଅସୁବିଧା ନାହିଁ, କିନ୍ତୁ ଝିଅମାନଙ୍କର ଅସୁବିଧା ଅଛି । ମା କିଛି କହିଲାନି, ରୋହିତ ମା ଉଲିଗଲେ । ବିମଳା ମାଉସୀ ଆସିଲେ । କ'ଣ ଏବେ ରୋହିତର ମା ଆସିଥିଲେ ? ସେ ଆଖି ନଚେଇ ପଚାରିଲେ । ହଁ ମା' ଧୀର ଭାବରେ କହିଲା । ଆରେ ରୋହିତର ମା ବି ବଡ ଗର୍ବିଣୀ । ପରପାଟୀଲା ନିଜକୁ ନିଜେ କ'ଣ ଏମିତି ଭାବୁଛି କି... ? ସେଇଦିନ କହିବାରେ ଲାଗିଲା - ଏଇଟା ଅନୁର ଟାଇ । ମୋ ପୁଅକୁ ଫସେଇ ଦେଲା । ବସି ବସି ଜଣେ ଭଲ ବର ମିଳିଗଲା । ତା ଝିଅକୁ, ଅନୁକୁ ବିମଳା ମାଉସୀ ଉପରେ ବେଶୀ ରାଗ ଲାଗିଲା । କିନ୍ତୁ ସେ କିଛି ବି କହିପାରିଲାନି । ସଂଧ୍ୟାରେ ବାପା ଘରକୁ ଆସିବାବେଳୁ ଅନୁ ନିଜ ରୁମରେ ହିଁ ରହିଲା । ତାଜିବାକୁ ଲାଜୁଆ ଲାଜୁଆ ଢଙ୍ଗରେ ଡରିଯାଇ ଗଲା । ମା ବାପାଙ୍କୁ ସବୁକଥା କହିଦେଇଛି । ଅନୁ ତୋ ଠାରୁ ମୁଁ ଏମିତି ଆଶା କରିନଥିଲି । ସେ କହିଲେ । ବାସ୍ ବାପା ଏତିକି କହିଲେ, କିନ୍ତୁ ମା ଆଉ ସହିପାରିଲେନି । ଏ ଦୋଟାଗୁଣାକୁ ତ ମୁଁ ଭଲ ଭାବୁଥିଲି- କିନ୍ତୁ ଯେ ତ । ଅନୁ ନିଜ ରୁମକୁ ଚାଲିଗଲା । ଖାଜା ଖାଇବା ସମୟରେ ବାପା କହିଲେ 'ଦେଖ୍ ଅନୁ ! ତୁ ଆମର ଏକମାତ୍ର ସନ୍ତାନ । ଆମର ଆଉ କିଏ ଅଛି ? ଯାହା କହୁଛୁ ତୋ ଭଲ ପାଇଁ କହୁଛୁ । ଆଗକୁ ନଜର ରଖିବୁ । ମାତ୍ର ଏମିତି ଦେଖୁଥିଲେ ଯେମିତି କି ଅନୁ ତାଙ୍କୁ ଖୋଲା ବଜାରରେ ଲଙ୍ଗଳା କରିଦେଇଛି । ସେ ଉଠି ନିଜ ରୁମକୁ ଚାଲିଗଲା । ବାପା ମା ବେଶୀ ରାତି ପର୍ଯ୍ୟନ୍ତ ତା ବିଷୟରେ କଥା ହେଉଥିଲେ । ମା'ର ଏକ କଥା ତାର ମନେ ପଡୁଥିଲା ଯେ, ତାକୁ ମୁଁ ତ ଭଲ ଭାବୁଥିଲି । ମଧ୍ୟବର୍ଗୀୟ ପରିବାରରେ ଭଲ ବୋଲିର ପରିଭାଷା ଏତିକି ହିଁ ମାତ୍ର ଥିଲା । ସେହି ବର୍ଷ ରୋହିତକୁ ମେଡିକାଲ କଲେଜରେ ସିଟ୍ ମିଳିଗଲା । ଅନୁ ବି.ଏ ପଢିବାପାଇଁ କଲେଜରେ ଜଏନ୍ ହେଲା । ବି.ଏ ପାଶି ସେ ଯେତେବେଳେ ଏମ୍.ଏ କଲା ସେତେବେଳେ ତା ଉପରେ ବାହାଘର ଜୋର ପଡିବାରେ ଲାଗିଲା । ତା ପୂର୍ବରୁ ବି ତା ବାହାଘର ଚର୍ଚ୍ଚା ଚାଲିଥିଲା । କିନ୍ତୁ ଏଥର ବାପା ଅନୀଲର ଘରେ ତା ବାହାଘର ଠିକ୍ କରି ଆସିଥିଲେ । ଠିକ୍ ହେଲା ଯେ ଅନୁର ପରୀକ୍ଷା ପରେ ତା ବାହାଘର ହେବ ।

ଅନୁ କେବଳ ଏତିକି କହିପାରିଲା ଯେ- ମା ମୁଁ ବାହା... । ତା କଥା ସରିବାକୁ ଦିଆଗଲାନି- 'ବାହା ହେଉନୁ ତ କ'ଣ ରୋହିତ ପାଇଁ ବସି ରହୁବୁ ?' ମା ବଡ ଜୋରରେ କହିଲା । କିନ୍ତୁ ମା ମୁଁ,... । ହଁ.... ହଁ କହ କହ ଯେ, ମୁଁ ଘର ଛାଡି ଲୁଚି ପଳେଇଯିବି । କିନ୍ତୁ ଶୁଣିଥା ଲୁଚିଯିବା ପୂର୍ବରୁ ଆମକୁ ବିଷ ଦେଇଯିବୁ । ଏହା କହୁ କହୁ ମା'ର ଆଖିରୁ ଲୁହ ଖସି ଆସିଲା । ଅନୁର ଆଖି ଓଦା ହେଲା ।

ବାହାଘର ତିନିଦିନ ପୂର୍ବରୁ ଅନୁ କୌଣସି ପ୍ରକାର ଏକ

ହୋଟେଲକୁ ଡାକି ପାରିଲା । ରୋହିତ ଏକଦମ୍ ତାକୁ ଚାହିଁ ରହିଲା । କଥାର ଆରମ୍ଭ ସେ କେଉଁଠୁ କରିବ ଭାବିପାରୁନଥିଲା । 'ରୋହିତ ଏଇଟା ମୋ ବାହାଘର ନିମନ୍ତ୍ରଣ ପତ୍ର ବଡ କଷ୍ଟ ସେତିକି କହି ପାରିଲା ! ଅନୁ କ'ଣ ଏ ବାହାଘର ତୋ ଇଚ୍ଛାରେ ହେଉଛି ? ରୋହିତ ଅନୁର ହାତ ଉପରେ ହାତ ରଖି ପଚାରିଲା - ମୋ ଇଚ୍ଛା ଆଉ କ'ଣ ? ଯାହା ହେଉଛି ଠିକ୍ ହେଉଛି । ପୁଣି ଏକ ଲମ୍ବା ଚୁପ୍‌ଚାପ ଚାଲାଚରଣ ।

ରୋହିତ ତୁମେ କିଛି କହିବ ନାହିଁ ? ମୁଁ କ'ଣ କହିବି ଅନୁ ? ତୁମେ ଯାହା ଚାହିଁବ ତାହା ହେଉ, ମୁଁ ଏହା ହିଁ ଚାହୁଁଛି । ଏବେ ତମ ବାହାଘର ହେଇଯାଉଛି । ଯଦି କେବେ ମୋର ଦରକାର ପଡେ ତ ବିନା ଆପତ୍ତିରେ କହିବ । ଏତିକି ମୋର ଅନୁରୋଧ । ଅନୁ ଘୋର ଅସଂମଜ ପରିସ୍ଥିତିରେ ପଡିଗଲା । କିଛି କହିବା ପାଇଁ ଆଉର । କ'ଣ କହିବ ? କଣ୍ଠ କମ୍ପୁଥିଲା ।

ବାହାଘର ପରେ ଅନୁଭାବିଲା ଦୁନିଆ ପ୍ରକୃତରେ ସେମିତି ନୁହଁ, ଯେମିତି ସେ ଭାବୁଥିଲା । ବଉଠି ରାତିରେ ଅନୀଲ ୨ଟାକୁ ଆସିଲା । ଭିତରକୁ ଆସୁ ଆସୁ ଧଡାସ୍ କିନା ଗଡିପଡିଲା । ବାହାଘର ଦୁଇଚାରିଦିନ ଭାବୁଥିଲା ପରେ । ତାକୁ ଜଣାପଡିଲା ଯେ, ଅନୀଲ ମଦୁଆ ସହ ଏ ମହଲାର ପ୍ରସିଦ୍ଧ ଝିଅ ଛବିଲିର ପ୍ରେମିକ ପ୍ରବର । ସମୟ ଅସମୟରେ ଅନୀଲ୍‌ର ବନ୍ଧୁମାନେ କେବେ ଘରକୁ ଆସିଲେ ତାକୁ ଲାଗୁଥିଲା ଯେପରି ସେମାନେ ତା ଦେହକୁ ଘୁରି ଘୁରି ନିରୀକ୍ଷଣ କରୁଛନ୍ତି । ଘରର ଆର୍ଥିକ ସ୍ଥିତି ବି ଠିକ୍ ନଥିଲା । ଅନୀଲର ଦରମା ଦୁଇହଜାରକୁ ମଦ ଓ ଛବିଲି ନାରେ ସବୁ ଖର୍ଚ୍ଚ ହୋଇ ହଜାର ଦୁଇହଜାର ତା ହାତରେ ପହଞ୍ଚୁଥିଲା । ଅନୁସ୍କୁଲଟିଚର ପାଇଁ ଆବେଦନ କଲା ଓ ନିଯୁକ୍ତ ପତ୍ର ବି ଆସିଗଲା । ଅନିଲକୁ ଯେତେବେଳେ ଜଣାପଡିଲା ସେ କହିଲା ମୋ ଦରମା କ'ଣ କମିଯାଉଛି । ଆରେ ! ଚାକିରି କେବଳ ବାହାନା ଅଟେ । ଥିବ କିଏ ଦୋସ୍ତ, ଯାର ଯାହା ସହିତ ମଜ୍ଜା କରିବା ପାଇଁ ତୋର ଇଚ୍ଛା ଅନୁ ଚୁପ ଥିଲା ! ଅନୀଲ୍ ଦ୍ୱାରା ସେ ପ୍ରତ୍ୟେକ ଦିନ ନୂଆ ନୂଆ ପ୍ରକାର ଶାରୀରିକ ଓ ମାନସିକ କଷ୍ଟ ପାଉଥିଲା । ସେ କିଛି କହୁନଥିଲା । କେବଳ ଭିତରେ ଭିତରେ ଜଳୁଥିଲା । ତା ଭିତରେ ବିଦ୍ରୋହ ବୋଲି କିଛି ନଥିଲା । ଭାରତୀୟ ନାରୀ ଭଳି ରହୁଥିଲା । ଯେତେବେଳେ ସହିବାର ସୀମା ଡେଇଁଗଲା । ବାପଘରକୁ ଚାଲିଗଲା । ସେଠାରୁ ଆଉ ଶ୍ୱଶୁର ଘରକୁ ଚାହିଁନି । ମା ତାର କେତେଥର ବୁଝେଇଲେ ଦେଖ ଅନୁ, ପତ୍ନୀ ପାଇଁ ପତିର ଘର ଏକ ଏମିତି ଘର ଯେଉଁଠି ସେ ସୁରକ୍ଷିତ ରହିପାରିବ । ମାର ଆଖିରେ ପହିଲା ହିଁ ନାରୀମାନଙ୍କର ପ୍ରଧାନ ଅସ୍ତ୍ର । ଦୁଇବର୍ଷ ଅନୀଲ ସହ ବିତେଇ ଅନୁଜାଣିସାରିଥିଲା ଯେ ଅନୀଲର ଘର ତା ପାଇଁ କେତେ ସୁରକ୍ଷା ଦେଇପାରିବ ।

ଛାଡପତ୍ର ପାଇଁ ଅନୀଲ ହିଁ ପ୍ରଥମେ କେଶ ତାଏରୀ କଲେ । ଅଦାଲତର କାଠଗଡାରେ ଅନୁକୁ ଚରିତ୍ରାହୀନା ବୋଲି ପ୍ରମାଣ କରାଗଲା । ଓକିଲମାନଙ୍କର ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦେଇ ଦେଇ ତା'ର ପୀଡା ବଢିଯାଉଥିଲା । ତାକୁ ତ ଛାଡପତ୍ର ମିଳିଗଲା କିନ୍ତୁ ସେଇଟା ମିଳିଲା ନାହିଁ, ଯେଉଁଟା ସିଏ ଚାହୁଁଥିଲା । ଛାଡପତ୍ର ପରେ ତା ମନର ବ୍ୟସ୍ତତା ଆହୁରି ବଢିଗଲା । ବାପାମାଙ୍କୁ ଦୁଃଖ ଦେଇ ସେ ବହୁତ ଦୁଃଖ କରୁଥିଲା । ବାପା ତାର ପୁଣି ପୁଅ ଦେଖାରେ ଲାଗି ପଡିଲେ । ପୁଅପିଲା ଘରୁ ଦେଖିବାକୁ ଆସୁଥିଲେ । କିଏ ଭଲ ନ ଥିଲେ । ଯଦି କିଏ ଅବିବାହିତ ଆସିଲା,ତ ବିଧବା ନାରୀ ବା ଛାଡପତ୍ର ପାଇଥିବା ସ୍ତ୍ରୀ କେତେ ବୋଝ କହୁଥିଲେ । ଅନୁ ତାହା ଜାଣିପାରୁଥିଲା । ସମସ୍ତଙ୍କ ଆଗରେ ସେ ଏକ କଣ୍ଢେଇ ଖେଳନା । ସମସ୍ତଙ୍କ ମଝିରେ ବସିଥିବା ଅନୁ ଯେତେବେଳେ ଆଖି ଉଠେଇ ପୁଅପିଲାକୁ ଅନାଇଲା ବେଳକୁ ତା ସ୍ତନ ଉପରେ ସେମାନଙ୍କର ଲୋକିଲା ଆଖି । ମା'ମୁଁ ବାହାହେବିନି ଆଉ । ତିନି ଜଣକୁ ତ ମନା କରିସାରିଲୁଣି ପୁଣି କହୁଛୁ ବାହାହେବିନି । ଏମିତି ସନ୍ତାନମାନଙ୍କୁ ମରିଯିବାଟା ହିଁ ଭଲ । ଠିକ୍ କହିଛୁ ମା' । ମୁଁ ମରିଯିବାଟା ହିଁ ଭାରି ଭଲ । ଏମିତି ଜିଇଁବା ଅପେକ୍ଷା ମରିଯିବା ହିଁ ଭାରି ଭଲ । ଏମିତି ଜିଇଁବା ଅପେକ୍ଷା ମରିଯିବା ହିଁ ଭାରି ଭଲ । ଅନୁ କହିଲା । ପୁଣି ସେହି ରାତ୍ରିରେ ଅନୁ ଅନେକ ବଟିକା ଖାଇଦେଲା । କିନ୍ତୁ ମା'କୁ ଜଣାପଡିଯିବାରୁ ସିଧା ହସ୍‌ପିଟାଲ୍ ପହଞ୍ଚାଇ ଦେଲେ । ଆଖି ଖୋଲିଲା ବେଳକୁ ଆଗରେ ରୋହିତକୁ ବସିଥିବା ଦେଖିଲା । କିନ୍ତୁ କହିପାରିଲାନି କିଛି । ମୁଁ ତୁମକୁ କହିଥିଲି ନା ଏତେ ଭାବୁକ ହେଲେ ଚଳିବନି । ଯଦି ଦରକାର ଥିଲା ତ ମୋତେ ଡାକିଦେଇ ପାରିଥାନ୍ତି ରୋହିତ ଶେଯଉପରେ ବସୁ ବସୁ କହିଲା । ଅନୁ କିଛି କହି ପାରିଲାନି । କେବଳ ଶୋଇ ରହିଲା । ଅନୁ କଣ ତମେ ମୋତେ ବାହାହେଇ ପାରିବ ? ଅନୁ ଟାଟକା ହେଇଗଲା କ'ଣ ରୋହିତ ତାକୁ ଏବେ ବି ଚାହୁଁଛି ନା ଦୟାର ପାତ୍ର କରିବାକୁ ଚାହୁଁଛି । ତ

ସାମ୍ନାରେ ପୁଣି ବିବାହର ତିନିଦିନ ପୂର୍ବରୁ ହୋଟେଲରେ ମିଶି ଥିବା ଦୃଶ୍ୟ ଉପସ୍ଥିତ ହେଲା । ମନେ ମନେ ଭାବିଲା ଏଥର କିନ୍ତୁ ସେ ନିର୍ଣ୍ଣାୟକ ବିଚାର କରିବ । ଅନୁ । ରୋହିତ ଡାକିଲା । ଅନୁକିନ୍ତି କହିପାରିଲାନି, କେବଳ ରୋହିତକୁ କୁଣ୍ଢେଇ ଧରିଲା । ମା ମୁଁ ଯାଉଛି ଏତିକି କହି ଅନୁ ରୋହିତ ସହିତ ଚାଲିଗଲା ।

"ବିବି କ'ଣ ରାନ୍ଧିବି ଆଜି"? ଅନୁ ବାସ୍ତବତାକୁ ଫେରିଆସିଲା ତା ପାଟିରୁ ବାହାରିପଡିଲା- "କ'ଣ ହେଲେ କରିଦେ ।" "ବିବି କ'ଣ ଦେହ ଭଲ ନାହିଁ"? ରଜୋ ପଚାରିଲା । "ଆଚ୍ଛା, ଯାଆ ଗୁ ବନେଇବୁ ।" ମନ୍‌ରେ ଅନ୍ଧାର ଛାଇଯାଇଥିଲା ।

ରନ୍ଧା ବାଲକୋଣାରେ ଲାଇଟ୍ ଲଗେଇଲା । ରୋହିତ ସହିତ ରହି ପୁରା ଆଠ ମାସ ବିତିଯାଇଥିଲା ଯାହାକୁ ସେ ଦଶବର୍ଷ ଧରି ଖୋଜୁଥିଲା । ତଥାପି ତାକୁ ଲାଗୁଥିଲା ଏ ସହରରେ କିଛି ହଜିଯାଇଛି... ଏଇ ସହରରେ ଚିର ପରିଚିତ ମୁହଁମାନଙ୍କୁ ଦେଖି ମନ ଭିତରେ ପୁଣି ବ୍ୟସ୍ତତା ଓ ଉଦ୍‌ବେଗ ଜାଗି ଉଠିଥିଲା । ସେ ମନ ଭିତରେ ଠିକ୍ କଲା, ରୋହିତ ଆସିଲେ କହିଦେବ କେଉଁ ଅନ୍ୟ ସହରକୁ ଘୁଲିଯିବ । ଅନ୍ୟତ୍ର ରହିବ, ଏଇ ସହରରେ ଆଉ ମନ ଲାଗୁନି ।

—o—

ଦଶମ ଶ୍ରେଣୀ ଛାତ୍ର
ଗ୍ଲୋବାଲ୍ ଇଣ୍ଡିଆନ୍ ମଡେଲ୍ ସ୍କୁଲ, ବିଦ୍ୟାଧରପୁର, କଟକ
ରାଜେନ୍ଦ୍ରନଗର, କଟକ, ମୋ- ୮୨୪୯୬୮୪୫୯୯

ଗୋଟେ ଅଲିଖିତ ଇତିହାସ କଥା

ବିଶ୍ୱନାଥ ସାହୁ

ରାତ୍ରିର ଶେଷ ପ୍ରହର । ହଳେ ଆଖି ବିନିଦ୍ର ଦୁଇ ଦିନ ହେଲା । ଚିନ୍ତାଟେ ଚରି ଯାଉଛି ଯେମିତି । କୋରି ହୋଇଯାଉଛି ଛାତି ଗୋଟେ ଭୟରେ । ମନ ଦ୍ୱନ୍ଦ୍ୱ ଓ ସଂଶୟରେ ଅସ୍ଥିର । ଅନ୍ତଃପୁରର ଅଦୂରରେ ଥିବା ରାଜ ବଖରାରେ ଜୟାଳୁର ରାଜା ନାରାୟଣ ସିଂ ପଦଚଲନା କରୁଛନ୍ତି । ଏଭଳି ପରିସ୍ଥିତିରେ ସ୍ଥିତପ୍ରଜ୍ଞ ହେବା ଏକ ପ୍ରକାର ଅସମ୍ଭବ ତାଙ୍କ ପାଇଁ । ଅପେକ୍ଷା.... ଖାଲି ରୂପ ସିଂକୁ ଅପେକ୍ଷା । ଗୁପ୍ତଚର ହାତରେ ଚଳରା ଯାଇଛି ।

ବାୟୁ କୋଣରେ ଜଳୁଥିବା ମଶାଲଟି କୋଠାର ଘନ ଅନ୍ଧକାରକୁ ଯେମିତି ଚିରି ଖାଇ ଯାଉଛି । ଏ ଆଲୁଅ ଜିନ୍ନୁ ରାଜାଙ୍କ ଛାତି ତଳ ଭୟାନ୍ଧକାରକୁ ଆଲୋକିତ କରିପାରୁନି । ଚୁପ୍‌ଚାପ୍ ପଦଚଲନା ଚାଲିଛି ।

ରୂପ ସିଂ ବିଶ୍ୱସ୍ତ ଏବଂ ଚତୁର ବି । ତା ପରାମର୍ଶ ଓ ଦିଗ୍‌ଦର୍ଶନ ବିନା କିଛି ଗୋଟେ ପଦକ୍ଷେପ ନେବା ଗାଦି ପାଇଁ ଅହିତକର ହୋଇପାରେ । କୌଶଳ ଶିଖିଛି ସେ । ରାଜା ତାକୁ ଜିରାଣୀ ଭାବରେ ନିଯୁକ୍ତି ଦେଇଛନ୍ତି । ରାଣୀ ମୁଖ୍ୟପାନ ଦେବାଙ୍କ ବାଳଭୃତ୍ୟ ରୂପେ ଆସି ସେ ରାଜାଙ୍କ ଅତି ପ୍ରିୟ ହୋଇପାରିଛି । କହିବାକୁ ଗଲେ ରୂପ ସିଂ ନିଜ ତୀକ୍ଷ୍ଣ ବୁଦ୍ଧିର ପ୍ରୟୋଗ କରି ଦୁର୍ବଳ ବୃଦ୍ଧ ନାରାୟଣଙ୍କୁ ହାତ ମୁଠାରେ ରଖିଛି । ନାରାୟଣ ସିଂ ନାମରୁ ମାତ୍ର ରାଜା । ତାଙ୍କ ନାକରେ ଲାଗିଛି ଏଇ ଲଗାମ, ଯାହାର ଗୋଟିଏ ପଟ ଧରିଛି ଇଂରେଜ ସରକାର ଏବଂ ଅନ୍ୟ ପଟକୁ ନିୟନ୍ତ୍ରଣ କରୁଛି କିରାଣୀ ରୂପ ସିଂ । ସବୁ ଆଦେଶନାମା ଲେଖୁଛି ରୂପ ସିଂ, ରାଜା ଖାଲି ଦସ୍ତଖତ କରୁଛନ୍ତି ।

ରାଜା ନାରାୟଣ ସିଂ ହେଉଛନ୍ତି ଇଂରେଜ ସରକାରଙ୍କ ଜଣେ ପିଆଦା । ଜଣାନାହିଁ ତାଙ୍କୁ ରାଜ୍ୟ ଶାସନର ଆଉବା କାନୁନ । ମହାରାଜ ସାଏଙ୍କ ମୃତ୍ୟୁ ପରେ ଚକ୍ରାନ୍ତ ପୂର୍ବକ ନାରାୟଣ ସିଂଙ୍କୁ ଇଂରେଜ ସରକାର ଗାଦିରେ ବସାଇଥିଲେ । ମହାରାଜ ସାଏ ଥିଲେ ଅପୁତ୍ରିକ । ଫଳରେ ବିଧବା ରାଣୀ ମୋହନ କୁମାରୀଙ୍କୁ ମିଳିଲା ରାଜ ସିଂହାସନ । ଏଥିରେ କ୍ଷୁବ୍ଧ ହେଲେ ପ୍ରଜା, କ୍ଷୁବ୍ଧ ହେଲେ ଖଣ୍ଡାଚ ଚୌହାଣ ଜମିଦାର ବଳରାମ ସାଏ ଏବଂ ତାଙ୍କ ପୁତ୍ରରା ସୁରେନ୍ଦ୍ର ସାଏ । ସୁରେନ୍ଦ୍ର ଥିଲେ ଏ ସିଂହାସନର ଉପଯୁକ୍ତ ପ୍ରାର୍ଥୀ । ବିରୋଧ ବଢ଼ିଲା, ସମପରିମାଣରେ ରାଣୀଙ୍କ ଅତ୍ୟାଚାର, କୁଶାସନ । ସ୍ଥିତି ଅସମ୍ଭାଳ ହେବାରୁ ଫିରିଙ୍ଗି କ୍ୟାପ୍ଟେନ୍ ଉଇଲବିନସନ ରାଣୀ ମୋହନକୁମାରୀଙ୍କୁ ଗାଦିରୁ ହଟାଇବାକୁ ବାଧ ହେଲେ ଏବଂ ତାଙ୍କୁ ବାଧ କରି ବୃତ୍ତି ଦେଇ ପଠେଇ ଦେଲେ କଟକ ।

ଏ ସମୟରେ ଝାରସୁଗୁଡ଼ାରେ ରାଣୀଙ୍କ ଜଣେ ଶ୍ୱଶୁର ଥିଲେ ନାରାୟଣ ସିଂ । ରାଣୀ ଜ୍ୟାପ୍‌ଟେନ୍‌ଙ୍କୁ ସୁପାରିଶ କଲେ ଯେ ତାଙ୍କ ଜାଗାରେ ଏହି ନାରାୟଣ ସିଂଙ୍କୁ ଦିଆଯାଉ ସିଂହାସନ । ଜଣେ ଶ୍ୱଶୁରଙ୍କ ପ୍ରତି ରାଣୀଙ୍କ ଏପରି ଅନୁକମ୍ପା ବୁଝିବା ବାହାରେ ଥିଲା ସେତେବେଳେ । ତାଙ୍କ କଥା ରଖି ରାଜ କର୍ମଚାରୀମାନେ ଝାରସୁଗୁଡ଼ା ଗାଦି ନାରାୟଣ ସିଂଙ୍କୁ ସବୁ ପ୍ରକାରେ ବୁଝାଇ ବିଫଳ ହେଲେ । ଏଥିରୁ ନିରାଶ ହେବା ପରେ ଫିରିଙ୍ଗି ଦଳ ଖେଳିଲେ ଏକ ନୂଆ ଖେଳ । ଖୋଜାଗଲା ଅନ୍ୟ ଜଣେ ନାରାୟଣ ସିଂ । ଖୋଜି ଖୋଜି ନଯାନ୍ତ ହେବା ପରେ ରାଜ କର୍ମଚାରୀ ଯେତେ ଥକ୍କା ମେଣ୍ଟାଇବା ପାଇଁ ଧୂଆଁପତ୍ର କାରବାର କରୁଛି । ତାଠୁ ଧୂଆଁପତ୍ର ଖାଇ ତାକୁ ନାରାୟଣ ସିଂ କରି ନେଇ ଆସିଲେ ସମ୍ବଲପୁର । ଅଶୀବର୍ଷ ବୟସ୍କ ଏ ବୃଦ୍ଧ କ୍ଷତ୍ରୀୟ ଥିଲେ ଅପୁତ୍ରିକ । ତାକୁ ବସାଇ ଦିଆଗଲା ସିଂହାସନରେ ରାଜା କରି । ସମସ୍ତଙ୍କୁ ଜଣାଇ ଦିଆଗଲା ଇଏ ହେଉଛନ୍ତି ସମ୍ବଲପୁରର ରାଜା ବଳୀୟାର୍ ସିଂ ଦେବଙ୍କ ପୁତ୍ର ବରପାଲିର ରାଜା ବିକ୍ରମ ସିଂଙ୍କ ପ୍ରପୌତ୍ର । ବରପାଲି ରାଜ ବଂଶଜ ହୋଇଥିବାରୁ ସେ ଏ ଆସନ ପାଇଁ ଯୋଗ୍ୟ । ଜଣେ ଅପାରଗ ଅପୁତ୍ରିକ ବୟସ୍କ ଲୋକକୁ ଗାଦିରେ ବସାଇ ଦେଇ ଉତ୍ତରାଧିକାରୀ ଅଭାବରେ ରାଜ୍ୟସତ୍ ଲୋପ ନୀତି ଦ୍ୱାରା ରାଜ୍ୟ ହାତେଇବା ଉଦ୍ଦେଶ୍ୟ ଥିଲା ଇଂରେଜ ସରକାରଙ୍କ ।

ନାରାୟଣ ସିଂ ରାଜା ହେବା ପାଇଁ ବାରମ୍ବାର ଅସମ୍ମତି ପ୍ରକାଶ କରିଥିଲେ ହେଁ ତାଙ୍କ କଥା ଶୁଣିବା ପାଇଁ ନଥିଲେ କେହି । ଝଟିଝୁଆ ବୃଦ୍ଧ ଜାହୁଁ ଜାଣନ୍ତା ରାଜନୀତି-କୂଟନୀତି । ଅନ୍ତଃପୁରର ଦୋ ମୁହାଁ ଲୋକ ଓ ଷଡଯନ୍ତ୍ରକୁ ବୃଦ୍ଧ ରାଜା ହଜମ କରିପାରିଲେନି । ତେଣୁ ସେ ଅନ୍ତଃପୁର ଛାଡ଼ି ସର୍ବଦା ଅଦୂରରେ ଥିବା ରାଜ ବଖରାରେ ଜାଜିଯାଜନ କରୁଛନ୍ତି ।

ଏତିକିବେଳେ ବଖରାକୁ ପ୍ରବେଶ କଲେ ରୂପ ସିଂ । ଆସୁ ଆସୁ ରାଜା ହଜୁରଙ୍କୁ ଓଳକି ହେଇ ଏପରି ତାକରାର କାରଣ ପଚାରିଲେ । ରାଜାଙ୍କ ଉଦାସ ମୁହଁ ସବୁ ଦୂରବସ୍ଥା ବଖାଣି ଦେଉଥିଲା ସେତେବେଳେ । ବେଶୀ ଉପକ୍ରମ ନ କରି ରାଜା ସିଧା ବିଷୟକୁ ଆସି ପଚାରିଲେ — ରୂପ ସିଂ ଏ ଗଣ୍ଡ ଜମିଦାରମାନେ ଦିନକୁ ଦିନ ଅଧୁରି ହିଂସ୍ର ଓ ବିପଜ୍ଜନକ ହୋଇପଡୁଛନ୍ତି । କେମିତି ମୁକାବିଲା କରିବା ଏମାନଙ୍କ ସହ ? କିଛି ଗୋଟେ ଉପାୟ ପାଅ । ଏମାନେ ମୋର ନିଦ ହଜାଇ ଦେଇଛନ୍ତି ।

ରୂପ ସିଂ ପାଖରେ ଏ ପ୍ରଶ୍ନର ସଠିକ୍ ଉତ୍ତର ନଥିଲା ଯଦିଓ ସେ ଜାଣିଥିଲା ଏସବୁ ପଛର ମୂଳ କାରଣ ଏବଂ ଏ ଜୀବନଘାତୀ କଣ୍ଟାକୁ ହଟାଇବାର ଉପଯୁକ୍ତ ଉପାୟ । ପ୍ରଶ୍ନ ଶୁଣି ସାମାନ୍ୟ ମୁହଁ ବୁଲାଇ ରୂପ ସିଂ ଗୋଟେ ଦୀର୍ଘଶ୍ୱାସ ପକାଇଲା । ଭାବିଲା ଏହାହିଁ ସୁଯୋଗ । ପ୍ରଥମେ ରାଜାଙ୍କୁ ଭୟଭୀତ କରାଇ ଅସହାୟ ବୋଧ କରାଇବ ଏବଂ ପୁଣି ତା'ର ସମାଧାନର ବାଟ ଦେଖାଇ ବାହାବା ନେବ । ରୂପ ସିଂ କହିଲା— 'ଏ ସବୁ ମୂଳରେ ସେଇ ବଳରାମ ଓ ସୁରେନ୍ଦ୍ର ସାଏ ଅଛନ୍ତି ହଜୁର । ଗାଦିର ଲୋଭ ତାଙ୍କୁ ଘାରିଛି । ସୁରେନ୍ଦ୍ର ସାଏଙ୍କୁ ରାଜା କରାଇବା ପାଇଁ କକା ବଳରାମ ସାଏ ଅଣ୍ଟା ଭିଡ଼ିଛି । ସୁରେନ୍ଦ୍ର ହିଁ ସମ୍ବଲପୁର ଗାଦି ପାଇଁ ପ୍ରକୃତ ହକଦାର କହି ଗଣ୍ଡ ଜମିଦାରମାନଙ୍କୁ ବଳରାମ ସାଏ ପ୍ରବର୍ତ୍ତାଉଛି । ତାଙ୍କ ମନରେଡ଼ ଆପଣଙ୍କ ମନରେ ନିଆଁ ଜାଳୁଛି । ଆପଣ ସିଂହାସନ ପାଇଲା ପରେ ତ ଗଣ୍ଡ ଜମିଦାରମାନେ ରାଗିଜି ଥିଲେ । ଏବେ ସେମାନେ ସାହସ ପାଇଯାଇଛନ୍ତି । ଏ ନିଆଁ କୁହୁଳୁଚି ଏବେ, ଶୀଘ୍ର ନ ଲିଭେଇଲେ ଧାପିଯିବ ରାଜବଖରା ଯାଏଁ ହଜୁର ।

ରୂପ ସିଂର ଏ ବତର୍କବାଣୀ ରାଜାଙ୍କ ଛାତି ଥରେଇ ଦେଲା । ଶଙ୍କିଗଲେ ରାଜା ।

ରୂପ ସିଂ ଫେର କଥା ଯୋଡ଼ି କହିଲା— 'ହଜୁର ଏମାନେ ଏକଜୁଟ୍ ହେଇ ଧୀରେ ଧୀରେ ସମଗ୍ର ପଶ୍ଚିମାଞ୍ଚଳରେ ଆତଙ୍କର ବାତାବରଣ ସୃଷ୍ଟି କଲେଣି । ଗୋଟିଏ ପଟେ ବଳରାମ ସାଏ ଗାଆଁ ଗାଆଁ ବୁଲି ଇଂରେଜ ମନୋନୀତ ରାଜାମାନଙ୍କୁ ପ୍ରତ୍ୟାଖ୍ୟାନ କରିବା ପାଇଁ ଜମିଦାର ତଥା ଜନସାଧାରଣଙ୍କୁ ପ୍ରବର୍ତ୍ତାଉଥିବାବେଳେ ଅନ୍ୟ ପଟେ ସୁରେନ୍ଦ୍ର ସାଏ ଇଂରେଜ ସମର୍ଥିତ ଜମିଦାର, ଗୌତିଆମାନଙ୍କ ଉପରେ ମରଣାନ୍ତକ ଆକ୍ରମଣ ଜାରି ରଖିଛି । କିଛି ଜମିଦାର ଏବେ ଅନନ୍ୟୋପାୟ । ଏ ବାଗୀ ଦଳ ଜେତେବେଳେ ବି ଆକ୍ରମଣ କରିଦେଇ ପାରନ୍ତି ହଜୁର ।'

ଉପାୟ.... ରୂପ ସିଂ ଉପାୟ...? ଏଭଳି କଥା ଯୋଡ଼ି ଆଉ ମତେ ଭୟଭୀତ କରନା । ତା'ଣ ସମାଧାନ ଅଛି, ବାଟ ବତାଅ-ରାଜା ଥର ଥର ଓଠରେ ଜିଜ୍ଞାସା ରଖିଲେ ।

'ଅଛି ହଜୁର ।' -ରୂପ ସିଂର ଏ ଶାନ୍ତନା ବାଣୀ ଘଡ଼ିଏ ଗମ୍ଭୀର ବାତାବରଣକୁ ଶାନ୍ତ କଲା ।

— 'କଣ ସେଇଟା ଶୀଘ୍ର କୁହ ।'

— 'ମୁଁ ଖବର ପାଇଛି ଆସନ୍ତାକାଲି ସୁରେନ୍ଦ୍ର ସାଏ ତେବ୍ରିଗଡ଼ ଦୁର୍ଗ ଅଭିମୁଖେ ବାହାରିଛି । ସେଠି ଲଖନପୁର ଜମିଦାର ବଳଭଦ୍ର ସିଂ ଦାଓଙ୍କ ସହ ରାଜ୍ୟାଦି ସମ୍ପର୍କରେ ପରାମର୍ଶ ନେବା ତାର ଉଦ୍ଦେଶ୍ୟ ଥାଇପାରେ ବୋଲି ଗୁପ୍ତଚର ଖବର ଦେଇଛି । ବଳଭଦ୍ର ସିଂ ଏମାନଙ୍କ ସହ ମିଶିଗଲେ ଆମପାଇଁ ବିପଦ ଆହୁରି ଘନେଇ ଆସିବ ହଜୁର ।'

— 'ତେବେ କ'ଣ କରାଯାଇପାରେ ରୂପ ସିଂ ?'

— 'ଆପଣ ଆଜି ବଡ଼ ଭୋର୍‌ରୁ ଦଳେ ସୈନ୍ୟ ପ୍ରସ୍ତୁତ କରି ସେଠି ପଠାଇବାର ବ୍ୟବସ୍ଥା କରନ୍ତୁ । ସେମାନଙ୍କ ଉପରେ ଅତର୍କିତ ଆକ୍ରମଣ କରି ଏ ଆସନ୍ନ ବିପଦକୁ ଟଳା ଯାଇପାରେ ହଜୁର । ଆପଣଙ୍କ ସୁରକ୍ଷା ପାଇଁ ସୁରେନ୍ଦ୍ର ସାଏର ମୃତ୍ୟୁ ନିହାତି ଜରୁରୀ ।'

ରୂପ ସିଂ ଜଂରେଜମାନଙ୍କ ପଦଲେହନକାରୀ ଥିବାରୁ ସୁରେନ୍ଦ୍ର ସାଏଙ୍କ ପ୍ରତି ତା'ର ପ୍ରାଣେ ଭୟ ଥିଲା । ତେଣୁ ତାଙ୍କୁ କେମିତି ଦଣ୍ଡିତ କରାଯାଇପାରେ ସେ ଉପାୟ ପାଞ୍ଚୁଥିଲାବେଳେ । ଏହାଥିଲା ତା ପାଇଁ ସୁବର୍ଣ୍ଣ ସୁଯୋଗ । ଏହାଦ୍ୱାରା ରାଜାଙ୍କ ମଙ୍ଗଳ ହେବା ସହିତ ତା'ର ବି ଜୀବନଘାତକ କଣ୍ଟା ଦୂର ହୋଇଯିବ ।

ଏହା ହିଁ ବଞ୍ଚି ରହିବାର ଏକମାତ୍ର ଉପାୟ ଭାବି ରାଜା ବଡ଼ ଭୋର୍‌ରୁ ଦଳେ ସୈନ୍ୟ ପଠାଇଲେ ତେବ୍ରିଗଡ଼ ଆଡେ । ଛୁଟି ଛପି ଜଗି ରହିଥାନ୍ତି ସୈନ୍ୟ ଦଳ ସୁରେନ୍ଦ୍ର ସାଏଙ୍କୁ । ପତକୁ ପତ ସୁରେନ୍ଦ୍ର ଠିକ୍ ସମୟରେ ପହଞ୍ଚିଲେ ସେଠି । ଜମିଦାର ବଳଭଦ୍ର ସିଂ ତାଙ୍କୁ ଭବ୍ୟ ସ୍ୱାଗତ କରି ଦୁର୍ଗ ଭିତରକୁ ନେଇଗଲେ । ଉଭୟଙ୍କ ଭିତରେ ରାଜ୍ୟ ଶାସନ ତଥା ସିଂହାସନ ବାବଦରେ ଢେର୍ ଆଲୋଚନା ହେଲା । ସୁରେନ୍ଦ୍ର ସାଏଙ୍କ ପ୍ରସ୍ତାବକୁ ଉପଯୁକ୍ତ ମନେକରି ସମର୍ଥନ ଜଣାଇଲେ ବଳଭଦ୍ର ସିଂ । ଏହା ଯେ ଏକ ଜାତୀୟ ସ୍ୱାର୍ଥ ଏକଥା ଉଭୟେ ଜାଣିଥିଲେ । ଦୁହେଁ ଖୁସିରେ ମଧ୍ୟାହ୍ନ ଭୋଜନ କରି ବିଶ୍ରାମ ନେଉଥିବା ବେଳେ ନାରାୟଣ ସିଂଙ୍କ ପ୍ରେରିତ ସୈନ୍ୟ ଦଳ ଅତର୍କିତ ଭାବେ ଆକ୍ରମଣ କଲେ ସୁରେନ୍ଦ୍ରକୁ । ଆକ୍ରମଣର ସାମ୍ନା କରିବାକୁ ଦୁଇ ଯୋଦ୍ଧା ପ୍ରସ୍ତୁତ ନଥିଲେ ।

ସମଲପୁରକୁ ଇଂରେଜମାନଙ୍କ ଜବତରୁ ବଞ୍ଚାଇବା ଭାରି ଜୁଡି ପଡ଼ିଲେ ଜମିଦାର । ସେ ବୀର । ଅତିଥିଙ୍କ ସୁରକ୍ଷା ତାଙ୍କ ଦାୟିତ୍ୱ । ସେଥିପାଇଁ ଛଳିଗଲେ ଛଳିଯାଉ ଜୀବନ । ବହିଯଉ ରକ୍ତର । ଗଡ଼ିଯାଉ ମୁଣ୍ଡ । ସୁରକ୍ଷିତ ଭାବେ ଅତିଥିଙ୍କୁ ଘରକୁ ପଠାଇବା ତାଙ୍କର ପ୍ରଥମ କର୍ତ୍ତବ୍ୟ । ସୈନ୍ୟ ଦଳ ସହ ଘମାଘୋଟ ଯୁଦ୍ଧ ହେଲା । ଦୁର ବୀରଙ୍କ ତରବାରୀ ବିଜୁଳି ପରି ଝଲୁଥାଏ । ମର ହଣ୍ଡା ପଡ଼ି କାହାକୁ ପାଦରେ କାହାକୁ ବାହୁରେ ଦଳି ଚକଡ଼ି ଦେଉଥାନ୍ତି ସେମାନେ । ସେମାନେ ପ୍ରଶିକ୍ଷିତ ବୀର ଯୋଦ୍ଧା । ତଥାପି ଏତେ ସୈନ୍ୟଙ୍କ ଆଗରେ ପ୍ରାଣ ବଞ୍ଚାଇବା ଅସମ୍ଭବ ଲାଗୁଥିଲା ।

'ଆପଣ ପଛପଟ ଗୁପ୍ତ ରାସ୍ତାଦେଇ ଛଳିଯାଆନ୍ତୁ ଏବେ'— ବଳଭଦ୍ରଙ୍କ ଉସୁରା ସୁରେନ୍ଦ୍ର ସାଏଙ୍କୁ ଅଟକ୍ଷା ରହିଲାନି । କିନ୍ତୁ ଯୁଦ୍ଧ ଭୂଇଁ ଛାଡ଼ି ଖସିଯିବା ଲୋକ ସୁରେନ୍ଦ୍ର ନୁହଁନ୍ତି । ମନାକଲେ ସେ । ବଳଭଦ୍ର ବାରମ୍ବାର କହୁଥାନ୍ତି— 'ମୋ ଜୀବନ ଅପେକ୍ଷା ଆପଣଙ୍କ ଜୀବନ ଏ ମାଟି ପାଇଁ ବେଶୀ ଗୁରୁତ୍ୱପୂର୍ଣ୍ଣ । ଆପଣ ବଞ୍ଚି ରହିବା ନିହାତି ଜରୁରୀ । ଛଳିଯାନ୍ତୁ, ମୁଁ ସମ୍ଭାଳି ନେବି ଏଠି ।' ଉତ୍ତମମାତାର ଦୁଇ ସୁପୁତ୍ରଙ୍କ ଏପରି ପରସ୍ପର ପ୍ରତି ପାଇବା ସେତେବେଳେ ଯିଏ ବି ଦେଖିଥାନ୍ତା ତା ଛାତି କୁଣ୍ଢେମୋଟ ହୋଇ ଯାଇଥାନ୍ତା । ବିନ୍ତୁ ସୈନ୍ୟ ଦଳର ପ୍ରବଳ ପ୍ରତିରୋଧକୁ ସାମ୍ନା କରିନପାରି ସେଠି ନିହତ ହେଲେ ବଳଭଦ୍ର । ଏହାଦ୍ୱାରା ଖସିଯିବାକୁ ସମୟ ପାଇଲେ ସୁରେନ୍ଦ୍ର ସାଏ । ଏ ମାଟିର ଜଣେ ବୀର ସନ୍ତାନଙ୍କୁ ଶେଷ ଦର୍ଶନରେ ପ୍ରଣାମ ଜଣାର ସେଠୁ ଖସି ଆସିଲେ ସୁରେନ୍ଦ୍ର ସାଏ ।

—୦—

ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ବରପାଲି ମହାବିଦ୍ୟାଳୟ, ବରପାଲି



ଆଖି ଖୋଜେ ପ୍ରମାଣ

ପଦ୍ମନାଭ ଶତପଥି

ଏକ ଇଦ୍ଦାତ କମ୍ପାନୀରେ କାର୍ଯ୍ୟରତ ନିମାଇଁ । କମ୍ପାନୀ ଦ୍ୱାରା ଦିଆଯାଇଥିବା କ୍ୱାଟରରେ ନିମାଇଁ ରହେ । ସାଥିରେ ଧର୍ମପତ୍ନୀ ମିନତୀ, ଝିଅ ମାନି ଏବଂ ପୁଅ ଟୁକୁ । ଝିଅମାନୀ ନବମ ଶ୍ରେଣୀର ଛାତ୍ରୀ ଥିବା ବେଳେ ପୁଅ ଟୁକୁ ଚତୁର୍ଥ ଶ୍ରେଣୀର ଛାତ୍ର ।

ମିନତୀ ଉଚ୍ଚଶିକ୍ଷିତା ନଥିଲେ ବି ବେଶ ସ୍ୱାଭିମାନୀ ପରିବର୍ଲିଚ ସମାଜରେ ଘଟୁଥିବା ଘଟଣାବଳୀ ଉପରେ ତାର ଭଲ ନଜର ଥାଏ । ନିମାଇଁର ସ୍ୱଳ୍ପ ପଇପାରେ ଘରର ଖର୍ଚ୍ଚ ତଥା ଛୁଆମାନଙ୍କ ସ୍କୁଲଖର୍ଚ୍ଚ ଇତ୍ୟାଦି ସୁରୁଖୁରରେ ଚୁଲାଇ ହସଖୁସିରେ ମାସଟି କାଟିବାରେ ମିନତୀ ସିଦ୍ଧହସ୍ତ ।

ମିନତୀ ଯେ ଏକ ଆଦର୍ଶ ଗୃହିଣୀ ଏକଥା ନିମାଇଁ ହୃଦୟଙ୍ଗମ କରୁଥିଲେ ହେଁ ବାହାରେ ପ୍ରକାଶ କରି ପାରୁନଥାଏ ।

ମିନତୀ ତାର ଧର୍ମପରାୟଣତା, ଶିଷ୍ଟାଚାରିତା ଏବଂ ନମ୍ର ସ୍ୱଭାବ ଯୋଗୁଁ କଲୋନିର ଅନ୍ୟ ଶିକ୍ଷିତା ମହିଳା ମାନଙ୍କ ମଧ୍ୟରେ ନିଜକୁ ମିଳାଇ ସାମାଜିକ କାମରେ ସହଯୋଗର ହାତ ବଢାଇଥାଏ । ସେଥିପାଇଁ ମହିଳାମାନେ ମଧ୍ୟ ମିନତୀକୁ ଆଦର କରିଥାଆନ୍ତି ।

ସକାଳ ୬ ଘଟିକା ସମୟରେ ମିନତୀ ନିମାଇଁକୁ ଉଠାଇବାର ଦରକାର ହୁଏନି । ଛ' ସମ୍ପେନ୍‌ରେ ଛ' ଛଣାର ଠନ୍ ଠନ୍ ଶବ୍ଦରେ ନିମାଇଁର ନିଦ ଭାଙ୍ଗିଯାଏ । ଖଟଉପରୁ ଆସି ପିଣ୍ଡା ଟି'ପୟ ଚେୟାର ଉପରେ ବସି ପଡେ । ତା ପରେ ଦୁଇ ହାତରେ ଦୁଇ କପ୍ ଛ ଧରି ମିନତୀ ବସି ପଡନ୍ତି ନିମାଇଁ ପାଖ ଚେୟାରେ ଉପରେ ବସିପଡେ । ତା'ପରେ ଛ' କପ୍‌ର ମୃଦୁ ସ୍ୱର୍ଣ୍ଣରେ ଥରିଉଠେ ଦୁହିଁଙ୍କର ଓଠ । ଛ କପ ଦୁଇଟି ଶେଷହେବା ପୂର୍ବରୁ ମିନତୀର ସକାଳ ୧୨ଟା ପର୍ଯ୍ୟନ୍ତ କାର୍ଯ୍ୟସୂଚୀ ହୋଇଥାଏ । ଯଥା, ସ୍କୁଲ ବସ୍ ଆସିବା ଆଗରୁ ଛୁଆମାନଙ୍କର ଯୋଡା, ଟିଫିନ ବକ୍ସ ଏବଂ ସକାଳର ଟିଫିନ ତା ପରେ ନିମାଇଁର ଟିଫିନ ଏବଂ ୧୨ଟା ଲଞ୍ଚ ବକ୍ସ ପ୍ରସ୍ତୁତ । ମିନତୀ ଘର କାମ ସହିତ ଛୁଆମାନଙ୍କର ସ୍କୁଲ କାମ, ଘରର ରାସନ, ପରିବା ବଜାର ଏପିରିକି ଖଟାଇରୁ କ୍ଷୀର ଆଣିବା ଇତ୍ୟାଦି ସମସ୍ତ କାମ ନିଜେ କରିଥାଏ । ନିମାଇଁକୁସେ କୌଣସି କାମ କରିବାଦିଏ ନାହିଁ । ନିମାଇଁର ଗୋଟିଏ କାମ ରବିବାର ଦିନ ମାଂସ ଦୋକାନରୁ ମାଂସ ଆଣିବା । ମଝିରେ ମଝିରେ ନିମାଇଁ ବୁଝିପାରେ ନାହିଁ ଯେ ସେ ଘରେ ଥିବା ସମୟରେ ମିନତୀ କାହିଁକି ତାକୁ କାମ କରିବାକୁ ଦିଏ ନାହିଁ । ମଝି ମଝିରେ ସେ ଏଜଥା ମିନତାକୁ ପଚାରେ ମଧ୍ୟ କିନ୍ତୁ କୌଣସି ଉତ୍ତର ପାଏ ନାହିଁ ।

ନଭେମ୍ବର ମାସ, ବେଶ ଥଣ୍ଡା ପଡିଥାଏ ନିମାଇଁ ମିନତୀକୁ କହିଲା ଆସନ୍ତା କାଲି ତାର ପ୍ରଥମ ସିଫ୍‌ଟ ଅର୍ଥାତ ସକାଳ ୬ଟାରୁ ଦିନ ୨ଟା ପର୍ଯ୍ୟନ୍ତ ଡିଉଟି । ସକାଳ ୫.୩୦ ମିନିଟ୍‌ରେ କମ୍ପାନୀ ଜିପ୍ ଆସିବ । ନିମାଇଁ ୧୧ ନମ୍ବର ବ୍ଲକରେ ଉପର ମହଲାରେ ରହୁଥିଲା ୧୨ ନମ୍ବର ବ୍ଲକରେ ରହୁଥିବା ପ୍ରତାପର ମଧ୍ୟ ଡିଉଟି ଥିଲା । ଦୁହେଁ ଏକା ସାଙ୍ଗରେ ଯିବେ । ସମୟ ଅନୁଯାୟୀ ସକାଳ ୫.୩୦ମିନିଟ୍‌ରେ ଜିପଟି ୧୧ ନମ୍ବର ବ୍ଲକରେ ପହଞ୍ଚି ଯାଇଥିଲା । ନିମାଇଁ ପ୍ରସ୍ତୁତ ହୋଇଥିଲେ ହିଁ ମୀନତି ଟିଫିନ୍ ବକ୍ସଟି ଭରିବାରେ ସାମାନ୍ୟ ଡେରି ହୋଇଥିଲା । ବିଳମ୍ବ ହେବାରୁ ଦେଖି ନିମାଇଁ ଯାଉ ଜିପ୍‌ର ଡ୍ରାଇଭରକୁ ୧୨ ନମ୍ବର ବ୍ଲକରୁ ପ୍ରତାପକୁ ନେଇ ଆସିବାକୁ କହିଥିଲା । ତା ପରେ ନିମାଇଁ ପ୍ରସ୍ତୁତ ହୋଇ ତଳକୁ ଆସିଥିଲା । ପ୍ରତାପ ଯେ ହେତୁ ଆଗ ବସିଥିଲା । ସେ ଡ୍ରାଇଭର ପାଖରେ ବସିପଡିଥିଲା । ନିମାଇଁ ଯାଇ ଜିପର ଜଡସିଟ୍‌ରେ ବସି ପଡିଲା । ମିନତୀ ଟିଫିନ୍ ବକ୍ସଟି ଧରି ନିମାଇଁ ହାତକୁ ବଢାଇ ଦେଇ ହାତ ହଲାଇ କ୍ୱାର୍ଟରକୁ ଫେରି ଆସିଥିଲା ।

କଲୋନି ଠାରୁ ପ୍ଲାଣ୍ଟର ଗେଟ୍ ଦୂରତା ପ୍ରାୟ ଦୁଇ କିଲୋମିଟର । ୬ଟାର ଗେଟ୍ ଭିତରକୁ ପ୍ରବେଶ ଏକାନ୍ତ ଆବଶ୍ୟକ । ତେଣୁ ଡ୍ରାଇଭର ଗାଡିର ସ୍ପିଡ ଟିକିଏ ବଢାଇ ଦେଇଥିଲା । କିଛି ବାଟ ଗଲାପରେ ପ୍ରତାପକୁ ପରିସ୍ରା ଲାଗିବାରୁ ଡ୍ରାଇଭରକୁ ଗାଡି ରୋକିବାକୁ ଅନୁରୋଧ କରିଥିଲା । ଡ୍ରାଇଭର ଗାଡିଟି ରୋକିଥିଲା ମଧ୍ୟ । ନିମାଇଁ ଯେ ହେତୁ ପାଖ ସିଟ୍‌ରେ ବସିଥିଲା ତାକୁ ଓହ୍ଲାଇବାକୁ ପଡିଥିଲା । ପ୍ରତାପ ପରିସ୍ରା କରିବାର ସମୟ ଭିତରେ ନିମାଇଁ ଡ୍ରାଇଭର ପାଖ ସିଟ୍‌ରେ ବସି ପଡିଥିଲା ଏବଂ ପରେ ପ୍ରତାପ ଆସି

ପାଖ ସିଟ୍‌ରେ ବସି ପଡିଥିଲା ।

କିଛିଦୂର ଅତିକ୍ରମ କରିବା ପରେ ଡ୍ରାଇଭର ଗାରସାମ୍ୟ ହରାଇ ଗାଡିଟିକୁ ରାସ୍ତାକଡରେ ଥିବା ଏକ ଗଛ ସହିତ ପିଟି ହୋଇ ଥିଲା ଫଳରେ ଗାଡିର ସମ୍ମୁଖ ଭାଗ ପୁରା ଧ୍ୱଂସ ହୋଇ ଯାଇଥିଲା । ଗାଡିଟିର ଏପରି ଅବସ୍ଥାକୁ ଦେଖି କେହି ବି ଗାଡିଭିତରେ କେହି ବି ପାସେଞ୍ଜର ସୁରକ୍ଷିତ ଥିବେ ମନେ ହୁଏନା । ଖବର ପାଇ କମ୍ପାନୀର ଉଚ୍ଚପଦସ୍ଥ ଅଫିସର ଘଟଣା ସ୍ଥଳରେ ପହଞ୍ଚି ଦୁଇ ଜଣଙ୍କୁ ହସପିଟାଲ ରେ ପହଞ୍ଚାଇ ଚିକିତ୍ସାର ବ୍ୟବସ୍ଥା କରାଇଥିଲେ । ଏଥିରେ ନିମାଇଁର ବିଶେଷ କିଛି କ୍ଷତି ହୋଇନଥିଲା । ମୁହଁରେ ସାମାନ୍ୟ ଆଘାତ ଲାଗିଥିଲା । କିନ୍ତୁ ପାଖରେ ବସିଥିବା ପ୍ରତାପର ଅବସ୍ଥା ଗୁରୁତର ଥିଲା ।

ଏହି ଅବସରରେ ସମ୍ବାଦଟି ଜଲୋନିରେ ପହଞ୍ଚି ଯାଇ ଥିଲା । ପ୍ରତ୍ୟକ୍ଷଦର୍ଶୀ ଦେଖିନଥିଲେ ହେଁ ଗାଡିର ଅବସ୍ଥା ଦେଖି ଏଥିରେ କେହି ସୁରକ୍ଷିତ ଥିବେ ଏ କଥା ମନେ ହୁଏନା । ଜଲୋନିରେ ପହଞ୍ଚିବା ଖବର ଅନୁସାରେ ଗାଡିରେ ସାଇଟ୍ ସିଟ୍‌ରେ ବସିଥିବା ଲୋକ ବିଶେଷ ଗୁରୁତର ।

ଖବର ପାଇ ଅନେକ ପଡୋଶୀ ହସପିଟାଲ ଅଭିମୁଖେ ଯାଇପାରିଥିଲେ । ମୀନତି ମଧ୍ୟ ଖବର ପାଇ ବିବ୍ରତ ଭାବରେ ହସ୍‌ପିଟାଲ ଆଡକୁ ଅଗ୍ରସର ହୋଇଥିଲା । ସେ ବେଶି ବିବ୍ରତ ଥିଲା ଏଇଥି ପାଇଁ ଯେ ସେ ନିଜ ସ୍ୱହସ୍ତରେ ଟିଫିନ୍ ବାକ୍ସଟି ଜଡରେ ବସିଥିବା ନିମାଇଁ ହାତକୁ ଧରାଇ ଦେଇଥିଲା । ମିନତୀ ହସ୍‌ପିଟାଲ ପହଞ୍ଚିବା ଆଗରୁ କିଛି ବ୍ୟକ୍ତି ହସ୍‌ପିଟାଲରୁ ଫେରୁଥିବାର ଦେଖି ମିନତୀ ସେମାନଙ୍କୁ ନିମାଇଁର ଅବସ୍ଥା ବିଷୟରେ ପଚାରିବାକୁ ଲାଗିଥାଏ । ସମସ୍ତେ ନିମାଇଁ ଠାରେ ଅଛି । ଜଡରେ ବସିଥିବା ଲୋକଟି ଗୁରୁତର ଅଛି । କିନ୍ତୁ ମିନତୀର ମନ ମାନିନଥିଲା କାରଣ ସେ ନିଜ ହାତରେ ବସିଥିବା ନିମାଇଁ ହାତରେ ଟିଫିନ୍ ବକ୍ସ ଧରାଇ ଦେଇଥିଲା । ମିନତୀ ଭାବିଲା ଏମାନେ ସମସ୍ତେ ମୋତେ ଶାନ୍ତ୍ୱନା ଦେବା ପାଇଁ ଏପରି କହୁଛନ୍ତି । ଇତି ମଧ୍ୟରେ ମିନତୀ ହସ୍‌ପିଟାଲ ଜରିଡରରେ ପହଞ୍ଚି ଯାଇଥିଲା । ମୁକୁଳାକେଶ, ତଳେ ଘୁସୁରୁଛି ଶାଢୀ ପଣତ କାନି ସତେ ଯେପରି ସେ ପାଗଳି ହୋଇଯାଇଛି । ମୁଖରେ ତାର ଗୋଟିଏ କଥା ନିମାଇଁ କାହାନ୍ତି ? ମୋ ନିମାଇଁ କେଉଁଠି ? ମିନତୀର ମନ କାହାରି କଥାରେ ବିଶ୍ୱାସ ହେଉନଥାଏ କାରଣ ତାର ଆଖି ଖୋଜେ ପ୍ରମାଣ ।

ଇତି ମଧ୍ୟରେ ଡାକ୍ତରଙ୍କ ପରାମର୍ଶ କ୍ରମେ ନିମାଇଁକୁ ବେଡରୁ ଆଣି ମିନତୀ ସମ୍ମୁଖରେ ଠିଆ କରାଗଲା । ମିନତୀ ଏତେ ବିଚଳିତ ଥିଲା । ହଠାତ୍ ନିମାଇଁକୁ ଚିହ୍ନିବାରେ ଭୁଲ କରି ନିମାଇଁକୁ ପଚାରୁଛି ନିମାଇଁ କାହାନ୍ତି ? ମିନତୀର ଏ ଅବସ୍ଥା ଦେଖି ନିମାଇଁ ମିନତୀ ଦୁଇବାହୁକୁ ଟିକିଏ ହଲାଇ ଦେଇ କହିଲେ ମୁଁ ନିମାଇଁ କହୁଛି । ହଠାତ୍‌ର ମିନତୀର ସେ ଆଖିର ଲୁହଭରା ତୋଳା ଦୁଇଟି ସ୍ଥିର ହୋଇ ଯାଇଥିଲା । ମିନତୀ ନିମାଇଁକୁ ନିଜ ଛାତିରେ ନିଃସଂକୋଚରେ ଜିଡି ଧରିଥିଲା । ନିମାଇଁ ମିନତୀର ଗରମ ଶ୍ୱାସ ହିଁ ଅନୁଭବ କରୁଥିଲା । ଏହି ନିବିଡ ଆଲିଙ୍ଗନର ଦୃଶ୍ୟରେ କିଛି ସମୟ ପାଇଁ ହସ୍‌ପିଟାଲର କରିଡର୍ ଚଞ୍ଚଳତା ବନ୍ଦ ହୋଇଯାଇଥିଲା ।

-o-

ଉପଦେଷ୍ଟା
ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ
ବୃନ୍ଦାବେଇପୁର ଶାସନ



ମୂର୍ଖ ଓ ଯୋଗୀ

କ୍ୟୋତିସ୍ମାନ ଶତପଥି

ଗୋଟିଏ ଗାଆଁରେ ଅତ୍ୟନ୍ତ ବୋକା ଲୋକ ଥିଲା । ପିଲାଦିନରୁ ତା'ବାପା ଓ ମାଆ ମରିଯାଇଥିଲେ । ନିର୍ବୋଧ ଲୋକଟି ଅତି କଷ୍ଟେମଷ୍ଟେ ଚଳୁଥିଲା । ସେ ଗାଁରୁ ବାହାରୁ କେବେ ହେଲେ ଯାଇନଥିଲା । ତା'ପାଖରେ ଯାହା ଥିଲା ସେଥିରେ ସେ ଚଳୁଥିଲା । ତାକୁ ଯିଏ ଯାହା ଭଲ ମନ୍ଦ ପରାମର୍ଶ ଦେଲେ ସୁଦ୍ଧା ଗ୍ରହଣ କରୁ ନଥିଲା... ତା' ଘରକୁ ଲାଗି ରହିଥିଲା ମାଟିର ପୋତା ଏକ ପଥର ଯାହାଉପରେ ସେ ବସୁଥିଲା । ବେଳେ ବେଳେ ଲୁଗାସଫା କରି ଶୁଖାଉଥିଲା । ଦିନେ ସେ ବାଟରେ ଜଣେ ଯୋଗୀ ଯାଉଥିଲେ । ସେ ସାରା ପୃଥିବୀ ଘୂରି ବୁଲୁଥିଲେ । ଦୁନିଆର ଅନେକ କଥା ସବୁ ଜାଣିଥିଲେ । ତାଙ୍କୁ ଥକ୍କା ଲାଗିଚାରୁ ସେ ସେହି ମୂର୍ଖ ଲୋକର ବାରଣ୍ଡାରେ ବସିପଡିଲେ । ଚାରିଆଡକୁ ଆଖି ପକାଉ ପକାଉ ତାଙ୍କ ନଜରରେ ପଡିଲା ସେହି ପଥର । ସେ ଚମକି ପଡିଲେ । କାରଣ ପଥର ଉପରେ ଥିଲା କେତେ ଚିହ୍ନ ଯାହା ଦୂଚାଇ ଥିଲା କେତେକ ଗୁପ୍ତଧନ ପୋତା ହୋଇରହିଛି । ସେ ସାଙ୍ଗେ ସାଙ୍ଗେ ଘରର ମାଲିକକୁ ଡାକି ଜଣାଇ ଦେଲେ । ସେ କହିଲେ ପଥରଟିକୁ ବାହାର କରି ମାଟି ଖୋଳିଦିଅ ତୁମ ଭାଗ୍ୟ ବଦଳିଯିବ । ବୋକା ଲୋକଟି କହିଲା ତୁମ କଥାକୁ ମାନିବା ସମ୍ଭବ ନୁହେଁ । କାରଣ ତାକୁ ଖୋଳି ବାହାର କରିଦେଲେ ମୁଁ ବସିବି କେଉଁଠି ? ଲୁଗା ଶୁଖାଇବି କେଉଁଠି ? ଏହା ଶୁଣି ଯୋଗୀ ବୁଝିପାରିଲେ ଯେ ସେ ଜାହା ସହିତ କଥା ହେଉଛନ୍ତି । ତାକୁ ଆଉ କିଛି ଅଧିକ ନ କହି ସେଠାରୁ ସେ ପ୍ରସ୍ଥାନ କଲେ ।

—o—

ଅଷ୍ଟମ ଶ୍ରେଣୀ

ପିଆଜ କାଟିଲେ ଲୋକ କାନ୍ଦନ୍ତି କାହିଁକି ?

ନିତେଶ୍ ମହାଳିକ

ପିଆଜ, ଆଳୁ, ବିଲାତି ଉଲ ପାଞ୍ଚ ଥିଲେ ଥରେ ପିକ୍‌ନିକ୍ କରିବାକୁ ଗଲେ । ପିକ୍‌ନିକ୍‌ରେ ନଈରେ ଗାଧୋଉ ଥିଲେ ଆଳୁ ପାଣିରେ ବୁଡି ମରିଗଲା । ବିଲାତି ଆଉ ପିଆଜ ବହୁତ କାନ୍ଦିଲେ, କାନ୍ଦି କାନ୍ଦି ବାଟରେ ଆସିଲା ବେଳେ ବିଲାତି ଉପରେ ଗାଡି ଚଢ଼ି ଗଲା ବିଲାତି ମରିଗଲା । ପିଆଜ ବହୁତ କାନ୍ଦିଲା ସେ ବ୍ରହ୍ମାଙ୍କୁ ଡାକିଲା କହିଲା ମୋର ଦୁଇ ପାଞ୍ଚ ମରିଗଲେ । ଆଳୁ ମଲା ବିଲାତି ଆଉ ମୁଁ କାନ୍ଦିଲୁ । ବିଲାତି ମଲା ମୁଁ କାନ୍ଦିଲି ହେଲେ ମୁଁ ଯେବେ ମରିବି ମୋ ପାଇଁ କିଏ କାନ୍ଦିବ ? ବ୍ରହ୍ମା ବର ଦେଲେ ଯେ ଏବେ ତତେ ଯିଏ ମାରିବ ସିଏ ତୋ ପାଇଁ କାନ୍ଦିବ । ସେଥିପାଇଁ ଯିଏ ପିଆଜ କାଟେ ତା ଆଖିରୁ ଲୁହ ବାହାରେ ।

- o -

ନବମ ଶ୍ରେଣୀ

"ରାଣ୍ଡୀ ପୁଅ ଅନନ୍ତା " ଏକ ଦୃଷ୍ଟିକୋଣ

ଆଜକୁ ୧୧୪ ବର୍ଷ ତଳେ ଯେତେବେଳେ ବ୍ୟାସ କବି ଫକୀର ମୋହନ ସେନାପତି ଙ୍କ ଦ୍ୱାରା "ରାଣ୍ଡୀ ପୁଅ ଅନନ୍ତା" ଲେଖାଗଲା ସେ ସମୟରେ ମହାନ କବି,ଲେଖକ,ଗାନ୍ଧିକ ଓ ବୁଦ୍ଧିଜୀବୀ ମହଲରେ କିଛି ବିରୋଧ ନଥିଲା କି ପରବର୍ତ୍ତୀ ସମୟରେ ଜ୍ଞାନୀଗୁଣୀ ମାନେ ବି କିଛି କହି ନଥିଲେ। ହଠାତ୍ ଜିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ଚାପରେ ହେଉ ବା ବ୍ୟବସାୟିକ ଦୃଷ୍ଟି କୋଣରୁ ସିନେମା ଟି କ୍ଷତି ନ ପହଞ୍ଚୁ ସେ ଦୃଷ୍ଟିରୁ ସିନେମାର ନାମ ପରିବର୍ତ୍ତନ ମୋ ମତରେ ଅନାବଶ୍ୟକ। ବିବାଦ ରୁ ଦୁରେଇଯିବ କି ପରବର୍ତ୍ତୀ ସମୟରେ ଏହା ଅଧିକ ବିବାଦ ସୃଷ୍ଟି କରିବ ସମୟ କହିବ।ନାମ ପରିବର୍ତ୍ତନ କାଳଜୟୀ ଲେଖକ ଙ୍କ ପ୍ରତି ଅପମ୍ମାନ ନୁହେଁ କି? ରାଣ୍ଡ ଶବ୍ଦ ଓ ରାଣ୍ଡୀପୁଅ ଅର୍ଥ ଭିନ୍ନ। ରାଣ୍ଡୀପୁଅ ଅନନ୍ତା ଏକ ଗ୍ରାମାଞ୍ଚଳ ପୁରାତନ ଭାଷା।ଏବେ ବି ଏହି ଶବ୍ଦ ପ୍ରଚଳିତ ହୋଇ ପାରିବାସ୍ଥାନ, କାଳ, ପାତ୍ର ଅନୁସାରେ ଶବ୍ଦ ର ଅର୍ଥ ଭିନ୍ନ ହୋଇଥାଏ।କେଉଁ ପ୍ରସଙ୍ଗରେ ରାଣ୍ଡୀ ଶବ୍ଦ ବ୍ୟବହାର କରା ଯାଇଛି ତା ନ ବୁଝି ଅର୍ଥ କୁ ଅନର୍ଥ କରା ଯାଉଛି।ଏଠାରେ ଦୁଇଟି ଶବ୍ଦ ର ଆଲୋଚନା କରିବା ଗୋଟିଏ 'ଶଳା ଓ ଅନ୍ୟଟି 'ବାଳ '। ଏହି ଶବ୍ଦ ସାଧାରଣ ଅର୍ଥରେ ଆମକୁ ଖରାପ ଲାଗେ। ମୁଁ ଯଦି କୁହେ ଶ୍ରୀ ଜଗନ୍ନାଥଙ୍କ ବାଳଭୋଗ ସରିଗଲାଣି। କାଲି ମୋ ଶଳା ବାହା ଘର ହେବ। ଏଠାର ଶବ୍ଦ ଦୁଇଟିର ବ୍ୟବହାର ଉଚ୍ଚକୋଟିର।କିନ୍ତୁ ଆମେ ଯେତେ ବେଳେ ପରସ୍ପର କଳହ ଲାଗୁ ଉକ୍ତ ଶବ୍ଦ ଦୁଇଟିର ପ୍ରୟୋଗ ପ୍ରଳୟ ସୃଷ୍ଟି କରେ। ସ୍ୱାମୀ ମରିଗଲା ପରେ ସ୍ତ୍ରୀ ବିଧବା ହୁଏ।ଗ୍ରାମାଞ୍ଚଳରେ ସେ ବିଧବା ମହିଳା କୁ ରାଣ୍ଡ ବା ରାଣ୍ଡୀ ବୋଲି ବିବେଚନା କରାଯାଏ।ତାର ପିଲା ଯଦି ନ ଛଡ଼ ବନ୍ଧା ହୁଏ ଗ୍ରାମାଞ୍ଚଳରେ ତାକୁ ରାଣ୍ଡିପୁଅ ଅନନ୍ତା ବୋଲି ଡାକନ୍ତି।ଏହି ଶବ୍ଦରେ କୌଣସି ଅଶ୍ଳୀଳତା ନାହିଁ।ମୋର ବ୍ୟକ୍ତିଗତ ମତ ଏହି ନାମ ଦ୍ୱାରା ଆମେ ବ୍ୟାସ କବିଙ୍କୁ ମନେ ପକାଇ ପାରୁଛୁ ଓ ତାଙ୍କ ପ୍ରତି ସମ୍ମାନ ଅତୁଟ ରହୁଛି।ରାଣ୍ଡୀ ପୁଅ ଅନନ୍ତା ସେ ସମୟରେ ବହୁ ଆଦୃତ ହୋଇଥିଲା ଏବେ ସୁଦ୍ଧା ଲୋକମାନଙ୍କ ମନରେ କାଳଜୟୀ ହୋଇ ରହିଛି।ଏହି ଶବ୍ଦକୁ ଏବେ ବିବାଦୀୟ ଭିତରକୁ ନେବା ଆବଶ୍ୟକତା ନାହିଁ।ବ୍ୟାସକବି ଏହି ଶବ୍ଦଟିକୁ ବିଧବା ଅର୍ଥରେ ଗ୍ରହଣ କରିଛନ୍ତି।ଏହା ଏକ ଦେଶଜ ଓ ବିଶେଷ୍ୟ ଶବ୍ଦ ଅଟେ।କେବଳ ଫକୀର ମୋହନ ହିଁ ଖାଣ୍ଟି ଓଡ଼ିଆ ଭାଷାରେ ଗଳ୍ପ,ଉପନ୍ୟାସ ରଚନା କରି ଓଡ଼ିଆ ଭାଷା ସାହିତ୍ୟ ଓ ଶବ୍ଦ ଭଣ୍ଡାର କୁ ସମୃଦ୍ଧ କରିଛନ୍ତି। ନଚେତ୍ ଆମେ ବଙ୍ଗଳା ଭାଷା କହୁଥାନ୍ତେ।ଆମେ ଆମର ସଂସ୍କୃତି, ଐତିହ୍ୟ ଓ ଭାଷା କୁ ଭୁଲି ପାଶ୍ଚାତ୍ୟ ପ୍ରଭାବିତ ହେବାରୁ ଏହି ଶବ୍ଦ ଗୁଡ଼ିକ ଆମକୁ ଅଶ୍ଳୀଳ ମନେ ହେଉଛି।ଏହି ଶବ୍ଦ ର ଇଂରାଜୀ ଅନୁବାଦ ଆମକୁ ଭଲ ଲାଗୁଛି।ଶବ୍ଦର ଭାବ କୁ ନ ବୁଝି ଲେଖକଙ୍କ ମୂଳ ଲେଖାର ନାମ ପରିବର୍ତ୍ତନ କେବଳ ଗ୍ରହଣୀୟ ନୁହେଁ ଏହା ଏକ ଅପରାଧ।

- 0 -

ରଂଜନ କୁମାର ବାରିକ

ସହକାରୀ ଶିକ୍ଷକ,ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,କୃଷ୍ଣପଡା

ଆମ ପ୍ରୟାସ, ଆମ ପରିଚୟ



ଅନୁଷ୍ଠାନ ପକ୍ଷରୁ ଏକ ଅଘଟଣ ପରିବାର ବିଷୟରେ ଧର୍ମଶାଳା ଠାରେ ଉତ୍ତମ୍ଭନ ଅଧିବାସୀଙ୍କୁ ଖବର ଦେବା ପରେ ଉକ୍ତ ପରିବାରର ଅଧିବାସୀଙ୍କ ପରିଦର୍ଶନ ଓ ବିଭିନ୍ନ ସରକାରୀ ସୁବିଧା ପ୍ରଦାନ ପାଇଁ ଆଲୋଚନା ।



ବିଭିନ୍ନ ଅଘଟଣ ପରିବାର ବର୍ଗଙ୍କୁ ପ୍ରଚଣ୍ଡ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଶୀତବସ୍ତ୍ର ବଣ୍ଟନ ଓ ଏହାଘର ଲୁଖିଲା ଖାଦ୍ୟ ପ୍ରଦାନ ।



ତା - ୨୮/୦୪/୨୦୨୫ରେ ଅନୁଷ୍ଠାନ ପକ୍ଷରୁ ପୂଜ୍ୟ ମଧୁସୂଦନ ଦାଘଙ୍କ ପବିତ୍ର ଜୟନ୍ତୀ ପାଳନ ଓ ଛାତ୍ରଛାତ୍ରୀଙ୍କ ଚାରୁ ବକ୍ତୃତା ପ୍ରତିଯୋଗିତା ।



ତା - ୦୨/୧୦/୨୦୨୪ରେ ଅନୁଷ୍ଠାନ ପକ୍ଷରୁ ପୂଜ୍ୟ ମହାତ୍ମା ଗାନ୍ଧୀ ଓ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ପବିତ୍ର ଜୟନ୍ତୀ ପାଳନ ।



ଅନୁଷ୍ଠାନ ପକ୍ଷରୁ ପୂଜ୍ୟ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ପବିତ୍ର ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ନିଶାମୁକ୍ତି ଓ ସ୍ୱଚ୍ଛତା ଅନୁପାଳନ ନିମନ୍ତେ ଶପଥ ।



ତା - ୦୧/୦୪/୨୦୨୫ରେ ଅନୁଷ୍ଠାନ ପକ୍ଷରୁ ପବିତ୍ର ଉତ୍ତଳ ଦିବସ ପାଳନ ଓ ଛାତ୍ର ଛାତ୍ରୀଙ୍କ ଦ୍ୱାରା ବକ୍ତୃତା ପ୍ରତିଯୋଗିତା ।



ତା - ୦୧/୦୧/୨୦୨୫ରେ ଅନୁଷ୍ଠାନ ପକ୍ଷରୁ ଏକ ଧର୍ମାନୁଷ୍ଠାନରେ ଚଦଚର୍ଚ୍ଚ ଓ ବନ୍ଦୁମିଳନ ବାର୍ଷିକୁମ ଆୟୋଜିତ ହେବା ପରେ ଶେଷରେ ସେହି ସ୍ଥାନରେ ସ୍ୱଚ୍ଛତା ବାର୍ଷିକୁମ ଅନୁଷ୍ଠିତ ।



ଅନୁଷ୍ଠାନ ଉଦ୍ୟମରେ ଧର୍ମଶାଳା ଚୁକ ଅନୁର୍ଦ୍ଦ ବୃନ୍ଦାବେରପୁର ଅଞ୍ଚଳର ଐତିହାସିକ ଉତ୍ତଳାଡ ଆୟୋଜନର ସ୍ମାରକୀ ପୀଠର ଉତ୍ତତିକରଣ ପାଇଁ ।





ଅନୁଷ୍ଠାନ ପକ୍ଷରୁ କୃଷା ବୃକ୍ଷରୋପଣ ବାର୍ଷିକୁମ ଓ ପୂର୍ବତ୍ତ ଜଳାଦୋର ନିୟମିତ ଉପଯୁକ୍ତ ଯତ୍ନ ନିଆଯାଉଥିବା ପରବୃତିକର ପରିଦର୍ଶନ ।



ଅନୁଷ୍ଠାନର ପକ୍ଷରୁ ଉତ୍ତଳାଡ ସ୍ମାରକୀ ପୀଠ ଠାରେ ସ୍ୱଚ୍ଛାନତା ବିଷୟରେ ଜାତୀୟ ପତାକା ଉତ୍ତୋଳନ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବେକପ୍ରେମ ବାଣ୍ଟଣା ।

